# ସାହିତ୍ୟସୁମନ

## ସପ୍ତମଶ୍ରେଣୀ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସରକାର

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ
ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା
କାର୍ଯ୍ୟକ୍ରମ ପ୍ରାଧିକରଣ, ଭୁବନେଶ୍ୱର

https://withteachers.in/

# ସାହିତ୍ୟସୁମନ

## ସପ୍ତମଶ୍ରେଣୀ

ପରୀକ୍ଷାମୂଳକ ସଂସ୍କରଣ : ୨୦୨୬


**ସମ୍ପାଦକ ମଣ୍ଡଳୀ**

ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ

ଡକ୍ଟର ଅନ୍ତର୍ଯ୍ୟାମୀ ପ୍ରଧାନ

ଡକ୍ଟର ମମିତା ସାହୁ

ସାଗରିକା ମିଶ୍ର

**ବିଷୟ ବିଶେଷଜ୍ଞ**

ଡକ୍ଟର ନିରଞ୍ଜନ ମହାନ୍ତି

ଡକ୍ଟର ଅନ୍ତର୍ଯ୍ୟାମୀ ପ୍ରଧାନ

**ସମୀକ୍ଷକ ମଣ୍ଡଳୀ**

ଡକ୍ଟର ରାମଚନ୍ଦ୍ର ନାୟକ

ଡକ୍ଟର ଜୟନ୍ତୀବାଳା ଜେନା

**ସଂଯୋଜିକା**

ଭାରତୀ ଟୁଡୁ

**ମୁଖ୍ୟ ସଂଯୋଜିକା**

ଡକ୍ଟର ସବିତା ସାହୁ

**ପ୍ରକାଶକ :** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

**ମୁଦ୍ରଣ ବର୍ଷ : ୨୦୨୬**

**ପ୍ରସ୍ତୁତି :** ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଓ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

**ଡିଟିପି ଓ ଡିଜାଇନ୍ :** ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର, ଓଡ଼ିଶା

**ମୁଦ୍ରଣ :** ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର, ଓଡ଼ିଶା




https://withteachers.in/

# ପ୍ରସ୍ତାବନା

'ଜାତୀୟ ଶିକ୍ଷାନୀତି ୨୦୨୦' ହେଉଛି ପରିବର୍ତ୍ତନର ଏକ ଆହ୍ୱାନକାରୀ ପାଠ୍ୟକ୍ରମ ଓ ଶୈକ୍ଷିକ ରୂପରେଖ, ଯାହାକି ଭାରତୀୟ ସଂସ୍କୃତି, ସଭ୍ୟତା ତଥା ଜ୍ଞାନ ପରମ୍ପରା ସହିତ ଓତପ୍ରୋତ ଭାବରେ ଜଡ଼ିତ । ଏହି ନୀତି ଶିକ୍ଷାର୍ଥୀମାନଙ୍କୁ, ଏକବିଂଶ ଶତାବ୍ଦୀର ସମ୍ଭାବନା ଓ ଆହ୍ୱାନ ସହିତ ସୃଜନଶୀଳ ଭାବରେ ସମ୍ପୃକ୍ତ ହେବା ପାଇଁ ପ୍ରସ୍ତୁତ କରୁଛି । ନୂତନ ଶିକ୍ଷାନୀତିରେ ଥିବା ଆହ୍ୱାନ ଓ ସମାଧାନକୁ ଆଧାର କରି ବିଦ୍ୟାଳୟ ଶିକ୍ଷାପାଇଁ ପ୍ରସ୍ତୁତ 'ଜାତୀୟପାଠ୍ୟକ୍ରମ ରୂପରେଖ ୨୦୨୩' ଏବଂ 'ଓଡ଼ିଶା ପାଠ୍ୟକ୍ରମ ରୂପରେଖ ୨୦୨୫'ରେ ସମସ୍ତ ସ୍ତରପାଇଁ ପାଠ୍ୟକ୍ରମ କ୍ଷେତ୍ର ପ୍ରସ୍ତୁତ କରାଯାଇଅଛି । ଜାତୀୟ ଓ ରାଜ୍ୟ ପାଠ୍ୟକ୍ରମ ରୂପରେଖର ଉଦ୍ଦେଶ୍ୟ ହେଉଛି – ପ୍ରାରମ୍ଭିକ ସ୍ତରର ଶିକ୍ଷାର୍ଥୀମାନଙ୍କ ସାମଗ୍ରିକ ବିକାଶକୁ ସୁନିଶ୍ଚିତ କରିବା ସହ ମଧ୍ୟସ୍ତରରେ ସେଗୁଡ଼ିକର ବିକାଶାତ୍ମକ ସ୍ୱରୂପକୁ ଆଗକୁ ଆଗେଇ ନେବା । ମଧ୍ୟମସ୍ତରଟି ଷଷ୍ଠଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ । ଏହି ସ୍ତରଟି ପ୍ରାରମ୍ଭିକ ଓ ମାଧ୍ୟମିକସ୍ତର ମଧ୍ୟରେ ଯୋଗସୂତ୍ର ସ୍ଥାପନ କରିଥାଏ ।

ମଧ୍ୟସ୍ତରରେ ଉଭୟ ଜାତୀୟ ଏବଂ ରାଜ୍ୟ ପାଠ୍ୟକ୍ରମ ରୂପରେଖର ଉଦ୍ଦେଶ୍ୟ ହେଉଛି – ଶିକ୍ଷାର୍ଥୀମାନଙ୍କୁ ଆବଶ୍ୟକୀୟ କୌଶଳରେ ଦକ୍ଷ କରିବା; ଯାହା କି ସେମାନଙ୍କର ବିଶ୍ଳେଷଣାତ୍ମକ, ବର୍ଣ୍ଣନାତ୍ମକ ଏବଂ ସୃଜନାତ୍ମକ ଦକ୍ଷତାଗୁଡ଼ିକୁ ପ୍ରୋତ୍ସାହିତ କରିବା ସହ ଆଗାମୀ ଆହ୍ୱାନ ଓ ଆବଶ୍ୟକତାପାଇଁ ପ୍ରସ୍ତୁତ କରିବା । ମଧ୍ୟସ୍ତରରେ ଜାତୀୟ ଏବଂ ରାଜ୍ୟ ପାଠ୍ୟକ୍ରମ ଆଧାରରେ ପ୍ରସ୍ତୁତ ହୋଇଥିବା ବହୁମୁଖୀ ପାଠ୍ୟକ୍ରମରେ ନଅଟି ବିଷୟକୁ ଅନ୍ତର୍ଭୁକ୍ତ କରାଯାଇଛି, ଯାହା କି ଶିକ୍ଷାର୍ଥୀମାନଙ୍କ ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବ । ଏଥିରେ ତିନୋଟି ଭାଷାସାହିତ୍ୟ, ବିଜ୍ଞାନ, ଗଣିତ, ସାମାଜିକବିଜ୍ଞାନ, କଳାଶିକ୍ଷା, ଶାରୀରିକଶିକ୍ଷା ଓ ସୁସ୍ଥତା ଓ ବୈଷୟିକ ଶିକ୍ଷା ଅନ୍ତର୍ଭୁକ୍ତ ।

ପରିବର୍ତ୍ତନକାରୀ ଶିକ୍ଷଣ ସଂସ୍କୃତି ପାଇଁ ଅନୁକୂଳ ପରିସ୍ଥିତିର ଆବଶ୍ୟକତା ରହିଛି । ଏହାକୁ ବ୍ୟାବହାରିକ ରୂପ ଦେବାପାଇଁ ରାଜ୍ୟ ସ୍ତରରେ ବିଭିନ୍ନ ବିଷୟର ପାଠ୍ୟପୁସ୍ତକ ମଧ୍ୟ ପ୍ରସ୍ତୁତ ହେବା ଆବଶ୍ୟକ । ଏହି ପାଠ୍ୟପୁସ୍ତକଗୁଡ଼ିକ ପାଠ୍ୟକ୍ରମ ଏବଂ ଶିକ୍ଷାଦାନ ଶିକ୍ଷଣପଦ୍ଧତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ସେହି ନିର୍ଣ୍ଣାୟକ ଭୂମିକା, ଶିକ୍ଷାର୍ଥୀମାନଙ୍କର ଜିଜ୍ଞାସା ଏବଂ ଅନୁସନ୍ଧାନ କରିବା ପ୍ରକୃତି ମଧ୍ୟରେ ଏକ ବିଚାରଶୀଳ ସନ୍ତୁଳନ ସୃଷ୍ଟି କରିବ । ଶ୍ରେଣୀ ଯୋଜନା ଏବଂ ବିଷୟ ଅଧ୍ୟୟନ ମଧ୍ୟରେ ଉପଯୁକ୍ତ ସନ୍ତୁଳନ ବଜାୟ ରଖିବା ପାଇଁ ଶିକ୍ଷକମାନଙ୍କର ପ୍ରସ୍ତୁତି ମଧ୍ୟ ଆବଶ୍ୟକ ।

ରାଜ୍ୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ ନିରନ୍ତର ଭାବରେ ଗୁଣାତ୍ମକ ପାଠ୍ୟପୁସ୍ତକ ପ୍ରସ୍ତୁତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । ପାଠ୍ୟପୁସ୍ତକର ପ୍ରସ୍ତୁତିପାଇଁ ଆଞ୍ଚଳିକ ଭିତ୍ତିରେ ବିଷୟ ଚୟନ ନିମିତ୍ତ ନିର୍ଦ୍ଦିଷ୍ଟ



https://withteachers.in/

ଶିକ୍ଷାବିତ୍, ଲେଖକ, କବି, ଗାଳ୍ପିକ ଓ ଶିକ୍ଷକମାନଙ୍କୁ କମିଟିରେ ଅନ୍ତର୍ଭୁକ୍ତ କରାଯାଇଥାଏ । ସପ୍ତମଶ୍ରେଣୀ ପାଇଁ ପ୍ରସ୍ତୁତ 'ସାହିତ୍ୟସୁମନ' ପୁସ୍ତକରେ ଭାଷାର ବିଭିନ୍ନ ବିଭାଗଗୁଡ଼ିକୁ ଏକତ୍ର କରାଯାଇଛି । ଏହି ବିଭାଗଗୁଡ଼ିକ – ଦେଶପ୍ରେମ, ପ୍ରକୃତି ଓ ପରିବେଶ, ବିଜ୍ଞାନ, ନୃତ୍ୟ, କ୍ରୀଡ଼ା, ସାହସିକତା, ନୈତିକଶିକ୍ଷା, ପୌରାଣିକକଥା, ଜୀବନୀ, ଆତ୍ମକଥା ଏବଂ ଭାରତୀୟ ସମାଜର ଅନୁଭବ ଉପରେ ପର୍ଯ୍ୟବସିତ । 'ଜାତୀୟ ଶିକ୍ଷାନୀତି ୨୦୨୦', 'ଜାତୀୟ ପାଠ୍ୟକ୍ରମ ରୂପରେଖ ୨୦୨୩' ଏବଂ 'ଓଡ଼ିଶା ପାଠ୍ୟକ୍ରମ ରୂପରେଖ ୨୦୨୫'ର ସୁପାରିଶକୁ ପାଳନ କରି ଏହି ପାଠ୍ୟପୁସ୍ତକଟି ପ୍ରସ୍ତୁତ କରାଯାଇଛି । ଏହା ଶିକ୍ଷାର୍ଥୀଙ୍କ ମନରେ ଧାରଣାର ବୋଧଗମ୍ୟତା, ତର୍କଯୁକ୍ତ ଚିନ୍ତନ, ସୃଜନଶୀଳତା, ମାନବୀୟ ମୂଲ୍ୟବୋଧ ଏବଂ ସେମାନଙ୍କ ମନୋଭାବର ବିକାଶ ଉପରେ ସମାନ ଗୁରୁତ୍ୱ ଦେଇଛି। ଏହା ଜାତୀୟ ତଥା ରାଜ୍ୟସ୍ତରୀୟ ଶିକ୍ଷାପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଉଦ୍ଦେଶ୍ୟ ସହିତ ଅନ୍ତର୍ନିବେଶୀ ଶିକ୍ଷା, ଆଞ୍ଚଳିକ ସମାନତା, ଲିଙ୍ଗଗତ ସମାନତା, ସାଂସ୍କୃତିକ ଏକୀକରଣ, ସୂଚନା ଓ ପ୍ରଯୁକ୍ତିବିଦ୍ୟାର ଉଚିତ୍ ସମନ୍ୱୟ ଏବଂ ବିଦ୍ୟାଳୟଭିତ୍ତିକ ମାନନିର୍ଦ୍ଧାରଣ ଇତ୍ୟାଦି ପରିସରଗୁଡ଼ିକ ପାଠ୍ୟପୁସ୍ତକରେ ଅନ୍ତର୍ଭୁକ୍ତ କରାଯାଇଛି । ଶିକ୍ଷାର୍ଥୀମାନେ ଦତ୍ତ ଶିକ୍ଷଣକାର୍ଯ୍ୟ ଏବଂ ଅଭ୍ୟାସ ପ୍ରଶ୍ନଗୁଡ଼ିକୁ ନିଜେ ଓ ସହପାଠୀମାନଙ୍କ ସହ ମିଶି ଦଳରେ ଶିଖିବେ । ସହପାଠୀମାନଙ୍କ ସହ ଦଳରେ ଶିଖିବା ଯେ କେବଳ ରୁଚିପୂର୍ଣ୍ଣ ତାହା ନୁହେଁ, ବରଂ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ଏହାଦ୍ୱାରା ଶିକ୍ଷାର୍ଥୀମାନଙ୍କର ସାମଗ୍ରିକ ବିକାଶ ହେବା ସହ ଶିଖିବାର ପ୍ରକ୍ରିୟା ଆନନ୍ଦମୟ ଏବଂ ସହଜ ହୋଇଥାଏ । ଏହି ସାମଗ୍ରିକ ପାଠ୍ୟପୁସ୍ତକରେ ଦତ୍ତ ଶିକ୍ଷଣକାର୍ଯ୍ୟଗୁଡ଼ିକ ଉଭୟ ଶିକ୍ଷାର୍ଥୀ ଓ ଶିକ୍ଷକଙ୍କର ସୃଜନାତ୍ମକ ଅନୁଭୂତି ଓ ଅଭିଜ୍ଞତାକୁ ସମୃଦ୍ଧ କରିବାରେ ସାହାଯ୍ୟ କରିବ ।

ଏହି ମଧ୍ୟସ୍ତରରେ ଶିକ୍ଷାର୍ଥୀମାନଙ୍କୁ ପାଠ୍ୟପୁସ୍ତକ ବ୍ୟତୀତ ଅନ୍ୟାନ୍ୟ ଶିକ୍ଷଣ ସମ୍ବଳଗୁଡ଼ିକୁ ଅନୁସନ୍ଧାନ କରିବାକୁ ମଧ୍ୟ ଉତ୍ସାହିତ କରାଯିବା ଉଚିତ୍ । ଏହିପରି ଶିକ୍ଷଣସମ୍ବଳଗୁଡ଼ିକୁ ଉପଲବ୍ଧ କରାଇବାରେ ବିଦ୍ୟାଳୟସ୍ଥିତ ପାଠାଗାରର ଭୂମିକା ମହତ୍ତ୍ୱପୂର୍ଣ୍ଣ ଅଟେ। ଶିକ୍ଷାର୍ଥୀମାନଙ୍କୁ ଏହି କାର୍ଯ୍ୟ କରିବାପାଇଁ ମାର୍ଗଦର୍ଶନ ଓ ଉତ୍ସାହିତ କରିବାରେ ଅଭିଭାବକ ଏବଂ ଶିକ୍ଷକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ ।

ଏହି ପାଠ୍ୟପୁସ୍ତକ ପ୍ରସ୍ତୁତିରେ ସଂଶ୍ଳିଷ୍ଟ ସମସ୍ତ ସଦସ୍ୟଙ୍କୁ ମୁଁ କୃତଜ୍ଞତା ଜ୍ଞାପନ କରୁଅଛି । ଆଶା କରୁଅଛି କି ଏହି ପୁସ୍ତକ ସମସ୍ତ ହିତାଧିକାରୀଙ୍କ ଆବଶ୍ୟକତାକୁ ପୂରଣ କରିବ । ରାଜ୍ୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ ଏହାର ପ୍ରକାଶନଗୁଡ଼ିକର ପଦ୍ଧତିଗତ ଏବଂ ନିରନ୍ତର ସଂସ୍କାରପାଇଁ ପ୍ରତିଶ୍ରୁତିବଦ୍ଧ। ଭବିଷ୍ୟତରେ ସଂଶୋଧନପାଇଁ ଆପଣଙ୍କ ସୁଚିନ୍ତିତ ମତାମତ ଏବଂ ପରାମର୍ଶକୁ ସ୍ୱାଗତ କରୁଅଛୁ ।

ଭୁବନେଶ୍ୱର
ଜୁନ୍, ୨୦୨୫

ନିର୍ଦ୍ଦେଶକ
ରାଜ୍ୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା ।



https://withteachers.in/

# ପୁସ୍ତକ ବିଷୟରେ

ଶିକ୍ଷଣ ପ୍ରକ୍ରିୟାରେ ଭାଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଭାଷା ଶିକ୍ଷା ବିଭିନ୍ନ ସ୍ତରରେ ଶିକ୍ଷାର୍ଥୀମାନଙ୍କର ଦୃଷ୍ଟିକୋଣ ଓ ମୂଲ୍ୟବୋଧର ବିକାଶ କରିଥାଏ । ଭାଷା ଶିକ୍ଷଣର ମୁଖ୍ୟ ଲକ୍ଷ୍ୟ ହେଲା ସର୍ଜନଶୀଳତା, ଜ୍ଞାନ ପରମ୍ପରା ଓ ପ୍ରୟୋଗ, ଆଲୋଚନାତ୍ମକ ଚିନ୍ତନ, ରାଷ୍ଟ୍ରୀୟ ତଥା ସାଂସ୍କୃତିକ ଚେତନାର ବିକାଶ, ସ୍ୱାସ୍ଥ୍ୟ ଏବଂ ଆନନ୍ଦପ୍ରଦାନ । ପ୍ରତ୍ୟେକ ଶିକ୍ଷାର୍ଥୀ ନିଜର କଥାକୁ ଆପଣା ଶୈଳୀରେ କହିପାରିବେ । ଆପଣାର ସ୍ୱାଭାବିକ ସର୍ଜନଶୀଳତା ଓ କଳ୍ପନାକୁ ସଫଳ ରୂପାୟନ କରିପାରିବେ । ଜ୍ଞାନପରମ୍ପରା ଓ ତା'ର ସାମ୍ପ୍ରତିକ ସ୍ଥିତିରେ ପ୍ରୟୋଗ ହିଁ ଭାଷାର ଏକ ମହତ୍ତ୍ୱପୂର୍ଣ୍ଣ ଲକ୍ଷ୍ୟ ଅଟେ । ଭାଷା ଶିକ୍ଷାଦ୍ୱାରା ଶିକ୍ଷାର୍ଥୀ ନିଜେ ପଢ଼ିବା ସହିତ ଆଲୋଚନାତ୍ମକ ଚିନ୍ତନ କରିପାରିବେ । ତତ୍‌ସହିତ ବର୍ତ୍ତମାନ ଓ ଅତୀତର ଘଟଣାସମୂହକୁ ବିଶ୍ଳେଷଣ କରିପାରିବେ । ଶିକ୍ଷାର୍ଥୀ ଭାଷା ଶିକ୍ଷା କରିବାଦ୍ୱାରା ସାମାଜିକ ପରିବେଶ, ଖେଳ, କଳା, ବିଜ୍ଞାନ, ପର୍ଯ୍ୟଟନ ଓ ରୀତିନୀତି ପ୍ରତି ସଚେତନ ହୋଇପାରିବେ ।

ସପ୍ତମଶ୍ରେଣୀ ନିମିତ୍ତ ଉଦ୍ଦିଷ୍ଟ ଏହି ସାହିତ୍ୟ ପାଠ୍ୟପୁସ୍ତକ **"ସାହିତ୍ୟସୁମନ"** ଆଜିର ଶିକ୍ଷାର୍ଥୀମାନଙ୍କୁ, ସମାଜ ଓ ରାଷ୍ଟ୍ରର ଆବଶ୍ୟକତାକୁ ପରିପୂରଣ କରିବା ଦିଗରେ ବିକଶିତ କରାଯାଇଛି । ଆମର ଛାତ୍ରଛାତ୍ରୀ ନିଜର ଆଖପାଖର ସମାଜ, ନିଜର ମହାନ୍ ରାଷ୍ଟ୍ରର ଗୌରବଶାଳୀ ଇତିହାସ ଓ ସଂସ୍କୃତିକୁ ବୁଝିପାରିବେ । ଭାରତର ଲୋକତାନ୍ତ୍ରିକତା, ପ୍ରେମ, ଭାଇଚାରାଭାବ, ପରିବେଶସୁରକ୍ଷା, ଲିଙ୍ଗଗତ ସମାନତା, ବସୁଧୈବକୁଟୁମ୍ବକମ୍, ଶାନ୍ତି ଓ ସହିଷ୍ଣୁତାର ହଜାର ହଜାର ବର୍ଷର ପୁରାତନ ପରମ୍ପରା ଓ ଐତିହ୍ୟକୁ ଆଗକୁ ଅଗ୍ରଗତି କରାଇପାରିବେ ।

ଏହି ପୁସ୍ତକରେ ଓଡ଼ିଆ ସାହିତ୍ୟର ଅନେକ ପ୍ରସିଦ୍ଧ ରଚନାକୁ ଏକତ୍ର କରାଯାଇଛି । ଏଥିରେ ଏକ ସାକ୍ଷାତ୍‌କାର ମଧ୍ୟ ଦିଆଯାଇଛି । ଲେଖାଗୁଡ଼ିକୁ ମନଛୁଆଁ କରିବାପାଇଁ ଚିତ୍ରର ସମାବେଶ ହୋଇଛି । ଏଥିରେ ଏହି ଶ୍ରେଣୀ ଉପଯୋଗୀ ବ୍ୟାକରଣକୁ ମଧ୍ୟ ବିଭିନ୍ନ ଶିକ୍ଷଣକାର୍ଯ୍ୟ ମାଧ୍ୟମରେ ଦିଆଯାଇଛି । ଭାଷା ସମ୍ବନ୍ଧୀୟ ଗଭୀରସ୍ତରକୁ ବୁଝିବାର ଅବସର ଏହି ପୁସ୍ତକରେ ଦିଆଯାଇଛି । ଏହି ସ୍ତରରେ ଦିଆଯାଇଥିବା ବ୍ୟାକରଣକୁ ମନେପକାଇବା ସହିତ ସେଗୁଡ଼ିକୁ ଦୈନନ୍ଦିନ ଜୀବନରେ ଭାଷାର ପ୍ରଭାବଶାଳୀ ଉପଯୋଗ କରିବାକୁ ସମର୍ଥ ହେବେ । ଛାତ୍ରଛାତ୍ରୀମାନେ ଆପଣାର ଭାଷାଭଣ୍ଡାରକୁ ବିକଶିତ କରିବା ନିମିତ୍ତ ଅନେକ ମନଛୁଆଁ ଶିକ୍ଷଣକାର୍ଯ୍ୟ ଏହି ବହିରେ ସ୍ଥାନ ଦିଆଯାଇଛି ।

ଶିକ୍ଷଣର ବିସ୍ତାର ନିମିତ୍ତ ଏଥିରେ ଚିତ୍ରାତ୍ମକ ସୂଚନା, ପୋଷ୍ଟର, ବିଜ୍ଞାପନ ଆଦି ପଢ଼ିବା ପ୍ରତି ଧ୍ୟାନ ଦିଆଯାଇଛି । ସେ ସବୁ ପଢ଼ିବା ବାଦ୍ ସେମାନେ କିପରି ପାଠାଗାର, ଇଣ୍ଟରନେଟ୍ ଆଦିର ବ୍ୟବହାର କରିପାରିବେ, ସେଥିପ୍ରତି ଧ୍ୟାନ ଦିଆଯାଇଛି ।



https://withteachers.in/

ଏହି ପୁସ୍ତକରେ ଅନେକ ମନଛୁଆଁ ଶିକ୍ଷଣକାର୍ଯ୍ୟ ରଖାଯାଇଛି । ସେଥିମଧ୍ୟରୁ ଶିକ୍ଷାର୍ଥୀମାନେ କେତେକକୁ ନିଜେ କରିବେ, କେତେକକୁ ଦଳରେ ଆଉ କେତେକକୁ ସମଗ୍ର ଶ୍ରେଣୀଗୃହରେ ମିଳିମିଶି କରିବେ। ଏହି ପୁସ୍ତକରେ ପ୍ରଦତ୍ତ ଅନେକ ଶିକ୍ଷଣକାର୍ଯ୍ୟ ଶିକ୍ଷାର୍ଥୀମାନେ ନିଜର ଦଳରେ ଚର୍ଚ୍ଚା କରିପାରିବେ। ଏଥିରେ ଥିବା ଅଭ୍ୟାସକୁ ଏଭଳି ପ୍ରସ୍ତୁତ କରାଯାଇଛି ଯେ ସବୁବର୍ଗର ଶିକ୍ଷାର୍ଥୀ ସେସବୁକୁ କରିବାକୁ ସମର୍ଥ ହେବେ।

ବହିରେ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନ ସହିତ ଗୋଟିଏ ଲେଖାଏଁ ଚିତ୍ରାତ୍ମକ ସଂକେତ (ଆଇକନ) ଦିଆଯାଇଛି। ସେହି ପ୍ରଶ୍ନରେ ସେମାନଙ୍କୁ କ'ଣ କରିବାକୁ ହେବ, ତାହା ସେମାନେ ସହଜରେ ବୁଝିପାରିବେ। ଯଥା - ଚର୍ଚ୍ଚା କରିବା, ଲେଖିବା, କହି କହି ଉତ୍ତର ଦେବା ।

ପୁସ୍ତକର ଶେଷରେ ସମସ୍ତ ପାଠରେ ଥିବା କଠିନଶବ୍ଦର ଅର୍ଥକୁ ଅଭିଧାନ ରୀତିରେ ସଜାଇ ରଖାଯାଇଛି । ଯାହାଫଳରେ ଛାତ୍ରଛାତ୍ରୀମାନେ ସହଜରେ ଅଭିଧାନର ବ୍ୟବହାର କରିବା ଶିଖିପାରିବେ ।

ପାଠ ସରଞ୍ଜନା କ୍ରମରେ ପ୍ରଥମେ ମୂଳପାଠ, କବି ଲେଖକଙ୍କ ପରିଚୟ ଦିଆଯାଉଛି । ତପ୍ରେ ମୁଁ ଯାହା ବୁଝିଲି, ଆସ ମେଳ କରିବା, ଗଦ୍ୟାଂଶ / ପଦ୍ୟାଂଶର ଆଲୋଚନା, ଆସ ଚିନ୍ତା କରିବା, ଶୀର୍ଷକ, ଶବ୍ଦର ପ୍ରୟୋଗ, ବ୍ୟାକରଣଗତ ବିଭିନ୍ନ ଶିକ୍ଷଣକାର୍ଯ୍ୟ, ଅନୁମାନ ବା କଳ୍ପନାରୁ ସାହିତ୍ୟ ରଚନା ଆଜିର ପହଳି, ଧନ୍ଦା, ଝରକାରୁ ବିଚାର ଆଲୋଚନା ଆଦିକୁ ସ୍ଥାନ ଦିଆଯାଇଛି ।

'ଝରକା'ରୁ ଶୀର୍ଷକରେ ସଂପୃକ୍ତ ବିଷୟ ସହିତ ସାମ୍ୟ ଥିବା ନୂଆ ଗଳ୍ପ ବା କବିତାକୁ ସ୍ଥାନ ଦିଆଯାଇଛି। ପରିଶେଷରେ 'ତୁମ ପଢ଼ିବାପାଇଁ' ଶୀର୍ଷକରେ ଛାତ୍ରଛାତ୍ରୀଙ୍କୁ ଆଉ ଏକ ନୂଆ କାହାଣୀ, ଜୀବନୀ, କବିତା ଭଳି ପାଠକୁ ସ୍ଥାନିତ କରାଯାଇଛି ।

ଏହାକୁ ପାଠକଲେ ଶିକ୍ଷାର୍ଥୀମାନେ ଆପଣାର ଜ୍ଞାନର ସ୍ତରକୁ ବୃଦ୍ଧି କରିପାରିବେ। 'ଜାତୀୟ ଶିକ୍ଷାନୀତି ୨୦୨୫'ର ସମସ୍ତ ଶିକ୍ଷଣସମ୍ବଳକୁ ଏହି ପାଠ୍ୟପୁସ୍ତକରେ ସନ୍ନିବେଶିତ କରାଯାଇଛି।

ଏହି ସ୍ତରରେ ଶିକ୍ଷାର୍ଥୀମାନଙ୍କର ଭାଷାଶିକ୍ଷଣ ସହଜ ତଥା ସୁଫଳ ହୋଇପାରିବ ବୋଲି ଆଶା ରଖୁଛୁ ।



https://withteachers.in/



# ଭାରତର ସମ୍ବିଧାନ

## ପ୍ରସ୍ତାବନା

ଆମ୍ଭେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବାପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ନାଗରିକଙ୍କୁ

* ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ;
* ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା;
* ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା;
* ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଆମର ସଂବିଧାନ ପ୍ରଣୟନ ସଭାରେ ଏତଦ୍ୱାରା ଏହି ସଂବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ।



https://withteachers.in/

# ୫୧(କ) ଧାରା : ମୌଳିକ କର୍ତ୍ତବ୍ୟ

## ଭାରତର ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ

(କ) ସମ୍ବିଧାନ ମାନି ଚଳିବା ଏବଂ ଏହାର ଆଦର୍ଶ ଓ ଅନୁଷ୍ଠାନମାନଙ୍କୁ ଏବଂ ଜାତୀୟପତାକା ଓ ଜାତୀୟସଂଗୀତକୁ ସମ୍ମାନ ପ୍ରଦର୍ଶନ କରିବା;

(ଖ) ଯେଉଁ ସବୁ ମହନୀୟ ଆଦର୍ଶ ଆମ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ଅନୁପ୍ରାଣିତ କରିଥିଲା, ତାହାକୁ ସ୍ମରଣ ଓ ଅନୁସରଣ କରିବା;

(ଗ) ଭାରତର ସର୍ବଭୌମ, ଏକତା ଓ ସଂହତିର ସୁରକ୍ଷା କରିବା;

(ଘ) ଦେଶର ପ୍ରତିରକ୍ଷା କରିବା ଓ ଆବଶ୍ୟକ ସ୍ଥଳେ ଜାତୀୟ ସେବା ପ୍ରଦାନ କରିବା;

(ଙ) ଧର୍ମଗତ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ଗୋଷ୍ଠୀଗତ ଭିନ୍ନତାକୁ ଅତିକ୍ରମ କରି ଭାରତର ଜନସାଧାରଣଙ୍କ ମଧ୍ୟରେ ଐକ୍ୟ ଓ ଭ୍ରାତୃଭାବ ପ୍ରତିଷ୍ଠା କରିବା ଏବଂ ନାରୀଜାତିର ମର୍ଯ୍ୟାଦାହାନିସୂଚକ ବ୍ୟବହାର ପରିତ୍ୟାଗ କରିବା;

(ଚ) ଆମର ସଂସ୍କୃତିର ମୂଲ୍ୟବାନ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ ଓ ସଂରକ୍ଷଣ କରିବା;

(ଛ) ଅରଣ୍ୟ, ହ୍ରଦ, ନଦୀ, ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ଉନ୍ନତି କରିବା ଏବଂ ଜୀବଜଗତ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା;

(ଜ) ବୈଜ୍ଞାନିକ ମନୋଭାବ, ମାନବବାଦ ଏବଂ ଅନୁସନ୍ଧିତ୍ସା ଓ ସଂସ୍କାର ମନୋଭାବ ପୋଷଣ କରିବା;

(ଝ) ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା କରିବା ଓ ହିଂସା ତ୍ୟାଗ କରିବା;

(ଞ) ବ୍ୟକ୍ତିଗତ ଓ ସମଷ୍ଟିଗତ କାର୍ଯ୍ୟାବଳୀର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ସାଧନ କରିବା, ଯାହାଦ୍ୱାରା ଆମ ଦେଶ ପ୍ରଚେଷ୍ଟା ଓ କୃତିତ୍ୱର ଉଚ୍ଚତର ସୋପାନକୁ ଅବିରତ ଉନ୍ନତି କରିପାରିବ;

(ଟ) ମାତା ବା ପିତା ବା ଅଭିଭାବକ, ତାଙ୍କର ଛଅ ବର୍ଷରୁ ଚଉଦ ବର୍ଷ ବୟସ ମଧ୍ୟରେ ଥିବା ସନ୍ତାନ ବା ପାଳିତଙ୍କୁ ଶିକ୍ଷାଲାଭର ସୁଯୋଗ ଯୋଗାଇ ଦେବା ।



https://withteachers.in/

# ସିଲାବସ୍ ଓ ପାଠ୍ୟପୁସ୍ତକ ସମୀକ୍ଷା ପାଇଁ କୋର୍ କମିଟି

| | | |
|---|---|---|
| ୧. | କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ଅଧ୍ୟକ୍ଷ |
| ୨. | ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ | ସଦସ୍ୟ |
| ୩. | ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୪. | ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୫. | ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା | ସଦସ୍ୟ |
| ୬. | ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୭. | ଅଧ୍ୟକ୍ଷ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୮. | ନିର୍ଦ୍ଦେଶକ, ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟ | ସଦସ୍ୟ |
| ୯. | ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ | ସଦସ୍ୟ |
| ୧୦. | ନିର୍ଦ୍ଦେଶକ, ଓଡ଼ିଶା ଭାଷା ପ୍ରତିଷ୍ଠାନ | ସଦସ୍ୟ |
| ୧୧. | ନିର୍ଦ୍ଦେଶକ, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା | ସଦସ୍ୟ |
| ୧୨. | ଏନ୍.ସି.ଇ.ଆର.ଟି. ପ୍ରତିନିଧି | ସଦସ୍ୟ |
| ୧୩. | ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର | ସଦସ୍ୟ |
| ୧୪. | ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୋପାଳ ଏବଂ ଅଧ୍ୟକ୍ଷ, ଏସ୍ ସି ଏଫ, ଓଡ଼ିଶା | ସଦସ୍ୟ |
| ୧୫. | ଡକ୍ଟର ଗୋପାଳ ପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ, ସଂସ୍କୃତ ବିଭାଗ | ସଦସ୍ୟ |
| ୧୬. | ଡକ୍ଟର କିଶୋର ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷାବିତ୍ (ବିଜ୍ଞାନ) | ସଦସ୍ୟ |
| ୧୭. | ଡକ୍ଟର ବିନୟ ପଟ୍ଟନାୟକ, ମୁଖ୍ୟ ପରାମର୍ଶଦାତା, ଏନ୍ ଏସ୍ ଟି ସି କାର୍ଯ୍ୟକ୍ରମ, ଏନ୍ ସି ଇ ଆର ଟି | ସଦସ୍ୟ |
| ୧୮. | ଡକ୍ଟର ସୁଶାନ୍ତ କୁମାର ଦାସ, ପୂର୍ବତନ ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା | ସଦସ୍ୟ |
| ୧୯. | ଡକ୍ଟର ଲଳିତ କୁମାର ଲେଙ୍କା, ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ, ଏକାମ୍ର କଲେଜ, ଭୁବନେଶ୍ୱର | ସଦସ୍ୟ |
| ୨୦. | ଡକ୍ଟର ସରୋଜଲକ୍ଷ୍ମୀ ସିଂ, ଅଧ୍ୟକ୍ଷ, ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୧. | ଡକ୍ଟର ଖଗେଶ୍ୱର ଦାସ, ଇଂରାଜୀ ବିଶେଷଜ୍ଞ, ଅଧ୍ୟକ୍ଷ, ପଦ୍ମପୁର କଲେଜ, ବରଗଡ଼ | ସଦସ୍ୟ |
| ୨୨. | ଡକ୍ଟର ବଳରାମ ସାହୁ, ପ୍ରଫେସର ମାଇକ୍ରୋବାଇଓଲୋଜି, ସୋଆ ବିଶ୍ୱବିଦ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୩. | ଡକ୍ଟର ଗୌରାଙ୍ଗ ମହାନ୍ତି, ପଦାର୍ଥ ବିଜ୍ଞାନ ବିଶେଷଜ୍ଞ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଖଲ୍ଲିକୋଟ ସ୍ୱୟଂଶାସିତ କଲେଜ, ବ୍ରହ୍ମପୁର, ଗଞ୍ଜାମ | ସଦସ୍ୟ |
| ୨୪. | ନିର୍ଦ୍ଦେଶକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା | ସଦସ୍ୟ ସଚିବ |



https://withteachers.in/

# ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ଚାରୁହାସମୟୀ ଚାରୁ ଭାଷମୟୀ, ଜନନୀ, ଜନନୀ, ଜନନୀ ।
ପୂତ-ପୟୋଧି-ବିଧୌତ-ଶରୀରା,
ତାଳତମାଳ-ସୁଶୋଭିତ-ତୀରା,
ଶୁଭ୍ରତଟିନୀକୂଳ-ଶୀକର-ସମୀରା
ଜନନୀ, ଜନନୀ, ଜନନୀ ।।

ଘନବନଭୂମି ରାଜିତ ଅଙ୍ଗେ,
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ, ଜନନୀ, ଜନନୀ ।।

ସୁନ୍ଦରଶାଳି-ସୁଶୋଭିତ-କ୍ଷେତ୍ରା,
ଜ୍ଞାନବିଜ୍ଞାନ-ପ୍ରଦର୍ଶିତ-ନେତ୍ରା,
ଯୋଗୀଋଷିଗଣ-ଉଟଜ-ପବିତ୍ରା
ଜନନୀ, ଜନନୀ, ଜନନୀ ।।

ସୁନ୍ଦର ମନ୍ଦିର ମଣ୍ଡିତ-ଦେଶା,
ଚାରୁକଳାବଳି-ଶୋଭିତ-ବେଶା,
ପୁଣ୍ୟ ତୀର୍ଥଚୟ-ପୂର୍ଣ୍ଣ-ପ୍ରଦେଶା
ଜନନୀ, ଜନନୀ, ଜନନୀ ।।

ଉତ୍କଳ ଶୂରବର-ଦର୍ପିତ-ଗେହା,
ଅରିକୁଳ-ଶୋଣିତ-ଚର୍ଚ୍ଚିତ-ଦେହା,
ବିଶ୍ୱଭୂମଣ୍ଡଳ-କୃତବର-ସ୍ନେହା
ଜନନୀ, ଜନନୀ, ଜନନୀ ।।

କବିକୁଳମୌଳି ସୁନନ୍ଦନ-ବନ୍ଦ୍ୟା,
ଭୁବନବିଘୋଷିତ-କୀର୍ତ୍ତିଅନିନ୍ଦ୍ୟା,
ଧନ୍ୟେ, ପୁଣ୍ୟେ, ଚିରଶରଣ୍ୟେ
ଜନନୀ, ଜନନୀ, ଜନନୀ ।।

(କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର)



https://withteachers.in/

# ସୂଚୀପତ୍ର


| କ୍ର.ସଂ. | ବିଷୟ | ବିଭାଗ | କବି/ଲେଖକ | ପୃଷ୍ଠା |
|---|---|---|---|---|
| ୧. | କଳାମାଣିକରେ | (ପଦ୍ୟ) | ଅଭିମନ୍ୟୁ ସାମନ୍ତସିଂହାର | ୧ |
| ୨. | ମାଡ଼ହାଣ୍ଡି କଥା | (ଲୋକକଥା) | ଗୋପାଳଚନ୍ଦ୍ର ପ୍ରହରାଜ | ୧୦ |
| ୩. | ଜାତୀୟପକ୍ଷୀ | (ପଦ୍ୟ) | ଅନନ୍ତ ପଟ୍ଟନାୟକ | ୨୫ |
| ୪. | ପାଣିରେ ପାଣି | (ପ୍ରବନ୍ଧ) | ଅନୁପମ ମିଶ୍ର | ୩୮ |
| | ◆ ବିଶ୍ୱେଶ୍ୱରାୟା | (ଅତିରିକ୍ତ ପଠନ) | | ୫୨ |
| ୫. | ବାଳବୃଦ୍ଧ | (ପଦ୍ୟ) | ରାଧାମୋହନ ଗଡ଼ନାୟକ | ୫୪ |
| ୬. | ମହାନ୍ ବିପ୍ଳବୀ ମାଧୋ ସିଂହ | (ଜୀବନୀ) | ବୀରେନ୍ଦ୍ର ମହାନ୍ତି | ୬୫ |
| ୭. | କର୍ମଗୀତିକା | (ପଦ୍ୟ) | ରାମକୃଷ୍ଣ ନନ୍ଦ | ୭୫ |
| ୮. | ମୋ ପିଲାବେଳ କଥା | (ଆତ୍ମଜୀବନୀ) | ରମାଦେବୀ ଚୌଧୁରୀ | ୮୩ |
| ୯. | ଶରତ ରାଜା | (ପଦ୍ୟ) | ଦାଶ ବେନହୁର | ୯୧ |
| ୧୦. | ବେମାର ବାହାନା | (କାହାଣୀ) | ସ୍ୱୟଂ ପ୍ରକାଶ | ୧୦୧ |
| ୧୧. | ପଦ୍ମବିଭୂଷଣ କେଳୁଚରଣ ମହାପାତ୍ରଙ୍କ ସହ ସାକ୍ଷାତକାର | (ସାକ୍ଷାତକାର) | ସମ୍ପାଦକ ମଣ୍ଡଳୀ | ୧୧୭ |
| | ◆ ନୃତ୍ୟାଙ୍ଗନା ସୁଧା ଚନ୍ଦ୍ରନ | (ଅତିରିକ୍ତ ପଠନ) | | ୧୩୩ |
| ୧୨. | ଦରଜା ଖୋଲି ଦେବା | (ଏକାଙ୍କିକା) | ଡ. ନାରାୟଣ ସାହୁ | ୧୩୫ |
| | ◆ ସ୍ୱାମୀ ଭକ୍ତ ସୁମୁଖ (ଚିତ୍ରଲେଖା) | (ଅତିରିକ୍ତ ପଠନ) | | ୧୫୬ |
| | ◆ ସଡ଼କ ନିରାପତ୍ତା | (ଅତିରିକ୍ତ ପଠନ) | | ୧୬୦ |
| | ◆ ରେ ପତାକା ଜାତିର ଗରବ | (ଅତିରିକ୍ତ ପଠନ) | | ୧୬୪ |
| | ଶବ୍ଦକୋଷ | | | ୧୬୫ |
| | ପହେଳିମାନଙ୍କର ଉତ୍ତର | | | ୧୭୧ |
| | 'ଭାରତୀ ବ୍ରେଲ' ଓଡ଼ିଆ ବର୍ଣ୍ଣ ଓ ଗଣନା | | | ୧୭୨ |




https://withteachers.in/



# ମୁଁ ତ ଚାହେଁ...

ମୁଁ ତ ଚାହେଁ ଫୁଲ ପରାଏ ହସିବି
ଗାଇବି ଯେସନେ କୋକିଳ,
ଧରିବି ସୁକାନ୍ତ ବସନ୍ତ ସୁଷମା
ସ୍ନିଗ୍ଧ ଯେସନେ ସଲିଳ ।
ମୁଁ ତ ଚାହେଁ ନଦୀ ପରାଏ ବହିବି
ଗଭୀର ଯେସନେ ସାଗର,
ଅସୀମ ବିସ୍ତାରେ ପୂରିବ ଅନ୍ତର
ଉଦାର ଯେସନ ଅମ୍ବର ।
ମୁଁ ତ ଚାହେଁ ଧରା ପରାଏ ସହିବି
ଦୀପ୍ତ ଯେସନ ମିହିର,
ମୁଁ ତ ଚାହେଁ ପଦ୍ମ ପରାଏ ଫୁଟିବି
ଶୀତଳ ଯେସନ ଶିଶିର ।







ମୁଁ ଚାହେଁ ତାରା ଆଲୋକ ପରାଏ
ଜଳିବି ଅନ୍ଧାର ଉଜ୍ଜ୍ୱଳି,
କଳା ନବଘନ ପଟଳେ ଅଥବା
ଝଟକେ ଯେସନେ ବିଜୁଳି ।
କେତେ ପଥ ମୁହିଁ ବୁଲି ଆସିଅଛି
କଳ୍ପନା ହୁଏ ବଣା କି,
ତଥାପି ଶିକ୍ଷା ତ ନୋହିଲା ସଂପୂର୍ଣ୍ଣ
ମୂର୍ଖ ମଧ୍ୟେ ମୁହିଁ ଗଣା କି ?
ତଥାପି ମୋ ଦିନ ବହିଯାଏ ଘେନି
ଅନ୍ତରେ ବିଶ୍ୱାସ ହରଷ,
ଆଶାଦୀପ ଜାଳି ଜୀବନ ଅନ୍ଧାରେ
କାଟଇ ଯାମିନୀ ଦିବସ ।



- କୁନ୍ତଳା କୁମାରୀ ସାବତ



https://withteachers.in/

# ୧ କଳାମାଣିକରେ

● ଅଭିମନ୍ୟୁ ସାମନ୍ତସିଂହାର

ଧୀରେ ଘେନ କାନନରେ କୃଷ୍ଣ ବିଳମ୍ବିତ,
ବାତ୍ସଲ୍ୟ – ମମତା ଘେନି ଭାଳୁଛନ୍ତି ମାତ ।
କଳାମାଣିକ ରେ ॥ ୧ ॥

ନିଧନ ସଙ୍ଗାଳି ମୋର ଦରିଦ୍ର ପସରା,
ଅନ୍ଧଳଉଡ଼ି ବାବୁରେ ହୃଦ ରତ୍ନହାରା ।
କଳାମାଣିକ ରେ ॥ ୨ ॥

ମୋ ଜୀବ ଜୀବନ ତୁହି ନୟନ ପ୍ରତିମା,
ତୋତେ କି ପାସୋରି ହେବ, ମୋର ସୁଖ ସୀମା !
କଳାମାଣିକ ରେ ॥ ୩ ॥



ଡରୁଥାଉ ଅନ୍ଧାରକୁ ରଖିଯାଉ ଗୋରୁ,
ଜନକଜନନୀ ସୁଖ କାହିଁପାଇଁ ସାରୁ !
କଳାମାଣିକ ରେ ॥ ୪ ॥

ବୃଦ୍ଧକାଳେ ତୁ ମୋହର ଏକଇ ନନ୍ଦନ,
ହୃଦତାପ ବିନାଶନେ ତୁ ହରିଚନ୍ଦନ ।
କଳାମାଣିକ ରେ ॥ ୫ ॥

ଗୋଟିକା, ଅଧାମ, ସର ନ ରୁଚଇ ତୋତେ,
ନାଚି ଲାଞ୍ଚ ମାଗୁଥାଉ ଲବଣି କେମନ୍ତେ ।
କଳାମାଣିକ ରେ ॥ ୬ ॥

ତୋଳି ମୁଁ ଧଇଲେ ଗୋଳି ହୋଇଯାଉ ତୁହି,
ତୋ ଦୁର୍ବଳ ଦେଖି କାହିଁ ପଶିବଇଁ ମୁହିଁ ।
କଳାମାଣିକ ରେ ॥ ୭ ॥



https://withteachers.in/

ଡାକିନୀ ଲୋଭାନ୍ତି ବୋଲି ଡରୁଥାଉ ମନେ,
ବାରବାର ବାରୁଥାଇ ଯିବା ପାଇଁ ବନେ ।

କଳାମାଣିକ ରେ ॥ ୮ ॥

ନିଶାଚର ମାତିବାର ଶୁଭୁଛି ଶ୍ରୁତିକି,
ମୁଁ ଡଙ୍କୁଣୀ ଛାଡ଼ିଦେଲି ବନକୁ କାହିଁକି !

କଳାମାଣିକ ରେ ॥ ୯ ॥

ଝାଳ ବହୁଥିବ ଅଙ୍ଗୁ ଲାଗି, ଝାଞ୍ଜି ଖରା,
ଶ୍ରମ ପାଇ ତରୁତଳେ ବସିଥିବୁ ପରା !

କଳାମାଣିକ ରେ ॥ ୧୦ ॥

ନେଲୁ ନାହିଁ କାହିଁ ପାଇଁ ତୋ' କଠାଉ ଛତା,
ବନେ କଣ୍ଟା ଲାଗି ହୋଏ ମୃଦୁ ପାଦ ଚିନ୍ତା !

କଳାମାଣିକ ରେ ॥ ୧୧ ॥

କାନ ଡେରିଥାଇ ଏକା ତୋ' ବେଣୁଗୀତକୁ,
ଆଜ କିମ୍ପା ଶୁଭୁ ନାହିଁ ଭାବୁଛି ମନକୁ !

କଳାମାଣିକ ରେ ॥ ୧୨ ॥






https://withteachers.in/



## କବି ପରିଚୟ



(୧୭୬୦-୧୮୦୭)

ପ୍ରାଚୀନ ରୀତିଯୁଗୀୟ କବି **ଅଭିମନ୍ୟୁ ସାମନ୍ତସିଂହାର** ଯାଜପୁର ଜିଲ୍ଲା ବାଲିଆର ସାମନ୍ତ ପରିବାରରେ ୧୭୬୦ ମସିହାରେ ଜନ୍ମଗ୍ରହଣ କରିଥିଲେ । ସେ ପିଲାଦିନରୁ ସୁନ୍ଦର କବିତା ରଚନା କରୁଥିଲେ । ତାଙ୍କର ଲେଖା ଭିତରୁ 'ବିଦଗ୍ଧଚିନ୍ତାମଣି', 'ପ୍ରେମକଳା', 'ରସବତୀ', 'ବାଘଗୀତ', 'ସୁଲକ୍ଷଣା', 'ଚଢ଼େଇଗୀତ', 'ବୋଲେ ହୁଁଟି' ଅନ୍ୟତମ ।

'କଳାମାଣିକରେ' ବିଦଗ୍ଧଚିନ୍ତାମଣି କାବ୍ୟର ସତଷଠି ଛାନ୍ଦରୁ ଅଣାଯାଇଛି । ଏଥିରେ କୃଷ୍ଣ ସନ୍ଧ୍ୟା ସମୟରେ ଗୋରୁପଲଙ୍କୁ ଧରି ଫେରିବାରେ ବିଳମ୍ବ ହେବାରୁ ମାତା ଯଶୋଦାଙ୍କ ମନରେ ବ୍ୟସ୍ତତା ପ୍ରକାଶ ପାଇଛି । ଏହି କବିତାରେ ମାତୃହୃଦୟର ଆବେଗ ଭରା ବାତ୍ସଲ୍ୟପ୍ରେମର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଛି ।

## ପାଠରୁ

ଆସ ବର୍ତ୍ତମାନ ଆମେ ଏହି କବିତା ଉପରେ ଚର୍ଚ୍ଚା କରିବା ଏବଂ ନିମ୍ନରେ ଦିଆଯାଇଥିବା କାର୍ଯ୍ୟଫର୍ଦ୍ଦକୁ କରିବା ।



## ମୁଁ ଯାହା ବୁଝିଲି

**ନିମ୍ନରେ ଦିଆଯାଇଥିବା ପ୍ରତ୍ୟେକ ପ୍ରଶ୍ନପାଇଁ କେତୋଟି ଉତ୍ତର ଦିଆଯାଇଛି । ଠିକ୍ ଉତ୍ତରଟି ବାଛ ।**

**୧ । 'ନିଧନ ସଙ୍ଖାଳି ମୋର ଦରିଦ୍ରପସରା' - କାହାକୁ କୁହାଯାଇଛି ?**

(କ) ଭକ୍ତଙ୍କୁ    (ଖ) ପିତାଙ୍କୁ

(ଗ) ବଳରାମଙ୍କୁ    (ଘ) ଶ୍ରୀକୃଷ୍ଣଙ୍କୁ

**୨ । 'ଅନ୍ଧଲଉଡ଼ି ବାବୁରେ' ପଦର ମୁଖ୍ୟ ଅର୍ଥ କ'ଣ ?**

(କ) ଅନ୍ଧାରରେ ବାଡ଼ି ବୁଲାଇବା    (ଖ) ଦୃଷ୍ଟିହୀନଙ୍କ ସାହାରାବାଡ଼ି

(ଗ) ବାଉଁଶରେ ତିଆରି ସ୍ୱତନ୍ତ୍ର ବାଡ଼ି    (ଘ) ଅସହାୟର ସାହା



https://withteachers.in/

୩ । "ଧୀରେ ଘେନ କାନନରେ" ଏଠାରେ 'ଧୀରେ' ଶବ୍ଦ କବିତାରେ କେଉଁ ଅର୍ଥରେ ବ୍ୟବହୃତ ହୋଇଛି ।

(କ) ବାଳକମାନେ　　(ଖ) ଜ୍ଞାନୀମାନେ

(ଗ) ଲୋକମାନେ　　(ଘ) ଆସ୍ତେଆସ୍ତେ

୪ । "କାନ ଡେରିଥାଇ, ଏକା ତୋ' ବେଣୁଗୀତକୁ,
ଆଜ କିମ୍ବା ଶୁଭୁ ନାହିଁ ଭାବୁଛି ମନକୁ ।" - ଏହି ପଦରେ କେଉଁ ଭାବ ପ୍ରକାଶ ପାଉଛି ?

(କ) କ୍ରୋଧ　　(ଖ) ଦୁଃଖ

(ଗ) ବ୍ୟସ୍ତ　　(ଘ) ଆନନ୍ଦ



## ଆସ ମିଳିମିଶି ମିଳାଇବା

('କ' ସ୍ତମ୍ଭରେ ଥିବା ଶବ୍ଦଗୁଡ଼ିକର ପ୍ରକୃତଅର୍ଥ 'ଖ' ସ୍ତମ୍ଭରେ ଅଛି । ଆସ ବାଛି କରି ମିଳାଇବା)

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ନିଧନ | ମନାକରିବା |
| ନନ୍ଦନ | ଆହାର |
| ଅଧାମ | କୋମଳ |
| ମୃଦୁ | ଗରିବ |
| ବାରୁଥାଇ | ରାବିଡ଼ି |
| | ପୁତ୍ର |



## ପଦ୍ୟାଂଶର ଆଲୋଚନା

ଏହି କବିତାରୁ କିଛି ପଦ୍ୟାଂଶ ନିମ୍ନରେ ଦିଆଯାଇଛି । ଏହାକୁ ପଢ଼ି, ବୁଝି ଦଳରେ ଆଲୋଚନା କରି ସରଳ ଭାଷାରେ ଲେଖ -

(କ) ଡାକିନୀ ଲୋଭାନ୍ତି ବୋଲି ଡରୁଥାଇ ମନେ,
ବାରବାର ବାରୁଥାଇ ଯିବା ପାଇଁ ବନେ, କଳାମାଣିକରେ ॥

(ଖ) ନେଲୁ ନାହିଁ କାହିଁ ପାଇଁ ତୋ' କଠାଉ ଛତା,
ବନେ କଣ୍ଟା ଲାଗି ହୋଏ ମୃଦୁ ପାଦ ଚିନ୍ତା ! କଳାମାଣିକରେ ॥



https://withteachers.in/



## ବୁଝିବିଚାରି

**କବିତାଟିକୁ ଆଉଥରେ ପଢ଼ ଓ ଉତ୍ତରଟି ଖୋଜି ଲେଖ -**

(କ) ମାତା ଯଶୋଦା ଶ୍ରୀକୃଷ୍ଣଙ୍କୁ କ'ଣ କ'ଣ ସମ୍ବୋଧନ କରି ଡାକିଛନ୍ତି ?

(ଖ) ଶ୍ରୀକୃଷ୍ଣଙ୍କର କେଉଁ ସବୁ କାର୍ଯ୍ୟ ମନେପକାଇ ମାତା ଯଶୋଦା ଭାଳି ହେଉଥିଲେ ?



## କବିତାର ରଚନା

ଝାଳ ବହୁଥିବ ଅଙ୍ଗୁ ଲାଗି, ଝାଞ୍ଜିଖରା,
ଶ୍ରମ ପାଇ ତରୁତଳେ ବସିଥିବୁ ପରା ! କଳାମାଣିକ ରେ ॥

୧. ଏହି ଦୁଇଧାଡ଼ିକୁ ଧ୍ୟାନ ଦେଇ ପଢ଼ ତୁମେ କ'ଣ ବୁଝୁଛ କୁହ ? ଝାଞ୍ଜିଖରାରେ ତୁମେ ବାହାରେ କାମ କରୁଥିବାବେଳେ ଯେଉଁ କଷ୍ଟ ଅନୁଭବ କର ; ତାହା ଏଠାରେ ଲେଖ ।

୨. କେବେ ଶ୍ରମିକମାନେ ଏପରି ଝାଞ୍ଜିଖରାରେ କାମ କରୁଥିବାର ଦେଖିଛ କି ? ଯଦି ଦେଖିଛ, ତେବେ ସେମାନଙ୍କର ଅନୁଭବକୁ ସାଙ୍ଗସାଥୀଙ୍କ ସହ ଆଲୋଚନା କରି ଲେଖ ।



## ଅନୁମାନ ଓ ଭାବନାରୁ

**ତୁମେ ସବୁ ମିଳିମିଶି ଆଲୋଚନା କର -**

(କ) ଶ୍ରୀକୃଷ୍ଣଙ୍କ ଫେରିବା ବିଳମ୍ବ ହେବା ଦେଖି ମାତା ଯଶୋଦା ଯେପରି ବିଚଳିତ ହେଉଥିଲେ ; ସେହିପରି ତୁମ ମାଆ ତୁମପାଇଁ କେବେ ବ୍ୟସ୍ତ ହେବାର ଅନୁଭବ କରିଛ କି ? ଯଦି ସେପରି ଅନୁଭୂତି ଥାଏ, ନିଜ ଭାଷାରେ ବର୍ଣ୍ଣନା କର ।

(ଖ) ଯଦି ତୁମକୁ ଶ୍ରୀକୃଷ୍ଣଙ୍କ ସହ କଥାବାର୍ତ୍ତା ହେବାର ସୁଯୋଗ ମିଳନ୍ତା, ତେବେ ତୁମେ ତାଙ୍କୁ କ'ଣ କ'ଣ ପଚାରନ୍ତ ?



https://withteachers.in/


## ଶବ୍ଦର ରୂପ

ଯେପରି 'ଜନକ' ଓ 'ଜନନୀ' ମିଶିଲେ ଜନକଜନନୀ ହେଉଛି - ସେହିପରି ଏହି ବୃକ୍ଷ ଭିତରେ ଦିଆଯାଇଥିବା ଶବ୍ଦମାନଙ୍କରୁ ବାଛି ଯୋଡ଼ି ଶବ୍ଦ ଲେଖ ।




## ଶବ୍ଦ ସହ ଶବ୍ଦର ସମ୍ପର୍କ

ଶ୍ରୀକୃଷ୍ଣଙ୍କ ସହିତ ସମ୍ପର୍କ ଥିବା ଶବ୍ଦଗୁଡ଼ିକୁ ମନେପକାଇ ଯୋଡ଼






https://withteachers.in/



## ପଦ୍ୟାଂଶ ମିଳନ


ନିମ୍ନରେ 'କ' ସ୍ତମ୍ଭ ଓ 'ଖ' ସ୍ତମ୍ଭରେ ପଦ୍ୟର କେତେକ ଧାଡ଼ି ଦିଆଯାଇଛି । ଯେଉଁ ଧାଡ଼ି ସହ ଯାହାର ସମ୍ପର୍କ ଅଛି ତାହାକୁ ଗାର ଟାଣି ମିଳାଅ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ନେଲୁ ନାହିଁ କାହିଁ ପାଇଁ ତୋ' କଠାଉ ଛତା, | ଅନ୍ଧଲଉଡ଼ି ବାବୁରେ ହୃଦରତ୍ନହାରା |
| ବୃଦ୍ଧକାଳେ ତୁ ମୋହର ଏକଇ ନନ୍ଦନ | ମୁଁ ଡଙ୍କୁଣୀ ଛାଡ଼ିଦେଲି ବନକୁ କାହିଁକି ! |
| ଡରୁଥାଉ ଅନ୍ଧାରକୁ ରଖିଯାଉ ଗୋରୁ, | ବନେ କଣ୍ଟା ଲାଗି ହୋଏ ମୃଦୁ ପାଦ ଚିନ୍ତା ! |
| ନିଧନ ସଙ୍ଖାଳି ମୋର ଦରିଦ୍ରପସରା, | ହୃଦତାପ ବିନାଶନେ ତୁ ହରିଚନ୍ଦନ । |
| ନିଶାଚର ମାତିବାର ଶୁଭୁଛି ଶ୍ରୁତିକି | ଜନକଜନନୀ ସୁଖ କାହିଁ ପାଇଁ ସାରୁ ! |



## କବିତାର ସୌନ୍ଦର୍ଯ୍ୟ

ଯେପରି 'ବାତ୍ସଲ୍ୟ' ସହ 'ମମତା' ଶବ୍ଦ ଯୋଡ଼ି ହୋଇଛି, ସେହିପରି ପଦ୍ୟ ମଧ୍ୟରେ ଆଉ କିଛି ଶବ୍ଦ ଯୋଡ଼ି ରହିଛି । ତାକୁ ବାଛି ଲେଖ ।



## ରୂପ ବଦଳାଇ ଲେଖ

ଏହି ପାଠରୁ କୌଣସି ଗୋଟିଏ ପଦକୁ ନେଇ ଅନୁଚ୍ଛେଦଟିଏ ଲେଖ –

ଡରୁଥାଉ ଅନ୍ଧାରକୁ ରଖିଯାଉ ଗୋରୁ,
କିମ୍ବା
ଆଜ କିମ୍ପା ଶୁଭୁନାହିଁ ଭାବୁଛି ମନକୁ !



https://withteachers.in/

# ରୂଢ଼ି

**ଆସ କିଛି ରୂଢ଼ିର ବ୍ୟବହାର କରିବା -**

'ଅନ୍ଧଲଉଡ଼ି ବାବୁରେ ହୃଦରତ୍ନହାରା ।' ଏଠାରେ ଅନ୍ଧଲଉଡ଼ି ଏକ ରୂଢ଼ି ଯାହାର ଅର୍ଥ ଅସହାୟର ସାହା ।

କୌଣସି ଶବ୍ଦ ନିଜର ଅର୍ଥକୁ ଛାଡ଼ି ଅନ୍ୟ ଶବ୍ଦ ସହିତ ମିଶି ସ୍ୱତନ୍ତ୍ର ଅର୍ଥ ପ୍ରକାଶ କଲେ ତା'କୁ ଆମେ ରୂଢ଼ି କହିଥାଉ । ଏହା ବାକ୍ୟରେ ବା କବିତାରେ ବ୍ୟବହାର ହେଲେ ଖୁବ୍ ସୁନ୍ଦର ଲାଗେ । ନିମ୍ନରେ ଆଖି ଶବ୍ଦ ସହିତ ଯୋଡ଼ି ହୋଇଥିବା କିଛି ରୂଢ଼ି ଦିଆଗଲା । ନିଜର ପରିବାର ସଦସ୍ୟ, ସାଙ୍ଗସାଥୀ, ଶିକ୍ଷକ / ଶିକ୍ଷୟିତ୍ରୀ, ପାଠାଗାର କିମ୍ବା ପ୍ରଯୁକ୍ତିବିଦ୍ୟାର ସହାୟତା ନେଇ ଏଗୁଡ଼ିକର ଅର୍ଥ ବୁଝି ବାକ୍ୟରେ ବ୍ୟବହାର କର -

ଆଖି ରଖିବା -

ଆଖି ଦେବା -

ଆଖି ପକାଇବା -

ଆଖି ବୁଲାଇବା -

ଆଖି ବୁଜିବା -

ଆଖିକି ପାଇବା -

ଆଖିରେ ଧୂଳିଦେବା -



# ସମସ୍ତଙ୍କ ପ୍ରସ୍ତୁତି

କବିତାର ପ୍ରତ୍ୟେକ ପଦକୁ ଭିନ୍ନଭିନ୍ନ ଢଙ୍ଗରେ ଆବୃତ୍ତି ଓ ଅଭିନୟ କରିବେ ।

- ଆବୃତ୍ତି (ବ୍ୟକ୍ତିଗତ)
- ଆବୃତ୍ତି (ଦଳଗତ)
- ଅଭିନୟ (ବ୍ୟକ୍ତିଗତ)
- ଅଭିନୟ (ଦଳଗତ)



https://withteachers.in/

# ପାଠରୁ ଆଗକୁ



## ତୁମ କଥା

(କ) 'ଝାଳ ବହୁଥିବ ଅଙ୍ଗୁ ଲାଗି ଝାଞ୍ଜିଖରା ।'

୧. କବିତାର ଏହି ପଦରେ କେଉଁ ଋତୁର ଚିତ୍ରଣ କରାଯାଇଛି ? ତୁମ ଚାରିପାଖରେ ଏହି ଋତୁର ପ୍ରଭାବ କିଭଳି ରହିଛି ? ତାହା ବର୍ଣ୍ଣନା କର ।

୨. ଗ୍ରୀଷ୍ମଋତୁରେ କେଉଁ ସବୁ ଦୁର୍ଘଟଣା ଘଟେ ତାହାର ତାଲିକା କର ଓ ସେଥିପାଇଁ କେଉଁ ସବୁ ସତର୍କତା ଅବଲମ୍ବନ କରିବା - ଆଲୋଚନା କରି ଲେଖ ।

୩. ଗ୍ରୀଷ୍ମଋତୁରେ ପଖାଳ ଖାଇବାକୁ ଭଲ ଲାଗେ ? ସେହିପରି ତୁମକୁ ଆଉ କ'ଣ କ'ଣ କାମ କରିବାକୁ ଭଲ ଲାଗେ, ତାହାର ଏକ ତାଲିକା ସାଙ୍ଗସାଥୀ ସହ ଆଲୋଚନା କରି ଲେଖ ।



## ଆସ ଖୋଜିବା

'କଳାମାଣିକ' ପରି ଶ୍ରୀକୃଷ୍ଣ ଓ ଯଶୋଦାଙ୍କ ସମ୍ପର୍କିତ ଆଉ କିଛି କବିତା ପୁସ୍ତକାଗାରରୁ ଓ ଇଣ୍ଟରନେଟ୍‌ରୁ ଖୋଜ । ଶିକ୍ଷକଶିକ୍ଷୟିତ୍ରୀଙ୍କ ସହାୟତା ନେଇ ଶ୍ରେଣୀକକ୍ଷରେ ଉପସ୍ଥାପନ କର ।





https://withteachers.in/

୨

# ମାଢ଼ହାଣ୍ଡି କଥା

● ଗୋପାଳଚନ୍ଦ୍ର ପ୍ରହରାଜ

ଏକ ଦେଶରେ ଗୋଟିଏ ଚକୁଳିଆ ପଣ୍ଡା ଥାଏ, ସେଇଟି ଭାରି ଗରିବ । ସେ ମାଆଟିଏ ପୁଅଟିଏ । ପୁଅ ନିତି ଭିକ ମାଗିଯାଏ । ଛଅ ଗାଁ ଗଲେ ସେରେ ଆଣେ, ନଅ ଗାଆଁ ଗଲେ ସେରେ ଆଣେ । ଇମିତିକା ମହାପ୍ରଭୁଙ୍କ ମାୟା ତ, ଦିନେ ସେ ଚକୁଳିଆ ପଣ୍ଡା କେତେଆଡ଼ ବୁଲିଲା ଯେ, ସେରକ କଥା ତେଣିକି ଥାଉ, ତାକୁ ପୋଷେ ଚାଉଳ ସୁଦ୍ଧା ଭିକ ମିଳିଲା ନାହିଁ । ଲୋକେ ଭିକ ଦେବେ କଅଣ, ବେଳକୁ ତାକୁ ଗାଁ ପିଲାଏସବୁ ଟେକାବୋଲୁଅ ଲଦି ମାଡ଼ମାରି ତଡ଼ି ଦେଲେ । ପଛକୁ ଚକୁଳିଆ ପଣ୍ଡା ବିଚରାଟି କାନ୍ଦିବୋବେଇ ପଳେଇ ଆଇଲା । ବିଚାରିଲା, ଆଉ ଏ ନିର୍ଲଜ ମୁହଁ ଦେଖେଇବାକୁ ଘରକୁ ଯିବି ନାହିଁ। ୟା ବିଚାରି ଚୋରକୁ ମାନକରି ଖପରାରେ ଖାଇଲା ଭଳିଆ କାନ୍ଧରେ ତୁଚ୍ଛା ଯାଉଁଳିଟିଏ ପକେଇ ଯାଉଥାଏ । ଯାଇଯାଇ ଖଣ୍ଡେ ଦୂରରେ ଦେଖିଲାବେଳକୁ ଗୋଟିଏ ଉତ୍ତମ ସୁନ୍ଦର ପଦ୍ମପୋଖରୀ। ସେଥିରେ କଳାଭଅଁରଭଳି ପାଣି । ପୋଖରୀ ଚାରିପାଖଯାକ ଶଙ୍ଖମଲମଲ ପଥରରେ ପାହାଚ ବସିଛି। ୟାର ତ ସେତେବେଳେ ଭୋକଶୋଷରେ କରଡ଼ି ଜଳୁଥାଏ । ଏ କଅଣ କରିବ ! ତାକୁ ଆଉ ବୁଦ୍ଧିବାଟ ଦିଶୁ ନଥାଏ । ଏ ପାଣିକି ଦେଖିଲାକ୍ଷଣି ୟା ମନରେ ଭାରି ଲୋଭ ହେଲା । ଜୀବନ ବିକଳରେ ପାଣିକୂଳ ପାହାଚ ଉପରେ ଲଥକିନି ବସିଗଲା । ଦେଖିଲା ସେ କାଚକେନ୍ଦୁ ଭଳିଆ ପାଣିମୁନ୍ଦିକ ହୋଇଛି, ସାତତାଳ ପାଣିରେ ରୁପାପାତିଆ ଟିକିଏ ପକେଇଦେଲେ ଉପରକୁ ଫୁଟି ଜକଜକ ଦିଶିବ ।

ଚକୁଳିଆ ପଣ୍ଡା ସେ ପାଣିରୁ ଚଳଚଳକରି ତା' ଡାହାଣ ହାତରେ ଧରୁଥାଏ, ଏଣେ ମନକୁ ବାଆଁରେଇବା ପାଇଁ ମୁହଁରେ ମୁହଁରେ କହି ହଉଥାଏ - ଭାତ ଖାଉଁ, ଡାଲି ଖାଉଁ, ଦୁଧ ଖାଉଁ, ମହୁର ଖାଉଁ, ଆମ୍ବିଳ ଖାଉଁ, ଖିରି ଖାଉଁ,





https://withteachers.in/

କାକରା ଖାଉଁ, ନାନମାନ୍ ଖାଉଁ, ପୋଟଳି ଚକୁଳି ଖାଉଁ । ଏମିତି ଗୋଟିଏ ଦରବ ନାଁ ଧରୁଥାଏ, ଚଳେ ଲେଖାଏଁ ପାଣି ପିଉଥାଏ । ସେ ପୋଖରୀରେ ଗଙ୍ଗାମାତା ଥାଆନ୍ତି । ଚକୁଳିଆ ପଣ୍ଡାର ଡାକ ତାଙ୍କ କାନକୁ ବାଜିଲା । ଗଙ୍ଗାମାତା ତ ଉଡ଼ିଗଲା ଚଢ଼େଇର ପେଟକଥା ଜାଣିପାରନ୍ତି । ସେ ତ କାହା ବିକଳ ସହିପାରନ୍ତି ନାହିଁ ! ଯା ଡାକ ଶୁଣି ମନେମନେ ବିଚାରିଲେ, ଏ ଚକୁଳିଆ ପଣ୍ଡାଟି ସିନା ଭୋକବିକଳରେ ଇମିତି ହଉଚି । ଦେବତାଙ୍କୁ ଅବା କେଉଁ ଦରବ ଅପୂରୁବ ! ସେ କଅଣ କଲେ ନା, ଚକୁଳିଆ ପଣ୍ଡା ଯେତେକ ଦରବ ନାଆଁ ଧରି ଚୋଳାଏ ଚୋଳାଏ ପାଣି ପିଉଥାଏ, ସେତକ ବାରଜବାରଜ କରି ଦନାଟିମାନଙ୍କରେ ଭରାଭର କରି ଗୋଟିଏ ହାଣ୍ଡିରେ ସଜାଡ଼ିଲେ, ହାଣ୍ଡି ଉପରକୁ ତେଲୁଣିଟିଏ କଣ୍ଟିକାଣ୍ଟି କରି ଘୋଡ଼େଇ ଦେଲେ, ଏ ଚକୁଳିଆ ପଣ୍ଡାଟି ଯେଉଁଠେଇଁ ବସିଥିଲା, ସେଇଠେଇଁକି ତୁନି କରି ଭସେଇ ଦେଲେ । ହାଣ୍ଡି ଭାସିଭାସିକା ଯା ପାଖରେ ଆସି ଲାଗିଗଲା । ଚକୁଳିଆ ପଣ୍ଡା ଏ ହାଣ୍ଡିକି ଦେଖି ଭାରି ଆଚମ୍ୱିତ ହେଲା ! ଏଥେରେ କଅଣ ଅଛି ଦେଖେଁ ! ଯା ବିଚାରି ସେ ତେଲୁଣିଟିକି କାଢ଼ି ଦେଲାବେଳକୁ ତା' ଭିତରେ ଦିବ୍ୟ ସରୁ ଘିଅ ଅନ୍ନ, ଡାଲି, ମହୁର, ଆମ୍ବିଳ, ଖିରି, ପିଠା ଭଳିକି ଭଳି ଖଞ୍ଜା ହୋଇଛି । ସେଥିରୁ ସବୁ ବାମ୍ଫ ବାହାରୁଛି । ଯା ଦେଖି ଆନନ୍ଦରେ ତାକୁ ଆଉ ବୁଦ୍ଧିବାଟ ଦିଶୁ ନଥାଏ । ସେ ହାଣ୍ଡିକି ପାହାଚ



ଉପରକୁ ଉଠେଇ ଆଣିଲା, ତାକୁ ତ ଭାରି ଭୋକ କରୁଥାଏ, ସେ ହାଣ୍ଡିରୁ ପଦାର୍ଥଯାକ କାଢ଼ି ପେଟପୂରା କରି ଖାଇଲା । ଜଣେ ମଣିଷ ତ, କେତେ ଇମିତି ଖାଇବ ! ଯେତେକ ଖାଇବାର ଖାଇଲା, ଦେଖିଲାବେଳକୁ ସେ ପଦାର୍ଥରୁ କଣେ ସୁଦ୍ଧା ସରି ନଥାଏ । ଯେତେକ ବଳିଲା ସେତକ ଗୋଟିଆଗୋଟି କରି ସେ ହାଣ୍ଡିରେ ପୂରେଇଲା । କହିଲା, ଯାକୁ ମୁଁ ଘରକୁ ନେବି ଯେ ମୋ ମାଆ ଖାଇବ, ବାକି ଯାହା ବଳିବ ଫେର୍ ଦୋଓଡ଼ା ଖାଇବି ।



https://withteachers.in/

ଖାଲି ହାତରେ ସିନା ଘରକୁ ଫେରିବ ନାହିଁ ବୋଲି ରୁଷି କରି ଘରୁ ବାହାରି ଯାଉଥିଲା ! ବର୍ତ୍ତମାନ ଏତକ ଯେମିତି ହାତରେ ପଡ଼ିଲା ସେମିତି ଯା ମନ କୁଣ୍ଢେମୋଟ ହୋଇଗଲା । ହାଣ୍ଡିଟିକି ମୁଣ୍ଡେଇ ଲମ୍ଫେଲମ୍ଫେ ଘରକୁ ମୋହିଁଲା । ଘରେ ପହଞ୍ଚିଲାବେଳକୁ ମାଆ ଯାଇଥାଏ ଗାଆଁ ଭିତରକୁ ଦୁଃଖ କରିବାକୁ । ଯେ ସେ ହାଣ୍ଡିଟିକି ହାଣ୍ଡିଶାଳ ଶିକା ଉପରେ ସାଇତି ଦେଲା, ଘରେ ଖଣ୍ଡେ ମସିଣା ପାରି ଶୋଇଲା । ମାଆ ଗାଆଁରୁ ଦୁଃଖଧନ୍ଦା କରି ପୋଷେ ଖୁଦ ପଣତକାନିରେ ବାନ୍ଧି ଘରେ ଆସି ପହଞ୍ଚି ଦେଖେ ତ ପୁଅର ପେଟ ଟୁମାଟୁମ୍ ଦିଶୁଚି, ପୁଅ ଅଚିନ୍ତା ନିଦରେ ଘୁଙ୍ଗୁଡ଼ି ମାରୁଛି, ହାଣ୍ଡିଶାଳ କବାଟ ଫିଟେଇ ଦେଖିଲାବେଳକୁ ଶିକା ଉପରେ ହାଣ୍ଡିଟିଏ । ହାଣ୍ଡିଟିକି ଓହ୍ଲେଇ ପଲମ କାଢ଼ି ଦେଖେ ତ ହାଣ୍ଡି ଭିତରେ ଦିବ୍ୟ ସୁବାସ ଘିଅ ଅନ୍ନ, ଛଅ ତିଅଣ, ନଅଭଜା, ଖିରିପିଠା ଭରାଭର । ବୁଢ଼ୀ ତ ଭୋକରେ ଡହଳବିକଳ ହଉଥିଲା, ତାକୁ ଏବେ କୋଟିନିଧି ମିଳିଗଲା । ସେ ଆଉ ପୁଅକୁ ଉଠେଇବ କଅଣ ! ବାଡ଼ିକୁ ଯାଇ ବେଏଁ ଲମ୍ବର ଖଣ୍ଡେ କଦଳୀପତର କାଟି ଆଣିଲା, ହାଣ୍ଡିରୁ ଗୋଟିଗୋଟି କରି ସବୁ ପଦାର୍ଥ କାଢ଼ିଲା, ଯେତେକ ମନଇଚ୍ଛା କରି ଖାଇଲା, ଆଉ ଯାହା ବଳିଲା ତାକୁ ହାଣ୍ଡିରେ ପୂରେଇ ଶିକାରେ ରଖିଦେଲା । ପୁଅ ଶୋଇଥିଲା, ଉଠି ମାଆକୁ ସବୁ କଥା କହିଲା । ଫେର୍ ଉପର ଓଳି ହାଣ୍ଡିରେ ଯାହା ଥିଲା ମାଆ ପୁଅ ଖାଇ ଅଠିଲ୍ ହୋଇଗଲେ ।

ରାତିରେ ଶୋଇଲାବେଳେ ବୁଢ଼ୀ ପୁଅକୁ ବୁଦ୍ଧି ବତେଇ ଦେଲା, ଆରେ ପୁତ, ଏତେ ମିହନ୍ତ କରି ଛଅ ଗାଁ ନଅ ଗାଁ ବୁଲିବୁ କିଆଁ ! କାଲି ସକାଳୁ ଫେର୍‌ଯାଇ ପୋଖରୀକୂଳରେ ବସ, ଦେଖିବା ଦେଖି କଅଣ ହଉଚି ! ମାଆ ପୁଅ ଯା ବିଚରାବିଚାରି ହୋଇ ଶୋଇଲେ । ସକାଳୁ ଚକୁଳିଆ ପଣ୍ଡା ତ 'କାଲିର ସୁଆଦ ପାଇଛି ନା ସକାଳୁ ଉଠି ଧାଇଁଛି' - ବଡ଼ ଝପଟିରୁ ଉଠି, ଗାଧୋଇ, ଚିତା ଚଇତନ କାଟି ସିଧାଏସିଧାଏ ଯାଇ ଏକଦମ୍ ପଦ୍ମପୋଖରୀ କୂଳରେ ହାଜର ।





https://withteachers.in/

ଫେର୍ କାଲି ଯିମିତି ଭାତ ଖାଉଁ, ଡାଲି ଖାଉଁ, ତିଅଣ ଖାଉଁ କରୁଥିଲା ଆଜି ସିମିତି ଚଳଚଳ କରି ପାଣି ପିଉଥାଏ, ଏଣେ ସିମିତି କହୁଥାଏ । ସତକୁ ସତ, କାଲି ପରିକା ହାଣ୍ଡିଟିଏ ଭାସି ଆସି ତା' ପାଖରେ ଲାଗିଲା । ସେ ଆପେ ଯାହା ଖାଇବାର ଖାଇଲା, ବାକି ଯାହା ବଳିଲା ସେତକ ଘରକୁ ଆଣି ଶିକା ଉପରେ ରଖିଦେଲା । ମାଆ ଗାଆଁରୁ ବୁଲିବାଲି ଆସି ଖାଇଲା । ଫେର୍ ରାତିକି ମାଆପୁଅ ଦିହେଁ ଢୋଲେ ଲେଖାଏଁ ଖାଇଲେ । ଏମିତି ନିତି ପୁଅ ହାଣ୍ଡିଟିମାନ ଆଣେ, ମାଆପୁଅ ଦିହେଁ ସେତକ ଖାଇପିଇ ଖାଲି ହାକୁଟିମାରି ଗଡ଼ଗଡ଼ଉ ଥାଆନ୍ତି । ପୁଅ ତ ଦେଖିଲା ଯେ, ନିତି ଫୋଟକରେ ତାକୁ ଦିବ୍ୟ ସୁନ୍ଦର ଜୋଇଁ ଭୋଜନ ମିଳିଲା, ମାଆ ଦେଖିଲା ଯେ, ବସିଲା ଠେଇଁ ତ ତାକୁ ଆଧାର ମିଳିଲା ....... ପୁଅ ଆଉ ଭିକମାଗି ଗଲା ନାହିଁ, ମାଆ ବି ଦୁଃଖଧନ୍ଦା କରିବାକୁ ଗଲା ନାହିଁ, କି କୁଟା ଖଣ୍ଡକ ଦି ଖଣ୍ଡ କଲା ନାହିଁ । ଇମତି ମାଆପୁଅଙ୍କ ମୁହଁ ତ ମାଗଣା ଭାତରେ ଲାଗି ଯାଇଥାଏ ।

ଏଣେ ଗଙ୍ଗାମାତା ବିଚାର କଲେ ଯେ, ଏ ମାଆପୁଅ ତ ନିଖଟୁ ହୋଇ ବସିଲେ, କିଛି କାମ କଲେ ନାହିଁ, ୟାଙ୍କ ଦେଖାଦେଖି ସଂସାରଯାକ ସମସ୍ତେ ତ କର୍ମକୋଡ଼ିଆ ହୋଇଯିବେ, ଆଉ ଦୁଃଖଧନ୍ଦାକୁ ତ କେହି ଆଦରିବେ ନାହିଁ, ୟାଙ୍କ ମୁହଁ ନ ଭାଙ୍ଗି ଦେଲେ ହବ ନାହିଁ । ଏଇତା ପାଞ୍ଚି ଗଙ୍ଗାମାତା କୂଟଟିଏ ଭେଇଲେ । ଦିନକର କ'ଣ ହୋଇଛି ନା, ଚକୁଳିଆ ପଣ୍ଡା ନିତି ସିମିତି ଯାଏ, ସେ ଦିନ ବଡ଼ିସକାଳୁ ଉଠି ସ୍ନାହାନପ୍ରକାର କରି ସେ ପଦ୍ମପୋଖରୀକି ଗଲା, ପାହାଚରେ ବସି ଯିମିତି ନିତି କରେ ସେମିତି ସେଦିନ କଲା । ପାଣି ଚଳଚଳ ପିଉଥାଏ, ଏଣେ ମିଛରେମିଛରେ କହି ହେଉଥାଏ, ଭାତ ଖାଉଁ, ହାପୁ ଖାଉଁ, ତିଅଣ ଖାଉଁ, ସାକର ଖାଉଁ, ଖେଚେଡ଼ି ଖାଉଁ, ଇଣ୍ଡୁରି ଖାଉଁ ଇମିତି କହୁଥାଏ । ମନେମନେ ବିଚାର କରୁଥାଏ, ନିତି ଯିମିତି ହାଣ୍ଡିଟିଏ ଭାସି ଆସେ, ସିମିତି ଭାସିଆସି ଆଜି ମୋ ପାଖରେ ଲାଗିଯିବ ଯେ, ମୁଁ ସୁନାପୁଅ ଭଳିଆ ତାକୁ ନେଇ ମାଆପୁଅ ଦିହେଁ ଖାଇ ହେଣ୍ଡି ମାରି ବୁଲୁଥିବୁଁ । ଗଙ୍ଗାମାତା ବିଚାରିଲେ ଦେଖ, ୟାର କେଡ଼େ କଥା ! ମୁଁ ୟା ବିକଳ ସହି ନପାରି ୟାକୁ ଖାଇବାକୁ ଦେଲି ବୋଲି ମାଆପୁଅ ଦିହେଁ ଇନ୍ଦ୍ରଚନ୍ଦ୍ର ମାନିବାକୁ ନାହାନ୍ତି ? ଦିହେଁକୁ ଦିହେଁ ଗଣ୍ଡିଟିମାନ ବାହାର କରି ବୁଲୁଛନ୍ତି । ଆଜି ପୁଳାଟାଏ ଆଚ୍ଛାକରି ନ ଦେଲେ ଇୟେ ଚେତିବେ ନାହିଁ । ଗଙ୍ଗାମାତା ତ ସହଜେ ଦେବତା, ତାକୁ ଅବା କେଉଁ କଥା ଉବାର ଅଛି । ୟା ବିଚାରି ରାଗ ତମତମ ହୋଇ ହାଣ୍ଡିଟି ଭିତରେ ଗୁଡ଼ିଏ ବିଧା, ଚାପୁଡ଼ା, କହୁଣି, ଗୋଇଠା, ଚିମୁଟା, ରାମ୍ପୁଡ଼ା, କାମୁଡ଼ା ଇମିତି ଯେତେକ ମାଡ଼ ଏ ସଂସାରରେ ଅଛି, ସବୁ ପୂରେଇଲେ । ହାଣ୍ଡି ଉପରେ ତେଲୁଣିଟି କଣ୍ଟିକାଣ୍ଟି କରି ନିବୁଜ କରି ଘୋଡ଼େଇ ଦେଲେ ଓ ଚକୁଳିଆ ପଣ୍ଡା ପାଖକୁ ଭସେଇ ଦେଲେ । ହାଣ୍ଡିଟି ଭାସିଭାସିକା ଆସି ୟା ପାଖରେ ଲାଗିଲା ।


ୟେ ତ ମନେମନେ ମିଠେଇ ଖାଇ ବସିଛି । ହାଣ୍ଡିଟିକି ଉପରକୁ ଟେକି ନେଇ ତେଲୁଣିଟିକି କାଢ଼ିଦେଲାବେଳକୁ ହେଲା ତ ତା' ଉପରେ ମାଡ଼ ବୃଷ୍ଟି । ତୁଚ୍ଛା ଚାପୁଡ଼ା ଉପରେ ଚାପୁଡ଼ା, ବିଧା ଉପରେ ବିଧା, ତା' ଉପରେ ଗୋଇଠା, ତା' ପଛକୁ ରାମ୍ପୁଡ଼ା, କାମୁଡ଼ା, ଏମିତି ଖାଲି ତା' ଅଷ୍ଟାଙ୍ଗ ଶରୀରଯାକ ଦୁମ୍‌ଦାମ୍ ଭୁଷ୍‌ଭାଷ୍ ଲଦି ହୋଇଯାଉଥାଏ । ଚଟକଣା ଖାଇ ଗାଲକୁ ଆଉଁଶି ପଳେଇଲା ବେଳକୁ ପିଠିରେ ଦୁଲୁ କରି ଗୋଟା କେତେ ବିଧା



https://withteachers.in/

ବସୁଥାଏ ! ଡହଳବିକଳ ହୋଇ ପିଠି ଆଉଁଶିଲା ବେଳକୁ ଖୁଆମୁଣ୍ଡିରେ ଦି' ଗୋଇଠା । ବେଳକୁବେଳ ସମୁଦ୍ର ଜୁଆର ମାଡ଼ି ଆଇଲା ଭଳିଆ ମାଡ଼ରେ କୁଆଛୁଆ ଉଡ଼ିଗଲା । ଯାକୁ ସେତେବେଳକୁ ଗୋଟାଏ ବୁଦ୍ଧି ପଇଟିଗଲା । ଏ କ'ଣ କଲା । ଝଟପଟ ଜୀବନ ବିକଳରେ ଏ ହାଣ୍ଡି ଉପରେ ତେଲୁଣିଟାକୁ ଘୋଡ଼େଇ ପକେଇଲା । ଯିମିତି ଘୋଡ଼େଇ ପକେଇଛି ସିମିତି କିଏ ରାଣ ଦେଲା ଭଳିଆ ଏ ମାଡ଼ ବୃଷ୍ଟି ଥମ୍ଭିଗଲା । ଏ ଟିକିଏ ନିଃଶ୍ୱାସ ମାଇଲା । ସେତେବେଳକୁ ଯା ଦିହହାତ ମାଡ଼ରେ ଗଡ଼ ଭଳିଆ ଫୁଲିଗଲାଣି । ଏ ରାଗରେ କମ୍ପମାନ ହଉଥାଏ । କିଏ ମାଇଲା ବୋଲି ଦେଖିଛି ଯେ, କାହା ଉପରେ ଦାଉ ସାଧିବ ! "ଶାଶୂ ମାରୁଥାଏ ବୋହୂକୁ, ବୋହୂ ଛାର କାହାକୁ ମାରିବ, ମାରୁଥାଏ ଚୁଲି ମୁହଁକୁ ।" ସିମିତି ଚକୁଳିଆ ପଣ୍ଡା ତା' ମା' ଉପରେ ରାଗରେ ଜରଜର ହଉଥାଏ, ତା' ମନକଥା ମନରେ ଥାଏ, ସେ ହାଣ୍ଡିଟିକି ଉଠେଇ ଘରକୁ ଚାଲିଲା । ନିତି ଯିମିତି ନେଇ ଶିକା ଉପରେ ଥୋଇଦିଏ, ସିମିତି ହାଣ୍ଡିଟିକି ଶିକା ଉପରେ ରଖିଦେଲା, ଭିକ ମାଗିବାକୁ ଗଲା ବାହାରି ।

ତା' ମାଆ ତ ଘରେ ନଥାଏ । ଏବେ ତ ପୁଅ ହାଣ୍ଡି ଆଣିଲା ଦିନଠଉଁ ମାଆ ଜମାରୁ ଦୁଃଖଧନ୍ଦା କରିବାକୁ ନାହିଁ । ଗାଆଁଯାକ ଅଷ୍ଟଦଣ୍ଡପାଟ ଭଳିଆ ଦାଣ୍ଡି ମାରୁଥାଏ । ଘରକୁ ଆସି ଶିକାରୁ ହାଣ୍ଡି କାଢ଼ି ଭୋଜନ ମାରୁଥାଏ । ଆଜି ଆସି



ଦେଖିଲାବେଳକୁ ପୁଅ ଘରେ ନାହିଁ, ଘର ଭିତରକୁ ପଶି ଚାହିଁଲାବେଳକୁ ଶିକାରେ ହାଣ୍ଡିଟି ନିତି ଭଳିଆ ଥୁଆ ହୋଇଛି । ସେ ତ ମାଇପିଲୋକ, ଏତେ ଛନ୍ଦମନ୍ଦ ଅବା କାହୁଁ ଜାଣିବ ! ହାଣ୍ଡିଟିକି ଶିକାରୁ ଥିରିକରି ଓହ୍ଲେଇ ଆଣି ଯିମିତି ତେଲୁଣିଟିକି ସେ ହାଣ୍ଡି ମୁହଁରୁ କାଢ଼ିଛି ଆଉ ବୁଢ଼ୀ ଯାଏ କୁଆଡ଼େ ! ହେଲା ତ ମାଡ଼ ଉପରେ କୁଆପଥର ଛେଚିଲା ଭଳିଆ ମାଡ଼ । ଦୁଲ୍ ଦାଲ୍ ଗୋଟା ଉପରେ ଗୋଟେ ବାଜି ଯାଉଥାଏ । ଇଲୋ ବାପ ଲୋ, ମରିଗଲି ଲୋ, ହେଲାବେଳକୁ ପିଠିରେ ଫେର୍ ଦିଇଟା ବସୁଥାଏ । ଆଲୋ ମାଆ ଲୋ, ମରିଗଲି ହେଲାବେଳକୁ କଙ୍କାଳ ବାହିରେ ପୁଣି ପୁଞ୍ଜାଏ ବସି ଯାଉଥାଏ । ଏତେ ଶୂନ୍ୟ ଶବଦ ହଉଥାଏ, କେତେ ଖାଇବୁ ଖାଆ, ଖାଆ ଖିରି ବୋଲି ବିଧାଏ, ଖାଆ ପିଠା ବୋଲି ଗୋଇଠେ,



https://withteachers.in/

ଖାଆ ମହୁର ବୋଲି ବ୍ରହ୍ମଚାପୁଡ଼ାଏ । ବୁଢ଼ୀ ବିକଳରେ ଦିହହାତ ଆଉଁଶି ପକଉଥାଏ, ଛଟପଟ ହୋଇ ଗଡ଼ି ଯାଉଥାଏ । ପଛକୁ ବୁଢ଼ୀକି ଗୋଟାଏ ବୁଦ୍ଧି ଦିଶିଗଲା । ବୁଢ଼ୀ ଉଠିପଡ଼ି ସେ ପଲମଟାକୁ ହାଣ୍ଡି ଉପରେ ଉଗୁଡ଼େଇ ପକେଇଲା । ହାଣ୍ଡି ଉପରେ ଢାଙ୍କୁଣି ପଡ଼ିଗଲାରୁ ବୁଢ଼ୀ ଉପରେ ମାଡ଼ ଅସରା ବନ୍ଦ ହୋଇଗଲା । ବୁଢ଼ୀ ଟିକିଏ ନିଃଶ୍ୱାସ ମାଇଲା, କହିଲା ଓହୋ ଆଜି ସକାଳୁ ଉଠି କାହା ମୁହଁ ଚାହିଁଥିଲି । ଆଜି ପରା ଦିନେ ମାଡ଼ ଖାଇଲି । ଯା ବିଚାରି ସେ ହାଣ୍ଡିକି ନେଇ ତା' ବାଡ଼ିଆଡ଼ ଖତକୁଢ଼ ଗଦାରେ ଲଅଥକିନି ରଖିଦେଲା, ବାଡ଼ି କବାଟ କିଳି ଦେଇ ଘରେ ଆସି ମୁହଁ ମାଡ଼ିକରି ଶୋଇଲା । ହାଣ୍ଡିଟି ଉପରେ ପଲମ ଘୋଡ଼ିଆ ହୋଇଥାଏ । ସେଦିନ ଦଇବ ଯୋଗକୁ ରାତି ଅଧ ହେଲାଣି, ଗାଆଁଯାକ ସମସ୍ତେ ଖାଇପିଇ ନିର୍ଜନ ହୋଇ ଶୋଇଲେଣି, ପଞ୍ଚାଏ ଚୋର କେଉଁ ଗାଆଁରୁ ସିନ୍ଦୁକଟାଏ ଚୋରେଇ ଆଣି ବାଣ୍ଟ କରିବେ ବୋଲି ବୁଢ଼ୀ ବାରିଦୁଆରେ ଆସି ବସିଲେ । ତାଙ୍କ ଭିତରେ ଭାଗ ବାଣ୍ଟ ବିଚାର ଲାଗିଛି ।

ଏହି ସମୟରେ ଜଣେ ଚୋରର ଆଖି ଏ ହାଣ୍ଡିଟି ଉପରେ ପଡ଼ିଲା । ସେ ବିଚାରିଲା, ଯା ଭିତରେ କ'ଣ ଅଛି – ଦେଖନ୍ତେଇ । ଯା ବିଚାରି ସେ ହାଣ୍ଡିକି ଖତଗଦାରୁ ଉଠେଇଆଣି ସବୁ ଚୋରଙ୍କ ମଝିରେ ଥୋଇଦେଲା । ଯିମିତି ସେ ପଲମଟିକି କାଢ଼ି ଦେଇଛି, ଆଉ ଏ ଚୋର ପଞ୍ଚାକ ଯିବେ କୋଉ ଗାଆଁକୁ ! ହେଲା ତ ସମସ୍ତଙ୍କ ଉପରେ ମାଡ଼ । ତୁଚ୍ଛା ମାଡ଼, ଖାଲି ମାଡ଼, ଫେର ଗୋଗୋଛିବାଡ଼ିଆ ମାଡ଼, ମାଡ଼ରେ ଗୋରୁ ଚରିଗଲେ । ଏ ଚୋରଯାକ ଟଙ୍କାଟୋକର ବାଣ୍ଟିବେ କଅଣ ! ମାଡ଼ରେ କଲେଇବଲେଇ ହୋଇ କିଏ କୁଆଡ଼େ ଛାଟିପିଟି ହୋଇ ପଳେଇଗଲେ, 'ବାଉ ଲୋ ! ବାଉ ଲୋ !' ହେଇ ପଳାଉଥା'ନ୍ତି । ତାଙ୍କ ପଛେପଛେ ମାଡ଼ଯାକ ଗୋଡ଼େଇ ତୁଚ୍ଛା ଖୋବି ପକାଉଥାନ୍ତି । ମାଡ଼ରେ ଧୂଳା ଉଡ଼ି ଯାଉଥାଏ । ଯେଉଁ ଚୋର ଗୋଟା କେତେ ପୂରୁବ ଆଡ଼କୁ ପଳେଇଲେ, ତାଙ୍କୁ ଚାପୁଡ଼ାଯାକ ଗୋଡ଼େଇ ଗୋଡ଼େଇ ଗଲେ । ଯେ ପଛିମକୁ ପଳେଇଲେ, ତାଙ୍କ ସାଙ୍ଗରେ ବିଧାଯାକ ଗୋଡ଼େଇ ଗୋଡ଼େଇ ଗଲେ, ଯେ ଉତ୍ତରକୁ ଗଲେ ତାଙ୍କୁ ଗୋଇଠାଯାକ ଗୋଡ଼େଇଲେ, ଯେ ଦକ୍ଷିଣକୁ ଗଲେ ତାଙ୍କ ସଙ୍ଗରେ ମୁଖୀଯାକ ଗଲେ । ଇମିତି ଇମିତି ବୁଢ଼ୀ ବାରିଆଡୁ ଘଡ଼ିକରେ ମାଡ଼ ଆଉ ଚୋରଯାକ ଗଲେ, ଏଣେ ବୁଢ଼ୀ ତ ମାଡ଼ ଖାଇକରି ତା' ଅଷ୍ଟାଙ୍ଗ ଶରୀର ପରାସ ହେଇ ବଥଉଥାଏ, ତାକୁ ଆଉ ରାତିଯାକ ନିଦ ମାଡ଼ିବାକୁ ନାହିଁ, ସେ ଘର ଭିତରେ କତରାରେ ପଡ଼ି ଏକଡସେକଡ଼ ହେଉଥାଏ । ବୁଢ଼ୀ ଘର ଭିତରେ ଥାଇ ଗାଲିପଡ଼ି ଏସବୁ ବାରିଆଡ଼ର ରବୟାଯାକ ଶୁଣୁଥାଏ ।

ଯିମିତି ଏ ଚୋରଯାକ ପଳେଇଲେ ବୁଢ଼ୀ ଉଠି କରି ବାଡ଼ି କବାଟକୁ ଧୁଡୁକିନି ଫିଟେଇଲା, ଦେଖିଲାବେଳକୁ ତା' ବାଡ଼ି ପନ୍ଦାଡ଼ରେ ସିନ୍ଦୁକଟିଏ ଥୁଆ ହୋଇଛି ! ବୁଢ଼ୀ ସେ ସିନ୍ଦୁକ ପାଖକୁ ଯାଇ ଥିରକିନା ସେ ସିନ୍ଦୁକ କବାଟକୁ ଟେକୁଥାଏ, କାଳେ ହାଣ୍ଡିରୁ ମାଡ଼ ବାହାରିଲା ଭଳିଆ ସେ ସିନ୍ଦୁକରୁ ନା ପୁଣି କିଛି ବାହାରେ ! ପଛକୁ ଦେଖିଲା ଯେ, ସେ ସିନ୍ଦୁକ ଭିତରୁ ଆଉ କିଛି ସୋରସାର ହେଲା ନାହିଁ । ସେଥିରୁ ସିନ୍ଦୁକକୁ ମେଲା କରି ଦେଖିଲା ବେଳକୁ ତା' ଭିତରେ ହୀରା, ନୀଳା, ମୋତି, ମାଣିକ, ମହୁଡ଼, ଅସରପି, ଗହଣାଗାଣ୍ଠି, ଟଙ୍କାଟୋକର ସିନ୍ଦୁକେ ଭରତି ହୋଇଛି । ଯା ଦେଖି ବୁଢ଼ୀର ମାଡ଼ଦରଜ କୁଆଡ଼େ ଉଭେଇଗଲା । ତା' ପରେ ଦେଖାଗଲା ମାଆପୁଅ ପ୍ରତିଦିନ ସକାଳେ କାମକୁ ବାହାରିଲେ ।



https://withteachers.in/

# ଲେଖକ ପରିଚୟ


୧୮୭୨-୧୯୪୫

ଜଣେ ବ୍ୟଙ୍ଗାତ୍ମକ ପ୍ରବନ୍ଧ ଓ ସଫଳ ରମ୍ୟରଚନାର ଲେଖକ ଭାବରେ **ଗୋପାଳଚନ୍ଦ୍ର ପ୍ରହରାଜ** ପରିଚିତ । ୧୮୭୨ ମସିହା ନଭେମ୍ବର ମାସ ୨୬ ତାରିଖରେ କଟକ ଜିଲ୍ଲାର ସିଦ୍ଧେଶ୍ୱରପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଅନେକ ଲୋକଗଳ୍ପ ସଂଗ୍ରହ, କରି ସେଗୁଡ଼ିକୁ ସାଧାରଣ ଲୋକଙ୍କ ଭାଷାରେ ପ୍ରକାଶ କରିବାରେ ସେ ସିଦ୍ଧହସ୍ତ ଥିଲେ । ଏହି 'ମାଡ଼ହାଣ୍ଡି କଥା' ବିଷୟଟି ତାଙ୍କ ରଚିତ 'ଉତ୍କଳକାହାଣୀ'ରୁ ସଂଗୃହୀତ । ତାଙ୍କ ସଂକଳିତ 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ' କୁ 'ଓଡ଼ିଆ ଭାଷାର କଳାକୋଣାର୍କ' ବୋଲି କୁହାଯାଏ । ଏହି ଲୋକ ଗଳ୍ପରେ ପରିଶ୍ରମ ନ କଲେ କିପରି କଷ୍ଟ ଭୋଗିବାକୁ ପଡ଼େ, ତାହା କୁହାଯାଇଛି ।

## ପାଠରୁ

### ମୁଁ ଯାହା ବୁଝିଲି

**(କ) ଲୋକକଥା ଗଳ୍ପ ଆଧାରିତ ନିମ୍ନରେ କିଛି ପ୍ରଶ୍ନ ଦିଆଯାଇଛି । ସେଥିରୁ ଠିକ୍ ଉତ୍ତର ବାଛି ଲେଖ ।**

**୧ । ଚକୁଳିଆ ପଣ୍ଡା ଯେଉଁ ପୋଖରୀ ପାଖରେ ପହଞ୍ଚିଲା, ସେ ପୋଖରୀଟି କିପରି ଥିଲା ?**

(କ) ପୋଖରୀରେ ସୁନ୍ଦର ପଦ୍ମଫୁଲ ଫୁଟିଥିଲା ।

(ଖ) ପୋଖରୀରେ ଗୋଳିଆପାଣି ଥିଲା

(ଗ) ପୋଖରୀରେ କଳାଭଅଁର ଭଳି ପାଣିଥିଲା ।

(ଘ) ପୋଖରୀରେ ପାଣି ଶୁଖି ଯାଇଥିଲା ।

**୨ । 'ଚୋରକୁ ମାନ କରି ଖପରାରେ ଖାଇବା' ଅର୍ଥ କ'ଣ ?**

(କ) ରାଗ ତମତମ ହୋଇ ଖାଇବା ।

(ଖ) ଅନ୍ୟ ଉପରେ ରାଗି ନିଜର କ୍ଷତି କରିବା ।

(ଗ) ଚୋରକୁ ଧରି ଖପରାରେ ଖାଇବାକୁ ଦେବା ।

(ଘ) ଚୋରକୁ ମାଡ଼ ମାରି ତଡ଼ିବା ।



https://withteachers.in/

୩ । ‘ଗଙ୍ଗାମାତା ଉଡ଼ିଗଲା ଚଢ଼େଇର ପେଟ କଥା ଜାଣିପାରନ୍ତି’ ଏହି ଲୋକବାଣୀର ଅର୍ଥ କଅଣ ?

(କ) ନିଜ କଥା ନିଜେ ବୁଝିବା ।

(ଖ) ଚଢ଼େଇମାନଙ୍କଠାରୁ ବୁଝିବା ।

(ଗ) ଅନ୍ୟର ମନକଥାକୁ ବୁଝିବା ।

(ଘ) ଚଢ଼େଇମାନଙ୍କ ସହିତ ଆଲୋଚନା କରି ବୁଝିବା ।

୪ । ଚକୁଳିଆ ପଣ୍ଡା ଚରିତ୍ର ମାଧ୍ୟମରେ ଲେଖକ କେଉଁ ନୀତିଶିକ୍ଷା ଦେଇଛନ୍ତି ?

(କ) ବସି ଖାଇଲେ ଆୟୁଷ ବଢ଼େ ।

(ଖ) ଅଳସୁଆ ଦୁଃଖ ପାଏ ।

(ଗ) ପରିଶ୍ରମ ନ କରି ପେଟ ପୋଷିବା ।

(ଘ) ଅନ୍ୟ ଉପରେ ନିର୍ଭର କରି ଚଳିଲେ ଆମେ ସଫଳ ହେବା ।

**(ଖ) ଏପରି ହୋଇପାରେ, ତୁମ ସାଙ୍ଗମାନେ ଭିନ୍ନଭିନ୍ନ ଉତ୍ତର ବାଛିଥାଇପାରନ୍ତି । ସେମାନେ କାହିଁକି ଏହି ଉତ୍ତର ବାଛିଲେ ; ତାହା ଆଲୋଚନା କର ।**



## ଧାଡ଼ିଗୁଡ଼ିକର ଆଲୋଚନା

ପାଠରୁ କିଛି ଧାଡ଼ି ଚୟନ କରି ଦିଆଯାଇଛି । ଏହାକୁ ଧ୍ୟାନ ଦେଇ ପଢ଼ ଏବଂ ଦଳରେ ବିଚାର କରି କଣ ବୁଝିଲ ଲେଖ।

(କ) ଏ ପାଣିକି ଦେଖିଲା କ୍ଷଣି ତା’ ମନରେ ଭାରି ଲୋଭ ହେଲା । ଜୀବନ ବିକଳରେ ପାଣିକୂଳ ପାହାଚ ଉପରେ ଲଥିକିନି ବସିଗଲା ।

(ଖ) ଗଙ୍ଗାମାତା ତ ଉଡ଼ିଗଲା ଚଢ଼େଇର ପେଟକଥା ଜାଣିପାରନ୍ତି ।



https://withteachers.in/



# ଆସ ଆମେ ମେଳ କରିବା

ଏହି ଲୋକକଥାରୁ କିଛି ବାକ୍ୟ ପ୍ରଥମ ସ୍ତମ୍ଭରେ ଦିଆଯାଇଛି । ସେହି ବାକ୍ୟଗୁଡ଼ିକର ଭାବାର୍ଥ ସହ ମିଶୁଥିବା କିଛି ବାକ୍ୟ ଦ୍ୱିତୀୟ ସ୍ତମ୍ଭରେ ଦିଆଯାଇଛି । ମେଳ ଖାଉଥିବା ବାକ୍ୟଗୁଡ଼ିକୁ ଯୋଡ଼ ।

| ପ୍ରଥମ ସ୍ତମ୍ଭ | ଦ୍ୱିତୀୟ ସ୍ତମ୍ଭ |
|---|---|
| ରାତିରେ ଶୋଇଲାବେଳେ ବୁଢ଼ୀ ପୁଅକୁ ବୁଦ୍ଧି ବତେଇଦେଲା । | ଭୋର ସକାଳୁ ଉଠି |
| ବଡ଼ି ଝପଟିରୁ ଉଠି | ମା' ପୁଅକୁ ରାତିରେ ଶିଖେଇ ଦେଲା । |
| ଖୁଆମୁଣ୍ଡିରେ ଦି ଗୋଇଠା | ହାଣ୍ଡିମୁହଁକୁ ଢାଙ୍କୁଣିରେ ଢାଙ୍କିବା । |
| ପଲମକୁ ନେଇ ହାଣ୍ଡି ଘୋଡ଼ାଇବା । | ହାତ ପାଖ ପିଠିକୁ ଦୁଇ ଲାତ ଦେବା । |



# ଚିନ୍ତା ଓ ବିଚାର କରି ଉତ୍ତର ଦିଅ

**ଏହି ଲୋକକଥାଟିକୁ ଥରେ ମନ ଦେଇ ପଢ଼ ଓ ଉତ୍ତର ବାହାର କରି ଲେଖ -**

କ. ଚକୁଳିଆ ପଣ୍ଡା କିପରି ପେଟ ପୋଷୁଥିଲା ?

ଖ. ଚକୁଳିଆ ପଣ୍ଡା କାନ୍ଦି ବୋବେଇ ପଳାଇ ଆସିଲା କାହିଁକି ?

ଗ. ଗଙ୍ଗାମାତା କେଉଁଠାରେ ଥିଲେ ?

ଘ. ଗଙ୍ଗାମାତା ଚକୁଳିଆ ପଣ୍ଡା ପ୍ରତି ଦୟାଭାବ ଦେଖାଇଲେ କାହିଁକି ?

ଙ. ଚକୁଳିଆ ପଣ୍ଡା ହାଣ୍ଡିରେ କ'ଣ ଦେଖିଲା ?

ଚ. ଖାଦ୍ୟହାଣ୍ଡି ଧରି ଘରକୁ ଫେରିଲାବେଳକୁ ଚକୁଳିଆ ପଣ୍ଡାର ମାଆ କୁଆଡ଼େ ଯାଇଥିଲା ?

ଛ. ଚୋରମାନେ ସିନ୍ଦୁକଟିଏ କେଉଁଠାରେ ରଖିଥିଲେ ?



https://withteachers.in/

## ଅନୁମାନ ଏବଂ କଳ୍ପନାରୁ :

ତୁମେ ସମସ୍ତେ ଦଳରେ ମିଶି ଆଲୋଚନା କର -

(କ) ଯଦି ଚକୁଳିଆ ପଣ୍ଡା ଗୋଟିଏ ଦିନପାଇଁ ଗଙ୍ଗାମାତାଙ୍କଠାରୁ ଖାଦ୍ୟ ହାଣ୍ଡି ନେଇଥାନ୍ତା, ତା' ହେଲେ ତା'ର ପରିଣାମ କ'ଣ ହୋଇଥା'ନ୍ତା ?


(ଖ) ଗଙ୍ଗାମାତା ବିଚାର କରି ମାଡ଼ହାଣ୍ଡି ଯଦି ଦେଇ ନ ଥାଆନ୍ତେ; ତା' ହେଲେ ଶେଷଫଳ କ'ଣ ହୋଇଥାଆନ୍ତା ?

(ଗ) ମା' ଯଦି ମାଡ଼ହାଣ୍ଡିର ପଲମ ଢାଙ୍କି ନ ଥାନ୍ତେ, ତାହା ହେଲେ କି ଅସୁବିଧା ହୋଇଥାଆନ୍ତା ?

(ଘ) ଗଙ୍ଗାମାତା ମା' ଓ ପୁଅକୁ ଏପରି କଷ୍ଟ ଦେବାର ଉଦ୍ଦେଶ୍ୟ କ'ଣ ଥିଲା ?

## ଶବ୍ଦ ସମ୍ପର୍କିତ ଶବ୍ଦ

ନିମ୍ନରେ ଦିଆଯାଇଥିବା 'କବାଟ' ଶବ୍ଦ ସହିତ ସମ୍ପର୍କ ଥିବା ଶବ୍ଦକୁ ଦଳରେ ଆଲୋଚନା କରି ଶୂନ୍ୟସ୍ଥାନରେ ଲେଖ ।






https://withteachers.in/



# ଲୋକକଥାକୁ ଶୁଣାଇବା

ଲିଖିତ ରୂପରେ ଲୋକକଥାଗୁଡ଼ିକ ଆସିବା ପୂର୍ବରୁ ପିଢ଼ିରୁ ପିଢ଼ିକୁ କାହାଣୀ ଶୁଣାଇବା ପ୍ରଥା ଚାଲିଥିଲା । ଏଥିରେ କାହାଣୀକୁ ଶୁଣିବା ଓ ଶୁଣାଇବା ଏବଂ ମନେରଖିବାର ମହତ୍ତ୍ୱପୂର୍ଣ୍ଣ ଭୂମିକା ଥାଏ । କାହାଣୀ କହୁଥିବା ବା ଶୁଣାଉଥିବା ବ୍ୟକ୍ତି ଏପରି ଢଙ୍ଗରେ ଶୁଣାନ୍ତି ଯେ ଯାହା କି ଭାରି ମନଛୁଆଁ ହୋଇଥାଏ । ଏଥିରେ କାହାଣୀ ଶୁଣୁଥିବା ବ୍ୟକ୍ତିକୁ ଆନନ୍ଦ ମିଳିବା ସଙ୍ଗେସଙ୍ଗେ ତା'ର ବାସ୍ତବତା ଶ୍ରୋତାର ମନ ଭିତରେ ରହିଯାଏ ।

ଏବେ ତୁମେ ନିଜ ଦଳରେ ମିଶି କିଛି ଲୋକକଥା ସଂଗ୍ରହ କର । ଏହି ସଂଗ୍ରହପାଇଁ ଜେଜେ, ଜେଜେମାଆ, ଅଜାଆଈଙ୍କର ସାହାଯ୍ୟ ନିଅ । ସେହି ଲୋକକଥାଗୁଡ଼ିକୁ ତୁମେ ତୁମ ଶ୍ରେଣୀଗୃହରେ ଛାତ୍ରମାନଙ୍କ ସମ୍ମୁଖରେ ପ୍ରକାଶ କର । ସୁନ୍ଦର ଢଙ୍ଗରେ ଓ ସୁନ୍ଦର ଗପ ପରିବେଷଣକାରୀକୁ ସଭିଏଁ କରତାଳି ଦେଇ ଉତ୍ସାହିତ କର ।

## କଥା ଶୁଣାଇବା ଶୈଳୀ

- **ସ୍ୱରର ଉତ୍‌ଥାନ - ପତନ :** ଲୋକକଥା ଶୁଣାଇବା ସମୟରେ ସ୍ୱର ବା ଶବ୍ଦରେ ଉତ୍‌ଥାନ ପତନ କରାଇ ଆଗ୍ରହ ଓ ଉତ୍କଣ୍ଠା ସୃଷ୍ଟି କରିପାରିବା । ଯଦି ଏହି ଲୋକକଥାରେ କିଛି ରୋମାଞ୍ଚକର ବା ରହସ୍ୟମୟ କ୍ଷଣ ଥାଏ, ତେବେ ସ୍ୱର ଧୀର କିମ୍ବା ଜୋର କରିପାରିବା ।
- **ଭାବନାର ପରିପ୍ରକାଶ** - ଭାବନାକୁ ପ୍ରକାଶ କରିବା ସମୟରେ ଉପଯୁକ୍ତ ସ୍ୱର ବାଛିବା । ଯେଉଁଥିରେ ଖୁସି, ଦୁଃଖ, ଆଶ୍ଚର୍ଯ୍ୟ ଆଦି ଭାବ ସୁନ୍ଦର ଭାବରେ ବୁଝି ହେବ ।
- **ଲୋକକଥାର ଚରିତ୍ରଗୁଡ଼ିକପାଇଁ ଭିନ୍ନଭିନ୍ନ ସ୍ୱର** - ଯଦି ଲୋକକଥାରେ ଅଲଗାଅଲଗା ଚରିତ୍ର ଥାଏ, ତେବେ ପ୍ରତି ଚରିତ୍ର ପାଇଁ ଅଲଗା ସ୍ୱର (ଉଚ୍ଚ, ଧୀର, ଜୋର, କମ୍ ଆଦି) ପ୍ରୟୋଗ କରି ସେହି ଚରିତ୍ରଗୁଡ଼ିକୁ ଚିହ୍ନେଇ ପାରିବା ।
- **ହାତ ଓ ଶରୀରର ଉପଯୋଗ** - ଯଦି ତୁମେ ଲୋକକଥାରେ କୌଣସି ଘଟଣାର ବର୍ଣ୍ଣନା କରୁଛ; ତେବେ ଶାରୀରିକ ମୁଦ୍ରା, ମୁହଁ ଓ ଆଖିର ଭାବକୁ ଉପଯୋଗ କରିପାର ।
- **ହସର ପ୍ରୟୋଗ** - ଯଦି କିଛି ହାସ୍ୟପୂର୍ଣ୍ଣ ବା ଆନନ୍ଦଦାୟକ ଦୃଶ୍ୟ ଥାଏ, ସେଠାରେ ମୁହଁରେ ହସ ରଖି ତାକୁ ପ୍ରକାଶ କର ।
- **ବିବରଣୀଭିତ୍ତିକ ଭାଷାର ପ୍ରୟୋଗ** - ଲୋକକଥାରେ ବର୍ଣ୍ଣିତ ସ୍ଥାନ ଓ ଚରିତ୍ରଗୁଡ଼ିକୁ ଏପରି ପ୍ରକାଶ କର; ଯେପରି ଶ୍ରୋତାମାନେ ସେଗୁଡ଼ିକର ଛବିକୁ ନିଜ ମନରେ ଆଙ୍କି ପାରିବେ ।
- **ରୋଚକ ମୋଡ଼** - ଲୋକକଥା ଶୁଣାଇବା ସମୟରେ ଥରେ ଦୁଇଥର ରୋମାଞ୍ଚକର ପରିସ୍ଥିତରେ କିଛି ସମୟପାଇଁ ରୁହ ବା ଶ୍ରୋତାଙ୍କ ମନରେ ଆଗ୍ରହ ସୃଷ୍ଟି କରିବାପାଇଁ ପଚାର ଆଗକୁ କ'ଣ ହେବ, ତାହା ତୁମେ ଜାଣିବାକୁ ଚାହୁଁଛି କି ?
- **ସମ୍ବାଦକୁ ସ୍ୱଷ୍ଟ ଓ ପ୍ରାସଙ୍ଗିକ କରିବା** - ଚରିତ୍ରଗୁଡ଼ିକୁ ଏପରି ପ୍ରସ୍ତୁତ କର, ଯେମିତି ତାହା ମୌଳିକ ଲାଗିବ ।



https://withteachers.in/



## କାରକ ବିଷୟରେ

ନିମ୍ନରେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ମନ ଦେଇ ପଢ଼ -

ମାଆ ଗାଆଁ ବୁଲିବାଲି ଆସି ଖାଇଲା ।

ଏହି ବାକ୍ୟଟି ପଢ଼ିବାବେଳେ କିଛି ଅଲଗା ଭଳି ଲାଗୁଛି ନା ?

ଏବେ ତଳେ ଦିଆଯାଇଥିବା ବାକ୍ୟଟି ପଢ଼ ।

ମାଆ ଗାଆଁରୁ ବୁଲିବାଲି ଆସି ଖାଇଲା ।

ଏହି ଦୁଇ ବାକ୍ୟରେ ଥିବା ପାର୍ଥକ୍ୟକୁ ଦେଖ । ତୁମେ ଠିକ୍ ଭାବରେ ଜାଣିପାରିଛ । ଦ୍ୱିତୀୟ ବାକ୍ୟରେ ଗାଆଁ ସହିତ 'ରୁ' ଯୋଡ଼ି ହୋଇଛି । ତା' ପରେ 'ଖାଇଲା' ଶବ୍ଦକୁ ଲକ୍ଷ୍ୟ କର । ଏହା ବାକ୍ୟରେ କାହା କାହା ସହିତ ଯୋଡ଼ି ହେଉଛି । ଯଥା – କିଏ ଖାଇଲା ? କେଉଁଠାରୁ ବୁଲିବୁଲି ଆସି ଖାଇଲା ? ଏଠାରେ ଆମେ 'ମାଆ' ଓ 'ଗାଁରୁ' ଉତ୍ତର ପାଇବା । 'ଖାଇଲା' କ୍ରିୟାପଦ ସହିତ ଏହିମାନଙ୍କର ସମ୍ପର୍କ ଥିବାରୁ ଏହାକୁ କାରକ କହନ୍ତି ।

ଏଣୁ ଆମେ ଜାଣିଲେ ଯେ ଯେଉଁ ପଦର କ୍ରିୟାପଦ ସହିତ ସମ୍ପର୍କ ଥାଏ, ତାହାକୁ 'କାରକପଦ' କହନ୍ତି । କାରକ ପଦଗୁଡ଼ିକରେ ନିମ୍ନଲିଖିତ ଚିହ୍ନ ଥାଏ ।

**ଟି, କୁ, ରେ, ଦ୍ୱାରା, କୁ, ପାଇଁ, ନିମିତ୍ତ, ରୁ, ଠାରୁ, ରେ, ଠାରେ, ତାଙ୍କୁ ।**

**ନିମ୍ନରେ ଦିଆଯାଇଥିବା ବାକ୍ୟଗୁଡ଼ିକରେ କାରକ ଯୁକ୍ତ ପଦ ନେଇ ଶୂନ୍ୟସ୍ଥାନ ପୂରଣ କର -**

୧. ସେ ........... ଗଙ୍ଗାମାତା ଥାଆନ୍ତି ।

୨. ଏ ଚକୁଳିଆ ...... ସିନା ଭୋକ ବିକଳରେ ଇମିତି ହେଉଛି ।

୩. କାଳେ ହାଣ୍ଡି ...... ମାଡ଼ ବାହାରିଲା ଭଳିଆ ସେ ସିନ୍ଦୁକ.......ନା ପୁଣି କିଛି ବାହାରେ !

୪. .......... ଅବା କେଉଁ ଦରବ ଅପୂର୍ବ !



## ସୂଚନାପତ୍ର

ତୁମେମାନେ ଏହି ଲୋକକଥା ଆଧାରରେ ଚକୁଳିଆ ପଣ୍ଡା ଘରେ ଗତ ରାତିରେ ପଶିଥିବା ଚୋରମାନଙ୍କୁ ଧରିବାପାଇଁ ଖବରକାଗଜରେ ପ୍ରକାଶ ପାଇଁ ଗୋଟିଏ ସୂଚନାପତ୍ର ଲେଖ ।



https://withteachers.in/

**ସୂଚନାପତ୍ର**

# ପାଠରୁ ଆଗକୁ



## ତୁମକଥା

୧. ଏହି ଲୋକକଥାରେ ଚକୁଳିଆ ପଣ୍ଡାର ଚରିତ୍ର ମାଧ୍ୟମରେ ପରିଶ୍ରମ ନ କରି ପେଟ ପୋଷିବାକୁ ଚାହିଁଲେ କିପରି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ; ତାହା କୁହାଯାଇଛି । ତୁମେ କେବେ ଏପରି ପରିସ୍ଥିତିର ସମ୍ମୁଖୀନ ହୋଇଛ କି ଓ ଏହାର ସମାଧାନ କିପରି କରିଛ ଲେଖ ?

୨. ଲୋକକଥା ମାଧ୍ୟମରେ ଗଙ୍ଗାମାତାଙ୍କ କୃପାରୁ କିପରି ମା ଓ ପୁଅ ଉପକୃତ ହୋଇଥିଲେ; ତାହା ବର୍ଣ୍ଣନା ହୋଇଛି । ତୁମର ଏପରି କିଛି ଅନୁଭବ ହୋଇଛି କି, ଆଲୋଚନା କରି ଲେଖ ।

୩. ଭୋକଯୋଗୁଁ ଚକୁଳିଆ ପଣ୍ଡା ଓ ତା'ର ମା' ଯେଉଁ ସବୁ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ, ସେପରି ପରିସ୍ଥିତିରେ ତୁମେ କ'ଣ କରିଥାନ୍ତ ଲେଖ ।

୪. ଏହି ଲୋକକଥା ମାଧ୍ୟମରେ ଅଳସୁଆ ହେଲେ କିପରି କଷ୍ଟ ଭୋଗିବାକୁ ପଡ଼େ ଜାଣିଲେ । ସେପରି ଛାତ୍ରଛାତ୍ରୀ ଭାବରେ ତୁମେ ପାଠ ନ ପଢ଼ିବାଦ୍ୱାରା କିଛି ଅସୁବିଧାରେ ପଡ଼ିଛ କି ? ସେ ଭାବନାକୁ ନେଇ ଲେଖ ।



https://withteachers.in/

# ମନଦେଇ ପଢ଼, ଶୁଣ ଓ ଅନୁଭବ କର

ପିଲାବେଳୁ ତୁମର ଏପରି କିଛି ଭଲ ଅଭ୍ୟାସ ଥିବ, ଯଦ୍ଦ୍ୱାରା କି ତୁମେ କୌଣସି ବି ଘଟଣାକୁ ସତର୍କତାର ସହିତ ଦେଖିଥିବ ଓ ଚିନ୍ତା କରି ସଙ୍ଗେସଙ୍ଗେ ବୁଦ୍ଧିର ପ୍ରୟୋଗ କରି ସମସ୍ୟା ସମାଧାନପାଇଁ ଚେଷ୍ଟା କରିଥିବା ।

ଏହି ଲୋକକଥାରେ ଚକୁଳିଆ ପଣ୍ଡା ମାଧ୍ୟମରେ ପ୍ରତ୍ୟେକ ଘଟଣା, ବସ୍ତୁକୁ ମନ ଦେଇ ପଢ଼, ଶୁଣ ଓ ଅନୁଭବ କର; ଅର୍ଥାତ୍ – ନିଜର ଜ୍ଞାନେନ୍ଦ୍ରିୟ ଓ ବୁଦ୍ଧିର ସଂପୂର୍ଣ୍ଣ ଉପଯୋଗ କର । ଜ୍ଞାନେନ୍ଦ୍ରିୟ ପାଞ୍ଚ ପ୍ରକାର – ଆଖି, କାନ, ନାକ, ଜିଭ ଓ ଚର୍ମ । ଆଖିରେ ଦେଖି, କାନରେ ଶୁଣି, ନାକରେ ଶୁଙ୍ଘି, ଜିଭରେ ଚାଖି ଏବଂ ଚର୍ମରେ ସ୍ପର୍ଶ କରି ଆମେ ଯେ କୌଣସି ବିଷୟରେ ଜ୍ଞାନ ପ୍ରାପ୍ତ ହେଉ । ଆସ, ଏବେ ଗୋଟିଏ ଖେଳ ଖେଳିବା; ଯେଉଁଥିରୁ ତୁମକୁ ନିଜ ଜ୍ଞାନେନ୍ଦ୍ରିୟ ଓ ବୁଦ୍ଧିର ଉପଯୋଗ କରିବାର ସୁଯୋଗ ମିଳିବ ।

## (କ) ହଁ / ନା ପ୍ରଶ୍ନ ଉତ୍ତର ଖେଳ

### ସୋପାନ-

୧. ଜଣେ ଶିକ୍ଷାର୍ଥୀ ଶ୍ରେଣୀକକ୍ଷରୁ ବାହାରକୁ ଯାଇ କୌଣସି ଏକ ବସ୍ତୁ ବା ସ୍ଥାନର ନାମ ବାଛିବେ । ଶ୍ରେଣୀ ଭିତରୁ ମଧ୍ୟ କୌଣସି ଗୋଟିଏ ନାମ ବାଛିପାରିବେ ।

୨. ଶିକ୍ଷାର୍ଥୀ ଶ୍ରେଣୀ ଭିତରକୁ ଫେରିଆସି ସେହି ନାମକୁ ଗୋଟିଏ କାଗଜରେ ଲେଖିବେ, ସେହି ନାମ ଲେଖା କାଗଜଟିକୁ ଯେପରି କେହି ନ ଦେଖନ୍ତି ସେଥିପ୍ରତି ଧ୍ୟାନଦେବେ ।

୩. ଅନ୍ୟ ଶିକ୍ଷାର୍ଥୀମାନେ ଜଣ ଜଣ କରି ସେହି ବସ୍ତୁର ନାମ – ଜାଣିବାପାଇଁ ପ୍ରଶ୍ନ ପଚାରିବେ ।

୪. ପ୍ରତ୍ୟେକ ପ୍ରଶ୍ନର ଉତ୍ତର କେବଳ ହଁ / ନାରେ ଦିଆଯିବ ।

ଉଦାହରଣ ସ୍ୱରୂପ –

- ଏହି ବସ୍ତୁକୁ କ'ଣ ଶ୍ରେଣୀଗୃହରେ ବ୍ୟବହାର କରାଯାଏ ?
- ଏହି ବସ୍ତୁଟି କ'ଣ ଖାଦ୍ୟ ?
- ଏହା କ'ଣ କାଠରେ ତିଆରି ?
- ଏହି ବସ୍ତୁ କ'ଣ ବିଦ୍ୟୁତ୍‌ଦ୍ୱାରା ଚାଲିଥାଏ ?



https://withteachers.in/

୫.    ପ୍ରତ୍ୟେକ ଶିକ୍ଷାର୍ଥୀ କୋଡ଼ିଏଟି ଭିତରେ ପ୍ରଶ୍ନ ପଚାରିବେ । ତେଣୁ ବୁଝିବିଚାରି ପ୍ରଶ୍ନ ପଚାରିବେ ଯଦ୍ୱାରା ସେହି ବସ୍ତୁର ନାମ ଜାଣିପାରିବେ ।

୬.    ଯଦି ଶିକ୍ଷାର୍ଥୀ କୋଡ଼ିଏଟି ପ୍ରଶ୍ନ ଭିତରେ ବସ୍ତୁର ଠିକ୍ ଉତ୍ତରଟି ଦିଅନ୍ତି ତେବେ ଜିତି ପାରିବେ ।

୭.    ଏହାପରେ ଅନ୍ୟ ଶିକ୍ଷାର୍ଥୀଙ୍କୁ ବାହାରକୁ ପଠାଇ କାର୍ଯ୍ୟଟି ପୁନଃ କରାଯିବ ।

୮.    କାର୍ଯ୍ୟର ଶେଷରେ ସମସ୍ତେ ମିଶିକରି ଏହି ଖେଳ ସହିତ ସମ୍ପର୍କିତ ନିଜର ଅନୁଭବ ସମ୍ବନ୍ଧରେ ଆଲୋଚନା କରିବେ ।

### (ଖ) କାର୍ଯ୍ୟ - ସ୍ପର୍ଶ, ଗନ୍ଧ ଓ ସ୍ୱାଦ ବାରିବା

୧.    ଗୋଟିଏ ଥାଳି ବା ଡବାରେ (ସାବଧାନତା ଓ ସୁରକ୍ଷିତ ରୂପେ) ବିଭିନ୍ନ ବସ୍ତୁ (ଯେପରିକି ଫୁଲ, ଫଳ, ମସଲା, ଖେଳନା, ଲୁଗା, ବହି, ଗୁଡ଼ ଇତ୍ୟାଦି) ରଖ ।

୨.    ପ୍ରତି ଶିକ୍ଷାର୍ଥୀଙ୍କ ଆଖିରେ ପଟି ବାନ୍ଧିକରି ସେମାନେ କେବଳ ସ୍ପର୍ଶ, ଗନ୍ଧ ବା ସ୍ୱାଦ ମାଧ୍ୟମରେ ବସ୍ତୁକୁ ଚିହ୍ନିବେ ଓ ତା'ର ନାମ କହିବେ ।

୩.    ଥରଥର କରି ସମସ୍ତ ଶିକ୍ଷାର୍ଥୀଙ୍କୁ ଡାକି ତାଙ୍କର ଆଖିରେ ପଟି ବାନ୍ଧ ।

୪.    ଡବାରେ ଗୋଟିଏ ବସ୍ତୁ ରଖାଯାଉ । ଶିକ୍ଷାର୍ଥୀ ତାକୁ ଛୁଇଁକରି, ଶୁଙ୍ଘିକରି ଓ ଚାଖିକରି ଚିହ୍ନିବାକୁ ଚେଷ୍ଟା କରିବେ ।

୫.    ଠିକ୍ ରୂପେ ଚିହ୍ନାଇବା ପରେ ଶିକ୍ଷାର୍ଥୀ କହିବେ, କିପରି ସେହି ବସ୍ତୁକୁ ଚିହ୍ନିଲେ ।

୬.    ଜଣଜଣ କରି ପ୍ରତି ବିଦ୍ୟାର୍ଥୀଙ୍କୁ ଅଲଗାଅଲଗା ବସ୍ତୁକୁ ଚିହ୍ନିବାର ସୁଯୋଗ ମିଳିବ ।

୭.    ଶେଷରେ ସମସ୍ତ ବସ୍ତୁକୁ ମିଶାଇ ଶ୍ରେଣୀରେ ଦେଖାଇବେ ଓ ସେମାନଙ୍କ ବିଷୟରେ ଆଲୋଚନା କରିବେ ଯେ କେଉଁ ବସ୍ତୁକୁ ଚିହ୍ନିବା ସହଜ ବା କଠିନ ଥିଲା ?



## ଆସ ଖୋଜିବା

ତୁମେ ଆମ ଓଡ଼ିଶାରେ ପ୍ରଚଳିତ ଲୋକକଥାଗୁଡ଼ିକୁ ସଂଗ୍ରହ କରିବାପାଇଁ ନିଜ ପରିବାର ସଦସ୍ୟ, ଶିକ୍ଷକ, ପାଠାଗାର କିମ୍ବା ଇଣ୍ଟରନେଟ୍‌ର ସହାୟତା ନେଇପାର ।



https://withteachers.in/

୩

# ଜାତୀୟପକ୍ଷୀ

● ଅନନ୍ତ ପଟ୍ଟନାୟକ

ଆକାଶେ ବସିଲା ଜଳଦ ମେଳା,
ବିଜୁଳି ତହିଁରେ ରଚିଲା ଖେଳା,
ରହି ରହି ଶୁଭେ ଅଶନି – ସ୍ୱନ,
କଦମ୍ବ କୁସୁମେ ଶୋହୁଛି ବନ,
ଶିହରଇ ମହୀ,
ଶୀତଳ ସମୀର ଯାଉଛି ବହି ।



ସୁନୀଳ ଗ୍ରୀବାଟି ଢ଼ଳାଇ ଧୀରେ,
ସୁମଞ୍ଜୁଳ ଚୂଳ ଦୋଳାଇ ଶିରେ ;
ସୁଢ଼ଳ ନୟନେ ଜୀମୂତେ ଦେଖି,
ଛନଛନ ମନେ କଳାପ ଟେକି,
ଶିଖୀଟିଏ ମାତି
ଫୁଲାଇ ଦେଇଛି ଛବିଳ ଛାତି ।



ଖେଳାଇ ଦେହେ ତା’ ବର୍ଣ୍ଣ – ତରଙ୍ଗ
ଖେଳେ ଲୁଚକାଳି କେତେ ଯେ ରଙ୍ଗ !
ସତେ ହୀରା, ନୀଳା, ମୋତି ଝଟକି
ପୁଚ୍ଛରୁ ତାହାର ଆସେ ଚମକି !
ତା’ ରୂପ ଝଳି
ଶତ ସୁଷମାକୁ ଯାଉଛି ଦଳି ।

ଯେଉଁ ଅଶନିର ଶବଦ ଶୁଣି
ପିକ, ଶୁକ, ଶାରୀ ହେଲେଣି ତୁନି,
ଶ୍ରବଣରେ ତାହା ବାଜନ୍ତେ ଥରେ
ରଚିଲାରେ ଗୀତି ଷଡ଼ଜସ୍ୱରେ
ଆବେଗେ ଅନାଇ
“ସ୍ୱାଗତ ହେ ଘନ !” ଉଠିଲା ଗାଇ ।



https://withteachers.in/

"ଦୂରେ ଥାଅ ପଛେ, ଶୁଣ ମୋ ପ୍ରିୟ,
ନ ହୋଇ କୃପଣ ସଲିଳ ଦିଅ,
ହସିଉଠୁ ଫୁଲେ ଲତିକା, ତରୁ,
ସବୁଜ ଶସ୍ୟରେ କେଦାର ଭରୁ,
ଯାଉ, ନିଭିଯାଉ,
ନିଖିଳ ଜୀବନୁ ତୃଷାର ଦାଉ ।"



ଜଣାଇ ଏତିକି ଖୁସି ଅନ୍ତରେ
ନାଚିଲା ସେ ପୁଣି ଦ୍ରୁତ – ମନ୍ଥରେ,
ଦେଖି, ଶୁଣି ସବୁ ଅଥୟ ମନ
ଝରାଇଲା ନୀର ଆକାଶୁଁ ଘନ,
ପିଇ ତାହା ସୁଖେ
ଚାହିଁଲା ମୟୂର ସକଳ ମୁଖେ ।

କ୍ଷଣେ ଥମିଯାଇ ପ୍ରସନ୍ନ ଅତି
ଆରମ୍ଭିଲା ବୀର ସମାନ ଗତି,
ଚତୁରପଣେ ସେ ନର୍ତ୍ତନ ଛଳେ
ଖୋଜେ ବିନାଶିବ ଅରାତି ବଳେ,
ଦେଖି ତାର ଛାଇ
ବିଷଧର ଯେତେ ଲୁଚିଲେ କାହିଁ ।



ରୂପେ ସୁକୁମାର ଗୁଣେ ସରସ
ସାଧୁଜନ – ପ୍ରାଣେ ବୁଣେ ହରଷ
ଖଳ ଜୀବ – ମନେ ଆଣେ ସେ ଭୀତି
ଦେଖାଏ ତା ଆଗେ ବଡ଼ିମା ରୀତି
ବିହଙ୍ଗମେ ସାର,
କେଡ଼େ ରାଜକୀୟ ଭଙ୍ଗିମା ତା'ର ।

ଭାରତର ଯେତେ ଗୁଣ ଗରବ
ସାହସ ଶକତି ମୈତ୍ରୀ ବିଭବ
ନୃତ୍ୟ ଗୀତ ଶିଳ୍ପ ରୂପ ଅତୁଳ
ସତେ ତାହାଠାରେ ହୋଇଛି ଠୁଳ
ସେଥିପାଇଁ କିବା
ଜାତୀୟପକ୍ଷୀ ସେ ଜାତିପ୍ରତିଭା ।



https://withteachers.in/

# କବି ପରିଚୟ



(୧୯୦୨-୧୯୮୭)

**ଅନନ୍ତ ପଟ୍ଟନାୟକ** ଆଧୁନିକ ପ୍ରଗତିଶୀଳ ଓଡ଼ିଆ ସାହିତ୍ୟ ଓ ଶିଶୁସାହିତ୍ୟର ଏକ ପରିଚିତ ନାମ । ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ, ଅତ୍ୟାଚାର ଓ ଧର୍ମାନ୍ଧତା ବିରୋଧରେ ସେ ଶାଣିତ ସ୍ୱର ଉତ୍ତୋଳନ କରିଛନ୍ତି । 'ରକ୍ତଶିଖା', 'ଶାନ୍ତିଶିଖା', 'ଅଲୋଡ଼ାଲୋଡ଼ା', 'ଅବାନ୍ତର' ତାଙ୍କର ପ୍ରତିନିଧି ସ୍ଥାନୀୟ କବିତା ସଂକଳନ । ଶେଷ ପୁସ୍ତକଟି ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର (୧୯୮୧) ପ୍ରାପ୍ତ । ଋଷ୍ ଲେଖକ ଗର୍କିଙ୍କ 'ମା' ଉପନ୍ୟାସର ଓଡ଼ିଆ ଅନୁବାଦ କରି ସେ ସୋଭିଏତ୍ ଦେଶ ତରଫରୁ ସମ୍ବର୍ଦ୍ଧିତ । 'କୁନ୍‌ମୁନ୍', 'ଲାଲଟୁକୁଟୁକୁ ସୂରୁଯଟିଏ', 'ସୂତ୍ରଟିଏ ସୁକୃତିର' ପ୍ରଭୃତି ତାଙ୍କ ରଚିତ ଓଡ଼ିଆ ଶିଶୁକବିତା ସଂକଳନ ।

ସଂଯୋଜିତ କବିତାଟିରେ ଜାତୀୟପକ୍ଷୀ ମୟୂରର ଗୁଣଗାରିମା ଓ ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରାଯାଇଛି । କବିତାଟି 'ସୂତ୍ରଟିଏ ସୁକୃତିର' ସଂକଳନରୁ ଗୃହୀତ ।

# ପାଠରୁ

ଆସ ତଳେ ଦିଆଯାଇଥିବା କାର୍ଯ୍ୟଗୁଡ଼ିକୁ ମିଳିମିଶି କରିବା ।

## ମୁଁ ଯାହା ବୁଝିଲି

**(କ) ନିମ୍ନରେ କେତେଗୁଡ଼ିଏ ପ୍ରଶ୍ନ ଦିଆଯାଇଛି । କବିତାକୁ ଆଧାର କରି ଠିକ୍ ଉତ୍ତରଟି ପାଖରେ (✓) ଚିହ୍ନ ଦିଅ ।**

**୧ । କବିତା ଆଧାରରେ 'ରୂପେ ସୁକୁମାର ଗୁଣେ ସରସ'; କାହାକୁ ଲକ୍ଷ୍ୟ କରି କୁହାଯାଇଛି ?**

(କ) ଆକାଶ (ଖ) ମେଘ

(ଗ) କୁସୁମ (ଘ) ମୟୂର

**୨ । ଭାରତର ଗୁଣ, ଗର୍ବ, ସାହସ, ଶକ୍ତି ତଥା ମୈତ୍ରୀଭାବ କାହା ପାଖରେ ଠୁଳ ହୋଇଛି ?**

(କ) ଅଶନି (ଖ) ବିଜୁଳି

(ଗ) ମୟୂର (ଘ) ବିଷଧର



https://withteachers.in/

୩ । 'ଆକାଶେ ବସିଲା ଜଳଦ ମେଳା, ବିଜୁଳି ତହିଁରେ ରଚିଲା ଖେଳା ।'

ଏହି ପଂକ୍ତିଟିରେ କେଉଁ ଋତୁର କଥା କୁହାଯାଇଛି ?

(କ) ଗ୍ରୀଷ୍ମ (ଖ) ବସନ୍ତ

(ଗ) ବର୍ଷା (ଘ) ଶରତ



## ଆସ ଆମେ ମେଳ କରିବା

(କ) ନିମ୍ନରେ କବିତାର କେତେକ ପଂକ୍ତି ଓ ତା'ର ସମ୍ଭାବିତ ଅର୍ଥ ପ୍ରଦତ୍ତ ହୋଇଛି । ଦଳରେ ବସି ଆଲୋଚନା କରି ସେଗୁଡ଼ିକୁ ଯୋଡ଼ିବା ।

| ପଂକ୍ତି | ଭାବାର୍ଥ |
|---|---|
| ଶତ ସୁଷମାକୁ ଯାଉଛି ଦଳି | ଉଚ୍ଛନ୍ନ ମନରେ ପୁଚ୍ଛ ଟେକିବା । |
| ସୁଢ଼ଳ ନୟନେ ଜୀମୂତ ଦେଖି | ବୀରଦର୍ପରେ ଶତ୍ରୁକୁ ମାରିବାକୁ ଖୋଜିବା । |
| ଆକାଶେ ବସିଲା ଜଳଦ ମେଳା | ଶହ ଶହ ସୌନ୍ଦର୍ଯ୍ୟକୁ ଚପିଯାଉଛି । |
| ଖୋଜେ ବିନାଶିବ ଅରାତି ବଳେ | ଢଳ ଢଳ ଆଖିରେ ମେଘକୁ ଚାହିଁବା । |
| ଛନଛନ ମନେ କଳାପ ଟେକି | ଆକାଶରେ ମାଳମାଳ ମେଘ ଦୃଶ୍ୟ ହେବ । |
| | ନିଜର ଦେହରେ ବର୍ଣ୍ଣର ତରଙ୍ଗ ସୃଷ୍ଟି କରିବା । |

(ଖ) ନିମ୍ନରେ ବର୍ଷା ଓ ମୟୂର ସମ୍ପର୍କିତ କେତେକ ତଥ୍ୟ ଦିଆଯାଇଛି । ସେଗୁଡ଼ିକୁ ବାଛିବୁଛି ବର୍ଷା ଓ ମୟୂର ସହ ଯୋଡ଼ିବା ।

ଅଶନି ସ୍ୱନ

ସୁଢଳ ନୟନ

ଛନଛନ କଳାପ

ଜଳଦ ମେଳା

ଶୀତଳ ସମୀର





ସୁମଞ୍ଜୁଳ ଚୂଳ

କଦମ୍ବ କୁସୁମ

ସୁନୀଳ ଗ୍ରୀବା

ସବୁଜ କେଦାର

ଚତୁରପଣ



https://withteachers.in/



## ପଦ୍ୟାଂଶର ଆଲୋଚନା

ଆସ ପଦ୍ୟଟିକୁ ଆଉ ଥରେ ପଢ଼ିବା । ସାଙ୍ଗସାଥୀ ମେଳରେ ଆଲୋଚନା କରିବା । ଏସବୁ ଦଳରେ ବସି ଅନ୍ୟ ପିଲାଙ୍କ ଆଗରେ ପ୍ରକାଶ କରିବା । ସେଗୁଡ଼ିକୁ ଖାତାରେ ଲେଖିବା ।

(କ) ଶ୍ରବଣରେ ତାହା ବାଜନ୍ତେ ଥରେ ।

ରଚିଲାରେ ଗୀତି ଷଡ଼ଜ ସ୍ୱରେ ।

(ଖ) ବିହଙ୍ଗମେ ସାର,

କେଡ଼େ ରାଜକୀୟ ଭଙ୍ଗିମା ତା'ର ।

(ଗ) ଚତୁରପଣେ ସେ ନର୍ତ୍ତନ ଛଳେ

ଖୋଜେ ବିନାଶିବ ଅରାତି ବଳେ ।



## ଚିନ୍ତା ଓ ବିଚାର କରି ଉତ୍ତର ଦିଅ

ତଳେ କିଛି କବିତାଂଶ ରହିଅଛି । ସେଗୁଡ଼ିକୁ ମନଦେଇ ପଢ଼ ଓ ଉତ୍ତର ଦିଅ :

(କ) ''ଆବେଗେ ଅନାଇ

'ସ୍ୱାଗତ ହେ ଘନ !' ଉଠିଲା ଗାଇ ।''

ଏଠାରେ କିଏ କାହାକୁ ଅନାଇଲା ? କିଏ କାହାକୁ ସ୍ୱାଗତ କଲା ?

(ଖ) ''ଖଳଜୀବ ମନେ ଆଣେ ସେ ଭୀତି

ଦେଖାଏ ତା' ଆଗେ ବଡ଼ିମା ରୀତି ।''

ଏଠାରେ କବି କାହିଁକି ଏ କଥା ବ୍ୟକ୍ତ କରିଛନ୍ତି ?

(ଗ) ''ସେଥିପାଇଁ କିବା

ଜାତୀୟ ପକ୍ଷୀ ସେ ଜାତି ପ୍ରତିଭା ।''

କେଉଁ କେଉଁ ଗୁଣ ପାଇଁ କବି ମୟୂରକୁ ଜାତୀୟପକ୍ଷୀ ବୋଲି ପ୍ରକାଶ କରିଛନ୍ତି, ଲେଖ ।



https://withteachers.in/

## ଅନୁମାନ ଓ କଳ୍ପନାରୁ

ନିଜ ଦଳରେ ବସି ଆଲୋଚନା କର ।

(କ) ମୟୂର ଏକ ଅସାଧାରଣ ପକ୍ଷୀ । ଏହାର ସ୍ୱତନ୍ତ୍ରତା କ'ଣ ?

(ଖ) ମୟୂରକୁ କାହିଁକି ଜାତୀୟପକ୍ଷୀର ମାନ୍ୟତା ଦିଆଯାଇଛି ?

(ଗ) ନୂଆମେଘକୁ ଦେଖି ମୟୂରର କି ପରିବର୍ତ୍ତନ ହେଲା ?

(ଘ) ମୟୂରର ବୀରଦର୍ପ ଦେଖି କେଉଁକେଉଁ ଜୀବ ଲୁଚିଗଲେ ?

(ଙ) ଯଦି ତୁମେ ମୟୂରର ଭାଷା ବୁଝିପାରନ୍ତ; ତେବେ ତା' ସହ କ'ଣ କଥା ହୁଅନ୍ତ ?

## ଭାଷା

ଜଣାଇ ଏତିକି ଖୁସି ଅନ୍ତରେ
ନାଚିଲା ସେ ପୁଣି ଦ୍ରୁତ - ମନ୍ଥରେ,
ଦେଖି, ଶୁଣି ସବୁ ଅଥୟ ମନ
ଝରାଇଲା ନୀର ଆକାଶୁ ଘନ,
ପିଇ ତାହା ସୁଖେ
ଚାହିଁଲା ମୟୂର ସଜଳ ମୁଖେ ।

ରେଖାଙ୍କିତ ଶବ୍ଦ ଦୁଇଟି ଉପରେ ଧ୍ୟାନ ଦିଅ । 'ନାଚିଲା' ଓ 'ଚାହିଁଲା' ଏ ଦୁଇଟି ରେଖାଙ୍କିତ ଶବ୍ଦରୁ ମୟୂରର ନାଚିବା ଓ ଚାହିଁବା କାର୍ଯ୍ୟ ସୂଚିତ ହେଉଅଛି । ଏହି କାର୍ଯ୍ୟ ସୂଚିତ ହେଉଥିବା ପଦକୁ କ୍ରିୟାପଦ କହନ୍ତି । ଏହି କବିତାରେ ଏହିପରି ଆଉ କେତେକ କ୍ରିୟାପଦ ରହିଛି । ସେଗୁଡ଼ିକୁ ଖୋଜି ଲେଖ ।

## ନାମ ଓ ଗୁଣ ସଂଯୁକ୍ତ ପଦାବଳୀ

ସୁନୀଳ ଗ୍ରୀବାଟି ଢଳାଇ ଧୀରେ ।

ରେଖାଙ୍କିତ ଯୋଡ଼ି ପଦରେ 'ଗ୍ରୀବା' ହେଉଛି ଏକ ନାମ ଓ ତା' ପୂର୍ବରୁ ଥିବା 'ସୁନୀଳ' ଶବ୍ଦଟି ହେଉଛି ତା'ର ଗୁଣ ।

ଏହିପରି କବିତାରୁ ନାମ ଓ ଗୁଣ ସଂଯୋଜିତ ପଦଗୁଡ଼ିକୁ ବାଛ । ସେଗୁଡ଼ିକୁ ଖାତାରେ ଟିପି ରଖ ।




https://withteachers.in/



## ଶବ୍ଦ ଓ ଅର୍ଥର ଖେଳ



ଚଢ଼େଇ ଥଣ୍ଟରେ ଶବଦ ରହିଛି
ପଞ୍ଜୁରୀ ଭିତରେ ଅର୍ଥ
ଶବଦ ସହିତ ଅର୍ଥକୁ ମିଳାଅ
ଶ୍ରମ ହେବ ନାହିଁ ବ୍ୟର୍ଥ ।









## କବିତାରୁ ଖୋଜ

ଆକାଶେ ବସିଲା ଜଳଦ ମେଳା
ବିଜୁଳି ତହିଁରେ ରଚିଲା ଖେଳା,
ରହି ରହି ଶୁଭେ ଅଶନି - ସ୍ୱନ
କଦମ୍ବ କୁସୁମେ ଶୋହୁଛି ବନ,
ଶିହରଇ ମହୀ
ଶୀତଳ ସମୀର ଯାଉଛି ବହି ।



https://withteachers.in/

**(କ)** କବିତାଟିର ଏହା ପ୍ରଥମ ପଦ । ଏହି ପଦଟିରେ ବର୍ଷାର ଆଗମନ କଥା ବର୍ଣ୍ଣନା କରାଯାଇଛି । ଏହା ହେଉଛି ବର୍ଣ୍ଣନାତ୍ମକ ଶୈଳୀ । ସେହିଭଳି କବିତାରେ ମୟୂରର ବର୍ଣ୍ଣନା, ତା'ର ରୂପଗୁଣର ବର୍ଣ୍ଣନା ରହିଅଛି । ତାହା ଖୋଜି ବାହାର କର ।

**'ସ୍ୱାଗତ ହେ ଘନ' ଉଠିଲା ଗାଇ**

-ଏହା କବିତାରେ ପ୍ରଦତ୍ତ କଥୋପକଥନ ଶୈଳୀର ନମୁନା ।

**(ଖ)** କବିତାର ଏହି ପଦଟିରେ ଆକାଶ, ବିଜୁଳି, କଦମ୍ବ, ସମୀର ଶବ୍ଦର ପ୍ରୟୋଗକୁ ଲକ୍ଷ୍ୟ କର । ବର୍ଷାଋତୁର ବର୍ଣ୍ଣନା ପାଇଁ ଏହି ଶବ୍ଦଗୁଡ଼ିକର ଆବଶ୍ୟକତା ରହିଛି । ଏହାକୁ ନେଇ ଆଉ ଗୋଟେ କବିତା ଲେଖିଲେ, ଏହିଭଳି ହୋଇପାରେ । ତାହା ଲକ୍ଷ୍ୟ କର :

ଆକାଶରେ ମେଘ　　ଆସିଲା ଘୋଟି
ବିଜୁଳି ଝଲସେ　　ଆଖି ତରାଟି ।
ଶୀତଳ ସମୀର　　ବହିଲା ଧୀରେ
କଦମ୍ବ କୁସୁମ　　ଫୁଟେ ସୁନ୍ଦରେ ।

ତୁମେ ଏହିଭଳି କବିତା ଲେଖିବାକୁ ଚେଷ୍ଟା କର । ବନ୍ଧୁମେଳରେ ଆଲୋଚନା କର ।

## ପାଠରୁ ଆଗକୁ



### ଏକା ସାଥୀରେ

''ଯେଉଁ ଅଶନିର ଶବଦ ଶୁଣି
ପିକ, ଶୁକ, ଶାରୀ ହେଲେଣି ତୁନି ।''

୧. ଉପରେ କେତେକ ପକ୍ଷୀମାନଙ୍କ କଥା କୁହାଯାଇଛି । ସେହିପରି ତୁମ ପରିବେଶରେ ମଧ୍ୟ କେତେକ ପଶୁପକ୍ଷୀ ଏକାଠି ରହିଥାନ୍ତି । ସେହି ପଶୁପକ୍ଷୀମାନଙ୍କର ଏକ ତାଲିକା କର । ସେମାନଙ୍କ କାମ ବିଷୟରେ ବର୍ଣ୍ଣନା କର ।

୨. ଆମ ଆଖପାଖରେ ଅନେକ ପଶୁପକ୍ଷୀ ଅଛନ୍ତି । ଆଜିର ଦୁନିଆରେ ସେମାନେ ବିପଦରେ ପଡୁଛନ୍ତି । ସେମାନଙ୍କୁ ସୁରକ୍ଷା ଦେବାରେ ତୁମେ କ'ଣ କରି ପାରିବ ଚିନ୍ତା କର ଓ ଦଳରେ ଆଲୋଚନା କରି ବିବରଣୀଟିଏ ଲେଖ ।



https://withteachers.in/



## ସର୍ଜନାତ୍ମକ ଲିଖନ

**(କ) ନୂଆ ମେଘ ଦେଖି ମୟୂର ତା'ର ପୁଚ୍ଛ ଟେକି ନାଚ କରେ ।**

୧. ତୁମେ ଏହିପରି କିଛି ଦୃଶ୍ୟକୁ ମନେପକାଅ ।
ଏହାକୁ ଚିତ୍ର ମାଧ୍ୟମରେ ପ୍ରକାଶ କର ଓ ଶ୍ରେଣୀଗୃହରେ ପ୍ରଦର୍ଶନ କର ।

୨. 'ଜାତି ପ୍ରତିଭା' ଏହି ବାର୍ତ୍ତା ଦେଉଥିବା ପୋଷ୍ଟର ପ୍ରସ୍ତୁତ କର ।

**(ଖ) ପ୍ରକଳ୍ପ କାର୍ଯ୍ୟ**

ତୁମେ ରହୁଥିବା ଗାଁ ବା ସହର ପାଖରେ ଥିବା ଜଙ୍ଗଲକୁ ବାପାଙ୍କ ସାଙ୍ଗରେ ବୁଲିବାକୁ ଯାଅ ।

୧. ପୂର୍ବରୁ ବାପା ଦେଖିଥିବା ଜଙ୍ଗଲ ଓ ଏବର ଜଙ୍ଗଲ ମଧ୍ୟରେ କ'ଣ ପାର୍ଥକ୍ୟ ଅଛି ବାପାଙ୍କଠାରୁ ବୁଝ ।

୨. ଜଙ୍ଗଲ ଓ ଜଙ୍ଗଲରେ ରହୁଥିବା ଜୀବଜନ୍ତୁ ଆଜି ଅସୁରକ୍ଷିତ। ସେମାନଙ୍କପାଇଁ ଆମେ କ'ଣ କରିପାରିବା ବନ୍ଧୁମେଳରେ ଆଲୋଚନା କର।



## ଆଜିର ପହଳି

**କବିତା ଆଧାରରେ ଚାରୋଟି ପହଳି ଦିଆଯାଇଛି । ସେଗୁଡ଼ିକ ପଢ଼ ଓ ଉତ୍ତର ବିଚାର କର ।**

(କ) ତିନୋଟି ଅକ୍ଷରେ ମୋହରି ନାମ
ଧରିଛି ରାଇଜ ବହୁତ ଗ୍ରାମ ।
ମଝି ଅକ୍ଷରକୁ ହଟାଇ ଦେଲେ
ମୋ ବିନା ସଂସାର ନଥିବ ପିଲେ ।
ମୁହିଁ ତୁମ ମାଆ ମନରେ ରଖ
ନାମଟି ମୋହର ଖାତାରେ ଲେଖ ।





(ଖ) ରଙ୍ଗମୋର କଳା ସକାଳୁ ଉଠି
ଉଠାଏ ସଭିଙ୍କୁ କରି ମୁଁ ପାଟି
ସଫା କରେ ପୁଣି ବାରି ଅଗଣା
ଅସନା କାମକୁ କରେନି ମନା ।
କହ ମୁଁ କିଏ ?
ମୋ ପାଇଁ ଜଗତ କଲ୍ୟାଣ ହୁଏ ।



https://withteachers.in/

(ଗ) ଚାରୋଟି ଅକ୍ଷରେ ନାମ ମୋହର
ବରଷାଋତୁର ମୁଁ ଶୋଭା ହାର ।
ପ୍ରଥମ ଦୁଇଟି ଅକ୍ଷର ନେବ
ସରଗରାଜାକୁ ବୁଝାଉ ଥିବ ।
ଶେଷ ଦୁଇଟିକୁ ମିଶାଇ ଦେଲେ
ରାମ ଅସ୍ତ୍ର କଥା ଆସିବ ପିଲେ ।
ମେଘରେ ପଡ଼ିଲେ ରବି କିରଣ
ଆକାଶେ ରଚଇ ମୁହିଁ ତୋରଣ ।
ଭାବିନିଅ ପିଲେ ମୋହରି ନାମ
ବନ୍ଧୁ ମେଳେ ହେବ ତୁମ ସୁନାମ ।



(ଘ) ନାମଟି ମୋହର ଚାରି ଅକ୍ଷର
ଶିବଙ୍କର ପରା ମୁଁ ଗଳା ହାର ।
ତୁଣ୍ଡରେ ମୋହର ନାହିଁ ଅମୃତ
ପରଶେ ଜୀବଟି ପାଏ ଆଘାତ ।
ପ୍ରଥମ ଦୁଇଟି ଅକ୍ଷର ନେବ
ତୁଣ୍ଡରେ ମାରିଲେ ଜୀବନ ଯିବ ।
କହିଦେବ ଯିଏ ମୋହର ନାମ
କରିବଇଁ ତାକୁ ମୁହିଁ ପ୍ରଣାମ ।





https://withteachers.in/



# ଭାବର କଥା

ତଳେ ଦିଆଯାଇଥିବା ଦୃଶ୍ୟଗୁଡ଼ିକୁ ଭଲ ଭାବରେ ପଢ଼ । ସେଥିରେ ଥିବା ଭାବଗୁଡ଼ିକୁ ଅନୁଭବ କର । ସାରଣୀରେ ଥିବା ଭାବଗୁଡ଼ିକୁ ନେଇ ଉପଯୁକ୍ତ ସ୍ଥାନରେ ଲେଖ ।

ପ୍ରେମ, ବୀରତ୍ୱ, ଦୟା, କରୁଣା, କ୍ରୋଧ, ହସ, ଆନନ୍ଦ, ଡର, ଘୃଣା, ଆଶ୍ଚର୍ଯ୍ୟ, ମମତା, ଶାନ୍ତି, ସୁଖ, ଦୁଃଖ, ଈର୍ଷା, ଗର୍ବ, ନିରାଶ, କୃତଜ୍ଞତା, ଉତ୍ସାହ, ଚିନ୍ତା, ଆତ୍ମବିଶ୍ୱାସ, ସହାନୁଭୂତି, ଉଦାସୀନତା, ଆଶଙ୍କା

| ଦୃଶ୍ୟ | ଭାବ |
|---|---|
| ୧. କୋଇଲିର କୁହୁକୁହୁ ଗାନ ଶୁଣାଯାଉଛି । | ________ |
| ୨. ସନ୍ଧ୍ୟା ସମୟରେ ଗଛ ଉପରେ ଅଗଣିତ ପକ୍ଷୀ ଏକାସାଙ୍ଗରେ ରାବୁଛନ୍ତି । | ________ |
| ୩. ଗାଈଟିଏ ନିଜ ବାଛୁରୀକୁ କ୍ଷୀର ପିଆଉଛି । | ________ |
| ୪. ଜଣେ ଲୋକ ଘରର ଅଳିଆ ଝରକାପଟେ ଫୋପାଡ଼ି ଦେଉଛି । | ________ |
| ୫. ପିଲାଟିଏ ନିଜର ଅଦରକାରୀ କାଗଜକୁ ଅଳିଆଗଦାରେ ପକାଉଅଛି । | ________ |
| ୬. ଜଣେ ଲୋକ ହେଲମେଟ୍ ନ ପିନ୍ଧି ଖୁବ୍ ଜୋର୍‌ରେ ମଟର ସାଇକେଲ୍ ଚଳାଉଛି । | ________ |
| ୭. ଦୁଇଟି ପ୍ରାଣୀ କୌଣସି କାରଣରୁ ଲଢ଼େଇ କରୁଛନ୍ତି । | ________ |
| ୮. ଗୋଡ଼ ନଥିବା ଲୋକ ଜଣକ ତିନିଚକିଆ ସାଇକେଲରେ ଯାଉଅଛି । | ________ |
| ୯. କୌଣସି ସ୍ଥାନରେ ଦୃଷ୍ଟିହୀନ ଲୋକଙ୍କ ପାଇଁ ବ୍ରେଲ୍ ଲିପିରେ ସୂଚନା ଫଳକଟିଏ ଲାଗିଛି । | ________ |
| ୧୦. ବିନା କାରଣରେ ଜଣେ ଅନ୍ୟଜଣକୁ ଖରାପ ଭାଷାରେ ଗାଳି କରୁଛି । | ________ |
| ୧୧. ଭୋକିଲା ଲୋକକୁ କେହି ଜଣେ ଖାଦ୍ୟ ଦେଉଅଛି । | ________ |
| ୧୨. ସ୍ୱାଦିଷ୍ଟ ଖାଦ୍ୟ ତିଆରି କରି ଭାଇଭଉଣୀଙ୍କୁ ଖୁଆଇ ଦେଉଛି । | ________ |



https://withteachers.in/

## ଚିତ୍ରର କଥା



ଏହି ତିନୋଟି ଚିତ୍ରକୁ ଧ୍ୟାନର ସହିତ ଦେଖ ଓ କୁହ –


ତୁମେ ଏଥିମଧ୍ୟରୁ ପକ୍ଷୀମାନଙ୍କୁ କେଉଁଠି ଦେଖିବାକୁ ପସନ୍ଦ କରିବି ଓ କାହିଁକି ?








## ନିର୍ଭୟ ବୁଲା







https://withteachers.in/



# ଆସ ଖୋଜିବା

ତୁମେ ଜାତୀୟପକ୍ଷୀ ବିଷୟରେ ଜାଣିଲ। ଏବେ ଆସ କେତେଗୁଡ଼ିଏ ହଜି ଯାଉଥିବା ପକ୍ଷୀଙ୍କ ବିଷୟରେ ତଥ୍ୟ ସଂଗ୍ରହ କରିବା। ସେସବୁକୁ ପାଇବାପାଇଁ ତୁମେ ପାଠାଗାର ଇଣ୍ଟରନେଟ୍ ବା ଅନ୍ୟ ମାଧ୍ୟମର ସହାୟତା ନେଇପାର।
















https://withteachers.in/

# ୪ ପାଣିରେ ପାଣି




ଆମର ଏହି ପାଣି କେଉଁଠୁ ଆସୁଛି । ପୁଣି କେଉଁଆଡ଼େ ଚାଲିଯାଉଛି ? ଆମ୍ଭେମାନେ ଏ ବିଷୟରେ କେବେ କିଛି ଭାବିଛୁ କି ? ଖାଲି ଭାବିଲେ ହେବ ନାହିଁ, ବରଂ ଏହି ବିଷୟରେ ପଢ଼ିବା ଆମ ପାଇଁ ଜରୁରୀ ଅଟେ । ଭୂଗୋଳପାଠ ପଢ଼ିଲାବେଳେ ଆମକୁ ଜଳଚକ୍ର ବିଷୟରେ କୁହାଯାଇଛି । ଏହାକୁ ପଢ଼ିବା ପରେ ଆମ ମନ ମଧ୍ୟରେ ଏକ ସୁନ୍ଦର ଚିତ୍ର ଆଙ୍କି ହୋଇଯାଉଛି । ତାହା ହେଲା ସୂର୍ଯ୍ୟ, ସମୁଦ୍ର, ବାଦଲ, ପବନ, ପୃଥିବୀ, ବର୍ଷାର ଜଳବିନ୍ଦୁ, ବହିଯାଉଥିବା ଏକ ନଦୀ ଏବଂ ତା'ରି କୂଳରେ ଥିବା ତୁମ, ଆମର ଘର, ଗାଁ ବା ସହର ।



https://withteachers.in/

ଅନ୍ୟ ପକ୍ଷରେ ଏହି ନଦୀ ନିଜର ଉଭୟ ପଟୁ ପାଣି ନେଇ ସମୁଦ୍ରରେ ମିଶିବାର ଚିତ୍ର ମଧ୍ୟ ଦେଖାଯାଉଛି । ସେହି ଚିତ୍ର ମଧ୍ୟରେ କିଛି କୂଳର ଦୃଶ୍ୟ ମଧ୍ୟ ରହିଛି । ଏହି ପାଣି କଥା ଭାବିଲାବେଳେ ମନକୁ ଆସେ ଯେ ସମୁଦ୍ରରୁ ଉଠୁଥିବା ବାଷ୍ପ, ବାଦଲ ହୋଇ ପାଣି ରୂପ ନେଇଥାଏ । ତାହା ପୁଣି ବର୍ଷା ରୂପରେ ଭୂପୃଷ୍ଠ ତଥା ସମୁଦ୍ରରେ ମିଶିଥାଏ । ଜଳର ଏହି ଘୂର୍ଣ୍ଣନ ପ୍ରକ୍ରିୟାକୁ ଜଳଚକ୍ର କୁହାଯାଏ ।



ଏ ତ ଗଲା ଜଳଚକ୍ରର ବହି ପଢ଼ା ପାଠ କଥା । ହେଲେ ଆମ ସମସ୍ତଙ୍କର ଘରେ ସ୍କୁଲରେ, କାର୍ଯ୍ୟାଳୟରେ, କାରଖାନାମାନଙ୍କରେ ଓ ଜମିବାଡ଼ିମାନଙ୍କରେ ପାଣିର କିଛି ଅଦ୍‌ଭୁତ ପ୍ରକାରର ଘୂର୍ଣ୍ଣନ ଚିତ୍ର ଆମ ଆଖିଆଗକୁ ଆସେ । ପାଣିପାଇପ୍‌ରେ ଏବେ ସବୁବେଳେ ପାଣି ଆସୁ ନାହିଁ । ତାକୁ ଖୋଲିବ ତ ସେଥିରୁ ପାଣି ବଦଳରେ ଖାଲି ସୁଁ... ସୁଁ ଶବ୍ଦ ଆସିବାରେ ଲାଗିଥାଏ ।

ପାଣି ଯଦି ଆସିବ, ତାହା ପୁଣି ଅସମୟରେ, କେତେବେଳେ ରାତିରେ ତ ଆଉ କେବେ ବଡ଼ି ଭୋରରୁ ।

ଏଇ ପାଣି ପାଇଁ ଆମ ଆଖିରେ ନିଦ ନାହିଁ । ପାଣି ଆସିଲା ତ ବାଲ୍‌ଟି ବାସନ, ମାଠିଆ ଆଦିରେ ଭରିବା ଆମର ପ୍ରଥମ କାମ ବୋଲି ସମସ୍ତେ ଭାବି ନେଇଥାଉ । କେଉଁଠି କେଉଁଠି ନିଜ ଭିତରେ ଝଗଡ଼ା ମଧ୍ୟ ହୋଇଥାଏ ।

ପ୍ରତିଦିନ ଏହି କଳିଝଗଡ଼ାରୁ ରକ୍ଷା ପାଇବା ପାଇଁ କେତେକ ଘରର ଲୋକେ ସେହି ପାଇପ୍‌ରେ ମୋଟର ଲଗାଇ ଦେଇଥାନ୍ତି । ଏହାଦ୍ୱାରା ଅନ୍ୟ ଘରର ପାଣି ଟାଣି ହୋଇ ଜଣକର ଘରକୁ ଚାଲିଆସିଥାଏ । ଏହାଦ୍ୱାରା ଅନ୍ୟର ଅଧିକାର ଛଡ଼ାଇ ନେଲାପରି ବୋଧହୁଏ । ଜଣକର ଏମିତି ଅନୀତି କାମ ଦେଖି ଅନ୍ୟ କେତେକ ଘରର ଲୋକେ ମଧ୍ୟ ତାହା କରିବାକୁ ଆଗେଇ ଆସନ୍ତି । ଫଳରେ ପାଣିର ମାତ୍ରା କମିଯାଏ ।



https://withteachers.in/

ସହରରେ ଏବେ ଅନ୍ୟ ପଦାର୍ଥ ପରି ପାଣି ମଧ୍ୟ ବିକା ହେଲାଣି । ଏହି ଅଭାବ ଖାଲି ଗାଁ କି ସହରରେ ନୁହେଁ, ବରଂ ଆମ ପ୍ରଦେଶର ରାଜଧାନୀମାନଙ୍କରେ ଓ ଦିଲ୍ଲୀ, ମୁମ୍ବାଇ, କୋଲକତା,





ଚେନ୍ନାଇ, ବାଙ୍ଗାଲୋର ଭଳି ବଡ଼ବଡ଼ ସହରମାନଙ୍କରେ ମଧ୍ୟ ଲୋକମାନଙ୍କୁ ଭୟଙ୍କର କଷ୍ଟରେ ପକାଇ ଦେଲାଣି । ଦେଶର କେତେକ ଅଞ୍ଚଳରେ ତ ଦୁର୍ଭିକ୍ଷ ଭଳି ଅବସ୍ଥା ସୃଷ୍ଟି ହେଲାଣି । ଏହା ମୁଖ୍ୟତଃ ଗ୍ରୀଷ୍ମଋତୁର କଥା ଅଟେ ।

ହେଲେ ବର୍ଷାଋତୁରେ କ'ଣ ହୋଇଥାଏ ? ଦେଖ, ସବୁଆଡ଼େ ପାଣି ବହିବାରେ ଲାଗିଥାଏ । ଆମ ତୁମ ଘର, ସ୍କୁଲ, ସଡ଼କ, ରେଳଧାରଣା ଉପରେ ପାଣି ଭରିଯାଏ । ଦେଶର କେତେକ ଭାଗ ବନ୍ୟାରେ ବୁଡ଼ି ଯାଇଥାଏ । ଏହି ବନ୍ୟା ନା ଗାଁକୁ ଛାଡ଼ିଥାଏ ନା ମୁମ୍ବାଇ ପରି ବଡ଼ ସହରଗୁଡ଼ିକୁ ଛାଡ଼ିଥାଏ । କିଛିଦିନ ପାଇଁ ସବୁକିଛି ଅଟକି ଯାଏ । ଏଇ ଯେଉଁ ଅବସ୍ଥା ଆମେ କହୁଛୁ, ତାହା ପାଣି ଅଧିକ କମ୍ ହୋଇଯିବା ଓ ପାଣି ବହୁତ ଅଧିକ ହୋଇଯିବା ବିଷୟରେ । ଅର୍ଥାତ୍ ଦୁର୍ଭିକ୍ଷ ଓ ବନ୍ୟା ଗୋଟିଏ ମୁଦ୍ରାର ଦୁଇଟିପାର୍ଶ୍ୱ ଅଟେ । ଯଦି ଆମେ ଏଇ ଦୁଇଟିକୁ ଠିକ୍ ଭାବରେ ବୁଝିପାରିବା ଓ ସମ୍ଭାଳି ନେବା, ତେବେ ଏଇ କେତେ ପ୍ରକାରର ସମସ୍ୟାରୁ ମୁକ୍ତି ମିଳିପାରିବ। ଚାଲ, କିଛି ସମୟପାଇଁ ଆମେ ପାଣିର ଏହି ଗୋଲୋକଧନ୍ଦାକୁ ଭୁଲିଯିବା ଓ ନିଜର ସରାଘଡ଼ି କଥା ମନେପକାଇବା । ଆମକୁ କେହି ଯେବେ ପଇସା ଦିଅନ୍ତି । ଆମେ ଖୁସି ହୋଇ ଧାଇଁ ଯାଇ ତାକୁ ଚଟାପଟ୍ ନିଜର ସରାଘଡ଼ିରେ ପକାଇ ଦେଇଥାଉ । ଏକଟଙ୍କା, ଦୁଇଟଙ୍କା, ପାଞ୍ଚଟଙ୍କା, କେବେ ମୁଦ୍ରା ତ କେବେ ଛୋଟ ବଡ଼ ନୋଟ୍ ସେସବୁ ଧୀରେଧୀରେ ଏଥିରେ ଜମା ହୋଇଯାଇଥାଏ । ପୁନର୍ବାର ଯେତେବେଳେ ଆମର କିଛି ଟଙ୍କା ଦରକାର ପଡ଼େ, ସେତେବେଳେ ଏହି ସରାଘଡ଼ିର ସଞ୍ଚୟକୁ ଉପଯୋଗ କରି ନେଇଥାଉ ।







https://withteachers.in/

ଆମର ଏହି ପୃଥିବୀଟି ମଧ୍ୟ ଏଇମିତି ଖୁବ୍ ବଡ଼ ସରାଘଡ଼ି ଅଟେ। ମାଟିରେ ତିଆରି ଏହି ବିରାଟ ସରାଘଡ଼ିରେ ପ୍ରକୃତି ବର୍ଷାଋତୁରେ ପ୍ରଚୁର ପାଣି ବର୍ଷା କରିଥାଏ । ସେତେବେଳେ ଟଙ୍କାଠାରୁ କେତେ ଗୁଣା ମୂଲ୍ୟବାନ୍ ଏହି ବର୍ଷାକୁ ଆମେ ବଡ଼ ସରାଘଡ଼ିରେ ସଞ୍ଚୟ କରିନେବା ଉଚିତ୍ । ଆମର ଗାଁରେ, ସହରରେ ଯେଉଁ ଛୋଟବଡ଼ ପୋଖରୀ, ହ୍ରଦ ଆଦି ରହିଛି, ତାହା ପୃଥିବୀର ସରାଘଡ଼ିରେ ପାଣି ଭରିବାର କାମ କରିଥାଏ । ଏଥିରେ ଜମା ହୋଇଥିବା ପାଣି ମାଟିର ତଳେ ଲୁଚି ରହିଥିବା ଜଳଭଣ୍ଡାରରେ ଧୀରେଧୀରେ ଝରଝରି ଛାଣି ହୋଇ ପହଞ୍ଚିଥାଏ । ଏହାଦ୍ୱାରା ଆମର ଭୂଜଳଭଣ୍ଡାର ସମୃଦ୍ଧ ହୋଇଯାଏ । ପାଣିର ଏହି ରାଜକୋଷ ଆମକୁ ଦେଖାଯାଏ ନାହିଁ । ମାତ୍ର ଏହି ରାଜକୋଷରୁ ଆମେ ବର୍ଷାଋତୁ ଗଲାପରେ ସାରା ବର୍ଷଯାଏ ନିଜର ବ୍ୟବହାର ପାଇଁ ଘରେ, ଜମିରେ, ପାଠଶାଳାରେ ପାଣିକୁ ବ୍ୟବହାର କରିଥାଉ; ମାତ୍ର ଗୋଟିଏ ପାଳି ଏମିତି ମଧ୍ୟ ଆସିଛି ଯେତେବେଳେ ଆମ୍ଭେମାନେ ଏହି ଗୁପ୍ତ ରାଜକୋଷରୁ ମହତ୍ତ୍ୱ ଭୁଲି ଯାଉଛୁ ଏବଂ ଭୂମିର ଲୋଭରେ ଆମେ ନିଜର ପୋଖରୀମାନଙ୍କୁ ଅଳିଆରେ ପୋତି ଦେଇ ସମତୁଲ କରିଦେଉଛୁ । ଚାହୁଁଚାହୁଁ ଏହା ଉପରେ ତ କେଉଁଠି ଘର, କେଉଁଠି ବଜାର, ଷ୍ଟାଡ଼ିୟମ ଓ ସିନେମାଘର ଠିଆ ହୋଇଯାଉଛି ।

ଏମିତି ଏକ ବଡ଼ ଭୁଲ୍ ପାଇଁ ଏବେ ଆମ ସମସ୍ତଙ୍କୁ ଦଣ୍ଡ ମିଳୁଛି । ଗ୍ରୀଷ୍ମଋତୁରେ ଆମର ନଳକୂଅ ଶୁଖିଯାଉଛି ଓ ବର୍ଷାଋତୁରେ ଆମର ଘରଦ୍ୱାର ବୁଡ଼ିଯାଉଛି । ଏଥିପାଇଁ ଯଦି ଆମକୁ ଦୁର୍ଭିକ୍ଷ ଓ ବନ୍ୟାରୁ ରକ୍ଷା ପାଇବାର ଅଛି, ତେବେ ନିଜର ଆଖପାଖର ଜଳସ୍ରୋତ, ପୋଖରୀ ଓ ନଦୀମାନଙ୍କର ରକ୍ଷଣାବେକ୍ଷଣ ଭଲ ଭାବରେ କରିବାକୁ ହେବ ।

ଜଳଚକ୍ର କଥା ଆମେ ଠିକ୍ ଭାବରେ ବୁଝିପାରିଲେ। ଯେତେବେଳେ ବର୍ଷା ହେଉଛି, ସେତେବେଳେ ତାକୁ ସଂରକ୍ଷଣ କରିବା ଉଚିତ୍। ନିଜର ଭୂଜଳଭଣ୍ଡାର ସୁରକ୍ଷିତ କରିବା ଉଚିତ୍ । ନିଜର ସରାଘଡ଼ିକୁ ଭରି ରଖିବା ଉଚିତ୍, ତାହାହେଲେ ଆମକୁ ଦରକାରବେଳେ ପାଣିର କିଛି ଅଭାବ ପଡ଼ିବ ନାହିଁ । ଯଦି ଆମେ ଜଳଚକ୍ରର ଠିକ୍ ଉପଯୋଗ କରିନାହୁଁ, ତେବେ ଆମେ ପାଣିର ଚକ୍କରରେ ଫସିଯିବା।

ମୂଳହିନ୍ଦୀ : ଅନୁପମ ମିଶ୍ର



## ଲେଖକ ପରିଚୟ



(୧୯୪୮-୨୦୧୬)

**ଅନୁପମ ମିଶ୍ର** ଜଣେ ବିଖ୍ୟାତ ଲେଖକ, ସମ୍ପାଦକ ତଥା ଜଣାଶୁଣା ପରିବେଶବିତ୍ ସହିତ ଫଟୋଗ୍ରାଫର। ପରିବେଶ ସଂରକ୍ଷଣ କ୍ଷେତ୍ରରେ ସେ ଅନେକ ପ୍ରୟୋଗାତ୍ମକ କାର୍ଯ୍ୟ କରିଛନ୍ତି। 'ଆଜ ଭୀ. ଖରେ ହୈଂ ତାଲାବ' ତାଙ୍କର ସର୍ବାଧିକ ଚର୍ଚ୍ଚିତ ପୁସ୍ତକ। ବ୍ରେଲ୍ ଲିପି ସହିତ ଏହାର ଅନୁବାଦ ଅନେକ ଭାଷାରେ ହୋଇସାରିଛି । "ସାଫ ମାଥେ କା ସମାଜ" ତାଙ୍କର ଆଉ ଏକ ମହତ୍ତ୍ୱପୂର୍ଣ୍ଣ ପୁସ୍ତକ । ସେ ଗାନ୍ଧୀଶାନ୍ତି ପ୍ରତିଷ୍ଠାନରୁ ପ୍ରକାଶିତ ହେଉଥିବା ପତ୍ରିକା 'ଗାନ୍ଧୀମାର୍ଗ' ର ପ୍ରତିଷ୍ଠାତା ଓ ସମ୍ପାଦକ ମଧ୍ୟ ଥିଲେ।



https://withteachers.in/

# ପାଠରୁ

ଆସ, ଏବେ ଆମେ ଏଇ ପାଠକୁ ଅତି ନିକଟରୁ ବୁଝିବା । ଆଗକୁ ଦିଆଯାଇଥିବା ଗତିବିଧିଗୁଡ଼ିକୁ ଏହା କାର୍ଯ୍ୟରେ ତୁମକୁ ସହାୟତା କରିବ ।



## ମୁଁ ଯାହା ବୁଝିଲି

**(କ) ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଯଥାର୍ଥ ଉତ୍ତର ପାଖରେ ତାରା ( ★ ) ଚିହ୍ନ ଦିଅ ।**

**୧ । ଆମର ଭୂଜଳଭଣ୍ଡାର ନିମ୍ନଲିଖିତ ମଧ୍ୟରୁ କେଉଁଥିରେ ସମୃଦ୍ଧ ହୋଇଥାଏ ?**

(କ) ନଳକୂପ ଶୁଖିଯିବା ଦ୍ୱାରା

(ଖ) ପାଣି ବରଷିବା ଦ୍ୱାରା

(ଗ) ପୋଖରୀ ଓ ହ୍ରଦଦ୍ୱାରା

(ଘ) ବନ୍ୟା ଆସିବା ଦ୍ୱାରା

**୨ । ନିମ୍ନଲିଖିତ ମଧ୍ୟରୁ କେଉଁ କଥାଟି ଜଳଚକ୍ର ସହିତ ସମ୍ପର୍କିତ ?**

(କ) ବର୍ଷାଜଳ ସଂଗ୍ରହ କରିବା ।

(ଖ) ସମୁଦ୍ରରୁ ଉଠୁଥିବା ବାଷ୍ପ ବାଦଲ ହୋଇ ବରଷିବା ।

(ଗ) ନଦୀମାନେ ସମୁଦ୍ରକୁ ଯାଇ ମିଶିବା ।

(ଘ) ବର୍ଷାରେ ଚାରିଆଡ଼ କେବଳ ପାଣି ହିଁ ଦେଖାଯିବା ।

**୩ । ଏହି ବଡ଼ ଭୁଲ୍‌ର ଦଣ୍ଡ ଏବେ ଆମ ସମସ୍ତଙ୍କୁ ମିଳୁଅଛି । ଏଠାରେ କେଉଁ ଭୁଲ୍ ଆଡ଼କୁ ସଂକେତ କରାଯାଇଛି ?**

(କ) ଜଳଚକ୍ରର ଅବଧାରଣାକୁ ନ ବୁଝିବା

(ଖ) ଆବଶ୍ୟକତାଠାରୁ ଅଧିକ ପାଣିର ବ୍ୟବହାର କରିବା ।

(ଗ) ପୋଖରୀଗୁଡ଼ିକୁ ଅଳିଆରେ ପୋତି ଦେବା ।

(ଘ) ଭୂତଳ ଭଣ୍ଡାର ବିଷୟରେ ବିଚାର ନ କରିବା ।

**(ଖ) ଏବେ ନିଜର ସାଙ୍ଗମାନଙ୍କ ସହିତ କଥାବାର୍ତ୍ତା କର ଓ ତୁମେ ଏହି ଉତ୍ତର କାହିଁକି ବାଛିଲ, ତା'ର କାରଣ କୁହ ।**





https://withteachers.in/



## ଆସ, ମେଳ କରିବା

ପାଠରେ ଥିବା କିଛି ଶବ୍ଦ ବା ଉକ୍ତିକୁ ବାଛି 'କ' ସ୍ତମ୍ଭରେ ଦିଆଯାଇଛି ଓ ଏହାର ଅର୍ଥ 'ଖ' ସ୍ତମ୍ଭରେ ଦିଆଯାଇଛି । ତୁମ ଦଳରେ ଏହି ବିଷୟରେ ଆଲୋଚନା କର ଓ ଗାରଟାଣି ମିଳାଇ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧. ବର୍ଷା ଜଳ ସଂଗ୍ରହ | ୧. ମାଟିତଳେ ଲୁଚିଥିବା ଜଳଭଣ୍ଡାର ! |
| ୨. ଜଳ ସଂକଟ | ୨. ବର୍ଷାଜଳକୁ ପ୍ରାକୃତିକ ଅଥବା କୃତ୍ରିମ ରୂପରେ (ମାନବିକ ପ୍ରୟାସରେ) ପୃଥିବୀରେ ସଂଗ୍ରହ କରିବା । |
| ୩. ଜଳଚକ୍ର | ୩. ଜଳର ପରିମାଣ କମ୍ ଯିବା । |
| ୪. ଭୂଜଳ | ୪. ସମୁଦ୍ରରୁ ଉଠୁଥିବା ବାଷ୍ପ ବାଦଲ ହୋଇ ପାଣିରେ ବଦଳିଯିବା ଓ ବର୍ଷାଦ୍ୱାରା ପୁନଃ ସମୁଦ୍ରରେ ମିଶିବା । |



## ଗଦ୍ୟାଂଶର ଆଲୋଚନା

ଏହି ପାଠରୁ ବାଛି କରି କେତେକ ବାକ୍ୟ ନିମ୍ନରେ ଦିଆଯାଇଛି । ତାହାକୁ ମନ ଦେଇ ପଢ଼ ଓ ନିଜର ସହପାଠୀଙ୍କ ସହିତ ଆଲୋଚନା କର ।

- 'ପାଣି ଆସିବ ତ ଅସମୟରେ ।'
- 'ଦେଶର କେତେକ ଅଞ୍ଚଳରେ ତ ଦୁର୍ଭିକ୍ଷ ଭଳି ଅବସ୍ଥା ସୃଷ୍ଟି ହେଲାଣି ।'
- 'କିଛିଦିନ ପାଇଁ ସବୁକିଛି ଅଟକି ଯାଏ ।'
- 'ଦୁର୍ଭିକ୍ଷ ଓ ବନ୍ୟା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଅଟେ ।'



## ଆସ, ଚିନ୍ତା କରିବା

ଲେଖାଟିକୁ ଆଉ ଥରେ ପଢ଼ ଓ ନିମ୍ନଲିଖିତ ବିଷୟରେ ଉତ୍ତର ଖୋଜି ଲେଖ ।

(କ) ପାଠରେ ଏଇ ପୃଥିବୀକୁ ବିରାଟବଡ଼ ସରାଘଡ଼ି ବୋଲି କାହିଁକି କୁହାଯାଇଛି ?

(ଖ) କେଉଁ ଧାରାରେ ଜଳଚକ୍ର ପୂର୍ଣ୍ଣରୂପ ନିଏ ?

(ଗ) ଯଦି ସବୁ ନଈ, ହ୍ରଦ ଓ ପୋଖରୀ ଶୁଖିଯାଏ, ତେବେ କ'ଣ ହେବ ?

(ଘ) ପାଠରେ ପାଣିକୁ ଟଙ୍କାଠାରୁ ଅଧିକ ମୂଲ୍ୟବାନ୍ କାହିଁକି କୁହାଯାଇଛି ?





https://withteachers.in/

## ଶୀର୍ଷକ



(କ) ଏହି ପାଠର ଶୀର୍ଷକ 'ପାଣିରେ ପାଣି' ଦିଆଯାଇଛି । ପାଠର ନାମ ଏମିତି କାହିଁକି ଦିଆଯାଇଛି ? ନିଜର ସହପାଠୀମାନଙ୍କ ସହିତ ଆଲୋଚନା କରି ଲେଖ । ନିଜ ଉତ୍ତରର କାରଣ ମଧ୍ୟ ଲେଖ ।

(ଖ) ତୁମେ ଏହି ପାଠଟିର ଆଉ କେଉଁ ନାମ ଦେବାକୁ ଚାହୁଁଛ ? କାରଣ ସହ ଲେଖ ।

## ଶବ୍ଦର ପ୍ରୟୋଗ

**କଥା ଉପରେ ବଳ ଦେବା ।**

- "ଆମର ଏହି ପୃଥିବୀ ମଧ୍ୟ ଏହିପରି ଏକ ସରାଘଡ଼ି ଅଟେ ।"
- "ଆମର ଏହି ପୃଥିବୀ ଏହିପରି ଏକ ସରାଘଡ଼ି ଅଟେ ।"

(କ) ଏହି ଦୁଇଟି ବାକ୍ୟକୁ ମନଦେଇ ପଢ଼ । ଦ୍ୱିତୀୟ ବାକ୍ୟରେ କେଉଁ ଶବ୍ଦଟିକୁ ଉଠେଇ ଦିଆଯାଉଛି ? ଏହି ଶବ୍ଦକୁ ଉଠେଇ ଦେଲା ଫଳରେ ବାକ୍ୟର ଅର୍ଥରେ କି ପାର୍ଥକ୍ୟ ଆସୁଛି । ତାହା ଲେଖ ।

(ଖ) ପାଠ ମଧ୍ୟରେ ଏହିପରି ଆଉ କିଛି ଶବ୍ଦ ମଧ୍ୟ ଅଛି । ଯେଉଁଗୁଡ଼ିକରେ ଉପସ୍ଥିତିରେ ବାକ୍ୟ ବିଶେଷଭାବେ ପ୍ରଭାବିତ ହେଉଛି । ପାଠକୁ ପଢ଼ି ସେହିପରି ଶବ୍ଦଥିବା ବାକ୍ୟଗୁଡ଼ିକୁ ବାଛି ଲେଖ ।

## ସମାନାର୍ଥକ ଶବ୍ଦ

ତଳେ ଦିଆଯାଇଥିବା ବାକ୍ୟମାନଙ୍କରେ ରେଖାଙ୍କିତ ଶବ୍ଦଗୁଡ଼ିକ ପାଇଁ ବାଦଲ ମଧ୍ୟରେ ସମାନାର୍ଥକ ଶବ୍ଦମାନ ରହିଛି । ତାହାକୁ ବାଛି ଲେଖ ।


(କ) **ସୂର୍ଯ୍ୟ**ଙ୍କର କିରଣ ପଡ଼ିଲେ ଫୁଲମାନେ ହସି ଉଠନ୍ତି ।

(ଖ) ସମୁଦ୍ରର **ପାଣି** ବାଷ୍ପ ହୋଇ ଉପରକୁ ଯାଇଥାଏ ।

(ଗ) ହଠାତ୍ **ବାଦଲ** ଗର୍ଜିବାରେ ଲାଗିଲା ।

(ଘ) ଜଳଚକ୍ରରେ **ପବନ**ର ମଧ୍ୟ ବହୁତ ବଡ଼ ଭୂମିକା ରହିଛି ।





https://withteachers.in/



# ଉପସର୍ଗ




ଆମ <u>ପ୍ରଦେଶ</u>ର ରାଜଧାନୀମାନଙ୍କରେ ଏହି ଜଳାଭାବ ଦେଖାଦେଲାଣି ।

ଏହି ବାକ୍ୟରେ ରେଖାଙ୍କିତ ଶବ୍ଦରେ **'ଦେଶ'** ଶବ୍ଦପୂର୍ବରେ **'ପ୍ର'** ସଂଯୁକ୍ତ ହୋଇ ନୂଆଶବ୍ଦଟି ସୃଷ୍ଟି ହୋଇଛି - **(ପ୍ରଦେଶ)** । କୌଣସି ଶବ୍ଦ ବା ଧାତୁର ପୂର୍ବରେ ବ୍ୟବହୃତ ହୋଇଥିବା ନିର୍ଦ୍ଦିଷ୍ଟ ଶବ୍ଦକୁ ଉପସର୍ଗ କୁହାଯାଏ ।

ଏହାକୁ ପୂର୍ବ ପ୍ରତ୍ୟୟ ମଧ୍ୟ କୁହାଯାଏ । ଆସ ତଳଚିତ୍ରକୁ ଦେଖି କିଛି ଉପସର୍ଗ ବିଷୟରେ ଜାଣିବା -




ଏବେ ତୁମେ ମଧ୍ୟ ଉପସର୍ଗ ପ୍ରୟୋଗ କରି ନୂଆ ଶବ୍ଦ ଗଢ଼ ଓ ତାକୁ ବାକ୍ୟରେ ପ୍ରୟୋଗ କର -




## ପାଠରୁ ଆଗକୁ



# ତୁମ କଥା

(କ) ପୃଥିବୀର ସରାଘଡ଼ିରେ ଜଳରାଶି କେବେ କମ୍ ନ ହେଉ, ଏଥିପାଇଁ ତୁମେ କ'ଣ କ'ଣ ଉଦ୍ୟମ କରିବ । ତୁମର ସହପାଠୀମାନଙ୍କ ସହିତ ଆଲୋଚନା କରି ଲେଖ ।

(ଖ) ଏହି ପାଠରେ ଗୋଟିଏ ଅଂଶରେ ଜଳଚକ୍ରର ପ୍ରକ୍ରିୟା ବିଷୟରେ କୁହାଯାଇଛି । ସେହି ଅଂଶକୁ ଚିହ୍ନି ଜଳଚକ୍ରକୁ ଚିତ୍ର ମାଧ୍ୟମରେ ପ୍ରସ୍ତୁତ କର ।

(ଗ) ତୁମ ଦ୍ୱାରା ତିଆରି କରାଯାଇଥିବା ଜଳଚକ୍ରର ଚିତ୍ରର ବିବରଣୀ ପ୍ରସ୍ତୁତ କର ।



https://withteachers.in/

# ସର୍ଜନଶୀଳତା



(କ) କଳ୍ପନା କର ଯେ କୌଣସି ଦିନ ତୁମ ଘରେ ପାଣି ଆସିଲା ନାହିଁ । ତୁମକୁ ବିଦ୍ୟାଳୟକୁ ଯିବାକୁ ହେବ । ତୁମ ଘର ପାଖରେ ଗୋଟିଏ ସର୍ବସାଧାରଣ ନଳକୂଅ ଅଛି । ତୁମେ ଗରାବାଲ୍‌ଟି ଧରି ସେଠାରେ ପହଞ୍ଚିଛ । ଆଉ ଠିକ୍ ସେହି ସମୟରେ ତମର ପଡ଼ୋଶୀ ମଧ୍ୟ ପାଣି ନେବାପାଇଁ ପହଞ୍ଚି ଯାଇଛନ୍ତି । ତୁମେଦୁହେଁ ନିଜ ନିଜର ବାଲ୍‌ଟି ପ୍ରଥମେ ପୂରା କରିବାକୁ ଚାହୁଁଛ । ଏମିତି ପରିସ୍ଥିତିରେ ତୁମ ଭିତରେ କୌଣସି ପ୍ରକାରର କଳିକଜିଆ ନ ହେଉ, ଏହାକୁ ଧ୍ୟାନରେ ରଖି ତିନୋଟି ସ୍ଲୋଗାନ୍ ତିଆରି କର ।

(ଖ) ''ସୂର୍ଯ୍ୟ, ସମୁଦ୍ର, ବାଦଲ, ପବନ, ପୃଥିବୀ, ବର୍ଷାର ଜଳବିନ୍ଦୁ ବହିଯାଉଥିବା ଏକ ନଦୀ ଓ ତା'ର କୂଳରେ ଗଢ଼ି ଉଠିଥିବା ତୁମ ଆମର ଘର ଗାଁ ବା ସହର ।''

ଏହି ବାକ୍ୟକୁ ପଢ଼ି ତୁମ ମନରେ ଯେଉଁ ଭାବନା ଜାଗି ଉଠୁଛି, ତାକୁ ନେଇ ଚିତ୍ର ଆଙ୍କ ଓ ସେଥିରେ ରଙ୍ଗ ଦିଅ ।



https://withteachers.in/

## ପାଣିରେ ପାଣି

ତଳେ ଆମେ ପ୍ରତିଦିନ କରୁଥିବା କାମର ଚିତ୍ର ରହିଛି । ସେହିଚିତ୍ର ବିଷୟରେ ଆଲୋଚନା କର । ପୃଥିବୀରେ ପାଣିର ସଂକଟକୁ କମ୍ କରିବାରେ ଯେଉଁଗୁଡ଼ିକ ସହାୟକ ହେବ, ସେହି ଚିତ୍ରଗୁଡ଼ିକ ଉପରେ ଆଲୋଚନା କର ।



















## ସମସ୍ତଙ୍କ ପାଇଁ ପାଣି

'ସମସ୍ତଙ୍କୁ ନିଜର ଆବଶ୍ୟକତା ଅନୁସାରେ ପର୍ଯ୍ୟାପ୍ତ ପାଣି କେମିତି ମିଳିବ ।' ଏହି ବିଷୟରେ ଏକ ଆଲୋଚନାଚକ୍ରର ଆୟୋଜନ କର । ଏହି ଆଲୋଚନାଚକ୍ରର ମୁଖ୍ୟ ବିନ୍ଦୁକୁ ଆଧାର କରି ବିବରଣୀ ପ୍ରସ୍ତୁତ କର ।



https://withteachers.in/



# ନିତିଦିନିଆ କାମରେ ପାଣି

(କ) ତୁମ ଘରେ ଦିନକୁ ହାରାହାରି କେତେ ପାଣି ଖର୍ଚ୍ଚ ହେଉଛି ? ଏହାକୁ ଜାଣିବାକୁ ତୁମେ କେବେ ଚେଷ୍ଟା କରିଛ କି ? ନିଜ ଘରେ ବ୍ୟବହୃତ ହେଉଥିବା ପାଣି ବିଷୟରେ ଏକ ତାଲିକା ପ୍ରସ୍ତୁତ କର । ଏହି ତାଲିକାକୁ ଆଧାର କରି ନିମ୍ନଲିଖିତ କଥା ଜାଣିବାକୁ ଚେଷ୍ଟା କର -

- ଘରର କାମରେ ଗୋଟିଏ ଦିନରେ ପାଖାପାଖି କେତେ ପାଣି ଖର୍ଚ୍ଚ ହେଉଛି ? (ବାଲଟି, ମାଠିଆ ପରି ଜଳ ଭରିବାର ଅନ୍ୟ ପାତ୍ରକୁ ମାପ ପାତ୍ର ହିସାବରେ ନେଇପାର)
- ନିଜର ମାଆ, ବାପା ଓ ଘରର ଅନ୍ୟ ସଦସ୍ୟ ଅଯଥା ପାଣିକୁ ନଷ୍ଟ ନ କରିବା ପାଇଁ କି କି ଉପାୟ ଅବଲମ୍ବନ କରିଥାନ୍ତି ?

(ଖ) ତୁମକୁ ନିଜର ଆବଶ୍ୟକତା ଅନୁସାରେ ପାଣି ମିଳୁଅଛି କି ? ଯଦି ହଁ, ତେବେ କିପରି ? ଯଦି ନାହିଁ, ତେବେ କାହିଁକି ?

(ଗ) ତୁମର ଘରେ ଦୈନିକ ଆବଶ୍ୟକତାର ପୂରଣ ନିମିତ୍ତ ପାଣିର ସଞ୍ଚୟ କେମିତି ଓ କେଉଁ ସବୁ ପାତ୍ରରେ କରାଯାଇଥାଏ ?

## ସର୍ବସାଧାରଣଙ୍କ ସୁବିଧା ରୂପରେ ଜଳ


ତଳେ ଦିଆଯାଇଥିବା ଚିତ୍ରଗୁଡ଼ିକୁ ଧ୍ୟାନର ସହିତ ଦେଖ -










ଏହି ଚିତ୍ରଗୁଡ଼ିକୁ ଆଧାର କରି ଜଳାଭାବ ସ୍ଥିତି ବିଷୟରେ ନିଜର ସାଙ୍ଗମାନଙ୍କ ସହିତ ଆଲୋଚନା କର ଓ ଏହାର ବିବରଣୀ ଲେଖ ।



https://withteachers.in/



# ପାଣିବିନା ସବୁ ଶୂନ



(କ) ଏହି ପାଠରେ ଭୂତଳ ଜଳସ୍ତର କମ୍ ହେବାର କିଛି କାରଣ ବିଷୟରେ କୁହାଯାଇଛି । ଯେମିତି ପୋଖରୀମାନଙ୍କରେ ଅଳିଆ ପକାଇ ପୋତି ଦେବା । ଭୂତଳ ଜଳସ୍ତର କମ୍ ହେବାର ଆଉ ସବୁ କ'ଣ କ'ଣ କାରଣ ହୋଇପାରେ ? ସେ ବିଷୟରେ ଅନୁସନ୍ଧାନ କର ଓ ଶ୍ରେଣୀରେ ଆଲୋଚନା କର ।

(ଏଥିପାଇଁ ତୁମେ ନିଜର ସହପାଠୀ, ଶିକ୍ଷକ ଓ ଘରର ସଦସ୍ୟମାନଙ୍କର ସହାୟତା ନେଇପାର ।)

(ଖ) ଭୂତଳ ଜଳସ୍ତର କମିଯିବା ଫଳରେ ଆମକୁ ଏବେ କେଉଁ ସବୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ?

(ଗ) ତୁମର ବିଦ୍ୟାଳୟ, ଗାଁ ବା ସହରର ସ୍ଥାନୀୟ ପ୍ରଶାସନଦ୍ୱାରା ଭୂତଳଜଳସ୍ତର ବୃଦ୍ଧି ନିମିତ୍ତ କେଉଁକେଉଁ ଉଦ୍ୟମ କରାଯାଉଅଛି, ତାହାକୁ ଲେଖ ।



# ଏକଥା ବି ଜାଣ

**ବର୍ଷା ଜଳ ସଂଗ୍ରହ :** ବର୍ଷାଜଳକୁ ସାଇତି ରଖି ବ୍ୟବହାର କରିବା ହେଉଛି ଜଳସଞ୍ଚୟର ଉତ୍ତମ ଉପାୟ । ଏହି ଧାରାକୁ "ବର୍ଷାଜଳ ସଂଗ୍ରହ" କୁହାଯାଏ । ବର୍ଷା ଜଳ ସଂଗ୍ରହର ମୂଳ ଉଦ୍ଦେଶ୍ୟ ହେଲା- "ଜଳ ଯେଉଁଠି ପଡୁଛି ସେଠାରେ ଏକାଠି କର ।" ବର୍ଷା ଜଳ ସଂଗ୍ରହର ଏକ ପ୍ରକ୍ରିୟା ଏହିପରି ଅଟେ ।

**ଛାତ ଉପରେ ବର୍ଷାଜଳ ସଂଗ୍ରହ :**


ଏହି ପ୍ରଣାଳୀରେ ଘରମାନଙ୍କର ଛାତ ଉପରେ ଏକତ୍ର ହେଉଥିବା ବର୍ଷାଜଳକୁ ପାଇପ୍‌ଦ୍ୱାରା ଏକାଠି କରି ଟାଙ୍କିକୁ ପଠାଇ ଦିଆଯାଏ । ଏହି ଜଳରେ ଛାତ ଉପରେ ଥିବା ମାଟି, ଧୂଳିକଣା ମିଶିଯାଇଥାଏ । ଏଣୁ ଏହାକୁ ବ୍ୟବହାର କରିବା ପୂର୍ବରୁ ପ୍ରଥମେ ଏହାକୁ ସ୍ୱଚ୍ଛ କରିବା ଆବଶ୍ୟକ ହୋଇଥାଏ ।

ତୁମେ ଘର ବା ବିଦ୍ୟାଳୟର ଆଖପାଖ, ପଡ଼ା ବା ଗାଁରେ ଖୋଜି ଦେଖ ଯେ ସେଠାରେ ବର୍ଷାଜଳ ସଂଗ୍ରହର କୌଣସି ଉପାୟ ଗ୍ରହଣ କରାଯାଇଛି ନା ନାହିଁ ? ଯଦି ହଁ, ତେବେ କେଉଁ ପ୍ରକାରର ଉପାୟ ଗ୍ରହଣ ହୋଇଛି ? ଯଦି ନାହିଁ, ତେବେ ନିଜର ଶିକ୍ଷକ, ପରିବାର ଲୋକଙ୍କ ସହାୟତାରେ ଏହି ବିଷୟରେ ଖବରକାଗଜର ସମ୍ପାଦକଙ୍କ ନିକଟକୁ ଏକ ପତ୍ର ଲେଖ ।



# ତୁମପାଇଁ ପହଳି

ଜଳର ପ୍ରାକୃତିକ ସ୍ରୋତ ବର୍ଷା, ନଦୀ, ହ୍ରଦ ଓ ପୋଖରୀ । ପାଖରେ ଦିଆଯାଇଥିବା ସାରଣୀ ମଧ୍ୟରେ ଜଳ ଓ ପ୍ରାକୃତିକ ସ୍ରୋତଗୁଡ଼ିକର ସମାନାର୍ଥକ ଶବ୍ଦ ଖୋଜି ଲେଖ ।



| | | | | | | | |
|---|---|---|---|---|---|---|---|
| କ | ମେ | କ | ଗ | ବ | ପା | ଜ | ର |
| ଳ | ହ | ବ | ନୀ | ନ | ର | ଲୀ | ଜ |
| ଅଂ | ବୁ | ସ | ର | ବ | ସ | ଶ | ନୀ |
| ମ | ନ | ରୋ | ରି | ଲ | ଲି | ଯ | ଯ |
| ଯ | ଭ | ବ | ଥ | ତା | ଲ | ଶ | ତ |
| ଜ | ବା | ର | ମ | ଚ | ର | ପା | ଟି |
| ବା | ରି | ଶ | ତ | ପ୍ର | ବା | ହି | ନୀ |
| ବ | ର | ତ | ରଂ | ଗି | ଣୀ | ଟ | ଗ |



https://withteachers.in/



## ଆସ ଖୋଜିବା

ପାଣି ବିଷୟରେ ଲେଖାଯାଇଥିବା ଗୀତ କବିତାକୁ ସଂଗ୍ରହ କର ଓ ନିଜେ ଲେଖ । ଏଥିପାଇଁ ତୁମେ ନିଜର ପରିବାର ସଦସ୍ୟ, ଶିକ୍ଷକ ବା ପାଠାଗାର କିମ୍ବା ଇଣ୍ଟରନେଟ୍‌ର ସହାୟତା ନେଇପାର ।



## ଝରକାରୁ

ତୁମେ ପୋଖରୀ ଓ ନଦୀମାନଙ୍କରୁ ଝରିଆସିଥିବା ପୃଥିବୀ ରୂପକ ସରାଘଡ଼ିରେ ଜମା ହୋଇଥିବା ପାଣି ବିଷୟରେ ଏକ ସୁନ୍ଦର ପ୍ରବନ୍ଧ ପଢ଼ିଲ । ଏବେ ତୁମେ ପୋଖରୀହୁଡ଼ା ତିଆରିର ଇତିହାସ ବିଷୟରେ ଅନୁପମ ମିଶ୍ରଙ୍କର ଗୋଟିଏ ଲେଖା "ହିଡ଼ କଡ଼ରେ ଥିବା ଇତିହାସ"ର ଅଂଶକୁ ପାଠ କର ।

### ହିଡ଼ କଡ଼ରେ ଥିବା ଇତିହାସ

"ଭଲ କାମ କର" ଏକଥା ରାଜା କୂଡ଼ନ ନାମକ କୃଷକକୁ କହିଥିଲେ ।

କୂଡ଼ନ, ବୁଢ଼ାନ, ସରମନ ଓ କୌରାଇ ଆଦି ଚାରିଭାଇ ଥିଲେ । ସେମାନେ ସକାଳୁ ଶୀଘ୍ର ଉଠି ନିଜର ଜମିକୁ କାମ କରିବାକୁ ଯାଉଥିଲେ । ଦ୍ୱିପ୍ରହରକୁ କୂଡ଼ନର ଝିଅ ଗଣ୍ଠିଲିରେ ଖାଇବା ନେଇ ଆସେ ।

ଦିନେ ଘରୁ ଜମିକୁ ଗଲାବେଳେ ଝିଅକୁ ଗୋଟିଏ ମୁନିଆ ପଥରର ଆଘାତ ଲାଗିଗଲା । ତାକୁ ବହୁତ ରାଗ ଲାଗିଲା । ସେ ନିଜର ଦାଆରେ ସେହି ପଥରକୁ ଖୋଳିବାକୁ ଉଦ୍ୟମ କଲା । ହେଲେ ଏ କ'ଣ ? ତା'ର ଦାଆଟା ତ ପଥର ଦେହରେ ବାଜିବା ମାତ୍ରେ ଲୁହାରୁ ସୁନା ପାଲଟିଗଲା । ଏହି କଥାଟା ବିଜୁଳି ବେଗରେ ଖେଳିଗଲା । ପଥରଟାକୁ ଧରି ଝିଅଟି ଧାଇଁଧାଇଁ ଜମିଆଡ଼କୁ ଆସୁଥାଏ । ସେ ନିଜର ବାପା ଓ ଦାଦାମାନଙ୍କୁ ସବୁକଥା ଏକାନିଃଶ୍ୱାସରେ କହିଦେଲା । ସେ କଥା ଶୁଣି ଚାରିଭାଇ ଅଣନିଃଶ୍ୱାସୀ ହୋଇଯାଉଥାନ୍ତି । ସମସ୍ତେ ଖୁବ୍ ଶୀଘ୍ର ଘରକୁ ଫେରିଲେ । ସେମାନେ ଜାଣି ପାରିଲେ ଯେ ତାଙ୍କ ହାତରେ ଥିବା ପଥର ସାଧାରଣ ପଥର ନୁହେଁ, ତାହା ଥିଲା ଏକ ପରଶମଣି । ସେହି ପରଶମଣି ଲୁହାକୁ ଛୁଇଁବା କ୍ଷଣି ତାହା ସୁନାରେ ପରିଣତ କରି କ୍ଷଣକ ମଧ୍ୟରେ ଆଖି ଝଲସାଇ ଦେଲା । ହେଲେ ଏହି ଚମକ ବେଶି ସମୟ ଯାଏ ସ୍ଥାୟୀ ହୋଇ ରହିପାରିଲା ନାହିଁ । କୂଡ଼ନ ଭାବିଲା ସକାଳ ଭିତରେ ଏକଥା ରାଜାଙ୍କ ପାଖରେ ପହଞ୍ଚିଯିବ ଆଉ ସେ ପରଶମଣି ତା'ଠାରୁ ଛଡ଼ାଇ ନେବେ । ତେଣୁ ସେ ନିଜେ ଯାଇ ଏକଥା ରାଜାଙ୍କୁ ଜଣାଇ ଦେଲେ ଭଲ ହେବ ।


କାହାଣୀ ଆଗକୁ ବଢ଼ୁଛି । ତା'ପରେ ଯାହା କିଛି ଘଟଣା ହେଉଛି, ତାହା ଲୁହାକୁ ନୁହେଁ, ବରଂ ସମାଜକୁ ପରଶମଣି ସହିତ ଛୁଆଁଇବାର କାହାଣୀ ହୋଇଯାଇଛି । ରାଜା ପରଶମଣି କିମ୍ବା ସୁନା କିଛି ହେଲେ ନେଲେ ନାହିଁ । ସେସବୁକୁ କୂଡ଼ନକୁ ଫେରାଇ ଦେଇ କହିଲେ, "ଯାଅ ଏଥିରେ ଭଲ ଭଲ କାମ କରିଯିବ, ପୋଖରୀ ତିଆରି କରିବ ।"

ଏହି କାହାଣୀ ସତ୍ୟ ଅଟେ, ଐତିହାସିକ ଅଟେ ଜଣା ନାହିଁ । ହେଲେ ଦେଶର ମଧ୍ୟଭାଗରେ ବହୁତ ବଡ଼ ଅଂଶରେ ଏହା ଇତିହାସକୁ ଆଙ୍ଗୁଠି ଦେଖାଇ ଲୋକମାନଙ୍କ ମନରେ ବସାବାନ୍ଧି ରହିଛି । ଏଠାକାର ପାଟନ ନାମକ ସ୍ଥାନରେ



https://withteachers.in/

ଚାରିଟି ବହୁତ ବଡ଼ ପୋଖରୀ ଆଜି ମଧ୍ୟ ଦେଖିବାକୁ ମିଳେ । ଏହି କାହାଣୀକୁ ଇତିହାସର କଷଟିରେ କଷୁଥିବା ଲୋକମାନଙ୍କୁ ଲଜ୍ଜା ଦେଇଥାଏ । ଚାରିଟି ପୋଖରୀ ଏହି ଚାରିଜଣ ଭାଇଙ୍କର ନାମରେ ଅଛି । ବୁଢ଼ା ସାଗର, ମଝିଗାଁରେ ସରମନ ସାଗର, କୁଆଁ ଗ୍ରାମରେ କୌଂରାଇ ସାଗର ଓ କୁଣ୍ଡମ ଗାଁରେ କୁଣ୍ଡମ ସାଗର ।



୧୯୦୭ ମସିହାରେ ଗେଜେଟିୟର ମାଧ୍ୟମରେ ଏହି ଦେଶର ଇତିହାସ ଲେଖିବା ନିମିତ୍ତ ଘୂରି ବୁଲୁଥିବା ଜଣେ ଇଂରେଜ ମଧ୍ୟ ଏହି ଅଞ୍ଚଳରେ କିଛି ଲୋକଙ୍କଠାରୁ ଏହି କାହାଣୀ ଶୁଣିଥିଲେ । ଆଉ ଏହି ଚାରିଗୋଟି ବଡ଼ ପୋଖରୀକୁ ଦେଖିଥିଲେ ଓ ପରୀକ୍ଷା କରିଥିଲେ । ସେତେବେଳେ ମଧ୍ୟ ସରମନ ସାଗର ଏତେବଡ଼ ଥିଲା ଯେ ଏହାର କୂଳରେ ବଡ଼ ବଡ଼ ଗାଁ ଗଢ଼ି ଉଠିଥିଲା । ଆଉ ତିନୋଟି ଗାଁ ଏହି ପୋଖରୀକୁ ନିଜ ନିଜର ନାମରେ ବାଣ୍ଟି ନେଇଥିଲେ । ମାତ୍ର ସେହି ବିଶାଳ ପୋଖରୀ ତିନିଗୋଟି ଗାଁକୁ ଯୋଡୁଥିଲା ଏବଂ ସରମନସାଗର ଭଳି ସ୍ମରଣ କରାଯାଉଥିଲା । ଇତିହାସ ସରମନ, ବୁଢ଼ାନ, କୌରାଇ ଓ କୂଡ଼ନଙ୍କୁ ମନେରଖି ନାହିଁ । ମାତ୍ର ଏହି ଲୋକମାନେ ପୋଖରୀ ତିଆରି କଲେ ଏବଂ ଇତିହାସକୁ ତା'ର କୂଳରେ ରଖି ଦେଇଥିଲେ ।

ଦେଶର ମଧ୍ୟଭାଗରେ ଠିକ୍ ହୃଦୟକୁ ଥରାଉଥିବା ଏହି କାହାଣୀ ଉତ୍ତର - ଦକ୍ଷିଣ, ପୂର୍ବ - ପଶ୍ଚିମ ଚାରିଆଡ଼କୁ କୌଣସି ନା କୌଣସି ରୂପରେ ବ୍ୟାପିଯାଇ ମିଳିଥାଏ ଓ ଏଥିସହିତ ହଜାରହଜାର ସଂଖ୍ୟାରେ ପୋଖରୀ ମିଳିଥାଏ । ଏହାର କୌଣସି ଠିକ୍ ଗଣତି ନାହିଁ । ଏହି ଅଗଣତି ପୋଖରୀକୁ ଗଣିବାବାଲା ନାହାନ୍ତି । ଏହାକୁ କିନ୍ତୁ ତିଆରି କରିବା ଲୋକେ ଆସୁଛନ୍ତି ଓ ପୋଖରୀ ତିଆରି କରୁଛନ୍ତି ।

କୌଣସି ପୋଖରୀକୁ ରାଜା ତିଆରି କରିଛନ୍ତି ତ କାହାକୁ ରାଣୀ କରିଛନ୍ତି । କାହାକୁ ସାଧାରଣ ଗୃହସ୍ଥ କରିଛନ୍ତି ତ କାହାକୁ କୌଣସି ଅସାଧାରଣ ସାଧୁସନ୍ଥ କରିଛନ୍ତି । ଯିଏ କେହି ବି ପୋଖରୀ ତିଆରି କରିଛନ୍ତି, ତାଙ୍କୁ ମହାରାଜ ବା ମହାତ୍ମା ହିଁ କହିଛନ୍ତି । ଏକ କୃତଜ୍ଞ ସମାଜ ପୋଖରୀ ନିର୍ମାଣକୁ ଅମର କରିଥିଲା ଓ ଲୋକମାନେ ମଧ୍ୟ ପୋଖରୀ ତିଆରି କରି ସମାଜ ପ୍ରତି ନିଜର କୃତଜ୍ଞତା ଜ୍ଞାପନ କରିଥିଲେ ।

## ବିଚାର ଆଲୋଚନା

'ପାଣିରେ ପାଣି' ଓ 'ହିଡ଼ ପାଖରେ ଥିବା ଇତିହାସ'ରେ ତୁମ୍ଭମାନଙ୍କୁ କେଉଁକେଉଁ କଥା ଏକାପରି ଲାଗୁଛି ? ସେହି ବିଷୟରେ ନିଜର ସହପାଠୀଙ୍କ ସହିତ ଆଲୋଚନା କର ।



https://withteachers.in/

অতিরিক্ত পঠন

# ବିଶ୍ୱେଶ୍ୱରାୟା



ଜାତିର ପିତା ମହାତ୍ମାଗାନ୍ଧୀ ଥରେ ମହୀଶୂର (କର୍ଣ୍ଣାଟକ)ର କୃଷ୍ଣରାଜସାଗର ବନ୍ଧକୁ ଦେଖି କହିଥିଲେ । "ଏହା ଏକ ଅଦ୍ୱିତୀୟ କୀର୍ତ୍ତି । ଏହି କୀର୍ତ୍ତିଲାଗି ଏହାର ନିର୍ମାତା ଯୁଗେଯୁଗେ ଅମର ହୋଇ ରହିବେ ।"

ତାହାହେଲେ କିଏ ତାହାର ନିର୍ମାତା ?

କାବେରୀ ନଦୀର ଉନ୍ମତ୍ତ ସ୍ରୋତକୁ ଯିଏ ନିଜର ବୁଦ୍ଧି ଓ ସାଧନାବଳରେ ଶୃଙ୍ଖଳିତ କରି ମହୀଶୂର ରାଜ୍ୟକୁ ବନ୍ୟା - ବିପ୍ଳାତରୁ ରକ୍ଷା କରିଛନ୍ତି, ନିବିଡ଼ ଅରଣ୍ୟକୁ ସୁନ୍ଦର ଉଦ୍ୟାନରେ ପରିଣତ କରିଛନ୍ତି, ସେଇ ଅମର ଶିଳ୍ପୀ ହେଉଛି ଇଞ୍ଜିନିୟର 'ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟା' । ଦାକ୍ଷିଣାତ୍ୟ ଅଞ୍ଚଳର ପ୍ରଥା ଅନୁଯାୟୀ ତାଙ୍କର ପ୍ରକୃତ ନାମ ପୂର୍ବରୁ ସଂଯୁକ୍ତ ରହିଛି ତାଙ୍କର ଜନ୍ମସ୍ଥଳୀ 'ମୋକ୍ଷଗୁଣ୍ଡମ୍' ଗାଆଁଟିର ନାମ ।"

୧୮୬୧ ମସିହା ସେପ୍ଟେମ୍ବର ୧୫ ତାରିଖରେ ସେ ଜନ୍ମ ହୋଇଥିଲେ । ମୋଟେ ସାତ ବର୍ଷ ବୟସ ତାଙ୍କୁ ଯେତେବେଳେ, ହଠାତ୍ ତାଙ୍କର ପିତୃବିୟୋଗ ଘଟିଲା । ତାଙ୍କର ସ୍ନେହମୟୀ ଜନନୀ ତାଙ୍କୁ ଲାଳନପାଳନ କରି ମନୁଷ୍ୟଙ୍କ କରିବାକୁ ଲାଗିଲେ ସମସ୍ତପ୍ରକାର ଅଭାବ - ଅନଟନ ମଧ୍ୟରେ ।

ସେତେବେଳେ ଆମର ଦେଶ ଥାଏ ପରାଧୀନ । ଏବେକା ଭଳି ଶିକ୍ଷା ଲାଭ ଲାଗି ସୁବିଧା ସୁଯୋଗ ମିଳୁଥାଏ ବା କେଉଁଠି ? କିନ୍ତୁ ପ୍ରତିଭାର ବିକାଶ ଘଟେ ପ୍ରତିକୂଳ ଘଟନା ସହିତ ସଂଗ୍ରାମ କରି । ବିଶ୍ୱେଶ୍ୱରାୟା ଜନନୀଙ୍କ ସହାୟତାରେ ସମସ୍ତ ସାମାଜିକ ପ୍ରତିବନ୍ଧକ ଓ ଅଭାବର ତାଡ଼ନା ସତ୍ତ୍ୱେ ନିଜର ବିକାଶମାର୍ଗ ନିଜେ ହିଁ ଠିକ୍ କରିନେଲେ । ବୃତ୍ତି ପରେ ବୃତ୍ତି ପାଇ ପ୍ରାଥମିକ ଓ ପ୍ରବେଶିକାଶିକ୍ଷା ଶେଷ କରି ସେ ଭର୍ତ୍ତି ହୋଇପାରିଲେ ବାଙ୍ଗାଲୋର ସେଣ୍ଟ୍ରାଲ କଲେଜରେ । ସେଠାରେ ଟିଉସନ୍ କରି ତାଙ୍କୁ ଅଧିକ ଶିକ୍ଷାବ୍ୟୟ ତୁଲାଇବାକୁ ପଡ଼ିଲା । ପାଠପ୍ରତି ତାଙ୍କର ପ୍ରଗାଢ଼ ଅନୁରାଗ ଦେଖି ଅଧ୍ୟାପକମାନେ ମୁଗ୍ଧ ହୋଇଯାଉଥାନ୍ତି । ତାଙ୍କ ଭଳି ମେଧାବୀ ଓ ଅଧ୍ୟବସାୟୀ ଛାତ୍ର କେତେ ବା ଥିବେ ? ସେଥିରେ ପୁଣି ତାଙ୍କର ବିନମ୍ର ସ୍ୱଭାବ, ଶିଷ୍ଟ ଆଚରଣ ତାଙ୍କୁ ଅବିଳମ୍ବେ ସମସ୍ତଙ୍କ ପ୍ରିୟପାତ୍ର କରିଦେଲା ।

କେହି କେବେ ଉଚ୍ଚାଭିଳାଷ ନ ପୋଷି, କଠୋର ସାଧନା ନ କରି, ବଡ଼ ହୋଇପାରିଛି ? ବିଶ୍ୱେଶ୍ୱରାୟାଙ୍କ ଏକମାତ୍ର ଆକାଂକ୍ଷା ଥାଏ, ଇଞ୍ଜିନିୟର ହେବେ । ଆମେ ଜାଣୁଁ ଦେଶର ପ୍ରକୃତ ଗଠନ କାର୍ଯ୍ୟ ଇଞ୍ଜିନିୟରଙ୍କ ହାତରେ । ସେ ଇଞ୍ଜିନିୟର ହୋଇ ଦେଶର ଭବିଷ୍ୟତ ଗଠନରେ ଲାଗିବେ, ବନ୍ଧବାଡ଼ ନିର୍ମାଣ କରି ବନ୍ୟାଦାଉରୁ ଦେଶକୁ ରକ୍ଷା କରିବେ, କଳକାରଖାନା ବସାଇ ଦେଶକୁ ଶିଳ୍ପ-ଦ୍ରବ୍ୟରେ ସ୍ୱାବଲମ୍ବୀ କରିବେ, କେନାଲ ଯୋଜନା ଯୋଗେ ଜଳସେଚନର ବ୍ୟବସ୍ଥା କରି ଦେଶକୁ ଶସ୍ୟଶାଳୀ କରିବେ । ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଦୃଢ଼ସଂକଳ୍ପ ହେଲେ, ଇଞ୍ଜିନିୟରିଙ୍ଗ ପଢ଼ିବେ । କେତେକ ବନ୍ଧୁ ଓ ଅଧ୍ୟାପକଙ୍କ ସାହାଯ୍ୟ ପାଇ ସେ ଏହା ପଢ଼ିବା ଲାଗି ପୁନା ଯାତ୍ରା କଲେ । ସେଠାରେ ତିନୋଟି ବର୍ଷପରେ ବମ୍ବେ ବିଶ୍ୱବିଦ୍ୟାଳୟର ପ୍ରଥମ ଛାତ୍ର ହୋଇ ସେ ଇଞ୍ଜିନିୟରିଙ୍ଗ ଶିକ୍ଷାରେ କୃତିତ୍ୱ ହାସଲ କଲେ ।



https://withteachers.in/

ଇଂରେଜ ରାଜତ୍ୱରେ ଭାରତୀୟଙ୍କୁ ଉଚ୍ଚ କର୍ମଚାରୀ ପଦ ମିଳିବା ସେତେବେଳେ କଷ୍ଟକର ଥାଏ । କିନ୍ତୁ ପ୍ରତିଭାଶାଳୀ ବିଶ୍ୱେଶ୍ୱରାୟାଙ୍କୁ ଉପେକ୍ଷା କରିବା ଅସମ୍ଭବ ହେଲା । ସେ ବମ୍ବେରେ ସହକାରୀ ଇଞ୍ଜିନିୟର ରୂପେ ନିଯୁକ୍ତି ପାଇଲେ ଏବଂ ଗଭୀର କର୍ତ୍ତବ୍ୟବୋଧ, କର୍ମନିଷ୍ଠା, ପ୍ରଖରବୁଦ୍ଧି ଓ ବିବେଚନା ହେତୁ ଅଳ୍ପ କେତୋଟି ବର୍ଷପରେ ଉଚ୍ଚପଦସ୍ଥ ଇଞ୍ଜିନିୟର ହେଲେ । ଏହି ସମୟରେ ସୁକ୍କୁର ବ୍ୟାରେଜ୍ ବା ସୁକୁର ବନ୍ଧ ନିର୍ମାଣର ଭାର ସେ ସ୍ୱତଃ ଗ୍ରହଣ କଲେ । ଗୋରା ଇଞ୍ଜିନିୟରମାନେ ସିନ୍ଧୁନଦୀରେ ଏହି ବନ୍ଧ ନିର୍ମାଣ କରିବାକୁ ସାହସ କରିପାରୁ ନଥିଲେ କିମ୍ବା ଆଗ୍ରହୀ ହେଉ ନଥିଲେ । ମାତ୍ର ବିଶ୍ୱେଶ୍ୱରାୟା ସମସ୍ତ ପ୍ରତିବନ୍ଧକ ସତ୍ତ୍ୱେ ଏହି କାର୍ଯ୍ୟରେ ଆତ୍ମନିଯୋଗ କରିଥିଲେ । ଗୋଟିଏ ଦିଗରେ ପ୍ରକୃତିର ଉଦ୍ଦାମ ଶକ୍ତି ସିନ୍ଧୁ ନଦୀ ସହିତ ଓ ଅନ୍ୟ ଦିଗରେ ବିଦେଶୀ ସରକାରଙ୍କ ଉଦାସୀନତା ସହିତ ସଂଗ୍ରାମ ଚଳାଇ ସେ ଶେଷରେ ଜୟଯୁକ୍ତ ହେଲେ । ଫଳରେ ତାଙ୍କର ପ୍ରଶଂସା ଶତମୁଖରୁ ନିଃସୃତ ହେଲା ।

ଚବିଶ ବର୍ଷକାଳ ବମ୍ବେରେ ଚାକିରି କଲାପରେ ସେ ଅବସର ନେଇ ବିଦେଶ ଭ୍ରମଣରେ ବାହାରିଲେ । ତାଙ୍କର ଅଭିପ୍ରାୟ ଥିଲା, ବିଦେଶର ଇଞ୍ଜିନିୟରିଙ୍ଗ କୌଶଳମାନ ଦେଖିବେ, ସେଗୁଡ଼ିକର ସୂତ୍ର ଜାଣିବେ ଓ ତାହା ଆୟତ୍ତ କରିବେ । ବିଦେଶରୁ ଫେରିଲାକ୍ଷଣି ସେତେବେଳର 'ଦେଶୀୟରାଜ୍ୟ' ହାଇଦ୍ରାବାଦର ଅଧିପତି ନିଜାମ୍ ତାଙ୍କୁ ହାଇଦ୍ରାବାଦର ପ୍ରଧାନ ଇଞ୍ଜିନିୟର ରୂପେ ନିଯୁକ୍ତ କଲେ । ବିଶ୍ୱେଶ୍ୱରାୟା ହାଇଦ୍ରାବାଦର ଭାଗ୍ୟ ପରିବର୍ତ୍ତନ କରିବା ପାଇଁ ବଦ୍ଧପରିକର ହେଲେ । ହାଇଦ୍ରାବାଦର କେତେକ ସ୍ଥାନରେ କେନାଲ ଓ ବନ୍ଧମାନ ତିଆରି କରାଇଲେ । ଯେଉଁଠାରେ ଦିନେ ଦୂବ କେରାଏ ସୁଦ୍ଧା କଅଁଳୁ ନ ଥିଲା, ସେଠାରେ ଶସ୍ୟର ଢେଉ ଖେଳିଲା ।

ଏହାପରେ ମହୀଶୂର ମହାରାଜା ତାଙ୍କୁ ଡାକିନେଲେ ନିଜ ରାଜ୍ୟରେ ପ୍ରଧାନ ଇଞ୍ଜିନିୟର ରୂପେ ନିଯୁକ୍ତ ଦେଲେ । ବିଶ୍ୱେଶ୍ୱରାୟା ନିଜର ଜନ୍ମସ୍ଥଳୀ ମହୀଶୂରରେ ପଦାର୍ପଣ କରି ଆଗ ସମଗ୍ର ରାଜ୍ୟର ଅନ୍ଦିସନ୍ଧି ବୁଲି ଅବସ୍ଥାର ସନ୍ଧାନ ନେଲେ । ସ୍ଥିର କଲେ, ଉଚ୍ଛୃଙ୍ଖଳା କାବେରୀକୁ ଆୟତ୍ତ ନ କଲେ ରାଜ୍ୟ ଶସ୍ୟଶ୍ୟାମଳ ହେବ ନାହିଁ କି ଉନ୍ନତ ହେବ ନାହିଁ । ସେ ଏହାପରେ କାବେରୀରେ କୃଷ୍ଣରାଜସାଗର ବନ୍ଧ ନିର୍ମାଣରେ ଲାଗିଲେ । ଏହି କୃଷ୍ଣରାଜସାଗର ବନ୍ଧରୁ କେନାଲର ଜାଲ ମେଲିଦେଲେ । ସେତିକିବେଳେ ମହୀଶୂରର ଦେବାନ୍ ହୋଇ ସେ ଶିକ୍ଷାର ପ୍ରସାର ପ୍ରତି ମଧ୍ୟ ଦୃଷ୍ଟି ଦେଲେ । ମହୀଶୂର ବିଶ୍ୱବିଦ୍ୟାଳୟ ତାଙ୍କର ଦୂରଦୃଷ୍ଟି ଓ କଠୋର ପରିଶ୍ରମର ଦାନ । ଦେବାନ୍ ହେଲାପରେ ସେ ମହୀଶୂରରେ କଳକାରଖାନାମାନ ସ୍ଥାପନ କଲେ, ଭଦ୍ରାବତୀ ନଗରୀରେ ଇସ୍ପାତ କାରଖାନା ବସାଇଲେ । କୃଷି ଓ ଶିଳ୍ପ ଉଭୟର ଉନ୍ନତି ଯେ କେବଳ ଇଞ୍ଜିନିୟରଙ୍କ ସାଧନାରେ ସଫଳ ହୋଇପାରେ, ବିଶ୍ୱେଶ୍ୱରାୟା ଏହା ନିଜର କାର୍ଯ୍ୟବଳରେ ଦର୍ଶାଇ ଦେଲେ ।

ପ୍ରକୃତରେ ସେ ଥିଲେ ଦେଶ - ନିର୍ମାତା । ୧୯୬୧ ମସିହାରେ ଭାରତ ସରକାର ଯଦି ତାଙ୍କୁ ଆମ ଦେଶର ସର୍ବୋଚ୍ଚ ଉପାଧି 'ଭରତରତ୍ନ' ରେ ମଣ୍ଡିତ କରି ନଥାନ୍ତେ, ତେବେ ତାଙ୍କ ପ୍ରତି ଯଥାର୍ଥ ସମ୍ମାନ ପ୍ରଦର୍ଶିତ ହୋଇ ନଥାନ୍ତା । ଭାରତ ସରକାର ତାଙ୍କ ନାମରେ ଡାକଟିକଟ ପ୍ରଚଳନ କରାଇଥିଲେ । ତାଙ୍କର ଦୀର୍ଘ ଶହେ ବର୍ଷର ଜୀବନ ଥିଲା କର୍ମମୟ । ୧୯୬୨ ମସିହା ଏପ୍ରିଲ ୧୪ ତାରିଖରେ ତାଙ୍କର ଦେହାନ୍ତ ହେବା ପୂର୍ବରୁ ଶହେ ବର୍ଷ ପୂର୍ତ୍ତି ଉପଲକ୍ଷରେ ତାଙ୍କୁ ଦେଶସାରା ଅଭିନନ୍ଦିତ କରାଯାଇଥିଲା ।



https://withteachers.in/



# ୪ ବାଳବୁଦ୍ଧ

● ରାଧାମୋହନ ଗଡ଼ନାୟକ



ରାଜ ଉପବନ    ହସି ଉଠୁଥିଲା
ସୂର୍ଯ୍ୟ - ଆଲୋକ ହାସେ,
ରୋହିଣୀ ତଟିନୀ    ବହି ଯାଉଥିଲା
ଅସ୍ଫୁଟ କଳଭାଷେ ।
ପ୍ରକୃତିର ସେ    ନିର୍ଜନ କୋଳେ
ଧ୍ୟାନୀ ତାପସ ସମ,
ଚୂତତରୁ ତଳେ    ନୀରବ ମଉନେ
ବସିଥିଲେ ଗଉତମ ।
ନୟନର ଆଗେ    ପଡ଼ିଗଲା ଆସି
ଆହତ ହଂସଟିଏ,
ଧ୍ୟାନ ଭାଙ୍ଗି    ଭାଳିଲେ କୁମାର
"କିଏ ରେ ଦାରୁଣ କିଏ ?"
ହଂସଟି କରେ    ତୋଳି ନେଇ ଖରେ
ଟାଣି ଦେଲେ ଦେହୁଁ ଶର,
ଉତ୍ତରୀୟରେ    ଲହୁ ପୋଛିଦେଇ
ପିଆଇଲେ ଝର ଜଳ ।

'ଆହା' ରେ, ଆହା ରେ'    ଅତି ଆଦରରେ
ଆଉଁଶିଲେ ଧୀର ହାତେ,
ମୌନ ନୟନେ    ପଚାରିଲେ କିବା
କାତର ଦୃଷ୍ଟିପାତେ ।
ଅବୋଧ ମରାଳ    ଅନାଇଲା ତହୁଁ
ନିମୀଳିତ ଆଖି ଫେଇ,
ପ୍ରୀତିର ପରଶ    ପୀୟୂଷ - ସରସ
ପ୍ରାଣ ଉଠେ ତହିଁ ଚେଇଁ ।
ଧନୁଶର କରେ    ସହସା ଆଗରେ
ମିଳି ଯାଇ ଦେବଦତ୍ତ,
ଭାଷିଲେ ଅଧୀର    ଉଲ୍ଲାସ - ବାଣୀ
ବିଜୟ - ଗରବେ ମତ୍ତ ।
"ଏତେ ଦିନେ ଜାଣି    ପୂର୍ଣ୍ଣ ହୋଇଚି
ପ୍ରାଣର ବାସନା ମମ,
ସଫଳ ହୋଇଚି    ଲକ୍ଷ୍ୟ ମୋହର
ଜୀବନର ପ୍ରିୟତମ ।
ଚଳତାରା ପରି    ଉଡ଼ି ଯାଉଥିଲେ
ଧବଳ ହଂସଦଳ,
ମାରି ଦେଲି ଶର    ଏଇ ହଂସଟି
ଲଭିଲା ଧରଣୀତଳ ।





https://withteachers.in/

ଦିଅ ଏବେ ଭାଇ, ହଂସ ମୋହର
ଚାଲ ଏବେ, ଯିବା ଚାଲ,
ନିର୍ଜନ ଏଇ ଉଦ୍ୟାନେ ବସି
କାହିଁକି କାଟୁଚ କାଳ ?”
କୁମାର ବୋଇଲେ ବିନୟ ବଚନେ
“ଆହା, କେଡ଼େ କୁତୂହଳେ
ପକ୍ଷ ମେଲି ଏ ଉଡ଼ି ଯାଉଥିଲା
ମୁକ୍ତ ଗଗନ ତଳେ ।
ନିରୀହ ପକ୍ଷୀ କି ଅବା ତୁମର
କରିଥିଲା ଅପରାଧ ?
ଜାଣୁଜାଣୁ ତୁମେ କାହିଁ ପାଇଁ ଭଲା
ସାଧିଲ ତାହାର ବାଦ ?”
“ଉତ୍ତର ତା’ର ଦେବାକୁ ଏଲାଗେ
ନାହିଁ ମୋର ଅବସର,
ଶର ନିକ୍ଷେପି ଏଇ ହଂସ ମୁଁ
ପକାଇଚି ଭୂମିତଳ ।
ଏକା ଏକା ବସି ଯୁକ୍ତି ତୁମର
ବାଢୁଥାଅ ନିଜ ମତେ,
ଚଞ୍ଚଳ ଦିଅ ହଂସଟି ମୋର
ମୁଁ ଯାଏ ମୋହର ପଥେ ।”
କୁମାର ବୋଇଲେ, “ଯୁକ୍ତି ମୁହିଁ ତ
କରୁ ନାହିଁ ତୁମ ସାଥେ,
ଆହତ ଜୀବଟି ଦେଇ ପାରିବିନି
ଆଉ ମୁଁ ତୁମର ହାତେ ।

ପ୍ରାଣଟି ତାହାର ନେଉଥିଲ ତୁମେ
ମୁଁ ରଖିଚି ତା’ର ପ୍ରାଣ,
ହଂସ ତୁମର ନୁହଇ କଦାପି
ହଂସ ଏ ମୋର ଜାଣ ।”
“ଯୁବରାଜ ତୁମେ, ଆଚ୍ଛା କହୁଚ,”
କହି ତହୁଁ ଦେବଦତ୍ତ,
ରାଜଦରବାରେ ଜଣାଇଲା ଖରେ
ହୋଇ ଅତି ରୋଷବନ୍ତ ।
ଭୂପତି ଅଚିରେ ଡକାଇ ବୋଇଲେ
“ସେ ତ ମାରିଥିଲା ଶର,
ହଂସ ତାହାର ଦେଇ ଦିଅ ଏବେ
କନ୍ଦଳ କିଆଁ କର ?”
“କନ୍ଦଳ ମୁଁ ତ କରୁନାହିଁ ତାତ,
ହଂସ କିପରି ତା’ର ?
ମାରିଥିଲା ଯିଏ ଅଧିକାରୀ ସିଏ,
ଏଇ ହେଲା ସୁବିଚାର !
ଦେଖିଲ ଏ ମୋର ଉତ୍ତରୀୟରେ
ଲାଗିଅଛି କେତେ ଲହୁ,
ନିରପରାଧ ଏ ଜୀବଟି ସହିତ
ମୃତ୍ୟୁ - ଯାତନା ବହୁ ।”
“ଏତେ ବିଚଳିତ ହେଉଅଛ ତୁମେ
ଏତିକି ରକତ - ପାତେ,
ଏତେ ଅସ୍ଥିର ହେଉଅଛି ପୁଣି
ପକ୍ଷୀଟିର ଏ ଘାତେ ।





https://withteachers.in/



କହ ଯୁବରାଜ          କିପରି ଚଳିବ
          ମର ଏ ମର୍ତ୍ତ୍ୟ ଭୂମେ,
ଶାକ୍ୟ ଭୂମିରେ          କେଉଁପରି ଅବା
          ରାଜ୍ୟ ପାଳିବ ତୁମେ ?"
ରାଜ୍ୟ ଶାସନେ          କେତେ ଯେ ଦ୍ୱନ୍ଦ୍ୱ
          କେତେ ଯେ ଯୁଦ୍ଧଘଟା,
ଭଲମନ୍ଦର          ଭେଦ ଅଭେଦର
          କେତେ ଯେ ଜୁଆରଭଟ୍ଟା !
ଅତି ସାଧାରଣ          ଚିତ୍ର ଏ ଦେଖି
          ଅଥୟ ହେଉଚ ଖାଲି,
କେଉଁପରି ଅବା          ନରପାଳ ହୋଇ
          ରାଜ୍ୟ ପାଳିବ କାଲି ?"

"ହିଂସାବାଦର          ରାଜ୍ୟେ ମୁହିଁ ତ
          ହେବି ନାହିଁ ନରପତି,
ମୁଁ ଏକ ନୂତନ          ରାଜ୍ୟ ଗଢ଼ିବି
          ମହୀରେ ଅତୁଳ ଅତି ।
ନ ରହିବ ତହିଁ          ହିଂସା - ସମର
          ହତ୍ୟା - ରକତ - ପାତ,
ମୈତ୍ରୀ - ପ୍ରୀତିରେ          ଶାନ୍ତି-ବୀଥିରେ
          ପ୍ରଜା ହେବେ ଆତଯାତ ।"



ମନ୍ତ୍ରୀମୁଖକୁ          ଚାହିଁଲେ ନୃପତି
          ପୁତ୍ରମୁଖକୁ ଥରେ,
ପୁତ୍ର ରଭସେ          ହଂସଟି ତହୁଁ
          ଛାଡ଼ିଦେଲେ ଅମ୍ବରେ ।
"ହଂସ ନୁହଇ          ଦେବଦତ୍ତର
          ହଂସ ନୁହଇ ମୋର,
ନୀଳ ଆକାଶର          ମୁକ୍ତଚାରୀ ଏ
          ଲଭୁ ସେ ଆକାଶକୋଳ ।''





https://withteachers.in/

## କବି ପରିଚୟ



(୧୯୧୧-୨୦୦୦)

କବି **ରାଧାମୋହନ ଗଡ଼ନାୟକ** ଅନୁଗୁଳ ଜିଲ୍ଲାର କଲଣ୍ଡାପାଳ ଗ୍ରାମରେ ଜନ୍ମ । ଆଧୁନିକ ଓଡ଼ିଆ କାବ୍ୟ - ସାହିତ୍ୟରେ ଜଣେ ଶ୍ରେଷ୍ଠ ଛନ୍ଦକବି ଭାବରେ ସୁପରିଚିତ । ତାଙ୍କ ରଚନା ମଧ୍ୟରେ 'କୈଶୋରିକା', 'ପଶୁପକ୍ଷୀର କାବ୍ୟ', 'ଉତ୍କଳିକା', 'ଶାମୁକାର ସ୍ୱପ୍ନ' ଆଦି ପ୍ରଧାନ । 'ସୂର୍ଯ୍ୟ ଓ ଅନ୍ଧକାର' କାବ୍ୟ ଗ୍ରନ୍ଥପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି ।

## ପାଠରୁ

ଆସ, ବର୍ତ୍ତମାନ ଆମେ ନିମ୍ନରେ ଦିଆଯାଇଥିବା କାର୍ଯ୍ୟଗୁଡ଼ିକୁ ମିଳିମିଶି କରିବା ।

## ମୁଁ ଯାହା ବୁଝିଲି

**(କ) ନିମ୍ନରେ ଦିଆଯାଇଥିବା ପ୍ରଶ୍ନର ଠିକ୍ ଉତ୍ତର ପାଖରେ ତାରା ( ★ ) ଚିହ୍ନ ଦିଅ ।**

**୧ । ବାଳବୁଦ୍ଧ କବିତାଟିରେ କେଉଁ ସିଦ୍ଧସାଧକଙ୍କ ବିଷୟରେ କୁହାଯାଇଛି ?**

(କ) ଅଶୋକ

(ଖ) ଗୌତମବୁଦ୍ଧ

(ଗ) ମହାବୀର ଜୈନ

(ଘ) ବାଲ୍ମୀକି

**୨ । କବିତାରେ ଆହତ ପକ୍ଷୀର କାହାଣୀକୁ କେଉଁ ଉଦ୍ଦେଶ୍ୟରେ ନିଆଯାଇଛି ?**

(କ) ନିର୍ଦ୍ଦୋଷ ପକ୍ଷୀ ପ୍ରତି ଶିକାରୀର କ୍ରୂର ଭାବକୁ ସୂଚାଇବା ।

(ଖ) କରୁଣା ଓ ହିଂସା ମଧ୍ୟରେ ସଂଘର୍ଷ ଦର୍ଶାଇବା ।

(ଗ) ମିତ୍ରତା ଓ ନିଷ୍ଠାର ମହତ୍‌ଭାବନା ଜାଗ୍ରତ କରାଇବା ।

(ଘ) ଶିକାରୀର ସ୍ଥିର ଦୃଷ୍ଟି କଥା ଦର୍ଶାଇବା ।



https://withteachers.in/

## ଆସ ମେଳ କରିବା

ନିମ୍ନରେ 'କ' ସ୍ତମ୍ଭରେ ବ୍ୟକ୍ତିବିଶେଷଙ୍କର ନାମ ଦିଆଯାଇଛି । 'ଖ' ସ୍ତମ୍ଭରେ ସେମାନଙ୍କର ଉକ୍ତି ରହିଛି । ଆସ 'କ' ସ୍ତରକୁ 'ଖ' ସ୍ତମ୍ଭ ସହିତ ମିଳାଇବା ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| କୁମାର | ହଂସଟି ତହୁଁ ଛାଡ଼ିଦେଲେ ଅମ୍ବରେ |
| ଦେବଦତ୍ତ | କେଉଁପରି ଅବା ରାଜ୍ୟପାଳିବ ତୁମେ |
| ଶୁଦ୍ଧୋଦନ | କିଏରେ ଦାରୁଣ କିଏ |
| ନୃପତି | ସଫଳ ହୋଇଛି ଲକ୍ଷ୍ୟ ମୋହର |

## ପଦ୍ୟାଂଶ ଆଲୋଚନା

ପଦ୍ୟାଂଶଗୁଡ଼ିକୁ ଆଲୋଚନା କରି ସରଳଭାଷାରେ ବୁଝାଇ ଲେଖ ।

(କ) ଅବୋଧ ମରାଳ ଅନାଇଲା ତହୁଁ
ନିମୀଳିତ ଆଖି ଫେଇ
ପ୍ରୀତିର ପରଶ ପୀୟୂଷ - ସରସ
ପ୍ରାଣ ଉଠେ ତହିଁ ଚେଇଁ ।



(ଖ) ଦିଅ ଏବେ ଭାଇ, ହଂସ ମୋହର
ଚାଲ ଏବେ, ଯିବା ଚାଲ,
ନିର୍ଜନ ଏଇ ଉଦ୍ୟାନେ ବସି
କାହିଁକି କାଟୁଛ କାଳ ?

(ଗ) ନ ରହିବ ତହିଁ ହିଂସା - ସମର
ହତ୍ୟା - ରକତ - ପାତ,
ମୈତ୍ରୀ - ପ୍ରୀତିରେ ଶାନ୍ତି - ବୀଥିରେ
ପ୍ରଜା ହେବେ ଆତଯାତ ।



https://withteachers.in/



## ବୁଝି-ବିଚାରି କରିବା ପାଇଁ



କବିତାକୁ ପୁଣି ଥରେ ପଢ଼, ବୁଝି ବିଚାରି ଲେଖ -

(କ) ତୁମ ବିଚାରରେ କବିତାର କେଉଁ ପଦଟି ମହତ୍ତ୍ୱପୂର୍ଣ୍ଣ ଓ କାହିଁକି ଲେଖ ?

(ଖ) ପରିଶେଷରେ ହଂସଟି କାହାର ବୋଲି ପ୍ରମାଣିତ ହେଲା ; ସେହି ପଦ୍ୟାଂଶଟି ଲେଖ ?

(ଗ) ରାଜା ପୁତ୍ର ଗୌତମଙ୍କୁ ଅଥୟ ହେବାର କାରଣ ପଚାରିଲେ କାହିଁକି ?

(ଘ) ଯଦି ତୁମେ ବଗିଚାରେ ଥାଆନ୍ତ ; ତେବେ ଆହତ ହଂସକୁ ସହାୟତା କରିବା ପାଇଁ କଣ କରିଥାଆନ୍ତ ?

(ଙ) କବିତାରେ ଦୁଇ ଭାଇଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତାରୁ କ'ଣ ସବୁ ସୂଚନା ମିଳେ ?

**ସୂଚନା**-କବିତାଟି ପଢ଼ । ତୁମ ମନରେ ଦୁଇଭାଇଙ୍କ ବିଷୟରେ ଯେଉଁ ଭାବନା ସୃଷ୍ଟି ହେଉଛି ତାହା ଲେଖ ।



## ଅନୁମାନ ଓ କଳ୍ପନାରୁ

ସାଙ୍ଗମାନଙ୍କ ସହିତ ମିଶି ଆଲୋଚନା କର -

(କ) ବଗିଚାରେ ବାଳକବୁଦ୍ଧ ଆହତ ହଂସଟିର ଉଦ୍ଧାର କରିନଥିଲେ କ'ଣ ହୋଇଥାଆନ୍ତା ?

(ଖ) ଶରମରା ହଂସଟିକୁ ଦେଖି ତୁମେ ଶିକାରୀକୁ କ'ଣ କହିଥାଆନ୍ତ ?

(ଗ) ନିମ୍ନ ଚରିତ୍ରଗୁଡ଼ିକରୁ ତୁମେ କେଉଁଟି ହେବାକୁ ପସନ୍ଦ କରିବ ଓ କାହିଁକି ?

- ପକ୍ଷୀ ଉଦ୍ଧାରକାରୀ ବ୍ୟକ୍ତି
- ତୀର ଚଳାଉଥିବା ବ୍ୟକ୍ତି
- ପକ୍ଷୀ
- ଭୂପତି



## ଶବ୍ଦ ସହିତ ଶବ୍ଦ ମିଶାଇବା

ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକର ଗଦ୍ୟରୂପ ଲେଖ ।

ପୀରତି -

ଧିଆନ -

ମଉନ -

ପରଶ -

ପରାଣ -

ଗରବ -





https://withteachers.in/



## ସ୍ତମ୍ଭ ମିଳନ



'କ' ସ୍ତମ୍ଭର ଯେଉଁ ପଦ୍ୟାଂଶ ସହିତ 'ଖ' ସ୍ତମ୍ଭର ସମ୍ପର୍କ ଅଛି, ତାକୁ ଗାର ଟାଣି ଯୋଡ଼ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧. ରୋହିଣୀ ତଟିନୀ ବହିଯାଉଥିଲା । | ବସିଥିଲେ ଗଉତମ |
| ୨. ଚୂତ ତରୁ ତଳେ ନୀରବ ମଉନେ | ପିଆଇଲେ ଝରଜଳ |
| ୩. ଧିଆନ ଭାଙ୍ଗି ଡାକିଲେ କୁମାର | ହଂସ ଏ ମୋର ଜାଣ |
| ୪. ଉତ୍ତରୀୟରେ ଲହୁ ପୋଛିଦେଇ | ଅସ୍ଫୁଟ କଳଭାଷେ |
| ୫. ହଂସ ତୁମର ନୁହଇ କଦାପି | "କିଏରେ ଦାରୁଣ କିଏ ?" |



## କବିତା ରଚନା



ପ୍ରକୃତିର ସେ ନିର୍ଜନ କୋଳେ
ଧିଆନୀ ତାପସ ସମ,
ଚୂତତରୁ ତଳେ ନୀରବ ମଉନେ
ବସିଥିଲେ ଗଉତମ ।

ଏହି ପଦ୍ୟାଂଶକୁ ଦେଖ । ଏହିପରି ସମ୍ପୂର୍ଣ୍ଣ କବିତାରେ ଅନେକ ସ୍ଥାନରେ ସମତାନ ବିଶିଷ୍ଟ ଶବ୍ଦ ଯଥା ସମ – ତମ ପରି ଆଉ କେତେକ ଶବ୍ଦ ରହିଛି । ସେହି ସମତାନ ବିଶିଷ୍ଟ ଶବ୍ଦମାନଙ୍କୁ ବାଛି ଲେଖ ।

ଧ୍ୟାନ ଦେଲେ ଜାଣିପାରିବା ଯେପରି ଦୁଇ ଭାଇଙ୍କ ମଧ୍ୟରେ କଥାବାର୍ତ୍ତାକୁ କଥୋପକଥନ ଶୈଳୀ କୁହାଯାଏ । ସେହିପରି ପ୍ରକୃତିର ବିଭିନ୍ନ ଦୃଶ୍ୟ ବର୍ଣ୍ଣନାକୁ ବର୍ଣ୍ଣନାତ୍ମକ ଶୈଳୀ ବୋଲି କହିବା । ଆସ, ସାଙ୍ଗମାନଙ୍କ ସହିତ ଆଲୋଚନା କରି ଉପରଲିଖିତ ଦୁଇଟି ଶୈଳୀକୁ ପଦ୍ୟରୁ ବାଛିବା ।

(କ) ଏହି କବିତାକୁ ପୁଣି ଥରେ ପଢ଼ ଓ ନିଜ ସାଙ୍ଗସାଥୀଙ୍କ ସହିତ ମିଶି ପଦ୍ୟାଂଶଗୁଡ଼ିକର ବିଶେଷତ୍ୱର ସୂଚୀପତ୍ର ତିଆରି କରି ନିଜ ଶ୍ରେଣୀରେ ଉପସ୍ଥାପନ କର ।



https://withteachers.in/

(ଖ) ନିମ୍ନରେ ଏହି କବିତାରୁ କିଛି ପଦ୍ୟାଂଶ ଦିଆଯାଇଛି ଓ ବିଶେଷତ୍ୱ ଥିବା ପଦଗୁଡ଼ିକର ସ୍ତମ୍ଭ ମଧ୍ୟ କରାଯାଇଛି । ତୁମେ ସେ ସ୍ତମ୍ଭ ଦୁଇଟିର ମିଳନ କରାଅ ।

**କବିତାର ବିଶେଷତ୍ୱ**

୧. ପଦଗୁଡ଼ିକର ଶେଷ ଶବ୍ଦର ଧ୍ୱନି ସମାନ ଅଛି/ ସମତାନ ଶବ୍ଦ ।

୨. ପ୍ରକୃତିର ବର୍ଣ୍ଣନା କରାଯାଇଛି ।

୩. କଥୋପକଥନ ଦିଆଯାଇଛି ।

**କବିତାର କ୍ରମ**

୧. କୁମାର ବୋଇଲେ ବିନୟ ବଚନେ
"ଆହା, କେଡ଼େ କୁତୂହଳେ

୨. ପ୍ରୀତିର ପରଶ ପୀୟୁଷ - ସରସ
ପ୍ରାଣ ଉଠେ ତହିଁ ଚେଇଁ ।


୩. ରାଜ ଉପବନ ହସି ଉଠୁଥିଲା
ସୂର୍ଯ୍ୟ-ଆଲୋକ ହାସେ,

୪. ଜାଣୁ ଜାଣୁ ତୁମେ କାହିଁ ପାଇଁ ଭଲା
ସାଧିଲ ତାହାର ବାଦ ?

୫. ପ୍ରାଣଟି ତାହାର ନେଉଥିଲ ତୁମେ
ମୁଁ ରଖିଚି ତା'ର ପ୍ରାଣ
ହଂସ ତୁମର ନୁହଇ କଦାପି
ହଂସ ଏ ମୋର ଜାଣ ।

୬. ନିର୍ଜନ ଏଇ ଉଦ୍ୟାନେ ବସି
କାହିଁକି କାନ୍ଦୁଚ କାଳ ?





## ରୂପ ପରିବର୍ତ୍ତନ

ନିରୀହ ପକ୍ଷୀ କି ଅବା ତୁମର
କରିଥିଲା ଅପରାଧ ?
ଜାଣୁ ଜାଣୁ ତୁମେ କାହିଁ ପାଇଁ ଭଲା
ସାଧିଲ ତାହାର ବାଦ ?

କବିତାର ଏହି ପଦଗୁଡ଼ିକର ରୂପ ବଦଳାଇ ନିମ୍ନ ପ୍ରକାରରେ ଲେଖାଯାଇପାରେ -

ସରଳ ପକ୍ଷୀଟି ତୁମର କି ଅପରାଧ କରିଥିଲା ଯେ ତୁମେ ତାକୁ ହତ୍ୟା କରିବାକୁ ପଛାଇଲ ନାହିଁ ?

ଏବେ ତୁମେ ମଧ୍ୟ ପଦ୍ୟରୁ ଯେ କୌଣସି ଏକ ପଦ ନେଇ ଅନୁଚ୍ଛେଦ ରୂପରେ ଲେଖ ।



https://withteachers.in/

## କବିତାରେ ବିରାମ ଚିହ୍ନ

, ; ‘ ’ “ ”

? । - ( )

କବିତାକୁ ପଢ଼ି ଉପଯୁକ୍ତ ସ୍ଥାନରେ ବିରାମ ଚିହ୍ନ ଦିଅ -

(କ) ନୟନର ଆଗେ ପଡ଼ିଗଲା ଆସି
ଆହତ ହଂସଟିଏ
ଧ୍ୟାନ ଭାଙ୍ଗି ଭାଳିଲେ କୁମାର
କିଏରେ ଦାରୁଣ କିଏ

(ଖ) ଏତେ ବିଚଳିତ ହେଉଅଛି ତୁମେ
ଏତିକି ରକତ ପାତେ
ଏତେ ଅସ୍ଥିର ହେଉଅଛ ପୁଣି
ପକ୍ଷୀଟିର ଏ ଘାତେ

(ଗ) ବର୍ତ୍ତମାନ ବିରାମ ଚିହ୍ନକୁ ଧ୍ୟାନରେ ରଖି ସମ୍ପୂର୍ଣ୍ଣ କବିତାଟିକୁ ଗାନ କର ।

# ପାଠରୁ ଆଗକୁ

## ତୁମକଥା



(କ) ସକାଳୁ ସକାଳୁ ରାବଇ କାଉ
କହେ ପିଲେ ଦିନ ଶୁଭରେ ଯାଉ
ଆସରେ ସଭିଏଁ ଏକାଠି ବସି
ସାହିତ୍ୟ ପଢ଼ିବା ହୋଇଣ ଖୁସି
ଆମ ଅଜା ହେଲେ ରଜା
ବାଡ଼ି ଧରି କଲେ ମଜା
ପାକେଇ ଆସିଲା
ହାତେ ଧରି ଛେନା ଗଜା ।

ତୁମେ କିମ୍ବା ତୁମ ପରିବାରର ସଦସ୍ୟମାନେ କେଉଁ କେଉଁ ସ୍ଥାନକୁ ବୁଲିବାକୁ ଯାଅ ?



https://withteachers.in/

(ଖ) ତୁମେ ଘରେ କାହା କାହା ପାଖରୁ କାହାଣୀ ଶୁଣ ଆଉ କେଉଁମାନଙ୍କୁ କାହାଣୀ ଶୁଣାଅ ?

(ଗ) ତୁମେ କାହାଣୀ ଶୁଣିବା ସମୟରେ ମଝିରେ ପ୍ରଶ୍ନ ପଚାରିବା ଉଚିତ୍ କି ?

(ଘ) ତୁମେ ଏହି କବିତାଟିକୁ ପଢ଼ିବା ପରେ ଏହିପରି ଆଉ କିଛି କବିତା ବାରମ୍ବାର ପଢ଼ିବାକୁ ଚାହଁ କି ?





## ନିର୍ଣ୍ଣୟ କର

"ପିଲାମାନେ, ତୁମେ ନିର୍ଣ୍ଣୟ କର।"

ନିମ୍ନରେ କିଛି ପରିସ୍ଥିତ ଦିଆଯାଇଛି । ଏହି ସ୍ଥିତିରେ ତୁମେ କଣ କରିବ କୁହ ?

୧ – ଖେଳିବା ସମୟରେ ତୁମର ସାଙ୍ଗ ଖେଳର ନିୟମ ଭାଙ୍ଗୁଛି ।

୨ – ତୁମର ସହପାଠୀକୁ ଶ୍ରେଣୀ କକ୍ଷରେ ଅନ୍ୟମାନେ ଚିଡ଼ାଉଛନ୍ତି ।

୩ – ଦଳଗତ କାମରେ ଜଣେ ସହପାଠୀ ନିଜ କାମରେ ଅବହେଳା କରୁଛି ।

୪ – ଜଣେ ସହପାଠୀ ପ୍ରତିଯୋଗିତାରେ ହାରିଯାଇଥିବାରୁ ମନଦୁଃଖରେ ବସିଛି ।




## କାହାଣୀ ଶୁଣିବା

ଆମ ଦେଶରେ କାଳକାଳ ଧରି ଲୋକମୁଖରେ କୁହାହୋଇ ଆସିଥିବା କାହାଣୀକୁ ଲୋକକଥା କହନ୍ତି । ତୁମେ ତୁମର ଘରେ ବା ପାଖପଡ଼ିଶାରେ ଏମିତି କିଛି ଲୋକକଥା ଶୁଣିଥିବ। ଯେମିତି 'ଟୁଆଁଟୁଇଁ ଗପ', 'ବଉଳାଗାଈ ଗପ'। ଏବେ ଆସ ସେମିତି କିଛି ଶୁଣିଥିବା ଲୋକକଥାକୁ ସଂଗ୍ରହ କରିବା। ଆଉ ସେସବୁକୁ ନେଇ ଗୋଟିଏ ବହି କରି ଶ୍ରେଣୀ ପାଠାଗାରରେ ରଖିବା।



https://withteachers.in/



## ତୁମପାଇଁ ଢଗ

ନିମ୍ନରେ କିଛି ଢଗ ଦିଆଯାଇଛି । ଏହାର ଉତ୍ତର ତୁମକୁ ସେହି ଢଗରୁ ମିଳିଯିବ ।

୧. ଗୀତ ଗାଇଗାଇ ଆକାଶେ ଉଡ଼ଇ
ଦେଖେ ନଈନାଳ ଗିରି,
ମୋତେ ଦେଖି ତୁମ ଉଡ଼ାଜାହାଜଟି
ଆକାଶେ ଉଡ଼ଇ ବୁଲି ।

୨. ନାନା ଜାତି ନାନା ରଙ୍ଗେ
ପବନେ ମୁଁ ଖେଳୁଥାଏ,
ମହକରେ ମୁଲକକୁ
ଆନନ୍ଦେ ମୁଁ ବାନ୍ଧିଦିଏ ।



୩. ବଣପାହାଡ଼ରୁ ବୁଲାବୁଲି ସାରି
ତଳକୁ ତଳକୁ ଯାଏ
ଗଲାବେଳେ କେତେ ସହର ବଜାର
ଦେଖି ଦେଖି ମୁହିଁ ଯାଏ ।

୪. ତୁମ ମାଆଙ୍କର ଭଉଣୀ
କହୁଥିଲା ଦିନେ କାହାଣୀ
ଆସିଲା ଦିନେ ତା' ଭାଇଟି
କ'ଣ ହେବ ସେ କହଟି ?

## ଆସ ଖୋଜିବା

କବି ରାଧାମୋହନ ଗଡ଼ନାୟକଙ୍କ ବିଷୟରେ ଅଧିକ ତଥ୍ୟ ସଂଗ୍ରହ କରି ଲେଖ । ତାଙ୍କର ଏହିପରି କବିତାକୁ ସଂଗ୍ରହକରି ଶ୍ରେଣୀରେ ପାଠକର । ଏଥିପାଇଁ ତୁମେ ପରିବାର ସଦସ୍ୟ, ପିତାମାତା, ଶିକ୍ଷକ, ପାଠାଗାର ଓ ଇଣ୍ଟରନେଟ୍‌ର ସାହାଯ୍ୟ ନେଇପାର ।




https://withteachers.in/

# ୬ ମହାନ୍ ବିପ୍ଳବୀ ମାଧୋ ସିଂହ

● ବୀରେନ୍ଦ୍ର ମହାନ୍ତି

ଆମ ଜନ୍ମଭୂମି ଭାରତବର୍ଷ ଶହଶହ ବର୍ଷ ଧରି ବିଦେଶୀ ଶାସକମାନଙ୍କ କବଳରେ ରହି ଅସ୍ତବ୍ୟସ୍ତ ହେଉଥିବା ସମୟରେ ଅନେକ ବରପୁତ୍ର ଜନ୍ମଲାଭ କରି ମାଟିମାଆକୁ ସ୍ୱାଧୀନ କରାଇବାପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ । ସେମାନଙ୍କ ମଧ୍ୟରେ ଜୟୀ ରାଜଗୁରୁ, ମଙ୍ଗଲ ପାଣ୍ଡେ, ବୀର ସୁରେନ୍ଦ୍ର ସାଏ, ଭଗତସିଂହ, ବିର୍ସାମୁଣ୍ଡା, ଲକ୍ଷ୍ମଣ ନାୟକଙ୍କ ଭଳି ଅନେକ ବୀର ମୁକ୍ତିସଂଗ୍ରାମୀଙ୍କ କଥା ମନେପଡ଼େ । ସେହିମାନଙ୍କ ଭଳି ଜଣେ ସହିଦ୍ ମାଧୋ ସିଂହ ଆମ ଓଡ଼ିଶା ମାଟିର ବୀରସନ୍ତାନ । ଯାହାଙ୍କର କର୍ମମୟ ଜୀବନ ପାଠକଲେ ଦେହରେ ଶିହରଣ ସୃଷ୍ଟି ହୁଏ । ୧୭୮୬ ମସିହାରେ ସହିଦ୍ ମାଧୋ ସିଂହଙ୍କର ଜନ୍ମ । ତାଙ୍କର କର୍ମସ୍ଥଳୀ ଥିଲା ବଣଜଙ୍ଗଲ ଘେରା ଅଖ୍ୟାତ ପଲ୍ଲୀ ଅଞ୍ଚଳ ଅବିଭକ୍ତ ସମ୍ବଲପୁର ଜିଲ୍ଲାର 'ଘେଁସ' ଗାଆଁ । ଏବେ ତାହା ବରଗଡ଼ ଜିଲ୍ଲା ଅନ୍ତର୍ଗତ ପଦ୍ମପୁର ଓ ପାଇକମାଳ ନିକଟରେ ଅବସ୍ଥିତ। ଏହି ଗାଁଟିର ଚତୁର୍ଦ୍ଦିଗ ପାହାଡ଼ ଜଙ୍ଗଲରେ ପରିପୂର୍ଣ୍ଣ ।



ଏକ ଜମିଦାର ପରିବାରରେ ମାଧୋ ସିଂହ ଜନ୍ମଗ୍ରହଣ କରିଥିଲେ ହେଁ ପିଲାଟି ଦିନରୁ ସାଧାରଣ ଜୀବନଯାପନ କରି ସେ ନିଜର ବୀରତ୍ୱର ପରିପ୍ରକାଶ କରିଥିଲେ । ସାଧାରଣ ମଣିଷ ଭଳି ସେ ଗ୍ରାମରେ ସମସ୍ତଙ୍କ ସହ ମିଳିମିଶି ଚଳୁଥିଲେ । ସେ ପିଲାଟି ଦିନରୁ ଖୁବ୍ ସ୍ୱାଧୀନଚେତା ଥିଲେ । ସେତେବେଳର ମରହଟ୍ଟା ଓ ଇଂରେଜମାନଙ୍କ ଶାସନ ବ୍ୟବସ୍ଥାକୁ ସେ ଘୃଣା କରୁଥିଲେ। ବିଦେଶୀ ଶାସକମାନଙ୍କର ଆକ୍ରୋଶମୂଳକ ଆଚରଣ ଓ ସାଧାରଣ ମଣିଷଙ୍କ ନିର୍ଯ୍ୟାତନକୁ ସେ ସହ୍ୟ କରିପାରୁନଥିଲେ । ଯଦିଓ ତାଙ୍କର ଜମିଦାରିର କାମ ଲୋକମାନଙ୍କଠାରୁ ରାଜସ୍ୱ ଆଦାୟ କରି ସରକାରଙ୍କୁ ପ୍ରଦାନ କରିବା, ସେଥିରେ କିନ୍ତୁ ଶାସକମାନଙ୍କର ଅତ୍ୟାଚାରକୁ ସେ ସହ୍ୟ କରିପାରୁ ନଥିଲେ । ଏହାର ଦୃଢ଼ ପ୍ରତିବାଦ କରିବାକୁ ସେ ଜମା ପଛାଉ ନଥିଲେ। ସାଧାରଣ ଗରିବ ଲୋକମାନେ ଖାଇବାକୁ ମୁଠେ ପାଉ ନଥିବାବେଳେ ସେମାନଙ୍କଠାରୁ ବଳପୂର୍ବକ ଖଜଣା ଆଦାୟକୁ ସହଜରେ ଗ୍ରହଣ କରିପାରୁନଥିଲେ। ଠିକ୍ ସମୟରେ 'ଖଜଣା' ଆଦାୟ ନ ହେବାରୁ 'ଘେଁସ' ଜମିଦାରଙ୍କ ନାମରେ ଇଂରେଜ ସରକାର ପରୱାନା ଜାରି କରିଥିଲେ। ଇଂରେଜ



https://withteachers.in/

ସରକାର ମାଧୋ ସିଂହଙ୍କର ଜମିଦାରି ଉଚ୍ଛେଦ କରିଥିଲେ । ମାଧୋ ସିଂହଙ୍କର ପାଖରେ ଥିବା ଛତିଶଗଡ଼ ଜମିଦାରି ସହିତ ସମ୍ପର୍କ ନିବିଡ଼ ଥିଲା । କାରଣ ମାଧୋ ସିଂହଙ୍କର ଝିଅ ଛତିଶଗଡ଼ ଜମିଦାରଙ୍କ ପୁଅକୁ ବିବାହ କରିଥିଲେ । ମାଧୋ ସିଂହଙ୍କ ଜାମାତା ଥିଲେ ଜମିଦାର ନାରାୟଣ ସିଂହ । ନାରାୟଣ ସିଂହ ମଧ୍ୟ ଥିଲେ ଉଦାର ହୃଦୟର ମଣିଷ । ସେ ସମୟରେ ବର୍ଷା ଅଭାବରୁ ସେ ଅଞ୍ଚଳରେ ଦୁର୍ଭିକ୍ଷ ପଡ଼ିଲା । ଲୋକମାନେ ଖାଇବାକୁ ପାଇଲେ ନାହିଁ । ନାରାୟଣ ସିଂହ ସେଠାକାର ଜନୈକ ଶେଠ୍ ମାଖନଲାଲ୍‌ଙ୍କୁ ଖାଦ୍ୟଶସ୍ୟ ଧାର ସୂତ୍ରରେ ଦେବା ପାଇଁ ଅନୁରୋଧ କରିଥିଲେ । ମାତ୍ର ପରିତାପର କଥା ଯେ ଶେଠ୍ ମାଖନଲାଲ୍ ଇଂରେଜମାନଙ୍କ ପ୍ରରୋଚନାରେ ଶସ୍ୟଦେବାପାଇଁ ମନା କରିଥିଲେ । ଫଳରେ ଖାଦ୍ୟ ଅଭାବରୁ ପ୍ରଜାମାନଙ୍କର ଅତ୍ୟନ୍ତ ଦୟନୀୟ ଅବସ୍ଥାକୁ ଦେଖି ନାରାୟଣ ସିଂହ ଶେଠ୍‌ଙ୍କ ଭଣ୍ଡାରରୁ ଜୋର ଜବରଦସ୍ତ ଖାଦ୍ୟ ଶସ୍ୟ ଆଣି ପ୍ରଜାମାନଙ୍କୁ ବାଣ୍ଟିଥିଲେ । ଏହି ଘଟଣାକୁ କେନ୍ଦ୍ରକରି ଇଂରେଜ ସରକାର ଜମିଦାର ନାରାୟଣ ସିଂହଙ୍କୁ ଜେଲ୍ ଦଣ୍ଡରେ ଦଣ୍ଡିତ କରିଥିଲେ । ପ୍ରଜାର ହିତପାଇଁ କାମ କରିଥିବା ଜାମାତାଙ୍କୁ ଇଂରେଜ ସରକାର ଦଣ୍ଡିତ କରିଥିବା ହେତୁ ମାଧୋ ସିଂହ କ୍ରୋଧାନ୍ୱିତ ହୋଇ ପଡ଼ିଥିଲେ ।

ସେତେବେଳେ ଘେସଁ ଜମିଦାରି ସମ୍ବଲପୁର ରାଜ୍ୟ ଅଧୀନରେ ଥିଲା । ଇଂରେଜ ସରକାର ଏକ ବିଜ୍ଞପ୍ତିରେ ପ୍ରକାଶ କଲେ ଯେ ସମ୍ବଲପୁର ଅଧୀନସ୍ଥ ସମସ୍ତ ରାଜା, ଜମିଦାର, ଗୌନ୍ତିଆ ନିଜ ନିଜର ରାଜସ୍ୱ ଆଦାୟ କରି ସମ୍ବଲପୁରଠାରେ ଇଂରେଜମାନଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ । ଫଳରେ ସେମାନଙ୍କର ସମ୍ମାନରେ ଆଞ୍ଚ ଆସିଲା । ମାଧୋ ସିଂହ ପ୍ରଥମେ ଏହି ଆଦେଶକୁ ଅମାନ୍ୟ କରି ‘ଖଜଣା’ ଆଦାୟ କରି ନେଇ ସମ୍ବଲପୁରରେ ଦାଖଲ କଲେ ନାହିଁ । ତାଙ୍କୁ ଦେଖି ଆଉ କିଛି ଜମିଦାର ଏଭଳି କରିବା ଫଳରେ ଇଂରେଜ ସରକାର ସେ ସବୁ ଜମିଦାରିକୁ ବାଜ୍ୟାପ୍ତ ଘୋଷଣା କଲେ ।

ସେତେବେଳକୁ ସାରା ଭାରତବର୍ଷର ବିଭିନ୍ନ ଅଞ୍ଚଳରେ ଇଂରେଜ ବିରୋଧୀ ସ୍ଲୋଗାନମାନ ଶୁଣାଯାଉଥାଏ । ରାଜା, ମହାରାଜା, ଜମିଦାରମାନେ ସଂଗଠିତ ହେଉଥାନ୍ତି । ସେହି ସମୟରେ ଖୋର୍ଦ୍ଧାର ରାଜଗୁରୁ ଜୟକୃଷ୍ଣ ମହାପାତ୍ରଙ୍କୁ ଫାଶି ଦିଆଯିବା, ବକ୍ସି ଜଗବନ୍ଧୁ ବନ୍ଦୀ ହେବା ଭଳି ଅନେକ ଘଟଣା ଘଟିସାରିଥାଏ । ପାଇକ ବିଦ୍ରୋହର ଗର୍ଜନରେ ସାରା ଓଡ଼ିଶା ପ୍ରକମ୍ପିତ ହୋଇ ଉଠୁଥାଏ ।

ସମ୍ବଲପୁରରେ ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ଶହଶହ ବୀରଯୁବକ ସଂଗଠିତ ହେଉଥାନ୍ତି । ମାଧୋ ସିଂହ ବୀର ସୁରେନ୍ଦ୍ର ସାଏଙ୍କ ସହ ମଧ୍ୟ ଯୋଗାଯୋଗରେ ଥାଆନ୍ତି । ବୀର ସୁରେନ୍ଦ୍ର ସାଏଙ୍କ ବିରୋଧରେ ବ୍ରିଟିଶ ଶାସକଙ୍କର ଆଭିମୁଖ୍ୟ ମଧ୍ୟ ମାଧୋ ସିଂହଙ୍କ ଉପରେ ଖୁବ୍ ପ୍ରଭାବ ପକାଇଥାଏ । ମାଧୋ ସିଂହ ଇଂରେଜ ସରକାର ଉପରେ ଅତ୍ୟଧିକ କ୍ଷୁବ୍ଧ ହୋଇପଡ଼ିଥାନ୍ତି ।

ମାଧୋ ସିଂହ ଜଣେ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ଥିଲେ । ସେ ଜାଣିଥିଲେ ଯେ ଦିନେ ନା ଦିନେ ବିଦେଶୀ ଇଂରେଜୀ ଶାସକ ଏ ଦେଶରୁ ବିତାଡ଼ିତ ହେବେ । ଇଂରେଜମାନଙ୍କ ସହିତ ଯେ ଲଢ଼େଇ ହେବ, ଏହା ସେ ଅନୁମାନ କରିନେଇଥିଲେ । ସାରା ଭାରତବର୍ଷର କୋଣ ଅନୁକୋଣରୁ ବିପ୍ଳବର ବହ୍ନି ଜଳିବାରେ ଲାଗିଲାଣି । ଏଣୁ ମାଧୋ ସିଂହ ଏହି ମହାବିପ୍ଳବପାଇଁ ତାଙ୍କର ପ୍ରସ୍ତୁତି ଆରମ୍ଭ କରିଦେଇଥାନ୍ତି । ଜୟୀ ରାଜଗୁରୁ ଯୁବକମାନଙ୍କୁ ନେଇ ଯେଉଁପରି ପାଇକମେଳି ଆରମ୍ଭ କରି ଦେଇଥିଲେ, ସେହିପରି ମାଧୋ ସିଂହ ବଛାବଛା ଆଦିବାସୀ ଯୁବକମାନଙ୍କୁ ନେଇ ବଣଜଙ୍ଗଲରେ ସ୍ୱାଧୀନତାର ମନ୍ତ୍ରରେ ଦୀକ୍ଷିତ କରିଦେଲେ । ଘେଁସଠାରେ ଥିବା ‘ବୁଢ଼ା ରାଜଗୁଡ଼ି’ ବରଗଛ ମୂଳରେ ଏକ ବିସ୍ତୀର୍ଣ୍ଣ ପଡ଼ିଆରେ



https://withteachers.in/

ଯୁବକମାନଙ୍କୁ ଧନୁତୀର, ବର୍ଛା, ଢାଲ, ଖଣ୍ଡା, ମୁଦ୍‌ଗର, ତୋପ ଇତ୍ୟାଦିରେ ଯୁଦ୍ଧବିଦ୍ୟା ଶିକ୍ଷାପ୍ରଦାନ କଲେ । ୧୮୫୭ ମସିହା ଅକ୍ଟୋବର ମାସ ୭ ତାରିଖରେ ସମ୍ବଲପୁର ବରହମ୍ ମନ୍ଦିର ପ୍ରାଙ୍ଗଣରେ ବିପ୍ଳବୀମାନେ ଏକଜୁଟ ହୋଇ ଇଂରେଜ ସରକାର ଅତ୍ୟାଚାର ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ । ପାହାଡ଼, ଜଙ୍ଗଲଘେରା ଅଞ୍ଚଳରେ ଥିବା ଘାଟି ସବୁ ଜଗି ରହିଥିଲେ । ବିପ୍ଳବୀ ମାଧୋ ସିଂହ 'ସିଂଘୋଡ଼ା ଘାଟି' କୁ ଜଗି ରହିଥିଲେ । ସମ୍ବଲପୁରଠାରୁ ନାଗପୁରକୁ ସଂଯୋଗ କରୁଥିବା ରାସ୍ତାଟି ଯାହା ଇଂରେଜମାନଙ୍କର ଯାତାୟାତର ସୁଗମପଥ ଥିଲା, ଏହି ରାସ୍ତା ମଧ୍ୟରେ ନିଶାଘାଟି ଓ ସିଂଘୋଡ଼ା ଘାଟି ଅବସ୍ଥିତ । ଏହି ଦୁଇଘାଟିକୁ ମାଧୋ ସିଂହ ଓ ତାଙ୍କ ପୁଅମାନେ ଅବରୋଧ କରି ରହିଲେ । ଫଳରେ ସମ୍ବଲପୁର ଏବଂ ନାଗପୁର ଦୁଇ ପ୍ରସିଦ୍ଧ ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଗଲା । ଏହାଦ୍ୱାରା ଇଂରେଜମାନେ ବହୁ ଅସୁବିଧାର ସମ୍ମୁଖୀନ ହେଲେ । ସେହିଦିନଠାରୁ ମାଧୋ ସିଂହ ଇଂରେଜ ସରକାରଙ୍କ କୋପ ଦୃଷ୍ଟିକୁ ଆସିଗଲେ ।



ଦେଶ ସ୍ୱାଧୀନପାଇଁ ଏ ମାଟିମାଆକୁ ରକ୍ଷା କରିବାପାଇଁ ମାଧୋ ସିଂହ ଏକା ନୁହଁନ୍ତି, ସାରା ପରିବାର ମିଶି ବିପ୍ଳବରେ ଯୋଗ ଦେଇଥିଲେ । ନିଶାଘାଟିକୁ ପ୍ରବେଶ କରିବା ମାତ୍ରେ ବିପ୍ଳବୀ ଯୁବକମାନେ ଉପରୁ ପଥର ଢେଲା ପକାଇ ଇଂରେଜମାନଙ୍କ ଗାଡ଼ିକୁ ଅଟକାଇବା ସହିତ ଆକ୍ରମଣ କରି ନିହତ କରୁଥିଲେ । ଫଳରେ ଇଂରେଜମାନେ ଛତ୍ରଭଙ୍ଗ ଦେଇ ପଳାୟନ କରିବା ଛଡ଼ା ଅନ୍ୟ ଉପାୟ ନଥିଲା । ସେପଟୁ ସମ୍ବଲପୁର ଆଡୁ ଆକ୍ରମଣ ନ କରି ନାଗପୁର ପଟୁ ଆକ୍ରମଣର ଯୋଜନା କରିଥିଲେ । ମାତ୍ର ସମସ୍ତ ଯୋଜନା ବିଫଳ ହୋଇଥିଲା । ବାରମ୍ବାର କଳା-କୌଶଳ ପ୍ରୟୋଗ କରି ମାଧୋ ସିଂହଙ୍କ ପରାଜିତ କରି ପାରିନଥିବା ଇଂରେଜ ସରକାର ଚିନ୍ତାରେ ପଡ଼ିଲେ । ମେଜର ଫରେଷ୍ଟରଙ୍କ ନେତୃତ୍ୱରେ ପରାକ୍ରମୀ ଇଂରେଜ ସୈନ୍ୟମାନେ ହଠାତ୍ ଘେଁସ ଗ୍ରାମ ଘେରାଉ କଲେ । ସେତେବେଳକୁ ଘେଁସରେ କୌଣସି ଲୋକ ନଥିଲେ । ସମସ୍ତେ ଘାଟିରେ ଜଗି ରହିଥିଲେ । ଆଉ କିଛି ଲୋକ ଜଙ୍ଗଲରେ ଲୁଚି ରହିଥିଲେ । ଫଳରେ ଇଂରେଜମାନେ ଘେଁସ ଗ୍ରାମରେ ନିଆଁ ଲଗାଇ ପୋଡ଼ି ଛାରଖାର କରିଦେଲେ । ଏହାର ପରିଣତି ସ୍ୱରୂପ ମାଧୋ ସିଂହ କେବଳ ଘାଟି ନୁହେଁ ସମଗ୍ର ଜନ ସମାଜରେ ବିପ୍ଳବର ବହ୍ନି ପ୍ରଜ୍ଜ୍ୱଳିତ କଲେ ।

ସମ୍ବଲପୁର ଏବଂ ଆଖାପାଖ ଅଞ୍ଚଳକୁ ଏକ ବିପ୍ଳବ ବିଦ୍ୟୁତ୍ ବେଗରେ ବ୍ୟାପିଗଲା । ପ୍ରତ୍ୟେକ ଘରୁ ବୀର ଯୁବକମାନଙ୍କ ସହିତ ଆବାଳବୃଦ୍ଧବନିତା ଆସି ଏହି ଆନ୍ଦୋଳନରେ ଝାସଦେଲେ । ମାଟି, ପାଣି, ପବନ, ଜଙ୍ଗଲ, ପାହାଡ଼, ଚାରିଆଡ଼ ପ୍ରକମ୍ପିତ ହେଲା । ଶୀତ, କାକର, ଖରାବର୍ଷାରେ ବିପ୍ଳବୀମାନେ ଜଙ୍ଗଲ ପାହାଡ଼ ଖୋଲରେ ଲୁଚି ରହିଲେ । ବିଦେଶୀମାନଙ୍କର ଆଧୁନିକ ଅସ୍ତ୍ରଶସ୍ତ୍ର ଆଗରେ ନିରୀହ ଆଦିବାସୀ ଯୁବକ, ବୃଦ୍ଧ ନରନାରୀ ବଳି ପଡ଼ିଲେ । ମାତ୍ର ଇଂରେଜ ସରକାରର ଦାସତ୍ୱ ସ୍ୱୀକାର କରିନଥିଲେ ।

ଅଧିକ ଶୀତତାପରୁ ରକ୍ଷା ପାଇବାକୁ ଜଙ୍ଗଲ ଭିତରେ 'ମାଟିଆ ବନ୍ଧ ଘାଟି'କୁ ଯାଉଥିବାବେଳେ ଲୁଚି ରହିଥିବା ଇଂରେଜସୈନ୍ୟଙ୍କ ହାତରେ ମାଧୋ ସିଂହ ଧରାପଡ଼ି ବନ୍ଦୀ ହେଲେ । ବୀର ଦୁର୍ଦ୍ଧର୍ଷ ବିପ୍ଳବୀ ମାଧୋ ସିଂହଙ୍କୁ ବିନା ବିଚାରରେ



https://withteachers.in/

୧୮୫୮ ମସିହା ଡିସେମ୍ବର ମାସ ୨୨ ତାରିଖରେ ସମ୍ବଲପୁର କାରାଗାରରେ ଫାଶୀ ଦିଆଗଲା । ଏତିକିରେ କଥା ସରିଯାଇ ନଥିଲା । ତାଙ୍କର ଅନ୍ୟ ସାଥୀ ସଂଗ୍ରାମୀମାନଙ୍କୁ ମଧ୍ୟ ଇଂରେଜ ସରକାର ବନ୍ଦୀ କରି ଅକଥନୀୟ ନିର୍ଯ୍ୟାତନା ଦେଲେ । ମାଧୋ ସିଂହଙ୍କ ମୃତ୍ୟୁ ଖବର ପାଇ ଅନ୍ୟ ବିପ୍ଲବୀମାନେ ମର୍ମାହତ ହେଲେ ଏବଂ ଦୁର୍ବଳ ହୋଇଗଲେ । ତଥାପି ତାଙ୍କର ଚାରିପୁଅ ଏହି ସଂଗ୍ରାମକୁ ଜାରି ରଖିଲେ ।

ଶକ୍ତିଶାଳୀ ଇଂରେଜ ସରକାରଙ୍କ ବିରୋଧରେ ଏମାନେ ବା କେତେଦିନ ଲଢ଼ନ୍ତେ ? ତାଙ୍କର ପୁଅମାନଙ୍କୁ ବି ଇଂରେଜ ସରକାର ଛାଡ଼ି ନଥିଲେ । ବଡ଼ପୁଅ ହଟେସିଂହଙ୍କୁ ସୁଦୂର କଳାପାଣିକୁ ପଠାଇଦେଲେ । ଦ୍ୱିତୀୟପୁଅ କୁଞ୍ଜେଲ ସିଂହଙ୍କୁ ଫାଶୀ ଦିଆଗଲା । ତୃତୀୟପୁଅ ବୈରୀ ସିଂହଙ୍କୁ ଆଜୀବନ ଜେଲ୍‌ଦଣ୍ଡାଦେଶ ଦିଆଗଲା । ସାନପୁଅ ଐରୀ ସିଂହଙ୍କର ଶେଷ ପରିଣତି ଖୁବ୍ କରୁଣ ଥିଲା । ତାଙ୍କୁ ସାଇବର୍ଣ୍ଣୀ ଗୁମ୍ଫା ଭିତରେ ରଖି ଉପରୁ ନିଆଁ ଲଗେଇ ଧୂଆଁ ଦେଇ ଶ୍ୱାସରୁଦ୍ଧ କରି ହତ୍ୟା କରାଗଲା ।

ଇଂରେଜ ସରକାର ଏହି ବିପ୍ଲବକୁ ଦମନ କରିବାକୁ ବହୁ ଚେଷ୍ଟା କରି ଶେଷରେ ସଫଳ ହେଲେ । ମାଧୋ ସିଂହ ଓ ତାଙ୍କର ପୁଅମାନେ ହସିହସି ମାତୃଭୂମିପାଇଁ ଆତ୍ମବଳି ଦେଇଥିଲେ । ସେହି ବିପ୍ଲବୀମାନଙ୍କ ରକ୍ତରେ ଏ ମାଟି ରଞ୍ଜିତ ହୋଇଥିଲା । ଫଳରେ ୧୮୫୭ ମସିହାର ସିପାହୀବିଦ୍ରୋହ ଉଗ୍ରରୂପ ଧାରଣ କରିଥିଲା । ଏହି ଆନ୍ଦୋଳନ ଅନ୍ୟ ସ୍ଥାନରେ ପ୍ରଶମିତ ହୋଇଥିଲେ ହେଁ, ଘେଁସର ବିପ୍ଲବୀମାନେ ଦୀର୍ଘଦିନ ପ୍ରାଣମୂର୍ଚ୍ଛା ସଂଗ୍ରାମ କରି ଇଂରେଜ ସରକାରଙ୍କର ଆଖିରୁ ନିଦ ହଜାଇ ଦେଇଥିଲେ ।

ସହିଦ୍ ମାଧୋ ସିଂହ ଓ ତାଙ୍କର ପୁତ୍ରମାନଙ୍କର ଆତ୍ମବଳିଦାନ ଏ ଜାତିର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ।

## ଲେଖକ ପରିଚୟ


(୧୯୫୯)

ସମସାମୟିକ ଓଡ଼ିଆ ଶିଶୁସାହିତ୍ୟକମାନଙ୍କ ମଧ୍ୟରେ **ବୀରେନ୍ଦ୍ର ମହାନ୍ତି** ଜଣେ ସୁପରିଚିତ ସ୍ରଷ୍ଟା । ସେ ଆମ ପିଲାମାନଙ୍କପାଇଁ କବିତା, ଗଳ୍ପ, ପ୍ରବନ୍ଧ, ଜୀବନୀ ପ୍ରଭୃତି ପ୍ରାୟ ତିରିଶିଟି ପୁସ୍ତକ ରଚନା କରିଛନ୍ତି । ତନ୍ମଧ୍ୟରୁ 'ଥୁକୁଲୁ ଥୁକୁଲୁଥା' କବିତା ଗ୍ରନ୍ଥ ପାଇଁ ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାର ତଥା 'ରୁମୁକୁ ଝୁମା' କବିତା ଗ୍ରନ୍ଥପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀର ବାଲ୍ ସାହିତ୍ୟ ପୁରସ୍କାର ଲାଭ କରିଛନ୍ତି । 'ଶିଶୁ ହସିଲେ ଦୁନିଆ ହସେ' ପୁସ୍ତକ ହିନ୍ଦୀ ଭାଷାରେ ଅନୂଦିତ ହୋଇ ସର୍ବଭାରତୀୟ ସ୍ତରରେ ପୁରସ୍କୃତ ହୋଇଛି । 'ସାବାସ୍ ଠେକୁଆ', 'ଅଜା ଦିନେ ମଜା କଥା କହିଲେ', ଗଳ୍ପ ପୁସ୍ତକ 'ବ୍ଲାକ୍‌ଟାଇଗର', 'ଜାଗୁଆର'; ଶିଶୁଉପନ୍ୟାସ 'ଏଇ ମୋର ପ୍ରିୟ ଜନମ ଭୂଇଁ', 'ଠିଆପୁଚି ନାରଙ୍ଗ'; କବିତା ପୁସ୍ତକ, 'ଜୟୀ ରାଜଗୁରୁ', 'ବିଶ୍ୱଗୁରୁ ପଦ୍ମବିଭୂଷଣ କେଳୁଚରଣ ମହାପାତ୍ର' ଜୀବନୀ ତାଙ୍କର କେତୋଟି ବିଶିଷ୍ଟ ରଚନା ।

ମହାନ୍ ବିପ୍ଲବୀ ମାଧୋ ସିଂହଙ୍କର ତ୍ୟାଗ, ସାହସିକତା ତଥା ଦେଶପ୍ରେମର ପରିଚୟ ଏଥିରେ ସ୍ଥାନ ପାଇଛି ।



https://withteachers.in/

# ପାଠରୁ...


## ମୁଁ ଯାହା ବୁଝିଲି

(କ) ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ପାଖରେ ଠିକ୍ (✓) ଚିହ୍ନ ଦିଅ ।

୧ । "ଏହି ଘଟଣାକୁ କେନ୍ଦ୍ରକରି ଇଂରେଜ ସରକାର ନାରାୟଣ ସିଂହଙ୍କୁ ଜେଲ୍ ଦଣ୍ଡରେ ଦଣ୍ଡିତ କରିଥିଲେ ।" କେଉଁ ଘଟଣାପାଇଁ ତାଙ୍କୁ ଏପରି ଦଣ୍ଡ ମିଳିଥିଲା ?

- ନାରାୟଣ ସିଂହ ଜଣେ ଉଦାର ହୃଦୟର ମଣିଷ ଥିଲେ ।
- ସେ ନିଜର ଭଣ୍ଡାରରୁ ଖାଦ୍ୟଶସ୍ୟ ଆଣି ପ୍ରଜାମାନଙ୍କୁ ବାଣ୍ଟିଥିଲେ ।
- ସେ ଇଂରେଜମାନଙ୍କୁ ଖାଦ୍ୟଶସ୍ୟ ଦେବାକୁ ମନା କରିଥିଲେ ।
- ସେ ଲୋକମାନଙ୍କୁ ଇଂରେଜ ସରକାରଙ୍କ ବିରୋଧରେ ଏକାଠି କରିଥିଲେ ।

୨ । "ଇଂରେଜ ସରକାର ମାଧୋ ସିଂହଙ୍କ ଜମିଦାରୀଙ୍କୁ ବାଜ୍ୟାପ୍ତ କରି ଦେଲେ," ତା'ର କାରଣଟି ହେଲା -



- ଇଂରେଜ ତାଙ୍କର ଜମିଦାରିକୁ ନିଜ ଅଧୀନକୁ ଆଣିବାକୁ ଚାହୁଁଥିଲେ ।
- ମାଧୋ ସିଂହ ଇଂରେଜଙ୍କର ଆଦେଶକୁ ଅମାନ୍ୟ କଲେ ।
- ଇଂରେଜମାନଙ୍କର ସମ୍ମାନରେ ଆଞ୍ଚ ଆସିଲା ।
- ରାଜା, ଜମିଦାର, ଗୌନ୍ତିଆ ସମସ୍ତେ ରାଜସ୍ୱ ଦାଖଲ କଲେ ।

୩ । "ଇଂରେଜମାନେ ଛତ୍ରଭଙ୍ଗ ଦେଇ ପଳାୟନ କରିବା ଛଡ଼ା ଅନ୍ୟ ଉପାୟ ନଥିଲା" - ଏହାର ମୁଖ୍ୟ କାରଣଟି କ'ଣ ?

- ବିପ୍ଲବୀମାନେ ପଥର ଢେଲା ପକାଇ ଇଂରେଜମାନଙ୍କୁ ଆକ୍ରମଣ କଲେ ।
- ବିପ୍ଲବୀମାନେ ଏକାଠି ହୋଇ ଆକ୍ରମଣ କଲେ ।



https://withteachers.in/

- ମାଧୋ ସିଂହଙ୍କ ସାରା ପରିବାର ଏଇ ବିପ୍ଳବରେ ଯୋଗ ଦେଇଥିଲେ ।
- କୌଶଳ ପ୍ରୟୋଗ କରି ବିପ୍ଳବୀମାନେ ଇଂରେଜମାନଙ୍କୁ ଆକ୍ରମଣ କଲେ ।

**(ଖ) ଏବେ ନିଜର ସାଙ୍ଗମାନଙ୍କ ସହିତ କଥାବାର୍ତ୍ତା କର ଓ ତୁମେ ଏହି ଉତ୍ତର କାହିଁକି ବାଛିଲ, ତା'ର କାରଣ କୁହ ।**



## ଗଦ୍ୟାଂଶର ଆଲୋଚନା

ଏହି ପାଠରୁ ବାଛିବାଛି କେତୋଟି ବାକ୍ୟ ନିମ୍ନରେ ଦିଆଯାଇଛି । ତାହାକୁ ମନଦେଇ ପଢ଼ ଓ ନିଜର ସହପାଠୀଙ୍କ ସହିତ ଆଲୋଚନା କର ।

- 'ଯାହାର କର୍ମମୟ ଜୀବନ ପାଠ କଲେ ଦେହରେ ଶିହରଣ ସୃଷ୍ଟି ହୁଏ ।'
- 'ଫଳରେ ସେମାନଙ୍କର ସମ୍ମାନରେ ଆଞ୍ଚ ଆସିଲା' ।
- 'ମାତ୍ର ଇଂରେଜ ସରକାରର ଦାସତ୍ୱ ସ୍ୱୀକାର କରିନଥିଲେ ।'
- 'ଏତିକିରେ କଥା ସରିଯାଇ ନଥିଲା ।'



## ଆସ, ମେଳ କରିବା

ପାଠରେ ଥିବା କେତେକ ଶବ୍ଦ ବା ଉକ୍ତିକୁ ବାଛି 'କ' ସ୍ତମ୍ଭରେ ଦିଆଯାଇଛି ଓ ଏହାର ଅର୍ଥ 'ଖ' ସ୍ତମ୍ଭରେ ଦିଆଯାଇଛି । ତୁମ ଦଳରେ ଏହି ବିଷୟରେ ଆଲୋଚନା କର ଓ ଗାରଟାଣି ମିଳାଅ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧. ଘେଁସ | ୧. ମାଧୋ ସିଂହଙ୍କ ଜାମାତା । |
| ୨. ମାଖଲ ଲାଲ୍ | ୨. ସମ୍ବଲପୁର କାରାଗାରରେ ଫାଶୀ ପାଇଲେ । |
| ୩. ନାରାୟଣ ସିଂହ | ୩. ସମ୍ବଲପୁର ଜିଲ୍ଲାର ଏକ ଗାଁ । |
| ୪. ସିଂଘୋଡ଼ା ଘାଟି | ୪. ଇଂରେଜଙ୍କ ପ୍ରରୋଚନାରେ ପରିଚାଳିତ । |
| ୫. ମାଧୋ ସିଂହ | ୫. ସମ୍ବଲପୁରଠାରୁ ନାଗପୁରକୁ ସଂଯୋଗ କରୁଥିବା ରାସ୍ତାରେ ଅବସ୍ଥିତ । |



https://withteachers.in/



# ଆସ, ଚିନ୍ତା କରିବା

ଲେଖାଟିକୁ ଆଉଥରେ ପଢ଼ ଓ ନିମ୍ନଲିଖିତ ବିଷୟରେ ଉତ୍ତର ଖୋଜି ଲେଖ ।

(କ) ଏହି ପାଠରେ କେଉଁ ମୁକ୍ତି ସଂଗ୍ରାମୀଙ୍କ କଥା କୁହାଯାଇଛି ?

(ଖ) ମାଧୋସିଂହ ଗରିବମାନଙ୍କଠାରୁ ବଳପୂର୍ବକ ଖଜଣା ଆଦାୟକୁ କାହିଁକି ସହଜରେ ଗ୍ରହଣ କରି ପାରୁନଥିଲେ ?

(ଗ) ମାଧୋ ସିଂହ ମହାବିପ୍ଳବ ପାଇଁ ନିଜର ପ୍ରସ୍ତୁତି କିପରି ଆରମ୍ଭ କରିଲେ ?

(ଘ) ଇଂରେଜମାନେ ବହୁ ଅସୁବିଧାର ସମ୍ମୁଖୀନ ହେଲେ କାହିଁକି ?

(ଙ) ମାଧୋ ସିଂହଙ୍କ ପୁଅମାନଙ୍କୁ ଇଂରେଜ ସରକାର କିପରି ଦଣ୍ଡ ଦେଇଥିଲେ ?



# ଭଳିକିଭଳି ଶବ୍ଦ ପ୍ରୟୋଗ


"ସେ ଭଣ୍ଡାରରୁ ଖାଦ୍ୟଶସ୍ୟ ଆଣି ପ୍ରଜାମାନଙ୍କୁ ବାଣ୍ଟିଥିଲେ ।" ଏଠାରେ 'ଖାଦ୍ୟ' ଓ 'ଶସ୍ୟ' ଏଇ ଦୁଇଟି ଶବ୍ଦ ମିଶି 'ଖାଦ୍ୟଶସ୍ୟ' ହୋଇଛି । ଆସ, ଏହି ପାଠରେ ଥିବା ଏହିପରି କେତେକ ଯୋଡ଼ି ଶବ୍ଦକୁ ବାଛି ଗୋଟିଏ ତାଲିକା କରିବା ।



# ଶବ୍ଦମାନଙ୍କର କଥା

'ପୁଅ' ର ଗୋଟିଏ ପ୍ରତିଶବ୍ଦ 'ପୁତ୍ର' । ସେହିପରି ନିମ୍ନଲିଖିତ ଶବ୍ଦମାନଙ୍କର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖିବା ।

**ନିଆଁ, ମାଆ, ରାଜା, ପାହାଡ଼, ରକ୍ତ ।**



# ଲିଙ୍ଗ ପରିବର୍ତ୍ତନ କରିବା

'ମାଧୋ ସିଂହଙ୍କର **ଝିଅ** ଛତିଶଗଡ଼ ଜମିଦାରଙ୍କ **ପୁଅକୁ** ବିବାହ କରିଥିଲେ ।'

ଏହି ବାକ୍ୟରେ 'ଝିଅ' ର ଲିଙ୍ଗ ପରିବର୍ତ୍ତନ କଲେ 'ପୁଅ' ହେବ । ସେହିପରି ନିମ୍ନଲିଖିତ ଶବ୍ଦଗୁଡ଼ିକର ଲିଙ୍ଗ ପରିବର୍ତ୍ତନ କରି ଲେଖ ।

**ମାଆ, ବୃଦ୍ଧ, ନାରୀ, ବିଦେଶୀ ।**



# ଆମପାଇଁ ପହଳି

ବିପ୍ଳବୀ ମାଧୋ ସିଂହଙ୍କ ଭଳି ଅନେକ ବିପ୍ଳବୀ / ସ୍ୱାଧୀନତା ସଂଗ୍ରାମୀ ରହିଛନ୍ତି । ସେମାନେ ଆମର ନମସ୍ୟ । ତେବେ କେତୋଟି ପହଳି ରହିଛି, ତାକୁ ଆଧାର କରି ତୁମେ ସେହି ମହାନ୍ ଆତ୍ମାଙ୍କୁ ଚିହ୍ନିବାକୁ ଚେଷ୍ଟା କର ।



https://withteachers.in/

୧.  କଟକ ସହରେ ଜନମ ହେଲେ
ପାଠ ପଢ଼ି, ରୋଗୀ ସେବା କରିଲେ
କହିଲେ, ରକତ ଦିଅରେ ଦିଅ
'ଦେବି ସ୍ୱାଧୀନତା', କହରେ କହ ।

୨.  ପୁରୀ ରାଜାଙ୍କର ରାଜଗୁରୁ ଥାଇ
ଜନତା ତତାଇ ଦେଲେ,
ଜନତା ତାତିରେ ବିଦେଶୀ ଅଥୟ
ବରଗଛେ ଫାଶୀ ଦେଲେ ।

୩.  ଆମରି ବୀର ସେ ଆମ ସମ୍ବଳ
ମାତୃଭୂମି ପାଇଁ ପ୍ରାଣ ଅଧୀର
ରଖିଥିଲେ ନେଇ ଅସୁରଗଡ଼େ
ଲୁଚି ବୁଲୁଥିଲେ ବଣପାହାଡ଼େ ।

୪.  କେତେ ଗପ ଉପନ୍ୟାସ ପୁଣି ଇତିହାସ
ରାଜନୀତି ସାହିତ୍ୟର ସମର୍ଥ ପୁରୁଷ,
ଦୈନିକରୁ ସାପ୍ତାହିକ ମାସିକ ପତ୍ରିକା
ପ୍ରଚାରି ସାଜିଲେ ଆମ ସାହିତ୍ୟ ବର୍ତ୍ତିକା
'ଗାଁ ମଜଲିସ୍' ଆମ ଝଙ୍କାର ପ୍ରତିଭା
ଉଚ୍ଚତର ତାଙ୍କର ସେ ରାଜନୀତି ପ୍ରଭା ।

## ପାଠରୁ ଆଗକୁ



### ତୁମ କଥା

(କ) ସମ୍ବଲପୁର ଅଞ୍ଚଳରେ ଥିବା କେତେଜଣ ବିପ୍ଳବୀ ସ୍ୱାଧୀନତା ସଂଗ୍ରାମୀଙ୍କ ବିଷୟରେ ଶ୍ରେଣୀରେ ଆଲୋଚନା କର ।

(ଖ) ତଳେ ଦିଆଯାଇଥିବା ବିନ୍ଦୁମାନଙ୍କୁ ଆଧାର କରି ନିଜର ମାଆ ବା ନିଜର ଅଭିଭାବକଙ୍କ ସହିତ କଥାବାର୍ତ୍ତା ହୁଅ । ସେମାନଙ୍କ ବିଷୟରେ ଗଭୀର ଭାବରେ ଜାଣ ଯେପରି ତାଙ୍କ ପ୍ରିୟ ରଙ୍ଗ, ଖାଇବା ପଦାର୍ଥ, ଗୀତ, ପିଲାଦିନର ସ୍ମରଣୀୟ କଥା, ପ୍ରିୟସ୍ଥାନ ଆଦି କ'ଣ କ'ଣ ଥିଲା, ତାହା ଜାଣ ।

ଉଦାହରଣ ପାଇଁ :

- ଆପଣଙ୍କ ଜନ୍ମ କେଉଁଠାରେ ହୋଇଥିଲା ?
- ଆପଣଙ୍କ ପ୍ରିୟ ବହିର ନାମ କ'ଣ ଅଟେ ?



### ପାଠାଗାର ବା ଇଣ୍ଟରନେଟ୍‌ରୁ

ତୁମେ ପାଠାଗାରରୁ ମାଧୋ ସିଂହଙ୍କର ଜୀବନୀ ଖୋଜି ପଢ଼ ।

ଦେଶଭକ୍ତମାନଙ୍କ ବିଷୟରେ ଲେଖା ଯାଇଥିବା ବହି, ସେମାନଙ୍କ ଚିଠି, ଆତ୍ମଜୀବନୀ, ଜୀବନୀ ଆଦି ପାଠ କର ଓ ନିଜର ସାଙ୍ଗମାନଙ୍କ ସହିତ ଆଲୋଚନା କର ।



### ଆସ ଖୋଜିବା

ସହିଦ୍‌ମାନଙ୍କ ବିଷୟରେ ଲେଖାଯାଉଥିବା ଜୀବନୀ ବହି ପଢ଼ । ସେସବୁରୁ ଲେଖା ସଂଗ୍ରହ କରି ତୁମ ବିଦ୍ୟାଳୟର ପ୍ରାଚୀର ପତ୍ରିକା ତିଆରି କର ।



https://withteachers.in/

# ମଣି ସାଆନ୍ତରା

ଇଂରେଜ ବିରୋଧୀ ସୋମନାଥ ସିଂହ
ଲୁଚିଥିଲେ ଗୁପ୍ତ ଦୁର୍ଗରେ
ରାମ - ଲକ୍ଷ୍ମଣ ନାମରେ କମାଣ
ରହିଥିଲା ମୁଖ୍ୟ ମାର୍ଗରେ ।
'କୃଷ୍ଣଚନ୍ଦ୍ର' ନାମେ ଖ୍ୟାତ ସେହି ଦୁର୍ଗ
ଅନୁଗୁଳ ଥିଲା ଅଶାନ୍ତ,
ରାଜାଙ୍କୁ ଖୋଜୁଛି କ୍ୟାମ୍ବେଲ ସାହେବ
ସେନାପତି ବଡ଼ ଦୁର୍ଦ୍ଦାନ୍ତ ।
ଦୁର୍ଗ ଦୁଆରେ ପହରା ଦେଉଛି
ମଣି ସାଆନ୍ତରା ପାଇକ
ମନରେ ଭରିଛି ଅଦମ୍ୟ ସାହସ
ଖଣ୍ଡାୟତ କୁଳନାୟକ ।
ପୋଲିସ ବାହିନୀ ଆଗେଇ ଆସୁଛି
କଟମଟ କରି ଶବଦ
ମଣି ସାଆନ୍ତରା ଜାଣିଲା ଏଥର
ରାଜାଙ୍କୁ ପଡ଼ିଲା ବିପଦ ।
ଧାଇଁଲା ତୁରିତେ କମାଣ ପାଖକୁ
ଲଗାଇଲା ତହିଁ ଅନଳ,
ଚାହିଁଲା ଚକିତେ ଘାତକ ଜଣେ କେ
ବିଶ୍ୱାସେ ଦେଇଛି ଗରଳ ।
ବାରୁଦ ନାହିଁ କି ଜାଳେଣି ନାହିଁ ଯେ
ଜଳରେ ଭରିଛି କମାଣ,
ଜାଣିଲା ଏଥର କ୍ୟାମ୍ବେଲ ଗୁଳିରେ
ନିଶ୍ଚୟ ହୋଇବ ମରଣ ।





https://withteachers.in/

ଦମ୍ଭଧରି ବୀର ମଣି ସାଆନ୍ତରା
ଜଗିଲା ଦୁର୍ଗର ଦୁଆର,
ଗୋରା ସେନାପତି ହୁକୁମ ଝାଡ଼ିଲେ
ରାଜାକୁ କରିବେ ବାହାର ।
ଫିରିଙ୍ଗି କଥାକୁ ବେଖାତିର କରି
ମଣି କହେ – 'କିଆଁ ଡରିବି'
ରାଜଦ୍ରୋହୀ କାମ କରି ପାରିବିନି
ମରିଲେ ପଛକେ ମରିବି ।
ବନ୍ଧୁକ ଦେଖାଇ ଫିରିଙ୍ଗି ସାହେବ
ଡରାଇଲେ ଦେଇ ଧମକ,
ଗୁଳିର ଶବଦେ ଥରିଗଲା ଦୁର୍ଗ
ଚମକିଲା ରାଜା ମୁଲକ ।
ମଣି ସାଆନ୍ତରା ଭୂଇଁରେ ଲୋଟିଲା
ଚୁମି ଜନନୀର ଚରଣ,
ରହିଗଲା କଥା ନୁଇଁଲାନି ମଥା
ମରଣ କରି ସେ ବରଣ ।



–ଡ. କୃତ୍ତିବାସ ନାୟକ

**ସୂଚନା :** (୧୮୪୮ ଜାନୁଆରୀ ମାସରେ କର୍ଣ୍ଣେଲ କ୍ୟାମ୍ବେଲ ଅନୁଗୁଳ ଫିଲ୍ଡ ଫୋର୍ସର ସେନାପତି ଭାବେ ସାମରିକ ବାହିନୀ ଧରି ଅନୁଗୁଳ ଅଭିଯାନ କରିଥିଲେ । 'କୃଷ୍ଣଚନ୍ଦ୍ର' ନାମକ ଦୁର୍ଗରେ ରାଜା ସୋମନାଥ ସିଂହ ଜଗଦେବ ଆତ୍ମଗୋପନ କରି ଇଂରେଜ ବିରୋଧରେ ବିଦ୍ରୋହ କରୁଥିଲେ । ଦେଶପ୍ରେମୀ ଦୁର୍ଗ ରକ୍ଷକ ମଣି ସାଆନ୍ତରା ସେଦିନ ସେଇଠି ସହିଦ ହୋଇଥିଲେ ।)



https://withteachers.in/

୭

# କର୍ମ-ଗୀତିକା

● ରାମକୃଷ୍ଣ ନନ୍ଦ

ଜୀବନେ ଯେବେ ବାବୁ ଲଭିବ ଯଶ,
କରମେ ଲାଗିପଡ଼ି ତେଜି ଅଳସ ।
        କେତେ କାମ ରହିଛି ତୁମରି ପାଇଁ,
        ବାଳକ ବାଳିକାଏ ଆସ ହେ ଧାଇଁ ।
ସୁସ୍ଥ ଶରୀରେ କର ସଞ୍ଚୟ ବଳ,
ବିଦ୍ୟା ବୁଦ୍ଧିରେ ମନ କର ଉଜ୍ଜ୍ୱଳ ।
        ଶରୀର, ମନ ରଖ ପ୍ରଫୁଲ୍ଲ ସଦା,
        ତେବେ ସିନା ଜିଣିବ ସକଳ ବାଧା ।
କୃଷି, ବାଣିଜ୍ୟ, ଦେଶ, ଦେଶର କାମ,
ତହିଁରେ ଅରଜିବ ଅମର ନାମ,
        ଆଜହୁଁ ବାଛିନିଅ ଯେ ଯାହା ମତେ,
        ଅସାଧ ହୋଇ କିଛି ନାହିଁ ଜଗତେ ।

'ପାରିବି ନାହିଁ' କଥା ଧରନା ମୁଖେ,
'ହାରିଲି' ବୋଲି ଫେରି ନ ଯାଅ ଦୁଃଖେ ।
        ନିଶ୍ଚେ ଜିଣିବ କଲେ ଥରକୁ ଥର,
        ଧୀର ପାଣି ଯେସନେ କାଟେ ପଥର ।
ଏକା ଦିନକେ କେହି ହୁଏ କି ବଡ଼ ?
ଏକା ହୋଇ କି କେହି ଜିଣିଛି ଗଡ଼ ?
        ଯେଝା କରମେ ଲାଗ ଦିବସ-ରାତି,
        ସରବେ ମନ ଦେଲେ ଉଠିବ ଜାତି ।
ଶିଖ ନିଜ ଗୋଡ଼ରେ ହେବାକୁ ଠିଆ,
ପର ବଦନେ ଚାହିଁ ରହିଛି କିଆଁ ?
        ଦେବ-ଶକତି ତୁମ ଶରୀରେ ଭରା,
        ବିଭୁ-କରୁଣା ଲଭି ଜିଣ ଏ ଧରା ।








https://withteachers.in/



## କବି ପରିଚୟ



(୧୯୦୬-୧୯୯୪)

'ଆହେ ଦୟାମୟ ବିଶ୍ୱବିହାରୀ' ପ୍ରାର୍ଥନାର ସ୍ରଷ୍ଟା **ରାମକୃଷ୍ଣ ନନ୍ଦ** ଓଡ଼ିଆ ଶିଶୁସାହିତ୍ୟର ଅନ୍ୟତମ ବିନ୍ଧାଣି । ଜଣେ ଆଦର୍ଶଶିକ୍ଷକ, ସମ୍ପାଦକ ତଥା ପାଠ୍ୟପୁସ୍ତକର ପ୍ରଣେତା ଭାବରେ ସେ ବେଶ୍ ଚର୍ଚ୍ଚିତ ।

'ତୁଳସୀ ଦାସ', 'ଛଅଟି ଗଛ ସିରିଜ', 'ପ୍ରକୃତିର ଗନ୍ଧପୁରୀ', 'ଲେଖନୀର ପାଠଶାଳା', 'ସୁନାପାହାଚ', 'ରତ୍ନପାଖୁଡ଼ା', 'ପଞ୍ଚତନ୍ତ୍ର କାହାଣୀ', 'ଜୀବନରହସ୍ୟ' ଆଦି ଅନେକ ପୁସ୍ତକର ସେ ସ୍ରଷ୍ଟା 'ଜୀବନରଙ୍ଗ' ତାଙ୍କର ରୋଚକ ଆତ୍ମଜୀବନୀ । 'ଝୁମୁକା' ତାଙ୍କ ପ୍ରକାଶିତ କବିତା ସଂକଳନ । ଏହି ପୁସ୍ତକ ପାଇଁ ୧୯୮୦ ମସିହାରେ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି । 'ସଂସାର' ନାମକ ବହୁଳ ପ୍ରସାରିତ ଶିଶୁପତ୍ରିକାର ସେ ଥିଲେ ସମ୍ପାଦକ ।

ଏହି କବିତାଟି 'ଝୁମୁକା' ସଂକଳନରୁ ଗୃହୀତ । ଏଠାରେ କବି ସୁସ୍ଥ ରହି ସକାରାତ୍ମକ ମନୋଭାବ ନେଇ ଦେଶ ଓ ଦଶର ସେବା କରିବାପାଇଁ ଆହ୍ୱାନ ଦେଇଛନ୍ତି ।

## ପାଠରୁ...

ଆସ, ଆମେ 'କର୍ମଗୀତିକା' କବିତାକୁ ନେଇ ବିସ୍ତୃତ ଆଲୋଚନା କରିବା ।



## ମୁଁ ଯାହା ବୁଝିଲି

(କ) ପଠିତ କବିତା ଆଧାରରେ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ପାଖରେ ଠିକ୍ (✓) ଚିହ୍ନ ଦେବା ।

**୧ । ଆମେ କେଉଁ କାମ କଲେ ଅମର ହେବା ?**

(କ) ଶତ୍ରୁ ସହ ଲଢ଼େଇ କରି ଅମର ହେବା ।

(ଖ) କୃଷି, ବାଣିଜ୍ୟ, ଦେଶ ଓ ଜାତିର କାମ କରି ଅମର ହେବା ।

(ଗ) ଅସାଧ୍ୟ ସାଧନ କରି ଅମର ହେବା ।

(ଘ) ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରି ଅମର ହେବା ।



https://withteachers.in/

୨ । ଆମେ କିପରି ବିଜୟୀ ହେବା ?

(କ) ବୀରଦର୍ପରେ ସଂଗ୍ରାମ କରି

(ଖ) ମନରେ ହାରିଲି ବୋଲି ଭାବନା ଦେଇ

(ଗ) ବାରମ୍ବାର ଅଭ୍ୟାସ କରି

(ଘ) ବିଦ୍ୟାବୁଦ୍ଧି ପ୍ରୟୋଗ କରି ।

୩ । ଆମେ କେଉଁ କାମ କରି ଯଶ ଲଭିବା ?

(କ) ଆଳସ୍ୟ ତେଜି କାମରେ ଲାଗି ପଡ଼ିଲେ ।

(ଖ) କୃଷି, ବାଣିଜ୍ୟ କରି ଦେଶର ଅର୍ଥନୀତି ସମୃଦ୍ଧ କଲେ ।

(ଗ) ମନକୁ ସବୁବେଳେ ପ୍ରଫୁଲ୍ଲ ରଖିଲେ ।

(ଘ) ଦେହରେ ଅମାପବଳ ସଂଚୟ କଲେ ।

୪ । ''ପାରିବି ନାହିଁ'' କଥା ଧରନା ମୁଖେ – ଏହି ପଦଟିର ଠିକ୍ ଅର୍ଥଟି କ'ଣ ହେବ ?

(କ) କୌଣସି କଥାରେ ମନା କରିବା ନାହିଁ ।

(ଖ) କୌଣସି କାମ କରିପାରିବି ନାହିଁ, ଏପରି କଥା ତୁଣ୍ଡରେ ଧରିବା ନାହିଁ ।

(ଗ) ନିଜେ ହାରିଗଲି ବୋଲି ମନ ଦୁଃଖ କରିବା ନାହିଁ।

(ଘ) ନୈରାଶ୍ୟ ଭାବନାକୁ ମନ ମଧ୍ୟରେ ଆଣିବା ନାହିଁ ।

(ଖ) ଏବେ ତୁମେ ତୁମ ବନ୍ଧୁମାନଙ୍କ ସହ ଆଲୋଚନା କର । ଠିକ୍ ଉତ୍ତରଟିକୁ ଖାତାରେ ଲେଖ ।



## ପଦ୍ୟାଂଶର ଆଲୋଚନା

ଏଇ ପାଠରୁ କେତୋଟି ପଦ ନିମ୍ନରେ ଦିଆଯାଇଛି । ସେଗୁଡ଼ିକୁ ମନ ଦେଇ ପଢ଼ ଓ ବିଚାର କର । ଦଳ ମଧ୍ୟରେ ଆଲୋଚନା କରି ଉତ୍ତରଟିକୁ ଖାତାରେ ଲେଖ ।

(କ) ଏକା ଦିନକେ କେହି ହୁଏ କି ବଡ଼ ?
ଏକା ହୋଇ କି କେହି ଜିଣିଛି ଗଡ଼ ?

(ଖ) ଶରୀର, ମନ ରଖ ପ୍ରଫୁଲ୍ଲ ସଦା
ତେବେ ସିନା ଜିଣିବ ସକଳ ବାଧା ।




https://withteachers.in/



# ଆସ ଆମେ ମେଳ କରିବା

ନିମ୍ନରେ 'କ' ସ୍ତମ୍ଭରେ କେତୋଟି ଧାଡ଼ି ଦିଆଯାଇଛି । 'ଖ' ସ୍ତମ୍ଭରେ ତାହାର ଅର୍ଥକୁ ବୁଝାଇ ଦିଆଯାଇଛି । ଆସ ଏବେ 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭକୁ ମିଳାଇବା ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧. ବିଭୁ କରୁଣା ଲଭି ଜିଣ ଏ ଧରା | ୧. ବିଦ୍ୟା ଓ ବୁଦ୍ଧି ବଳରେ ମନକୁ ଉଜ୍ଜ୍ୱଳ ରଖିବା । |
| ୨. ଜେଝା କରମେ ଲାଗ ଦିବସ ରାତି | ୨. ଧୀର ସ୍ଥିର ହୋଇ କାର୍ଯ୍ୟ କଲେ ସଫଳତା ମିଳେ । |
| ୩. ଧୀର ପାଣି ଯେସନେ କାଟେ ପଥର | ୩. ପ୍ରଭୁଙ୍କ ଆଶିଷ ଲାଭ କରି ଏ ପୃଥିବୀରେ ବିଜୟୀ ହୁଅ । |
| ୪. ବିଦ୍ୟା ବୁଦ୍ଧିରେ ମନ କର ଉଜ୍ଜ୍ୱଳ | ୪. ଦିନରାତି ନିଜ କାମରେ ଲାଗି ରୁହ । |
| | ୫. ଜଗତରେ କୌଣସି କାମ ଅସାଧ୍ୟ ନୁହେଁ । |



# କାଳ ପରିବର୍ତ୍ତନ କରିବା

''ହାରିଲି ବୋଲି ଫେରି ନ ଯାଅ ଦୁଃଖେ'' । କବିତାର ଏଇ ପଦ୍ୟାଂଶଟିକୁ ଲକ୍ଷ୍ୟ କର । ଏଠାରେ ବ୍ୟବହୃତ 'ହାରିଲି' ଶବ୍ଦଟି ଅତୀତ କାଳକୁ ବୁଝାଉଛି । ଏହାର ବର୍ତ୍ତମାନ କାଳ ହେଉଛି 'ହାରିଛି' । ଭବିଷ୍ୟତ କାଳ ହେଉଛି 'ହାରିବି' ।

(କ) ତଳେ କେତେଗୁଡ଼ିଏ ଶବ୍ଦ ଦିଆଯାଇଛି । ଏଗୁଡ଼ିକୁ ତିନୋଟି କାଳରେ ପରିବର୍ତ୍ତନ କରିଲେଖ ଓ ବାକ୍ୟରେ ବ୍ୟବହାର କର ।

| ବର୍ତ୍ତମାନ କାଳ | ଅତୀତ କାଳ | ଭବିଷ୍ୟତ କାଳ |
|---|---|---|
| ଜିଣିଛି | ............... | ............ |
| ............... | ରହିଲା | ............ |
| ............... | ............... | ଧରିବ |
| ଲାଗିଛି | ................ | ............. |
| ............... | ................ | ପାରିବି |
| ............... | କରିଲା | ............ |

(ଖ) ତୁମେ ଯେଉଁ ବାକ୍ୟଗୁଡ଼ିକ ଗଠନ କଲ, ତାକୁ ଧ୍ୟାନର ସହ ଦେଖ । ବାକ୍ୟଗୁଡ଼ିକରେ କାଳ ସମ୍ବନ୍ଧୀୟ ଶବ୍ଦ ତଳେ ଗାର ଦିଅ ।



https://withteachers.in/



# ବଚନ ପରିବର୍ତ୍ତନ କରିବା

'ବାଳକ ବାଳିକାଏ ଆସ ହେ ଧାଇଁ' । ଏହି ଧାଡ଼ିଟି ରେଖାଙ୍କିତ ପଦ 'ବାଳକ' ଏକବଚନକୁ ବୁଝାଉଛି । ଏହାକୁ ବହୁବଚନ କଲେ ହେବ ବାଳକମାନେ । ଏକବଚନ ଥିବା ଶବ୍ଦ ଶେଷରେ ଟି, ଟିଏ, ଟା, ଆଦିର ପ୍ରୟୋଗ ହୋଇଥାଏ । କିନ୍ତୁ ବହୁବଚନ ଥିବା ଶବ୍ଦର ଶେଷରେ ମାନେ, ଗୁଡ଼ିଏ, ଗୁଡ଼ିକ, ଦଳ, ଗଣ, ବୃନ୍ଦ, ପୁଞ୍ଜ, ଚୟ, ପଲ ରାଶି ଆଦିର ପ୍ରୟୋଗ ହୋଇଥାଏ ।

(କ) ନିମ୍ନରେ କେତେଗୁଡ଼ିଏ ଶବ୍ଦ ଦିଆଗଲା । ସେଗୁଡ଼ିକର ବଚନ ପରିବର୍ତ୍ତନ କରି ବାକ୍ୟରେ ବ୍ୟବହାର କର ।

**ତାରକା, ସୁଧୀବୃନ୍ଦ, ପିଲା, ପୁଷ୍ପ, ପର୍ବତଶ୍ରେଣୀ, ବାଳିକାମାନେ,**
**ସାଗର, ମେଷପଲ, ବହି, ଝିଅ, ମାଆ**



# ପଦ୍ୟରେ ବ୍ୟବହୃତ ଶବ୍ଦକୁ ତା'ର ଗଦ୍ୟ ରୂପରେ ପରିବର୍ତ୍ତନ କର

'କରମେ ଲାଗିପଡ଼ ତେଜି ଅଳସ ।' ଆମ କବିତାର ଏଇ ଧାଡ଼ିଟିକୁ ଲକ୍ଷ୍ୟକର । ରେଖାଙ୍କିତ ପଦଟି ହେଉଛି ପଦ୍ୟରୂପ । ଏହାର ଗଦ୍ୟରୂପ ହେଉଛି 'କର୍ମେ' । ସେହିଭଳି ତଳେ କେତେଗୁଡ଼ିଏ ଶବ୍ଦ ଦିଆଯାଇଛି । ସେଥିରେ ଗଦ୍ୟରୂପ ଓ ପଦ୍ୟରୂପ ମିଶିକରି ରହିଛି । ତୁମେ ଗୋଟିଏ ଘରେ ଗଦ୍ୟରୂପ ଓ ଅନ୍ୟ ଘରେ ପଦ୍ୟରୂପ ଶବ୍ଦଗୁଡ଼ିକୁ ଅଲଗା ଅଲଗା କରି ଲେଖ । ଗଦ୍ୟରୂପରେ ଥିବା ଶବ୍ଦକୁ ପଦ୍ୟରୂପ ଓ ପଦ୍ୟରୂପ ଥିବା ଶବ୍ଦକୁ ଗଦ୍ୟରୂପରେ ପରିବର୍ତ୍ତନ କର ।

**ଅରଜିବ, ଶକ୍ତି, ମୁକତି, ସର୍ବେ, ଗରଭେ, ଧରମେ,**
**ସର୍ଜିବା, କୀରତି, ଗଉରବ, କୌଶଳ, ସୌରଭ**



# ମାତ୍ରା ନଥିବା ଶବ୍ଦ ଖୋଜ

ଧୀର ପାଣି ଯେସନେ କାଟେ ପଥର ।

ଉପର ରେଖାଙ୍କିତ ଶବ୍ଦ ଦୁଇଟିକୁ ଲକ୍ଷ୍ୟ କର । 'ପଥର' ଶବ୍ଦଟି ତିନୋଟି ଅକ୍ଷରରେ ଗଢ଼ା ହୋଇଥିବାବେଳେ 'ଧୀର' ଶବ୍ଦଟି ଦୁଇଟି ଅକ୍ଷରରେ ଗଢ଼ା ହୋଇଛି । 'ପଥର' ଶବ୍ଦର ପ୍ରତ୍ୟେକ ଅକ୍ଷର ସହିତ ଆଉ କିଛି ମିଶି ନାହିଁ ବା ଯୁକ୍ତ ହୋଇନାହିଁ । ପ୍ରତ୍ୟେକଟି ହେଉଛି ଗୋଟିଏ ଗୋଟିଏ ମୁକ୍ତ ଅକ୍ଷର । କିନ୍ତୁ 'ଧୀର' ଶବ୍ଦର 'ଧୀ' ରେ (ଧ୍ + ଈ) ଅର୍ଥାତ୍ ଧ୍ ବର୍ଣ୍ଣରେ 'ଈ' ବା 'ୀ' କାର ବା ମାତ୍ରା ଯୁକ୍ତ ହୋଇଛି । 'ପଥର' ଶବ୍ଦ ପରି କେତେକ ମାତ୍ରା ନଥିବା ଶବ୍ଦ ରହିଅଛି । ସାରଣୀରୁ ସେଗୁଡ଼ିକ ଖୋଜି, ତା' ଚାରିପଟେ ମୁଣ୍ଡୁଳା ବୁଲାଅ । ଖାତାରେ ସେହି ଶବ୍ଦଗୁଡ଼ିକୁ ଲେଖ ।



https://withteachers.in/

| | | | | | | |
|---|---|---|---|---|---|---|
| ଆ | ସ | ର | ସ | କ | ମ | ନ |
| ଅ | ଳ | ସ | ଳ | ଳ | ର | ସ |
| ମ | ପ | ଥ | ର | ବ | ମ | ନ |
| ର | ନା | ଶ | ମ | ଡ଼ | ଦ | ଶ |
| କ | ର | ପ | ର | ର | ଗ | ଡ଼ |
| ଅ | ଖ | ଦ | ଶ | ବ | ଦ | ନ |



# ଆମ ପହଳି

ସମାଜରେ ଆମପାଇଁ କେତେକ ଲୋକ କାମ କରିଥାନ୍ତି । ଆସ ଏଇ ପହଳିରୁ ସେମାନଙ୍କୁ ଚିହ୍ନିବା ।



୧. ମୁଣ୍ଡରେ ପଗଡ଼ି ସାଥେ ବୋଇତ
ଯାଏ ମୁଁ ବିଦେଶ, ଦେଶର ହିତ;
ନେଇଥାଏ ଯାହା, ଆଣେ ବହୁତ
ମୋ ନାଆଁ ଏବେ ତୁମେ କୁହତ ।

୨. ରାତି ଅରାତିକୁ ନାହିଁ ମୋ ଭୟ
ପଲକ ପଡ଼େନି, ଆଗେ ମୋ ଲୟ ।
ଶୀତକାକରକୁ ଗୋଡ଼ରେ ଠେଲି
ତୁମ ସୁଖପାଇଁ ହୁଏ ମୁଁ ବଳି ।



୩. ନାହିଁ ଦିନ ନାହିଁ ରାତି
ନାହିଁ ଶୀତ ନିଦାଘର ରାତି
ବରଷାକୁ କରି ସାଥୀ;
ସବୁରି ତୁଣ୍ଡରେ ହସ ଭରିଦିଏ
ତାଡ଼ନା ମୋହର ସାଥୀ ।



୪. ବାଲି ଗୋଡ଼ି ମାଟି ସାଥୀରେ ଖେଳି
ଦିଏ ତୁମପାଇଁ ଉଆସ ତୋଳି
ତୁମେ ଖାଉଥିଲେ ଖେଚେଡ଼ି ଝୁରି
ପିଲା ମୋ' ଖେଳଇ ଧରିକି ଧୂଳି ।



https://withteachers.in/

# ପାଠରୁ ଆଗକୁ...



## ତୁମକଥା

(କ) 'ଶିଖ ନିଜ ଗୋଡ଼ରେ ହେବାକୁ ଠିଆ' । ଏହି କବିତାଂଶର ଅର୍ଥ ହେଉଛି ନିଜେ ଚେଷ୍ଟା କରି ଉଚ୍ଚକୁ ଉଠିବା ବା ପ୍ରତିଷ୍ଠା ଲାଭ କରିବା । ତୁମ ପାଖ ପଡ଼ିଶାରେ ଏମିତି କେହି ନିଜର ଉଦ୍ୟମ ବଳରେ ପ୍ରତିଷ୍ଠା ଲାଭ କରିବାର ଜାଣିଛି କି ? ତୁମ ପରିବାରର ସଦସ୍ୟ ବା ଶିକ୍ଷକ ଶିକ୍ଷିକାଙ୍କ ସହିତ ଏ ବିଷୟରେ ଆଲୋଚନା କରି ତାଙ୍କ ବିଷୟରେ କିଛି ଲେଖ ।

(ଖ) 'ଅସାଧ୍ୟ ହୋଇ କିଛି ନାହିଁ ଜଗତେ' ।

ଏହି କବିତାର ଭାବାର୍ଥକୁ ଆଧାର କରି ତୁମ ଜୀବନର କିଛି ଘଟଣାକୁ ମନେପକାଅ । ବନ୍ଧୁଙ୍କ ସହିତ ଚର୍ଚ୍ଚାକର । ପାରୁଛ ତ ଏ ଅନୁଭୂତିକୁ ନେଇ ଦୂରରେ ଥିବା ତୁମ ବନ୍ଧୁଙ୍କ ପାଖକୁ ପତ୍ରଟି ଲେଖ ।



## ଆସ ଖେଳିବା ବନାନଖେଳ

'ସମୀର ବହଇ ଧୀର, ଶୀତଳ ନଈର ନୀର' ।

ଉପର ପଦଟିକୁ ଲକ୍ଷ୍ୟକର । ଏଥିରେ ଥିବା ରେଖାଙ୍କିତ ଶବ୍ଦ ମଧ୍ୟରେ କେତେକ ଅକ୍ଷରରେ 'ୀ' (ଦୀର୍ଘ ଈ)ମାତ୍ରାର ବ୍ୟବହାର କରାଯାଇଛି । ଏବେ ତୁମେ ସେହିପରି ଅଲଗାଅଲଗା ମାତ୍ରାଯୁକ୍ତ ଶବ୍ଦ ଗଠନ କର । ସେହି ଶବ୍ଦକୁ ଅର୍ଥପୂର୍ଣ୍ଣ ବାକ୍ୟରେ ବ୍ୟବହାର କର । ମନେରଖ ବାକ୍ୟରେ ଗୋଟିଏ ମାତ୍ରାର ଶବ୍ଦ ବ୍ୟବହାର କରିବ ।

| | ମାତ୍ରା | ବାକ୍ୟ |
|---|---|---|
| ଆ | ........... | ........................................................................................................ |
| ଇ | ........... | ........................................................................................................ |
| ଈ | ........... | ........................................................................................................ |
| ଉ | ........... | ........................................................................................................ |
| ଊ | ........... | ........................................................................................................ |
| ଋ | ........... | ........................................................................................................ |
| ଏ | ........... | ........................................................................................................ |
| ଐ | ........... | ........................................................................................................ |
| ଓ | ........... | ........................................................................................................ |
| ଔ | ........... | ........................................................................................................ |



https://withteachers.in/



## ଆସ ଖୋଜିବା

ତୁମେ ରାମକୃଷ୍ଣ ନନ୍ଦ ଓ ତାଙ୍କ ରଚନାବଳୀ ବିଷୟରେ ଜାଣିବାପାଇଁ ନିଜେ ବିଦ୍ୟାଳୟର ପାଠାଗାରକୁ ଯାଅ । ଇଣ୍ଟରନେଟ୍ ମାଧ୍ୟମରେ ତାଙ୍କ ବିଷୟରେ ଅଧିକ ତଥ୍ୟ ସଂଗ୍ରହକର । କାର୍ଯ୍ୟାଳୟ ପ୍ରଦତ୍ତ ନେଟ୍ ବା QR Codeର ସାହାଯ୍ୟ ନେଇପାର ।



## ତୁମ ପଢ଼ିବାପାଇଁ



### ଅଭ୍ୟାସ

ଅଭ୍ୟାସ ଯୋଗେ ଶିଶୁ ଯଥା        ଶିଖଇ କ୍ରମେ କହି କଥା ।
ଥରକୁ ଥର ପଡ଼ି ତଳେ        ଚାଲଇ ଅଭ୍ୟାସର ବଳେ ।
ହେବାରୁ ତା'ର କଥା ମନ୍ଦ        କରନ୍ତା ଯେବେ ମୁଖ ବନ୍ଦ ।
ପଡ଼ଇ ଯେଣୁ ଗୋଡ଼ ଖସି        ନ ଉଠି ରହୁଥିଲେ ବସି ।
କେବେ ହେଁ ପାରନ୍ତା କି କହି        ଚାଲନ୍ତା ପାଦେ ଦେହ ବହି ।
ତେସନ ଅଭ୍ୟାସର ବଳେ        ବିଜୟ ଲଭିବ ଭୂତଳେ ।
ଥର କେ ଯାହା ନୋହେ ଜାଣି        ମନକୁ ତହିଁ ନିଅ ଟାଣି ।
ଥରକୁ ଥର ଦେଇ ମନ        ଅଭ୍ୟାସ କର ଶିଶୁଗଣ ।
ସକଳ ବ୍ୟାଧିର ଆକର        ମନ୍ଦ ଅଭ୍ୟାସ ପରିହର ।
ଆଶ୍ଚର୍ଯ୍ୟ ବୋଲି ଏ ଜଗତେ        ଯାହା ବା ହୁଅଇ ପରତେ ।
ପାରିବ ତୁମେ ସବୁ କରି        ଅଭ୍ୟାସ ଗୁଣକୁ ଆଚରି ।
କିଛି ହିଁ କଠିନ ନ ମଣ        ଅଭ୍ୟାସ ସବୁରି କାରଣ ।
ଅଭ୍ୟାସ ଗୁଣେ ସବୁ ଗ୍ରନ୍ଥ        ପଢ଼ି ହୋଇବ ଜ୍ଞାନବନ୍ତ ।
ଧଇର୍ଯ୍ୟ ଧରି ବାରମ୍ବାର        ଅସାଧ କର୍ମ ସାଧିପାର ।

-କାଳିନ୍ଦୀଚରଣ ପାଣିଗ୍ରାହୀ



https://withteachers.in/

୮

# ମୋ' ପିଲାବେଳ କଥା

● ରମାଦେବୀ


ଆମେ ମୋଜାଫରପୁରରେ ଥାଉ । ରାତି ସାଢ଼େ ଆଠଟାରୁ ନଅଟା ଆମର ଖାଇବା ବେଳ । ବାପା ଓ ଆମେ ଦୁଇ ଭଉଣୀ ଖାଉଥାଉ । ମା' ପାଖରେ ବସିଥାଏ । ଗୋଟିଏ ଭାରି  ବଡ଼ ଶବ୍ଦ ଶୁଭିଲା । ଦୁଇଭଉଣୀ ଚମକି ପଡ଼ିଲା



କିଛି ଜାଣି ପାରିଲା ନାହିଁ । ବାପା କହିଲେ, "ଏ ତ ବୋମା ଫୁଟିବାର ଶବ୍ଦ ।" ଏତିକି କହି ସେ ଏପରି ଗମ୍ଭୀର ହୋଇଗଲେ ଯେ ସେ ଦୃଶ୍ୟ ଏବେ ବି ମନେପଡୁଛି । କିଛି ସମୟ ପରେ ଜଣେ ଚପରାସୀ ଆସି ଖଣ୍ଡିଏ ଚିଠି ଦେଲେ । ବାପା ସେ ଚିଠିକୁ ମନେମନେ ପଢ଼ି କହିଲେ, "କିଂସ୍ ଫୋର୍ଡ ସାହେବ ଚିଠି ଦେଇଛନ୍ତି ।" କିଂସ୍ ଫୋର୍ଡ ସାହେବ ବାପାଙ୍କର ଘନିଷ୍ଠ ବନ୍ଧୁ । ଆମେ ବାପାଙ୍କ ସାଙ୍ଗରେ ବରାବର ତାଙ୍କ ଘରକୁ ଯାଉ । ତା' ପରେ ବାପା ମା'ଙ୍କ ସାଙ୍ଗରେ ବୋମା ଫୁଟିବା ସମ୍ବନ୍ଧରେ କଥାବାର୍ତ୍ତା ହେଲେ ।

ଆମ ଘର ପାଖରେ କେତେଘର ବଙ୍ଗାଳୀ ଥାଆନ୍ତି । ସେମାନେ ସରକାରୀ ଚାକିରିଆ ନୁହନ୍ତି । ସେମାନଙ୍କ ଭିତରେ ଯୋଗେଶ ବାବୁ ବୋଲି ଜଣେ ବଡ଼ ଓକିଲ ଥିଲେ । ସେ ବଙ୍ଗାଳୀ କେତେ ଘର ସାଙ୍ଗରେ ଆମର ଭାରି ଭାବ । ସେମାନେ ଆସି ବାପାଙ୍କ ସହିତ କଥାବାର୍ତ୍ତା କରନ୍ତି । ସେମାନଙ୍କ ଘରର ପିଲାମାନେ ଦେବବନ୍ଦନା ବୋଲନ୍ତି । ଆମେ ସେମାନଙ୍କଠାରୁ ସେ ଗୀତଗୁଡ଼ିକ ଶିଖିଲୁ । ଆମ ଘରେ ବଙ୍ଗଲକ୍ଷ୍ମୀ ମିଲ୍‌ର ମୋଟା ଲୁଗା ପିନ୍ଧିବା ଓ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ପୂରା ଦମ୍‌ରେ ଚାଲିଲା ।

ଦେଶର ବହୁ ଗୁରୁତ୍ୱପୂର୍ଣ୍ଣ ଖବର ଆମ ଘରେ ଆଲୋଚିତ ହୁଏ । ଆମେ ଶୁଣୁ । ସେତିକିବେଳେ ଅରବିନ୍ଦଙ୍କ କଥା ମୁଁ ଶୁଣିଥିଲି । ବାପା ତାଙ୍କ ବନ୍ଧୁମାନଙ୍କ ସଙ୍ଗେ ଆଲୋଚନା କରନ୍ତି । କଥାବାର୍ତ୍ତାରେ ଇଂରାଜୀ ଭାଷାର ଆଧିକ୍ୟ ଥିଲେ ମଧ୍ୟ ଯେତିକି ତା' ଭିତରେ ହିନ୍ଦୀ ବା ବଙ୍ଗଳାରେ ଥାଏ, ତାକୁ ଆମେ ମନଦେଇ ଶୁଣୁ । ଉତ୍ତେଜନାର ବାତାବରଣ ଭିତରେ ଆମେ ଥାଉ । ଦେଶପାଇଁ କାମ






https://withteachers.in/

କରିବାକୁ ହେଲେ ଜେଲ୍ ଯିବାକୁ ହୁଏ, ଫାଶୀ ପାଇବାକୁ ହୁଏ, ସ୍ୱଦେଶୀ ଜିନିଷ ବ୍ୟବହାର କରିବାକୁ ହୁଏ- ଏ ଧାରଣା ମନରେ ବଦ୍ଧମୂଳ ହେଲା। ଦେଶପ୍ରେମୀମାନଙ୍କ କଥା ଆଲୋଚନା ହେଉଥାଏ । କେତେ ପ୍ରଶଂସା କରାଯାଉଥାଏ । ଧନ୍ୟଧନ୍ୟ କୁହାଯାଉଥାଏ । ତା'ର ପ୍ରଭାବ ମନ ଉପରେ ପଡ଼ିଲା । ଦେଶ କାମ କଲେ ଏ ସବୁ ମିଳେ। ଅରବିନ୍ଦଙ୍କ କଥା ମଧ୍ୟ ବହୁତ ଶୁଣିବାକୁ ମିଳିଲା । ସେତିକିବେଳୁ ଅରବିନ୍ଦଙ୍କ ପ୍ରଭାବ ମନରେ ଦେଶ କାମ କରିବାର ଛାପ ପକାଇଲା । ମନେମନେ ତାଙ୍କ ପ୍ରତି ଭକ୍ତି ଆସିଲା । ତାଙ୍କ ବିଷୟରେ ଅଧିକ ଜାଣିବାକୁ ଚେଷ୍ଟା କଲି ।

ଜେଲ୍ ବିଷୟରେ ଆମର ଧାରଣା ଥାଏ - କାରଣ ବାପା ମଝିରେମଝିରେ ଜେଲ୍ ପରିଦର୍ଶନରେ ଯା'ନ୍ତି । ଆମ ଦି' ଭଉଣୀଙ୍କୁ ସାଙ୍ଗରେ ନିଅନ୍ତି । ବାପା ଅଫିସରେ ରହନ୍ତି । ଅଫିସର ଲୋକ ଆମକୁ ନେଇ ଜେଲ୍ ଭିତର ଦେଖାନ୍ତି ।

ସେତିକିବେଳେ ଖୁଦିରାମ ଜେଲ୍‌ରେ ଥାଆନ୍ତି । ତାଙ୍କୁ ଫାଶୀ ହୁକୁମ ହେଲା । ଖୁଦିରାମଙ୍କୁ ମୁଁ ଜେଲ୍‌ରେ ଦେଖି ନାହିଁ । ଖୁଦିରାମଙ୍କ ମା' ଆସିଲେ ପୁଅକୁ ଦେଖିବା ପାଇଁ । ସମସ୍ତଙ୍କ ମୁହଁରେ ସେହି କଥା । ଖୁଦିରାମଙ୍କ ପ୍ରତି କିମିତି ଗୋଟିଏ ମାୟା ଜମି ଯାଇଥାଏ । ସେ ଫାଶୀ ପାଇବେ ଶୁଣି ମନେମନେ ଭାରି ଦୁଃଖୀ ହେଲି । ବାପାଙ୍କୁ ଅତି ଡରିଡରି କହିଲି, "ଆମେ ଖୁଦିରାମଙ୍କୁ ଦେଖନ୍ତେ ।" ବାପା ବାରଣ କରି କହିଲେ, "ନା...ନା, ତୁମକୁ ଦେଖିବାପାଇଁ ଛାଡ଼ିବେ ନାହିଁ ।" କେହି ଲୋକ ଫାଶୀ ପାଇଲେ ବାପା ଫାଶୀ ସ୍ଥାନରେ ଉପସ୍ଥିତ ରହିବାପାଇଁ ଯାଆନ୍ତି । ତାଙ୍କ ଉପରେ ସେ ଦାୟିତ୍ୱ ଥାଏ । ଭୋର ତିନିଟାରୁ ପୋଷାକ ପିନ୍ଧି ଜେଲ୍‌ଖାନାକୁ ବାହାରନ୍ତି ।



ଖୁଦିରାମଙ୍କ ଫାଶୀଦିନ ନିକଟ ହେଲା । ଆମେ ତାଙ୍କରି କଥାରୁ ଜାଣିଲୁ ଫାଶୀ ପୂର୍ବଦିନ ଲୋକକୁ ତା' ଇଚ୍ଛା କ'ଣ ପଚରାଯାଏ ଓ ସେ ଯାହା କହେ ତାହା ଆଇନସଙ୍ଗତ ହୋଇଥିଲେ ପୂରଣ କରାଯାଏ । ଆଜି ରାତି ପାହାନ୍ତାରେ ଖୁଦିରାମଙ୍କ ଫାଶୀ ହେବ, ଏ କଥା ମୁହୂର୍ତ୍ତକ ପାଇଁ ମନରୁ ଯାଇ ନଥାଏ । ମନ କ'ଣ ହୋଇଯାଉଥାଏ କାନ୍ଦ ମାଡୁଥାଏ। ମା'କୁ ଯାଇ କହିଲୁ - ସେ ବାପାଙ୍କୁ ମନା କରୁ । ବାପା ଫାଶୀବେଳେ ହାଜର ରହିବାକୁ ନ ଯାଆନ୍ତୁ । ମା' କହିଲା, "ତମେ କୁହ ।" ଅତି ଡରିଡରି ବାପାଙ୍କ ଟେବୁଲ୍ ପାଖରେ ଠିଆହେଲୁ । ଅପା ମତେ ଠାରୁଥାଏ କଥାଟା ମୁଁ କହେ । କେତେ ସମୟ ଠିଆ ହୋଇ ରହିଲାରୁ ବାପା କହିଲେ, "କଅଣ କହିବାକୁ ଆସିଛ କହୁନା ।" ସାହସ କରି ମୁଁ ହଠାତ୍ କହିଲି, "ଖୁଦିରାମ ଫାଶୀବେଳକୁ ତମେ ଯାଅନା ।" ବାପା କହିଲେ, "ଆଉ କିଏ ଯିବ ?" ତା'ର ଜବାବ ଆମ ପାଖରେ ନ ଥିଲା । ବାପା ଆମ ମୁଣ୍ଡରେ ହାତ ବୁଲେଇଦେଇ କହିଲେ, "ମୁଁ ଯିବି ନାହିଁ ।" ବାପା ଭାରି ଗମ୍ଭୀର ଦେଖାଯାଉଥା'ନ୍ତି । ସେ ଅଧିକାଂଶ ଦିନ ରାତିରେ ମୋକଦ୍ଦମା ରାୟ ଲେଖନ୍ତି । ସେଦିନ ବି ଲେଖୁଥିଲେ । ଯଥା ସମୟରେ ଖୁଦିରାମଙ୍କର ଫାଶୀ ହେଲା । ସକାଳ ହେବାବେଳକୁ ଖବର ଚାରିଆଡ଼େ ବ୍ୟାପି ଯାଇଥିଲା । ଆମ



https://withteachers.in/

ସାହିରେ ଯେପରି ହାଉଆ ହୋଇଥାଏ, ତାହା ମୋର ବର୍ତ୍ତମାନ ବି ମନେପଡୁଛି । ମାତ୍ର ତାହା ବର୍ଣ୍ଣନା କରିବାର ଶକ୍ତି ମୋର ନାହିଁ । ସମସ୍ତେ ନିଜର ଉତ୍ତେଜନା ଲୁଚେଇଲୁଚେଇ ପ୍ରକାଶ କରୁଥା'ନ୍ତି ।

ଧୀରେଧୀରେ ସେ ହାଉଆ ଚାଲିଗଲା । ଅରବିନ୍ଦଙ୍କ ଉପରେ ସବୁରି ଦୃଷ୍ଟି ରହିଲା । ମୋ' ମନରୁ ଯେମିତି ଅରବିନ୍ଦଙ୍କ ଛାପ ଲିଭି ନାହିଁ, ସେମିତି ଆଉ କେତେ ଲୋକଙ୍କ ମନରେ ହୁଏ ତ ଥିବ । ଦେଶ ପାଇଁ ସର୍ବସ୍ୱ ଦେବାକୁ ହେବ-ଏ ଭାବନା ଆମ ମନରେ ବିପ୍ଳବୀ ଅରବିନ୍ଦ ସୃଷ୍ଟି କରିଥିଲେ । ତାଙ୍କୁ ଦେଖିବାର ସୌଭାଗ୍ୟ ମୋର ଘଟି ନ ଥିଲା ।

ମୁଁ ଗପ ଶୁଣିବାକୁ ଭାରି ଭଲପାଏ । ମା' ସନ୍ଧ୍ୟାବେଳେ ପୂଜା ସାରି ଆମକୁ ଗପ କହେ । ରାମାୟଣ, ମହାଭାରତର ଯେତେ ଚରିତ୍ର ପିଲାଙ୍କ ଆଗରେ ବର୍ଣ୍ଣନା କରାଯାଇପାରେ ସେସବୁ ସେ କହେ । ତା' ଛଡ଼ା ଭାରତର ଐତିହାସିକଘଟଣା, ଆନନ୍ଦମଠ, ଦେବୀଚୌଧୁରାଣୀ, ରାଣାପ୍ରତାପ, ରବୀନ୍ଦ୍ରନାଥଙ୍କ ଗପ ମା' ଆମକୁ ସଞ୍ଜବେଳେ ଘଣ୍ଟାଏ ଶୁଣାଏ । ଖୁଦିରାମଙ୍କ କଥା ଯେମିତି ପଡ଼ିଲା, ସେ ସରଳଭାବରେ ସେ କଥାକୁ, ବିଶେଷ କରି ଅରବିନ୍ଦଙ୍କ ଚରିତ୍ର ଏପରି ବର୍ଣ୍ଣନା କଲା ଯେ, ଆମର ତାଙ୍କ ପ୍ରତି ଭକ୍ତି ଜାତ ହେଲା । ଆମ ଘରେ ଗୋଟିଏ ଛବିବହି ଥାଏ । ସେ ବହିରେ ପିଲାଙ୍କ ପାଇଁ, ସ୍ତ୍ରୀଲୋକ ତଥା ଗୃହିଣୀଙ୍କ ପାଇଁ ବହୁ ଶିକ୍ଷାପ୍ରଦ କଥା ଛବି ସାଙ୍ଗରେ ଥିଲା । ମା' ସେ ଛବିଗୁଡ଼ିକ ଦେଖାଏ ଓ ବିଷୟ ନାଁ କହେ । ରାତିରେ ଯାହା ଶୁଣିଥାଉ ତାହା ପରଦିନ ଲେଖିକରି ମା' କୁ ଦେଖାଉ । ଭୁଲ୍ କଲେ ବା ଦୋଷ କଲେ ମାଡ଼ ତ ଦୂର କଥା, ମା' କେବେ ଗାଳି ବି ଦିଏ ନାହିଁ ।

## ଲେଖିକା ପରିଚୟ



(୧୮୯୯-୧୯୮୫)

**ରମାଦେବୀ :** ଉତ୍କଳଗୌରବ ମଧୁସୂଦନ ଦାସଙ୍କ ସାନଭାଇ ଗୋପାଳବଲ୍ଲଭ ଦାସଙ୍କ ଝିଅ ରମାଦେବୀ । ସେ ବାଲ୍ୟକାଳରୁ ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇଥିଲେ । ଆଜୀବନ ଗାନ୍ଧିବାଦୀ ତଥା ମହାନ୍ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କୁ ସେ ବିବାହ କରିଥିଲେ । ରମାଦେବୀ ନିଜେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ଜଗତସିଂହପୁରରେ 'ଅଳକା ଆଶ୍ରମ' ପ୍ରତିଷ୍ଠା କରି ସେ ସାଧାରଣ ମଣିଷର ସେବାପାଇଁ ସାରା ଜୀବନ ଉତ୍ସର୍ଗ କରିଥିଲେ । ଆତ୍ମଜୀବନୀ ରଚନା କରି ତାହା ମାଧ୍ୟମରେ ସେ ଓଡ଼ିଶାର ସାମାଜିକ, ରାଜନୈତିକ ଇତିହାସ ସମ୍ବନ୍ଧରେ ଅନେକ ତଥ୍ୟ ପ୍ରଦାନ କରିଛନ୍ତି । ଯେତେବେଳେ ଆମ ରାଜ୍ୟରେ ଶିକ୍ଷାର ବିଶେଷ ପ୍ରସାର ଘଟିନଥିଲା, ସେପରି ଏକ ସମୟରେ ଜଣେ ନାରୀ କିପରି ଦେଶ ଓ ଜାତିର ପ୍ରଗତିପାଇଁ ସାହସର ସହ ଆଗକୁ ଆସିଥିଲେ, ତାହା ଚିରକାଳ ଅନ୍ୟମାନଙ୍କପାଇଁ ଉଦାହରଣ ହୋଇରହିବ । ଏହି ପାଠ୍ୟାଂଶଟି ରମାଦେବୀଙ୍କ ଆତ୍ମଜୀବନୀ 'ଜୀବନ ପଥେ' ଗ୍ରନ୍ଥରୁ ଗୃହୀତ ହୋଇଛି ।



https://withteachers.in/

# ପାଠରୁ



## ମୁଁ ଯାହା ବୁଝିଲି

(କ) ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର କେଉଁଟି, ତାହା ପାଖରେ ଠିକ୍ ଚିହ୍ନ ( ✓ ) ଦିଅ ।

୧ । ରମାଦେବୀଙ୍କ ପରିବାରରେ କିଏ କିଏ ରହୁଥିଲେ ?

(କ) ବାପା, ମାଆ ଭାଇଭଉଣୀ (ଖ) କେବଳ ବାପା, ମାଆ ଏବଂ ରମାଦେବୀ

(ଗ) କେବଳ ଦୁଇଭଉଣୀ (ଘ) ବାପା, ମାଆ, ଦୁଇଭଉଣୀ

୨ । ରମାଦେବୀଙ୍କ ଘରେ କେଉଁ ପ୍ରକାର ପୋଷାକ ବ୍ୟବହାର ହେଉଥିଲା ?

(କ) ବିଦେଶୀ ପୋଷାକ (ଖ) ବଙ୍ଗଲକ୍ଷ୍ମୀ ମିଲ୍‌ର ଲୁଗା

(ଗ) ସମ୍ବଲପୁରୀ ଲୁଗା (ଘ) ନାଇଲନ୍ ପୋଷାକ

(ଖ) କାହିଁକି ଏ ଉତ୍ତର ବାଛିଲ ? ବର୍ତ୍ତମାନ ତୁମେ ସାଙ୍ଗମାନଙ୍କ ସହିତ ଆଲୋଚନା କର ।



## ବାକ୍ୟ ସମ୍ପର୍କିତ ଆଲୋଚନା

ପାଠରୁ କେତେଗୁଡ଼ିଏ ବାକ୍ୟ ନିମ୍ନରେ ଦିଆଯାଇଛି । ଏହି ବାକ୍ୟକୁ ପଢ଼ି, ବୁଝି ବାକ୍ୟ ଆଧାରରେ ବିଚାର କର । ତୁମକୁ ଏହାର ଅର୍ଥ କ'ଣ ବୁଝାପଡ଼ିଲା, ତାହା ଶ୍ରେଣୀରେ ଆଲୋଚନ କରି ଲେଖ ।

(କ) ''ଉତ୍ତେଜନାର ବାତାବରଣ ଭିତରେ ଆମେ ଥାଉ । ଦେଶପାଇଁ କାମ କରିବାକୁ ହେଲେ ଜେଲ୍ ଯିବାକୁ ହୁଏ, ଫାଶୀ ପାଇବାକୁ ହୁଏ ।''

(ଖ) ଦେଶପାଇଁ ସର୍ବସ୍ୱ ଦେବାକୁ ହେବ – ଏ ଭାବନା ଆମ ମନରେ ବିପ୍ଳବୀ ଅରବିନ୍ଦ ସୃଷ୍ଟି କରିଥିଲେ ।



## ଆସ ସ୍ତମ୍ଭ ମିଳାଇବା

ପାଠ ବହିରୁ କିଛି ଶବ୍ଦ ଦିଆଯାଇଛି । ତୁମେ ଦଳରେ ଆଲୋଚନା କରି ଯଥାର୍ଥ ଉତ୍ତର ସହ ସ୍ତମ୍ଭ ଦୁଇଟିକୁ ମିଳାଅ । ଆବଶ୍ୟକ ସ୍ଥଳେ ଶିକ୍ଷକଙ୍କ ସହାୟତା ନେଇପାର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ମୋଜାଫରପୁର | ରମାଦେବୀଙ୍କ ବାପା |
| ଖୁଦିରାମ | ଦେଶପ୍ରେମୀ ଯୋଦ୍ଧା |
| ବସନ୍ତ କୁମାରୀ ଦେବୀ | ବିହାରର ଏକ ସହର |
| ଗୋପାଳ ବଲ୍ଲଭ ଦାସ | ରମାଦେବୀଙ୍କ ମାଆ |



https://withteachers.in/



## ବୁଝି ବିଚାରି ଉତ୍ତର ଦିଅ

୧. "ଖୁଦିରାମଙ୍କୁ ଫାଶୀ ହୁକୁମ ହେଲା ।"

(କ) ତାଙ୍କୁ ଫାଶୀ ଦିଆଯିବାର କାରଣ କ'ଣ ଥିଲା ?

(ଖ) ଫାଶୀସ୍ଥଳକୁ ଯିବାପାଇଁ ରମାଦେବୀ ତାଙ୍କ ବାପାଙ୍କୁ କାହିଁକି ମନା କଲେ ?

୨. "ଦେଶପାଇଁ ସର୍ବସ୍ୱ ଦେବାକୁ ହେବ" – ଏ ଭାବନା ରମାଦେବୀଙ୍କ ମନରେ କିପରି ଜାଗ୍ରତ ହେଲା ?

୩. ରମାଦେବୀ ମା'ଙ୍କଦ୍ୱାରା କିପରି ପ୍ରଭାବିତ ହୋଇଥିଲେ ?



## ଆତ୍ମକଥାର ରଚନା

ଏହି ପାଠଟି ରମାଦେବୀଙ୍କ ଆତ୍ମଜୀବନୀ 'ଜୀବନ ପଥେ' ରୁ ଆସିଅଛି । ଦୁନିଆରେ ଅନେକ ବ୍ୟକ୍ତି ନିଜ ଜୀବନୀ ଲେଖଥାନ୍ତି । କେବେ ନିଜ ପାଇଁ, କେବେ ଅନ୍ୟମାନଙ୍କ ପଢ଼ିବା ପାଇଁ ।

(କ) ଏହି ପାଠକୁ ତୁମେ ପୁଣି ଥରେ ପଢ଼ ଏବଂ ନିଜ ନିଜ ଦଳରେ ମିଳିମିଶି ଏହି ପାଠରୁ ଏଭଳି ଧାଡ଼ିଗୁଡ଼ିକର ତାଲିକା ପ୍ରସ୍ତୁତ କର, ଯେଉଁଥିରୁ ଲାଗିବ ଯେ ଲେଖିକା ନିଜ ବିଷୟରେ କ'ଣ କହିଛନ୍ତି ?

(ଖ) ନିଜ ନିଜ ଦଳର ଏହି ତାଲିକାଗୁଡ଼ିକୁ ଶ୍ରେଣୀରେ ସମସ୍ତଙ୍କ ସହିତ ଆଲୋଚନା କର ।



## ବିଭିନ୍ନ ଶବ୍ଦର ପ୍ରୟୋଗ

(କ) '<u>ଦେଶପ୍ରେମୀ</u>ମାନଙ୍କର କଥା ଆଲୋଚନା ହେଉଥାଏ ।'

ଏଠାରେ 'ଦେଶପ୍ରେମୀ' ଶବ୍ଦଟିକୁ ଲକ୍ଷ୍ୟକର । ଯେଉଁମାନେ ଦେଶକୁ ଭଲ ପାଆନ୍ତି, ଶ୍ରଦ୍ଧା କରନ୍ତି, ସମ୍ମାନ କରନ୍ତି ସେମାନଙ୍କୁ 'ଦେଶପ୍ରେମୀ' କୁହାଯାଏ । 'ଦେଶ' ଶବ୍ଦ ପରେ 'ପ୍ରେମୀ' ଶବ୍ଦ ଯୁକ୍ତହେବା ଫଳରେ ଏହି ଶବ୍ଦଟି ସୃଷ୍ଟି ହୋଇଛି । ତୁମେ ତୁମ ବନ୍ଧୁମେଳରେ ଆଲୋଚନା କରି, ଏହିପରି ଆଉ ପାଞ୍ଚଟି ଶବ୍ଦ ଲେଖ । ସେଗୁଡ଼ିକୁ ଅର୍ଥପୂର୍ଣ୍ଣ ବାକ୍ୟରେ ପ୍ରୟୋଗ କର ।



https://withteachers.in/

(ଖ) ‘ସେ ବହିରେ ପିଲାଙ୍କ ପାଇଁ’, ସ୍ତ୍ରୀଲୋକ ତଥା ଗୃହିଣୀଙ୍କପାଇଁ ବହୁ ଶିକ୍ଷାପ୍ରଦ କଥା ଛବି ସାଙ୍ଗରେ ଥିଲା ।’

ଏଠାରେ ‘ଶିକ୍ଷାପ୍ରଦ’ ଶବ୍ଦଟିକୁ ଦେଖ । ଯାହା ଆମକୁ ଶିକ୍ଷା ପ୍ରଦାନ କରିଥାଏ, ତାହା ଶିକ୍ଷାପ୍ରଦ । ‘ଶିକ୍ଷା’ ଶବ୍ଦ ପଛରେ ‘ପ୍ରଦ’ ଶବ୍ଦ ଯୁକ୍ତ ହୋଇ ଏହା ଗଠିତ ହୋଇଛି ।

ତୁମେ ସେହିଭଳି ଆଉ କେତୋଟି ଶବ୍ଦ ବନ୍ଧୁମାନଙ୍କ ସହ ଆଲୋଚନା କରି ଲେଖ । ସେଗୁଡ଼ିକୁ ବାକ୍ୟରେ ବ୍ୟବହାର କର ।



## ଉକ୍ତିଗୁଡ଼ିକ କାହାର, ଆସ ବାଛି ଲେଖିବା

ଏହି ପାଠଟିରେ ଅନେକ ଉକ୍ତି ରହିଅଛି । ଉକ୍ତିଗୁଡ଼ିକ କାହାର, ସେଗୁଡ଼ିକୁ ଅଲଗାଅଲଗା କରି ଲେଖିବା । ତଳେ ସେହି ଉକ୍ତିଗୁଡ଼ିକ ଦିଆଗଲା ।

‘ଆମେ ଖୁଦିରାମଙ୍କୁ ଦେଖନ୍ତେ’ ।     ‘ଏ ତ ବୋମା ଫୁଟିବାର ଶବ୍ଦ ।’

‘କଅଣ କରିବାକୁ ଆସିଛ କୁହନା ।’   ‘ଖୁଦିରାମ ଫାଶୀବେଳକୁ ତମେ ଯାଅନା ।’

‘ତୁମେ କୁହ ।’ ‘ମୁଁ ଯିବିନାହିଁ’ ।     ‘ନା ...... ନା, ତୁମକୁ ଦେଖିବାପାଇଁ ଛାଡ଼ିବେ ନାହିଁ ।’

‘କିଂସ ଫୋର୍ଡ ସାହେବ ଚିଠି ଦେଇଛନ୍ତି ।’   ‘ଆଉ କିଏ ଯିବ ?’



## ଆସ ଯୁଗ୍ମଶବ୍ଦ ଖୋଜିବା

ଧୀରେଧୀରେ ସେ ହାଉଆ ଚାଲିଗଲା ।

ଉପରେ ଦିଆଯାଇଥିବା ବାକ୍ୟଟିରେ ‘ଧୀରେଧୀରେ’ ଶବ୍ଦଟିକୁ ଦେଖ । ଏଠାରେ ‘ଧୀରେ’ ଶବ୍ଦଟି ବାରମ୍ବାର ଉଚ୍ଚାରିତ ହୋଇଛି । ଏହି ବାରମ୍ବାର ଉଚ୍ଚାରଣ ଏକ ପ୍ରକାର ଯୁଗ୍ମଶବ୍ଦ ।

ଆମ ବହିରେ ଏହିଭଳି ଅନେକ ଯୁଗ୍ମଶବ୍ଦ ରହିଅଛି । ସେଗୁଡ଼ିକର ତାଲିକା କର । ସେହି ଶବ୍ଦଗୁଡ଼ିକୁ ନେଇ ବାକ୍ୟ ଗଠନ କର ।



https://withteachers.in/

# ପାଠରୁ ଆଗକୁ...

## ତୁମକଥା

(କ) ଅରବିନ୍ଦଙ୍କ କଥା ଶୁଣିବା ପରେ ରମାଦେବୀଙ୍କ ଉପରେ କି ପ୍ରଭାବ ପଡ଼ିଥିଲା, ସେ ବିଷୟରେ ଶ୍ରେଣୀ ଗୃହରେ ଆଲୋଚନା କର ।

(ଖ) ନିମ୍ନରେ ଲେଖାଥିବା ବିନ୍ଦୁ ଆଧାରରେ ନିଜ ମାଆ କିମ୍ବା ଅଭିଭାବକଙ୍କ ସହିତ କଥାବାର୍ତ୍ତା ହୋଇ ଲେଖ - ସେମାନଙ୍କ ବିଷୟରେ ଗଭୀର ଭାବରେ ଜାଣ । ଯେପରିକି ଭଲ ଅଭ୍ୟାସ, ପ୍ରିୟଖାଦ୍ୟ, ପିଲାଦିନର କିଛି ସ୍ମରଣୀୟ ଘଟଣା, ପ୍ରିୟସାଙ୍ଗ ଇତ୍ୟାଦି ।

- ତୁମ ଜନ୍ମ କେଉଁଠାରେ ହୋଇଥିଲା ?
- ତୁମ ପ୍ରିୟ ପୁସ୍ତକର ନାମ କ'ଣ ?
- ସେହି ପୁସ୍ତକଟି ତୁମର ପ୍ରିୟ କାହିଁକି ?

## ଶବ୍ଦମାନଙ୍କର କଥା

ନିମ୍ନରେ ପ୍ରସଙ୍ଗରୁ ଦୁଇଟି ଶବ୍ଦ ଦିଆଯାଇଛି । ସେଗୁଡ଼ିକର ପ୍ରତିଶବ୍ଦ ଲେଖ - ଉଡଣୀ, ସକାଳ ।

## ଶବ୍ଦସାରଣୀ

ଏଥିରେ ଦିଆଯାଇଥିବା ଶବ୍ଦସାରଣୀରେ କେତୋଟି ବିଶେଷଣ ଶବ୍ଦ ଦିଆଯାଇଛି । ସେଗୁଡ଼ିକୁ ଗୋଲ ବୁଲାଇ ଚିହ୍ନଟ କର ।

| | | | | | |
|---|---|---|---|---|---|
| ମ | ଙ୍ଗ | ଳ | ମ | ୟ | ଲ |
| ପ୍ର | ତ୍ୟେ | କ | ନୋ | ଛୋ | ଟ |
| ଧା | ର | ଳା | ହ | ତ | ବ |
| ର୍ମି | ସା | ଧା | ର | ଣ | ଡ଼ |
| କ | ଦୁଃ | ଖ | ଭ | ରା | ପ |
| ମ | ହା | ନ | ସ୍ୱା | ଧୀ | ନ |

## ପାଠାଗାର ବା ପ୍ରଯୁକ୍ତିବିଦ୍ୟାରୁ

ତୁମେ ପାଠାଗାରରୁ ରମାଦେବୀଙ୍କ ଆତ୍ମକଥା ଖୋଜି ପଢ଼ । ଦେଶଭକ୍ତିମୂଳକ ପୁସ୍ତକ; ଯଥା - ସେମାନଙ୍କ ଜୀବନୀ, ଆତ୍ମକଥା ଇତ୍ୟାଦି ପଢ଼ି ନିଜ ସାଙ୍ଗମାନଙ୍କ ସହିତ ଆଲୋଚନା କର ।



https://withteachers.in/



## ଆସ ଖୋଜିବା

(କ) ଦେଶ ସ୍ୱାଧୀନ କରିବାପାଇଁ ଓଡ଼ିଶାର ବହୁ ବ୍ୟକ୍ତି ସଂଗ୍ରାମ କରିଥିଲେ । ତୁମେ ଅତିକମ୍‌ରେ ପାଞ୍ଚଜଣ ସ୍ୱାଧୀନତା ସଂଗ୍ରାମୀଙ୍କର ତାଲିକା କର । ତାଙ୍କର ଫଟୋ ସଂଗ୍ରହ କରି ଶ୍ରେଣୀରେ ଲଗାଅ ।

(ଖ) ଶିକ୍ଷକ /ଶିକ୍ଷିକା ବା ବାପାମାଆଙ୍କ ସାହାଯ୍ୟ ନେଇ ସେମାନଙ୍କ ବିଷୟରେ ଅଧିକ ଜାଣିବାପାଇଁ ଚେଷ୍ଟା କର ।



## ଝରକାରୁ



# କଳିଙ୍ଗରାଇଜୁ ବଡ଼ ନାହିଁ

ଶୁକଦେଇ ପରି ଝିଅ ନାହିଁ ଭାଇ
ପାଟଶାଣୀ ପରି ପୁଅ ନାହିଁ
କୋଣାରକ ପରି ଦେଉଳ ନାହିଁଟି
ଜଗନ୍ନାଥ ପରି ଦିଅ ନାହିଁ । ୦ ।
ବାଜିଆ ପରିକା ପିଲା ନାହିଁ କାହିଁ
ଗୋପବନ୍ଧୁ ପରି ବନ୍ଧୁ ନାହିଁ
ମହାନଦୀ ପରି ନଦୀ ଆଉ ନାହିଁ
ମହୋଦଧି ପରି ସିନ୍ଧୁ ନାହିଁ । ୧ ।
ଲକ୍ଷ୍ମଣ ପରିକା ଦେଶ ଭକ୍ତ ନାହିଁ
ଜୟଦେବ ସମ କବି ନାହିଁ
ଚିଲିକାର ସରି ହ୍ରଦ କାହିଁ ଅଛି ?
ନନ୍ଦନକାନନ ଛବି କାହିଁ ? । ୨ ।
ବାରବାଟୀ ପରି ଦୁର୍ଗ କାହିଁ ଅଛି ?
ଖୋରଧା ସରିକି ଗଡ଼ ନାହିଁ
ଖାରବେଳ ସମ ରାଜା ନାହିଁ କାହିଁ
କଳିଙ୍ଗ ରାଇଜୁ ବଡ଼ କେହି ? । ୩ ।

– ଶଙ୍କର୍ଷଣ ମଙ୍ଗରାଜ







https://withteachers.in/

୯

# ଶରତରାଜା

● ଦାଶ ବେନହୁର



ଆଷାଢ଼ ଶ୍ରାବଣ
ଆସିଲେ ମାଡ଼ି,
ଝାଞ୍ଜି ପକେଇଲା
କୁଆଡ଼େ ଛାଡ଼ି । ୧ ।

ମଲା ନଈ ଥିଲା
କେଉଁଠି ଶୋଇ,
ଧାଇଁଲା ହୋଇଲୋ
ବାଉଳା ହୋଇ । ୨ ।

ବିଜୁଳି ବତାସ
ପବନ ପାଣି,
କିଏ ତାଙ୍କ ନେତା
ନ ହୁଏ ଜାଣି ।୩।
ପଟୁଆର ତାଙ୍କ
ଦେଖିବ କିସ,
ସଭିଏଁ ଆସନ୍ତି
ଫୁଲାଇ ନିଶ ।୪ ।

କଳଛଳ ପାଣି
ଆସିଲା ବୋହି,
ସବୁଆଡ଼ ସତେ
ନବ କି ଧୋଇ ।୫ ।

ଭୋଦୁଅ ଅଶିଣ
ଦୂରରେ ଥାଇ,
ହାତ ହଲେଇଲେ
ମାଟିକୁ ଚାହିଁ ।୬ ।

ରହ ରହ ଆମେ
ତଳକୁ ଯାଉଁ
କାଳିଆ ମେଘର
ସରିବ ଦାଉ ।୭ ।

ଭାସିବ ବଉଦ
ସତେ କି କପା,
ନେଳିଆ ଆକାଶ
ଦିଶିବ ସଫା ।୮ ।

ଶରତରତୁର
ସଙ୍ଗୀତ ଗାଇ,
କଇଁ କାଶତଣ୍ଡୀ
ହସିବେ ଥାଇ । ୯ ।

ଗହୀରମାଳରେ
ଶୋଭାପସରା,
ସବୁଜଧରଣୀ
ଦିଶିବ ତୋରା । ୧୦ ।

ନଈନାଳ ସବୁ
ଆୟତ୍ତ କରି,
ଆସଇ ଶରତ
ବଜାଇ ତୂରୀ । ୧୧ ।

ଓଡ଼ିଶା ମାଟିରେ
ଶରତରାଜା,
ଡାଉଁଡାଉଁକରି
ଢୋଲକି ବଜା । ୧୨ ।



https://withteachers.in/



## କବି ପରିଚୟ



(ଜନ୍ମ-୧୯୫୩)

କବିଙ୍କ ପ୍ରକୃତ ନାମ : **ଜିତେନ୍ଦ୍ର ନାରାୟଣ ଦାଶ** । କଲମ ନାମ **ଦାଶ ବେନହୁର** ।

ନୟାଗଡ଼ର ଖଣ୍ଡପଡ଼ାରେ ୧୯୫୩ ମସିହା ଅଗଷ୍ଟ ୩ ତାରିଖରେ ତାଙ୍କର ଜନ୍ମ । ରାଜନୀତି ବିଜ୍ଞାନରେ ଉଚ୍ଚଶିକ୍ଷା ଲାଭ ପରେ ଦୀର୍ଘକାଳ ଅଧ୍ୟାପନା କରି ଶେଷରେ ପୁରୀର ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପଦରୁ ଅବସର ନେଇଛନ୍ତି । ଅଧ୍ୟାପନା ସହ ପତ୍ରିକା ସମ୍ପାଦନାରେ ସେ ଥିଲେ ଧୁରୀଣ । ଅଦ୍ୟାବଧି ୧୧ଟି କ୍ଷୁଦ୍ରଗଳ୍ପ ସଂକଳନ, ୮୦ଟି ଶିଶୁସାହିତ୍ୟ ପୁସ୍ତକ, ୫ଟି ଜନସାହିତ୍ୟ ତାଙ୍କର କୃତି । 'କୁନା ପାଇଁ ଅନାବନା ଗୀତ' କବିତା ସଂକଳନପାଇଁ ସେ ଜାତୀୟ ସ୍ତରରେ (୧୯୮୯) ଓ ଓଡ଼ିଶା ସାହିତ୍ୟ ଏକାଡେମୀ (୧୯୮୭) ଦ୍ୱାରା ପୁରସ୍କୃତ ହୋଇଛନ୍ତି । ତାଙ୍କର ସାମଗ୍ରିକ କୃତିର ଆକଳନ କରି ୨୦୧୪ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ତାଙ୍କୁ 'ବାଲ୍ ସାହିତ୍ୟ' ସମ୍ମାନରେ ସମ୍ମାନିତ କରିଛନ୍ତି ।

'ଶରତରାଜା' କବିତାଟି କବିଙ୍କର 'ଶରତପାଇଁ ଗୀତ' (୨୦୧୨) ସଂକଳନରୁ ଗୃହୀତ । କବିଙ୍କ ଭାବନାରେ ସମସ୍ତ ଋତୁ ଅପେକ୍ଷା ଶରତଋତୁ ଅଧିକ ଆନନ୍ଦ ପ୍ରଦାନ କରିଥାଏ । ଧରଣୀରେ ଶୋଭାର ପସରା ବସାଇଥାଏ । ତେଣୁ କବି ଶରତକୁ ରାଜାର ମାନ୍ୟତା ପ୍ରଦାନ କରିଛନ୍ତି ।

## ପାଠରୁ



## ମୁଁ ଯାହା ବୁଝିଛି

ଏହି କବିତା ଆଧାରରେ ଆମେ ତଳେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ବାଛିବା ।

**୧. କବିତାର କେଉଁ ଅଂଶରେ ନଈର ଚଞ୍ଚଳତା କଥା କୁହାଯାଇଛି ?**

– ବିଜୁଳି ବତାସ ପବନ ପାଣି, କିଏ ତାଙ୍କ ନେତା ନ ହୁଏ ଜାଣି ।

– ପଟୁଆର ତାଙ୍କ ଦେଖିବ କିସ, ସଭିଏଁ ଆସନ୍ତି ଫୁଲାଇ ନିଶ ।

– ରହରହ ଆମେ ତଳକୁ ଯାଉଁ, କାଳିଆ ମେଘର ସରିବ ଦାଉ ।

– ମଲାନଈ ଥିଲା କେଉଁଠି ଶୋଇ, ଧାଇଁଲା ହେଇଲେ ବାଉଳା ହୋଇ ।

**୨. କବିଙ୍କ ମତରେ କି କି କାମ କରି ଶରତରାଜା ତୂରୀ ବଜାଇ ଆସିଥାଏ ।**

– ଗହୀରମାଳାରେ ଶୋଭାର ପସରା ଧରି

– ଢାଉଁଢାଉଁ କରି ଢୋଲ୍‌କି ବାଜା ବଜାଇ



https://withteachers.in/

– ନଈନାଳ ସବୁକୁ ଆୟତ୍ତ କରି ।

– ନେଳିଆ ଆକାଶକୁ ସଫାସୁତୁରା କରି ।

୩. 'ରହରହ ଆମେ ତଳକୁ ଯାଉ' ଏ କଥା କିଏ କହିଛନ୍ତି ?

– ଆଷାଢ଼ ଓ ଶ୍ରାବଣ

– ବୈଶାଖ ଓ ଜ୍ୟେଷ୍ଠ

– ତୂରୀ ଓ ଢୋଲ୍‌କି

– ଭୋଦୁଅ ଓ ଅଶିଣ

୪. "ପଟୁଆର ତାଙ୍କ ଦେଖିବ କିସ, ସଭିଏଁ ଆସନ୍ତି ଫୁଲାଇ ନିଶ ।" ଏଠାରେ କେଉଁମାନଙ୍କର ପଟୁଆର କଥା କୁହାଯାଇଛି ?

– ବେଙ୍ଗ, ସାପ, କଙ୍କଡ଼ା, ଝିଟିପିଟି

– ଝାଞ୍ଜି, ପବନ, ଗରମ, ଅଂଶୁଘାତ

– ବାତ୍ୟା, ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ

– ବିଜୁଳି, ବତାସ, ପବନ, ପାଣି

(ଖ) ଏପରି ହୋଇପାରେ କୌଣସି ଶିକ୍ଷାର୍ଥୀବନ୍ଧୁ ଅଲଗା ଉତ୍ତର ମଧ୍ୟ କହିପାରନ୍ତି । ସେ କାହିଁକି ଏପରି ଉତ୍ତର ବାଛିଲେ– ସେ କଥା ଦଳ ମଧ୍ୟରେ ଆଲୋଚନା କର ।



## ପଦ୍ୟାଂଶର ଚର୍ଚ୍ଚା

କବିତାରୁ ବାଛି କିଛି ପଦ୍ୟାଂଶ ନିମ୍ନରେ ଦିଆଯାଇଛି । ନିଜ ବିଚାରରେ ସେଗୁଡ଼ିକର ଅର୍ଥ ସରଳଭାଷାରେ ବୁଝାଇ ଲେଖ–

କ – ଆଷାଢ଼ ଶ୍ରାବଣ ଆସିଲେ ମାଡ଼ି
ଝାଞ୍ଜି ପଳେଇଲା କୁଆଡ଼େ ଛାଡ଼ି

ଖ – କଳଛଳ ପାଣି ଆସିଲା ବୋହି
ସବୁଆଡ଼ ସତେ ନବ କି ଧୋଇ ।



https://withteachers.in/



# ଆସ ମିଳେଇବା

କବିତାରେ କିଛି ଅଂଶ ସ୍ତମ୍ଭ-୧ରେ ଦିଆଯାଇଛି ଓ ଏହାର ଭାବାର୍ଥ ସ୍ତମ୍ଭ-୨ରେ ଦିଆଯାଇଛି । ସ୍ତମ୍ଭ ମିଳନ କରି ନିଜ ଖାତାରେ ଲେଖ ।

| ସ୍ତମ୍ଭ-୧ | ସ୍ତମ୍ଭ-୨ |
|---|---|
| ୧. ମଲାନଇ ଥିଲା କେଉଁଠି ଶୋଇ | ୧. ଚାରିଆଡ଼ ଜଳମଗ୍ନ ହୋଇ ଧୋଇଯିବା |
| ୨. ଝାଞ୍ଜି ପଳେଇଲା କୁଆଡ଼େ ଛାଡ଼ି | ୨. ଶରତରାଜା ଭେରିତୂରୀ ବଜାଇ ଆସିବା |
| ୩. ସବୁଆଡ଼ ସତେ ନବ କି ଧୋଇ | ୩. ନଈଗୁଡ଼ିକ ଶୁଖିଲା ପଡ଼ିଥିଲା |
| ୪. ପଟୁଆର ତାଙ୍କ ଦେଖିବ କିସ | ୪. ଗରମ ପବନ ଦୂରେଇ ଯିବା |
| ୫. ଆସଇ ଶରତ ବଜାଇ ତୂରୀ | ୫. କଇଁ, କାଶତଣ୍ଡୀ ଫୁଲ ହସି ଉଠିବା |
| | ୬. ସଜବାଜ ହୋଇ ଦେଖାଇ ହେବା |



# ବୁଝିବିଚାରି

**କବିତାଟିକୁ ପୁଣି ଥରେ ଧ୍ୟାନର ସହିତ ପଢ଼, ବୁଝ ଓ ଲେଖ ।**

(କ) କବିତାରେ କିଏ କିଏ ପଟୁଆର କରି ଆସିଲେ ?

(ଖ) କବିତାର କେଉଁ ପଦରେ ମାଟିକୁ ଚାହିଁ ହାତ ହଲାଇବା କଥା କୁହାଯାଇଛି ?

(ଗ) 'ଶରତରାଜା' କବିତାରେ ଶରତଋତୁକୁ ରାଜା ବୋଲି କାହିଁକି କୁହାଯାଇଛି ?



# ଅନୁମାନ ଓ କଳ୍ପନାରୁ

**ନିଜ ଦଳରେ ମିଶି ଆଲୋଚନା କର–**

(କ) 'କଇଁ, କାଶତଣ୍ଡୀ ହସିବେ ଥାଇ', ଏହି ପଦ୍ୟାଂଶରେ ଶରତଋତୁରେ କଇଁଫୁଲ ଓ କାଶତଣ୍ଡୀ ଫୁଲ ଫୁଟିବା କଥା କୁହାଯାଇଛି । ସେହିପରି ଏହି ଋତୁରେ ଆଉ କେଉଁ କେଉଁ ଫୁଲ ଫୁଟେ, ତା'ର ତାଲିକା କର ।

(ଖ) 'କାଳିଆ ମେଘର ସରିବ ଦାଉ', ଏଠାରେ ଶରତଋତୁରେ ମେଘର ଦାଉ ସରିଯିବା କଥା କୁହାଯାଇଛି । ଏହି ଋତୁକୁ ଦେଖି ଲୋକମାନଙ୍କ ମନରେ ଆଉ ଯେଉଁ ସବୁ ଭାବନା ଦେଖାଦେବ ସେଗୁଡ଼ିକ ଲେଖ ।

(ଗ) 'ଭୋଦୁଅ ଅଶିଣ ଦୂରରେ ଥାଇ, ହାତ ହଲେଇଲେ ମାଟିକୁ ଚାହିଁ' ଏହି ପଦ୍ୟାଂଶକୁ ଆଖି ଆଗରେ ରଖି ଶରତଋତୁରେ ପ୍ରକୃତିର ଚିତ୍ର କିଭଳି ହୋଇଥାଏ, ତାହା ଆଲୋଚନା କରି ଲେଖ ।



https://withteachers.in/

## ଶବ୍ଦରେ ଶବ୍ଦ ଯୋଡ଼

ନିମ୍ନୋକ୍ତ ଶବ୍ଦଗୁଚ୍ଛରୁ ପରସ୍ପର ସମ୍ପର୍କ ଥିବା ଶବ୍ଦମାନଙ୍କୁ ଯୋଡ଼ି ଗୋଟିଏ ଗୋଟିଏ ପେଡ଼ିରେ ରଖ –

**ମଲା, ଭାସିବ ବଉଦ, କଳଛଳ, ଢୋଲକି ବାଜା, କାଳିଆମେଘ,**
**ପାଣି, ନଈ, ଆଷାଢ଼, ଶ୍ରାବଣ, ଢାଉଁ ଢାଉଁ, ଭୋଦୁଅ ଅଶିଣ ।**

## ଗୁଣକୁ ଚିହ୍ନିବା

'ନେଳିଆ ଆକାଶ ଦିଶିବ ସଫା' ଏହି ପଦଟିରେ 'ନେଳିଆ' ଶବ୍ଦଟି ଆକାଶର ରଙ୍ଗକୁ ବୁଝାଉଛି । ଏହି ନେଳିଆ ରଙ୍ଗ ଆକାଶର ଏକ ଗୁଣ ଅଟେ । ସାଧାରଣ ଭାବେ ଗୁଣକୁ ବିଶେଷଣ ପଦ ବୋଲି କୁହାଯାଏ । ଏଠାରେ 'ଆକାଶ' ହେଉଛି ବିଶେଷ୍ୟ ପଦ ଓ 'ନେଳିଆ' ହେଉଛି ବିଶେଷଣ ପଦ । ସେହିପରି ତଳ ଉଦାହରଣରୁ ଆସ ବିଶେଷ୍ୟ ଓ ବିଶେଷଣ ପଦ ବାଛିବା ।

| | ବିଶେଷ୍ୟ | ବିଶେଷଣ |
|---|---|---|
| କଳଛଳ ପାଣି ଆସିଲା ବୋହି – | | |
| କାଳିଆ ମେଘର ସରିବ ଦାଉ – | | |

(ଖ) ନିମ୍ନରେ ଦିଆଯାଇଥିବା ବିଶେଷଣ ପଦ ପାଇଁ ତୁମ ମନରୁ ଭାବି ବିଶେଷ୍ୟ ପଦ ଯୋଡ଼ି ଲେଖ–

| | | | | |
|---|---|---|---|---|
| ଯେପରି– | ୧ | ବର୍ଷା | **ପାଣି** | **ବର୍ଷାପାଣି** |
| | ୨ | ଖରା | ........ | ............... |
| | ୩ | ଶୀତ | ........ | ............... |
| | ୪ | ଗୋଲାପ | ........ | ............... |
| | ୫ | କାଳିଆ | ........ | ............... |



https://withteachers.in/



# ଋତୁ ଓ ଶବ୍ଦ

**"ଭାସିବ ବଉଦ ସତେ କି କପା,**

**ନେଳିଆ ଆକାଶ ଦିଶିବ ସଫା ।"**

"ସଫା" ଶରତଋତୁ ସହିତ ସମ୍ପର୍କ ଥିବା ଏକ ଶବ୍ଦ । ଆମ ଭାରତରେ ମୁଖ୍ୟତଃ ଛଅଟି ଋତୁ କ୍ରମାଗତ ଭାବରେ ଆସିଥାନ୍ତି । ଏହି ଋତୁମାନଙ୍କରେ ଆମ କର୍ମଧାରା ମଧ୍ୟରେ କିଛି ଶବ୍ଦ ଆପେଆପେ ଆସି ଆମ ସହିତ ଯୋଡ଼ି ହୋଇଯାନ୍ତି । ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ପଢ଼ି କେଉଁ ପ୍ରକାରର ଋତୁ କଥା ମନେପଡୁଛି, ସେହି ଶବ୍ଦମାନଙ୍କୁ ତାଲିକାରୁ ନେଇ ଉପଯୁକ୍ତ ସ୍ଥାନରେ ଲେଖ–

| | | | | |
|---|---|---|---|---|
| ଖରା | ଲୁ | ପବନ | ଆନନ୍ଦଉଲ୍ଲାସ | ତୁଷାର |
| ଉତ୍ତାପ | ଜାଡ଼ | ଝଡ଼ | କାକର | କୁହୁଡ଼ି |
| ଝଡ଼ତୋଫାନ | ଗୁଲୁଗୁଲି | ସବୁଜିମା | ବୃଷ୍ଟିପାତ | ଜ୍ୟେଷ୍ଠ |
| ଶ୍ରାବଣ | ରିମ୍‌ଝିମ୍ | ଶୀତଳତା | ଧୂଳିଝଡ଼ | ବାଦଲଫଟା |
| ଖୁବ୍ ଥଣ୍ଡା | ହିମପାତ | ଥରିବା | ଥଣ୍ଡା | କୋଇଲି |

**ଗ୍ରୀଷ୍ମଋତୁ**
(ସାଧାରଣତଃ ମେ-ଜୁନ୍) ______________________

**ବର୍ଷାଋତୁ**
(ସାଧାରଣତଃ ଜୁଲାଇ-ଅଗଷ୍ଟ) ______________________

**ଶରତଋତୁ**
(ସାଧାରଣତଃ ସେପ୍ଟେମ୍ବର-ଅକ୍ଟୋବର) ______________________

**ହେମନ୍ତଋତୁ**
(ସାଧାରଣତଃ ନଭେମ୍ବର-ଡିସେମ୍ବର) ______________________

**ଶୀତଋତୁ**
(ସାଧାରଣତଃ ଜାନୁଆରୀ-ଫେବୃଆରୀ) ______________________

**ବସନ୍ତଋତୁ**
(ସାଧାରଣତଃ ମାର୍ଚ୍ଚ-ଏପ୍ରିଲ୍) ______________________



https://withteachers.in/

# ଆମ ପହଳି

ତୁମ ମନରେ କୌତୂହଳ ଜନ୍ମାଇବାପାଇଁ କେତେକ ପହଳି ଦିଆଯାଇଛି । ବନ୍ଧୁମେଳରେ ଆଲୋଚନା କରି ଉତ୍ତର ନିର୍ଣ୍ଣୟ କର ।



୧. ନକ୍ଷତ୍ର ନୁହଁଇ ରାତିରେ ଫୁଟେ
ଦିନ ହୋଇଲେ ସେ ଭୂଇଁରେ ଲୋଟେ ।



୨. ନିଆଁ ନାହିଁ ଭାଇ, ଧୂଆଁ ବି ନାହିଁ
ପଡୁଅଛି ପାଣି   ବରଷୁ ନାହିଁ ।
କିଏରେ ମୁହିଁ ?



୩. ଶରତେ ଫୁଟଇ ଚଅଁର ଫେଇ
ପତର ନାହିଁକି ପାଖୁଡ଼ା ନାହିଁ
ରୁପା ଚିକଚିକ ରୂପ
ଲାଗଇ ସତେକି ସକାଳୁ ସକାଳୁ
ବାଢୁଛି ଜଣାଣ ଧୂପ ।



୪. ଆମ୍ବ ଫଗୁ ଚଣା ସାଥୀରେ ଧରି
ଆସିଥାଏ ମୁହିଁ ଧରାକୁ ବୁଲି ।
ପୁରୁଣା ଝଡ଼ଇ ଆସଇ ନୂଆ
କୁହ କେଉଁ ଋତୁ, ଦେବିରେ ମୁଆଁ ।

## ପାଠରୁ ଆଗକୁ

# ତୁମକଥା

(କ) ଶରତଋତୁରେ ବାଡ଼ି ବଗିଚାରେ ତୁମେ କି କି ପରିବର୍ତ୍ତନ ଲକ୍ଷ୍ୟ କର ?

(ଖ) ଶରତ ସକାଳେ ବିଦ୍ୟାଳୟ ଯିବା ଆସିବା ସମୟର ଅନୁଭୂତି ଲେଖ ।

(ଗ) ଶରତ ଋତୁରେ ତୁମକୁ ଅଧିକ ଭଲ ଲାଗୁଥିବା ଗୋଟିଏ ଘଟଣା ବର୍ଣ୍ଣନା କରି ଲେଖ ।

(ଘ) ଶରତଋତୁରେ ତୁମକୁ ଭଲ ଲାଗୁଥିବା ଓ ନ ଲାଗୁଥିବା କାର୍ଯ୍ୟଗୁଡ଼ିକୁ ଲେଖ ।

(ଙ) ତୁମ ସାଙ୍ଗମାନଙ୍କ ସହିତ ଦଳରେ ବସି ଶରତଋତୁ ସମ୍ବନ୍ଧରେ କବିତା ଲେଖ । ସେଥିରେ ନିଜ ଘର, ପାଖ ପଡ଼ୋଶୀ ସହିତ ଯୋଡ଼ି ହୋଇଥିବା କଥାକୁ ମଧ୍ୟ ମିଶାଇ ଲେଖ ।



https://withteachers.in/



## ସାକ୍ଷାତକାର ପ୍ରସ୍ତୁତି

"ଗହୀରମାଳରେ
ଶୋଭା ପସରା
ସବୁଜ ଧରଣୀ
ଦିଶିବ ଓ ତୋରା ।"

ଶରତଋତୁରେ ଗହୀର ମାଳରେ ଶୋଭାର ପସରା ବସିଥାଏ ଓ ପୃଥିବୀ ସବୁଜିମାରେ ଭରି ଯାଇଥାଏ । ଏହାର ପୂର୍ବରୁ କୃଷକର ଅବିରତ ଶ୍ରମରେ ଧରଣୀ ଏପରି ଶସ୍ୟଶ୍ୟମଳା ହୋଇଥାଏ । ତୁମେ ସେହି ଗହୀରମାଳରେ ବୁଲୁବୁଲୁ ଜଣେ କୃଷକଙ୍କୁ ଭେଟିଲ । ଭେଟିଲା ପରେ ତାକୁ କିଛି ପ୍ରଶ୍ନ କର ।



## ଶରତର ଦୃଶ୍ୟ

(କ) ଶରତଋତୁର ଦୃଶ୍ୟଗୁଡ଼ିକର ଏକ ତାଲିକା ତିଆରି କର । ଯେଉଁ କଥା ଏହି କବିତାରେ ଲେଖାଯାଇନାହିଁ । ଯେମିତି– ଆକାଶରେ ଧଳାଧଳା ବଉଦ ଭାସେ ।

(ଖ) ଶରତଋତୁର ପୂଜା, ପର୍ବପର୍ବାଣିଗୁଡ଼ିକର ନାମ ତାଲିକା କର ଓ କିଭଳି ପାଳନ କରାଯାଏ, ଆଲୋଚନା କର ।

(ଗ) ତୁମେ ଶରତଋତୁ ପୂର୍ବରୁ ଏବଂ ପରେ ପ୍ରକୃତିକୁ ନିଶ୍ଚୟ ଦେଖିଥିବ, ଏଥିରେ ତୁମକୁ କ'ଣ କ'ଣ ପାର୍ଥକ୍ୟ ଜଣାପଡ଼େ ଲେଖ ।



## ଶରତଋତୁ ସହିତ ଯୋଡ଼ି ହୋଇଥିବା ଗୀତ

ଭୋଦୁଆ ଅଶିଣ ଦୂରରେ ଥାଇ ------------------

ଓଡ଼ିଶା ମାଟିରେ ଶରତରାଜା ------------------

- ଆମ ରାଜ୍ୟରେ ଶରତଋତୁ ଆସିଲେ ଅନେକ ପ୍ରକାର ଗୀତ ଓ ଲୋକଗୀତ ଗାନ କରାଯାଏ । ତୁମେ ଦଳରେ ମିଶି ଶରତଋତୁ ସମ୍ପର୍କୀୟ ଲୋକଗୀତ ଖୋଜି ଲେଖ ।
- ଏହି କାମପାଇଁ ତୁମେ ନିଜ ପରିବାରର ସଦସ୍ୟ, ଶିକ୍ଷକ, ଇଣ୍ଟରନେଟ୍ ଓ ପାଠାଗାରର ମଧ୍ୟ ସାହାଯ୍ୟ ନେଇପାର ।
- ଦଳରେ ସଂଗ୍ରହ କରାଯାଇଥିବା ଗୀତକୁ ଏକାଠି କରି ଏକ ପୁସ୍ତିକା ପ୍ରସ୍ତୁତ କର ।



https://withteachers.in/



## ଆସ ଆମେ ଚିତ୍ର ଆଙ୍କିବା

**"ଶରତଋତୁର ସଙ୍ଗୀତ ଗାଇ,**
**କଇଁ କାଶତଣ୍ଡୀ ହସିବେ ଥାଇ !"**

ଆମ ପଠିତ କବିତାର ଏକ ଦୁଇ ଧାଡ଼ିକୁ ଲକ୍ଷ୍ୟକର । ଏଠାରେ ପ୍ରକୃତିର କଥା କୁହାଯାଇଛି । କଇଁ, କାଶତଣ୍ଡୀ ଫୁଲ ଏଇ ଋତୁର ଶୋଭା ବଢ଼ାଇଥାନ୍ତି । ତୁମେ ଏହାକୁ ନେଇ ଚିତ୍ରଟିଏ ଆଙ୍କ । ପାରୁଛ ତ ରଙ୍ଗ ଦିଅ । ଭଲ ଚିତ୍ରଗୁଡ଼ିକୁ ଶ୍ରେଣୀ କାନ୍ଥରେ ଟାଙ୍ଗ ।



## ବୁଝି ବିଚାରି

ବର୍ତ୍ତମାନ ଏହି କବିତା ଆଧାରରେ ସାଙ୍ଗସାଥୀମାନଙ୍କ ସହିତ ବିଚାର ବିମର୍ଶ କର ।

ଏହିପରି ବିଭିନ୍ନ ଋତୁ ବିଷୟରେ କବିତାମାନ ସଂଗ୍ରହ କରି ଶ୍ରେଣୀରେ ଆଲୋଚନା କର ।



## ଆସ ଖୋଜିବା

ଦାଶ ବେନହୁରଙ୍କ ଲିଖିତ ଅନ୍ୟାନ୍ୟ କବିତା ଓ ଗପ ସଂଗ୍ରହ କରି ପଢ଼ । ଏଥିପାଇଁ ତୁମ ପରିବାରର ସଦସ୍ୟ, ଶିକ୍ଷକ, ଶିକ୍ଷିକା, ପାଠାଗାର ଓ ଇଣ୍ଟର୍‌ନେଟ୍‌ର ସାହାଯ୍ୟ ନେଇପାର ।



https://withteachers.in/




## ଝରକାରୁ

# ହେମନ୍ତ

(ରାଗ-ରାମକେରୀ ।)

ମଧୁର ଶରତକାଳର କ୍ରମେ ହୋଇଲା ଅନ୍ତ,
ଉପସ୍ଥିତ ଏବେ ଭୁବନେ ହିମମୟ ହେମନ୍ତ ।
ଦିନ କ୍ରମେ ହେଲା ନିଊନ ରାତି ବଢ଼ିଲା କ୍ରମେ,
ଦିନକର ତେଜ କମିଲା ହିମଋତୁ ଆଗମେ ।
ଉତ୍ତର ଦିଗରୁ ବହଇ ଅତି ଶୀତ ପବନ,
କାକର ପଡ଼ଇ ବହୁତ ପୋଡ଼ି କମଳବନ ।
ପବିତ୍ର ପ୍ରଭାତ ସମୟେ ନରେ ଭକତିଭରେ
ସ୍ନାନ କରି ମତ୍ତ ପ୍ରଭୁଙ୍କ ନାମସଙ୍କୀର୍ତ୍ତନରେ ।
ଫୁଟିଅଛି ନୀଳ କୁମୁଦ ନୀଳ ନିର୍ମଳ ଜଳେ,
ସରୋବର ଦିଶେ ଶୋଭନ ଶୋଭା ବଚନ ବଳେ
ନାନାଜାତି ବନବିହଙ୍ଗେ ଶସ୍ୟକ୍ଷେତ୍ର ଆକୁଳ,
ଜଳେ ବିହରନ୍ତି ଆନନ୍ଦେ ହଂସ କାଦମ୍ବକୁଳ ।
ନିଶାକାଳେ ମୃଗ ବରାହ ବନୁ ହୋଇ ବାହାର
ଅଥୟ କରନ୍ତି କୃଷକେ ଶସ୍ୟକରିଣ ଜୂର ।
ପକ୍ୱଶାଳିପୂର୍ଣ୍ଣ କେଦାର ଦେଖି କୃଷକଗଣେ
ଗୀତ ଗାଇ ଶସ୍ୟ କାଟନ୍ତି ଅତି ପ୍ରଫୁଲ୍ଲମନେ ।
ଖଳା କରି ଗ୍ରାମସୀମାରେ ଧାନ ଅମଳ କରି
ଗୃହକୁ ନିଅନ୍ତି ଆନନ୍ଦେ ବିଭୁଦୟା ସୁମରି ।

–ଭକ୍ତକବି ମଧୁସୂଦନ ରାଓ











https://withteachers.in/

# ୧୦ ବେମାର ବାହାନା




ଦିନେ ଆଈ ମୋତେ ତାଙ୍କ ସାଙ୍ଗରେ ନେଇ ଆମର ପଡ଼ୋଶୀ ସୁଧାକରକକାଙ୍କୁ ଦେଖିବାକୁ ଗଲେ । ସେ ରୋଗରେ ପୀଡ଼ିତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ଡାକ୍ତରଖାନାକୁ ଯିବାପାଇଁ ଏଇଟା ମୋର ପ୍ରଥମ ସୁଯୋଗ ଥିଲା ।

ଗୋଟିଏ ବଡ଼ ୱାର୍ଡ଼ରେ ଏକାଭଳିଆ କେତେଗୁଡ଼ିଏ ଖଟ ପଡ଼ିଥିଲା । ସେଗୁଡ଼ିକ ଉପରେ ଏକାଭଳିଆ ଧଳା ଚଦର ଓ ଲାଲ୍ କମ୍ବଳ ଥିଲା । ଧଳାକାନ୍ଥ, ଉଚ୍ଚାଛାତ, ଝରକାମାନଙ୍କରେ ସବୁଜ ପରଦା ଏବଂ ଗାଲିଚ୍ଚ ଏକଦମ୍ ଚମକୁଥିଲା । ଗୋଟିଏ ଖଟ ଉପରେ ସୁଧାକରକକା ଶୋଇ ରହିଥିଲେ । ନିକଟରେ ପହଞ୍ଚିବା ପରେ ତାଙ୍କୁ ଦେଖିବାକୁ ମିଳିଲା । ଆମକୁ ଦେଖି ସୁଧାକରକକା ଭାରି ଖୁସି ହୋଇଗଲେ । ଆଈ ତାଙ୍କ ମଥା ଉପରେ ହାତ ବୁଲାଇଲେ ଓ ଖଟର ମୁଣ୍ଡ ପାଖରେ ଠିଆ ହୋଇ ହାଲଚାଲ ପଚାରିବାରେ ଲାଗିଲେ ।






https://withteachers.in/



ଡାକ୍ତରଖାନାର ପରିବେଶ ମୋତେ ବହୁତ ଭଲ ଲାଗୁଥିଲା । ବଡ଼ବଡ଼ ଝରକାଗୁଡ଼ିକ ପାଖରେ ସବୁଜିମା ଭରା ଗଛ ଝୁଲୁଥିଲେ । ସେଠାରେ ନଥିଲା ଟ୍ରାଫିକ୍‌ର ପାଟିତୁଣ୍ଡ, ନା ଥିଲା ଧୂଳି, ନା ମଶାମାଛି... । ଖାଲି ଯାହା ଲୋକମାନଙ୍କର କଥାବାର୍ତ୍ତା ହେବାର ଛପା ଗୁଣୁଗୁଣୁ ସ୍ୱର ଶୁଭୁଥିଲା ।

ଏତିକିବେଳେ ଧଳାପୋଷାକ ପିନ୍ଧା ନର୍ସ ଜଣେ ଆସିଲେ । ନର୍ସ ଆଈଙ୍କୁ ଦେଖି ଅଭିବାଦନ କରି ମୁଣ୍ଡ ହଲାଇଲେ ଓ କକାଙ୍କୁ ଔଷଧ ଖୁଆଇଲେ । ଆଈ କକାଙ୍କ ପାଇଁ ସାଗୁଦାନାର ଖିରି ତିଆରି କରି ଆଣିଥିଲେ । ନର୍ସଙ୍କୁ ପଚାରିଲେ, "ଖୁଆଇବି କି ?" ନର୍ସ ହଁ କରିବାରୁ ସେ ଯିବା ପରେ ଆଈ ଚାମଚ୍‌ରେ ଧୀରେଧୀରେ କକାଙ୍କୁ ତାହା ଖୁଆଇଲେ । କକା ମନ ଆନନ୍ଦରେ ଖିରି ଖାଇଲେ ।


ରୋଗୀମାନଙ୍କର କି ମଜା ! ମୁଁ ଭାବିଲି...

ଏଇମିତି ସଫାସୁତୁରା ବିଛଣା ଉପରେ ଶୋଇ ରହିବା ଆଉ ସାଗୁଦାନାର ଖିରି ଖାଇବା ଭାଗ୍ୟରେ ଥିଲେ ମିଳେ । ସୁଧାକରକକାଙ୍କ ସ୍ଥାନରେ ମୁଁ ହୋଇଥାନ୍ତି କି ? ସେ ସୁଯୋଗ ନିଅନ୍ତି !

କିଛିଦିନ ପରେ ମୋର ସ୍କୁଲ୍ ଯିବାକୁ ମନ ହେଲା ନାହିଁ । ଶ୍ରେଣୀରେ ଗୁରୁଜୀ ଓ ଗୁରୁମା ଦେଇଥିବା ପାଠର ଉତ୍ତର ମୁଁ କରି ନଥିଲି । ସ୍କୁଲ ଗଲେ ତ ନିଶ୍ଚୟ ଦଣ୍ଡ ମିଳିବ । ମୁଁ ଭାବିଲି ରୋଗର ବାହାନା କଲେ ସେ ଅସୁବିଧା ନିଶ୍ଚୟ ଦୂର ହୋଇଯିବ । ତେଣୁ ସେ କାମକୁ ଆଦରି ନେଲି ।



https://withteachers.in/



ମୁଁ ରେଜେଇରୁ ବାହାରିଲି ନାହିଁ। ଆଈ ଉଠାଇବାକୁ ଆସିବାରୁ ମୁଁ କହିଲି, "ଆଜି ମୋ ଦେହ ଖରାପ ଅଛି।"

ଆଈ ପଚାରିଲେ, "ତୋ'ର କ'ଣ ହେଲାରେ ?" ମୁଁ ଉତ୍ତର ଦେଲି "ମୋର ମୁଣ୍ଡ ବିନ୍ଧା ହେଉଛି। ପେଟ କାଟୁଛି ଆଉ ମୋତେ ଜ୍ୱର ମଧ୍ୟ ଆସିଛି।"

ତାହା ଶୁଣି ଆଈ ଚାଲିଗଲେ।

ମୁଁ ରେଜେଇ ଭିତରେ ଥାଇ ଘରେ ଚାଲୁଥିବା ସମସ୍ତଙ୍କ ଗତିବିଧିକୁ ଅନୁମାନ କରୁଥାଏ। ଏବେ ସାନମାମୁ ଗାଧୋଇ ବାହାରିଲେ। କୁସୁମମାଉସୀ ପ୍ରତିଦିନ ଭଳି ସକାଳର ଜଳଖିଆ ଖାଇ କଲେଜ ବସ୍ ଧରିବାକୁ ପଳାଇଗଲେ। ମୁନୁ ନିଜର ଜୋତା ଖୋଜୁଥିଲା। ସାନମାମୁ ସାଇକେଲ ଉଠାଇଲେ। ସମସ୍ତେ ଚାଲିଗଲେ। ଏବେ ମୁଁ ଘର ଭିତରେ ଏକୁଟିଆ ରହିଗଲି।

କେତେବେଳେ ମୋ ଆଖିକୁ ନିଦ ଆସିଯାଇଛି, ତାହା ମୋତେ ଜଣା ନାହିଁ। ଏହି ସମୟରେ ଅଜା ଆସିଲେ। "କ'ଣ ହୋଇଗଲା ?" "କ'ଣ ହୋଇଗଲାରେ" ବୋଲି ପଚାରିଲେ।

ମୁଁ ଦୁଃଖରେ କହିଲି, "ଜର ଆସିଗଲା।" ତାହା ଶୁଣି ସେ କହିଲେ, "ଦେଖେ !" ତା'ପରେ ସେ ରେଜେଇ ହଟାଇ ଦେଇ ମୋର ମଥାକୁ ଛୁଇଁଲେ, ପେଟ ଦେଖିଲେ ଓ ନାଡ଼ିକୁ ଦେଖିବାରେ ଲାଗିଲେ।



https://withteachers.in/

ଏହା ଭିତରେ ଆଈ ମଧ୍ୟ ଆସିଗଲେ । "କ'ଣ ହେଲା ?" ଆଈ ପଚାରିଲେ ।

ଅଜା କହିଲେ, "ଜ୍ୱର ତ ନାହିଁ ।"

ମୁଁ କହିଲି, "ତୁମକୁ ଜଣା ପଡୁ ନାହିଁ । ଥର୍ମୋମିଟର ଲଗାଇ ଦେଖ ।"

ମୋତେ ଜଣା ଥିଲା । ଘରେ କେହି ନାହାନ୍ତି । ଥର୍ମୋମିଟର ଲଗାଇ ନେଲେ ବି କିଏ ଦେଖିବ ? ହେଲେ ନିଜକୁ ବେମାର ଥିବାର ପ୍ରମାଣ କରିବାପାଇଁ ମୋର ଏହି ଫିକର ବଢ଼ିଆ ଥିଲା । ବହୁତ ଖୋଜିଲା ପରେ ଥର୍ମୋମିଟର ମିଳିଲା ନାହିଁ । ବୋଧହୁଏ କେହି ମାଗିନେଇ ଯାଇଥିଲା ।

ପୁଣି ଅଜାଙ୍କର ପାଟି ଶୁଭିଲା, "ନେ, ପୁଡ଼ିଆ ଖାଇ ନେ ।" ଇଚ୍ଛା ନ ଥିଲେ ବି ମୋତେ ପିତା ପୁଡ଼ିଆ ଖାଇବାକୁ ହେଲା ଓ କାଢ଼ା ଭଳି ଗହା ପିଇବାକୁ ପଡ଼ିଲା । ତା'ପରେ ଅଜା କହିଲେ, "ଆଜି ଏହାକୁ କିଛି ଖାଇବାକୁ ଦେବ ନାହିଁ । ଆରାମ କରିବାକୁ ଦିଅ । ସନ୍ଧ୍ୟାକୁ ଦେଖିବା ।" ଦୁହେଁ ଚାଲିଗଲେ ।

କେତେବେଳେ ମୁଁ ନିଘୋଡ଼ ନିଦରେ ଶୋଇପଡ଼ିଥିଲି, ତାହା ମୋତେ ଜଣା ନାହିଁ । କିଛି ସମୟ ପରେ ଯେତେବେଳେ ନିଦ ଭାଙ୍ଗିଲା, ମୋର ଭାରି ଇଚ୍ଛା ହେଲା ଏଇ ସମୟରେ ବାହାରକୁ ଯାଇ ଦିନର ଆଲୋକରେ ନିଜ ଗଳିର ଗହଳଚହଳ ଦେଖନ୍ତି । ଚନ୍ଦୁଭାଇ ଡ୍ରାଇକ୍ଲିନର କ'ଣ କରୁଛନ୍ତି, ଦେଖାଯାଉ । ତେଜରାମଙ୍କର ଦୋକାନରେ କେତେ ଗ୍ରାହକ ବସିଛନ୍ତି ? ମହେଶ ଘିଅଦୋକାନରେ କ୍ଷୀର ହାଣ୍ଡି ଚୁଲିରେ ବସିଛି ନା ନାହିଁ । ଟେଲିଫୋନ୍‌ତାର ଉପରେ କେତେ ପକ୍ଷୀ ବସିଛନ୍ତି ? ହେଲେ ମୁଁ ନିରୂପାୟ ଥିଲି । ଯେତେ ବ୍ୟାକୁଳ ହେଲେ ବି ପଡ଼ି ରହିବାଟା ସାର ଥିଲା ।

କିଛି ସମୟ ଇଆଡ଼େ ସେଆଡ଼େ ତଥା ସ୍କୁଲର, ସାଙ୍ଗମାନଙ୍କର କଥା ଭାବୁଥାଏ... ପୁଣି ଶୋଇଶୋଇ ପିଠି ବ୍ୟଥା ହେବାରୁ ଉଠିପଡ଼ି ବସିଗଲି । ମାତ୍ର ବାହାରେ କିଛି କଥାବାର୍ତ୍ତା ହେବାର ଶୁଣି ପୁଣି ଶୋଇପଡ଼ିଲି ।

ଅଜା ଆସି କହିଲେ, "ଏବେ ମୁଣ୍ଡବିନ୍ଧା କେମିତି ଅଛି ?" ମୁଁ କହିଲି, "ଠିକ୍ ଅଛି ।" ପୁଣି ଆଉ ଏକ ପୁଡ଼ିଆ ଖୁଆଇଲେ ।

ହଠାତ୍ ମୋତେ ଭୋକ ଲାଗିଲା । ଫଳ ବା ସାଗୁଦାନାର ଖିରି ମିଳିବାର ଆଶା ତ ସକାଳୁ ଶେଷ ହୋଇଯାଇଥିଲା । ଏବେ ଆଈଙ୍କୁ ଯାଇ କହିବି ଯେ ଭୋକ ଲାଗୁଛି, ତେବେ ସେ କ'ଣ କରିବେ ? ବେଶି ହେଲେ କହିବେ କ୍ଷୀର ପିଇଦେ । ନଚେତ୍ ଅଜାଙ୍କୁ ପଚାରିବାକୁ ଚାଲିଯିବେ । ତାଙ୍କୁ କହିବେ ନାତିକୁ ଭାରି ଭୋକ ଲାଗୁଛି । ହେଲେ ଅଜା କ'ଣ କହିବେ ? ଏଇ ଯାହା ସକାଳୁ କହୁଥିଲେ – ଦେହ ଖରାପ ଅଛି ତ ସବୁଠୁ ଭଲ ଉପାୟ ହେଲା ଉପାସରେ ରହିବା । ଏହାଦ୍ୱାରା ସବୁ ବିକାର ବାହାରିଯିବ ।

କି ବିପଦ ! ସେଇମିତି ପଡ଼ି ରହିଲି । ଏମିତି କେତେବେଳେ ଯାଏ କିଏ କ'ଣ ପଡ଼ି ରହିପାରେ ? ଏହା ଅପେକ୍ଷା ସ୍କୁଲ ଯାଇଥିଲେ ଭଲ ହୋଇଥାନ୍ତା । ଦଣ୍ଡ ମିଳିବ ତ ମିଳୁ । ଖେଳଛୁଟିରେ ଠେଲାଗାଡ଼ି ପାଖକୁ ଯାଇ ଲୁଣଲଙ୍କା ମଡ଼ାଇ ପିଜୁଳି କୁଟୁକୁଟୁ କରି ଖାଇବା କେଡ଼େ ମଜା ହୋଇ ନଥାନ୍ତା !

ପୁଣି ନିଦ ଲାଗିଗଲା ।

ହେଲେ ଭୋକ ଯୋଗୁଁ ଠିକ୍ ଭାବରେ ନିଦ ମଧ୍ୟ ଆସୁନଥିଲା । ଆଖି ଟିକେ ଲାଗିଗଲେ ଖାଲି ଖାଇବାପଦାର୍ଥ



https://withteachers.in/

ଦେଖାଯାଉଥିଲା । ଗରମଗରମ ଖାସ୍ତା ଆଉ କଚୋଡ଼ି... କାଜୁର ବର୍ଫି, ବେସନର ପକୁଡ଼ି, ଗୁପ୍‌ଚୁପ୍ ଆଉ ସବୁଠୁ ଉପରେ ସାଗୁଦାନାର ଖିରି ! ଜଣା ନାହିଁ ଖାଲି ଉପବାସରେ ଓ ବେମାରବେଳେ ସାଗୁଦାନାର ଖିରି ତିଆରି କରାଯାଏ । ଯେମିତି ହୋଲି ଆଉ ଦୀପାବଳୀବେଳେ ଛଣାପିଠା ଓ ପୁନେଇଁବେଳେ ନାନାପ୍ରକାରର ସୁଆଦିଆ ଖାଦ୍ୟ ତିଆରି କରାଯାଏ । କାହିଁକି ? ଯେତେବେଳେ ତ ମନ ହେବ ଏସବୁ ତିଆରି କରାଯାଇପାରିବ । କେହି ମନା କରୁଛ କି ? ହେ ଭଗବାନ ! ଏହା ତ ଅତି ବିରକ୍ତିକର ହୋଇଯାଇଛି । ସାରାଦିନ କେହି କେମିତି ପଡ଼ିରହେ ? ଆଉ ସନ୍ଧ୍ୟାବେଳକୁ କ'ଣ ଅଜା ବାହାରକୁ ଯିବାକୁ ଦେବେ ? ସବୁପିଲା ପାଟିତୁଣ୍ଡ କରି ଅଗଣାରେ ଖେଳିବେ; ଆଉ ମୁଁ ଏଇ ଶେଯଟାରେ ପଡ଼ି ରହି ବିରକ୍ତ ହେଉଥିବି । ବାଃ ଭାରି ବୁଦ୍ଧିଆ ତ ! ଏମିତି ବେମାର ହୋଇ ପଡ଼ିଥାଅ । ଦିଆଯାଇଥିବା ପାଠ କରିବାପାଇଁ କାହାଠାରୁ ଖାତା ମାଗିବି ? ମୁଁ ଖୁବ୍ ଦୁଃଖୀ ହୋଇଗଲି ।

ପାଖ କୋଠରିରୁ ଖଟରପଟର ଶବ୍ଦରୁ ଜଣାପଡ଼ିଲା ଯେ ମୁନ୍ନୁ ସ୍କୁଲରୁ ଆସିଯାଇଛି । ତାହାହେଲେ କ'ଣ ଗୋଟେ ବାଜିଗଲା ? ଏବେ ବାସନର ଶବ୍ଦ ଆସୁଅଛି । ବୋଧହୁଏ ଘରର ସମସ୍ତେ ଖାଇବାକୁ ବସିଛନ୍ତି । ମୁନ୍ନୁ ଥରେ ହେଲେ ବି ମୋତେ ଦେଖିବାକୁ ଆସିଲା ନାହିଁ । ଆସିଥିବ ଯଦି ପାଦ ଚିପିଚିପି ଆସିଥିବ; ଆଉ ମୋତେ ଶୋଇଥିବାର ଦେଖି ଫେରି ଯାଇଥିବ ।

...ସେ ଖାଦ୍ୟ ଖାଉଅଛି । ଚୋବେଇବା ଭଳି ଜଣାପଡୁଛି । ଦେଖ ! ସେ ଥରେ ହେଲେ ବି ଆସି ପଚାରିଲା ନାହିଁ ଯେ ତୁ କ'ଣ ଖାଇବୁ ? ପଚାରିଥିଲେ ତ ମୁଁ ସାଗୁଦାନାର ଖିରି ହିଁ ମାଗିଥାନ୍ତି । ଆଉ ତ ତାଜମହଲ ମାଗି ନେଇ ନଥାନ୍ତି । ହେଲେ ନା ! ଖାଲି ଭୋକରେ ରହିବା ସାର ହେଲା ।

... ଆଜି କ'ଣ ଖାଇବା ତିଆରି ହେବ ? ଡାଲିଭାତର ବାସ୍ନା ତ ଆସୁଛି । ହରଡ଼ଡାଲିରେ ହେଙ୍ଗୁ ଜିରାର ବଘରା ଆଉ ଉପରେ ଟକେ ପଡ଼ିଥିବ ଧନିଆଁପତ୍ର ଓ ଅଧା ଚାମଚ୍ ଦେଶୀ ଘିଅ । ତା'ପରେ, ସେଥିରେ ଲେମ୍ବୁ ଚିପୁଡ଼ା ହେବ । ଆରେ ଏଇ ରୋଗୀକୁ କିଛି କିଏ ଦିଅରେ !

... ହେଲେ ବାସ୍ନା ତ ଆଉ କିଛି ପଦାର୍ଥର ଅଛି । କଞ୍ଚାଲଙ୍କା କ'ଣ ଛଣାଯାଉଛି ?

ତାକୁ ଡାଲି-ଚାଉଳରେ ଦଳି ଖାଉଛନ୍ତି । ଆଉ ସମ୍ଭାଳି ନ ପାରି ମୁଁ ରେଜେଇ ଫୋପାଡ଼ି ଠିଆ ହୋଇଗଲି । ପାଦ ଚିପିଚିପି ଦୁଆର ଯାଏ ଗଲି ଓ ଚୁପ୍‌ଚାପ୍ ଝୁଙ୍କି ପଡ଼ି ଦେଖିଲି ।

ହଁ ଡାଲିଭାତ, ଛଣାଯାଇଥିବା କଞ୍ଚାଲଙ୍କା । ହେଲେ ମୁନ୍ନୁ ଆମ୍ବ ଚୋଷୁଥାଏ । ଆମ୍ବ ! ପୁଣି ଏଇ ଋତୁରେ ! ନିଶ୍ଚୟ ବମ୍ବେରେ ଥିବା ଦାଦା ପଠାଇଥିବେ । କେମିତି ଚୋଷୁଛି ! ! ଟାକୁଆକୁ ପୂରା ପାଟିରେ ପୂରେଇ ଦେଇଛି । ଯେପରି ଆମ୍ବ କେବେ ଦେଖାଯିବ ନାହିଁ । ଭୋକିଲା କେଉଁଠି ଥିଲା ! ପୂରା ହାତଟାକୁ ପୂରାଇ ଦେଇଛି ।

ମୁଁ ଈର୍ଷା, ରାଗ ଓ ଦୁଃଖରେ ପାଦ କଚାଡ଼ି ଶେଯକୁ ଫେରି ଆସିଲି । ସେହିଦିନ ସାରା ମୋତେ ଭୋକିଲା ପେଟରେ ରହିବାକୁ ପଡ଼ିଲା । ମୋର ସବୁ ବିକାର ବାହାରିଗଲା ।

ଏହାପରଠାରୁ ସ୍କୁଲରୁ ଛୁଟି ନେବାପାଇଁ ମୁଁ କେବେହେଲେ ବେମାରର ବାହାନା କରିନାହିଁ ।

ମୂଳହିନ୍ଦୀ : **ସ୍ୱୟଂପ୍ରକାଶ**



https://withteachers.in/



# ଲେଖକ ପରିଚୟ



(୧୯୫୭-୨୦୧୯)

**ସ୍ୱୟଂପ୍ରକାଶ** ହିନ୍ଦୀସାହିତ୍ୟ ଜଗତରେ ଜଣେ ଜଣାଶୁଣା ଲେଖକ । ତାଙ୍କର କାହାଣୀଗୁଡ଼ିକ ପିଲା ତଥା ବଡ଼ମାନଙ୍କର ମନକୁ ଛୁଇଁ ଯାଏ । ସ୍ୱୟଂପ୍ରକାଶଙ୍କର କାହାଣୀ ପଢ଼ିଲାବେଳେ ଲାଗୁଥାଏ ସତେ ଯେମିତି ତାହା ଆମ ଜୀବନର କାହାଣୀ ଅଟେ । ଆମର ଅନୁଭବ ସେ ଲେଖି ଦେଇଛନ୍ତି । ସେ ପିଲାମାନଙ୍କପାଇଁ କେତେଗୁଡ଼ିଏ ମନୋରଞ୍ଜକ କାହାଣୀ ଲେଖିଛନ୍ତି । ସେଥିମଧ୍ୟରୁ ତାଙ୍କର ସାହସିକ କାହାଣୀ, ମୈତ୍ରୀ ତଥା ଜୀବନର ଛୋଟଛୋଟ ମହତ୍ତ୍ୱପୂର୍ଣ୍ଣ ଦିଗକୁ ଖୁବ୍ ରୁଚିପୂର୍ଣ୍ଣ ଶୈଳୀରେ ପ୍ରସ୍ତୁତ କରାଯାଇଛି ।

ସ୍ୱୟଂପ୍ରକାଶଙ୍କର କାହାଣୀଗୁଡ଼ିକର ବିଶେଷତ୍ୱ ହେଲା ଯେ ସେଗୁଡ଼ିକୁ ପଢ଼ିଲାବେଳେ ଆମକୁ ଲାଗେ, ସତେ ଯେମିତି କୌଣସି ପୁରୁଣା ସାଙ୍ଗ ସହିତ କଥାବାର୍ତ୍ତା ହେଉଛି । ତାଙ୍କର କାହାଣୀଗୁଡ଼ିକ ଖାଲି ଯେ ମନୋରଞ୍ଜନ କରିଥାଏ ତାହା ନୁହେଁ, ବରଂ ବୁଝିବା, ବିଚାରକରିବାପାଇଁ ନୂଆଦିଗ ମଧ୍ୟ ଦେଖାଇଥାଏ । 'ମାତ୍ରା ଔର ଭାର', 'ଅଗ୍‌ଲୀ କିତାବ', 'ଜ୍ୟୋତି ରଥ କେ ସାରଥୀ', 'ଫିନିକ୍ସ' ଆଦି ହେଉଛି ତାଙ୍କର କେତେକ ସ୍ମରଣୀୟ ରଚନା ।

## ପାଠରୁ



# ମୁଁ ଯାହା ବୁଝିଲି

(କ) ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକପାଇଁ ଯେଉଁଗୁଡ଼ିକ ଠିକ୍ ଉତ୍ତର ତା' ପାଖରେ ତାରା ( ★ ) ଚିହ୍ନ ଦିଅ ।

୧. ପିଲାଟି ବିଦ୍ୟାଳୟକୁ ନ ଯିବାର ମୁଖ୍ୟ କାରଣ କ'ଣ ଥିଲା ?



- ତା'ର ବିଦ୍ୟାଳୟ ଯିବାକୁ ମନ ନ ଥିଲା ।
- ତା'ର ସାଗୁଦାନା ଖିରି ଖାଇବାକୁ ମନ ଥିଲା ।
- ସେ ସୁଧାକରକକାଙ୍କୁ ଦେଖିବାକୁ ଆସିଥିଲା ।
- ତାକୁ ଜ୍ୱର ହୋଇଯାଇଥିଲା ।

୨. କାହାଣୀ ଶେଷରେ ପିଲାଟି କହିଛି, "ଏହା ପରଠାରୁ ସ୍କୁଲରୁ ଛୁଟି ନେବାପାଇଁ ମୁଁ କେବେହେଲେ ବେମାରର ବାହାନା କରି ନାହିଁ ।" – ପିଲାଟି ଏହି ନିଷ୍ପତ୍ତି ନେଲା କାରଣ–

- ଘରେ ରହିବା ଅପେକ୍ଷା ବିଦ୍ୟାଳୟ ଯିବା ଅଧିକ ଆନନ୍ଦଦାୟକ ଅଟେ ।
- ବେମାରିର ବାହାନା କରିବା ଫଳରେ ସାଗୁଦାନାର ଖିରି ମିଳେ ନାହିଁ ।
- ମିଛ କହିବା ଫଳରେ ମିଛ ପ୍ରକାଶ ପାଇଯିବାର ଡର, ସବୁବେଳେ ରହିଥାଏ ।
- ଏହି ବାହାନା ହେତୁ ତାକୁ ସାରାଦିନ ଏକୁଟିଆ ଓ ଭୋକରେ ରହିବାକୁ ପଡ଼ିଲା ।



https://withteachers.in/

୩. "ଶୋଇଶୋଇ ପିଠି ବଥା ହେବାରେ ଲାଗିଲା ।" ଏଇ କଥାରୁ ପିଲାଟି ବିଷୟରେ କ'ଣ ଜଣାପଡୁଛି ?

- ଶେଯରେ ଶୋଇ ରହିବା ଯୋଗୁଁ ବିରକ୍ତ ହୋଇଯାଇଥିଲା ।
- ତାକୁ ନିଜର ବେମାର ବିଷୟରେ କିଛି ଚିନ୍ତା ନ ଥିଲା ।
- ସେ ଶେଯରେ ଆରାମ କରିବାର ଆନନ୍ଦ ନେଉଥିଲା ।
- ବେମାରି ହେତୁ ତା'ର ପିଠିରେ ବଥା ହେଉଥିଲା ।




୪. "ରୋଗୀମାନଙ୍କର କି ମଜା !" ପିଲାଟି ମନରେ ଏଇ ଧାରଣା ଆସିଲା, କାରଣ–

- ବେମାର ଲୋକକୁ ବହୁତ ଆରାମ କରିବାକୁ ଦେଇଥାଏ ।
- ବେମାର ଲୋକକୁ ଭଲ ଖାଇବାର ଆନନ୍ଦ ଦେଇଥାଏ ।
- ବେମାର ଲୋକକୁ ବିଦ୍ୟାଳୟକୁ ଯିବାକୁ ଦିଏ ନାହିଁ ।
- ବେମାରଲୋକ ଡାକ୍ତରଖାନାରେ ଶାନ୍ତିରେ ଶୋଇଥାଏ ।

(ଖ) ତୁମର ଅନ୍ୟ ସାଙ୍ଗମାନେ ଅଲଗାଅଲଗା ଉତ୍ତର ବାଛିପାରନ୍ତି । ନିଜର ସାଙ୍ଗମାନଙ୍କ ସହିତ ଆଲୋଚନା କର ଯେ ତୁମେ ଏହି ଉତ୍ତର କାହିଁକି ବାଛିଲ ?



## ଆସ, ମେଳ କରିବା

ଏହି ପାଠରୁ ବାଛିବାଛି କେତୋଟି ଶବ୍ଦ ତଳେ ଦିଆଯାଇଛି ।

ନିଜ ସାଙ୍ଗମାନଙ୍କ ସହିତ ଏହା ଉପରେ ଆଲୋଚନା କର ଏବଂ ଠିକ୍ ଅର୍ଥ ସହିତ ତାକୁ ମିଳାଅ ।

ଏଥିପାଇଁ ତୁମେ ଶବ୍ଦକୋଷ, ଇଣ୍ଟରନେଟ୍ ବା ନିଜର ପରିବାର ଲୋକ ଓ ଶିକ୍ଷକମାନଙ୍କର ସହାୟତା ନେଇପାର ।

| | ଶବ୍ଦ | ଅର୍ଥ |
|---|---|---|
| ୧. | ସାଗୁଦାନା | ୧. କୌଣସି ସ୍ୱତନ୍ତ୍ର କାର୍ଯ୍ୟପାଇଁ ଘେରି କରି ତିଆରି ହୋଇଥିବା ସ୍ଥାନ । |
| ୨. | ଓ୍ୱାର୍ଡ଼ | ୨. ଏକ ପ୍ରକାର ଶୀତବସ୍ତ୍ର । ଯାହାର କପଡ଼ା ଦୋହରା ହୋଇଥାଏ ଓ ଯେଉଁଥିରେ ତୁଳା ପୂରି ରହିଥାଏ । |
| ୩. | ନର୍ସ | ୩. ଶରୀରର ତାପମାତ୍ରା (ଜ୍ୱର) ମାପିବା ନିମିତ୍ତ ଏକ ଛୋଟଯନ୍ତ୍ର । |
| ୪. | ରେଜେଇ | ୪. କେତେ ପ୍ରକାରର ଜଡ଼ିବୁଟି ଓ ଔଷଧକୁ ଫୁଟାଇ ରସରେ ତିଆରି ପିଆଯାଇଥାଏ । ଏହାକୁ ଥଣ୍ଡା, କାଶ, ଜ୍ୱର ଓ ପାଚନ କ୍ରିୟା ସହିତ ସଂଯୁକ୍ତ ସମସ୍ୟାରେ ଲାଭଦାୟକ ବୋଲି ସ୍ୱୀକାର କରାଯାଏ । |
| ୫. | ଥର୍ମୋମିଟର | ୫. ରେଶମୀ, ପଶମ, ମଖମଲ ଭଳି ବସ୍ତ୍ରକୁ ପାଣି, ସାବୁନ ଓ ଡିଟରଜେଣ୍ଟ ବିନା ଯନ୍ତ୍ରରେ ସଫା କରୁଥିବା ଲୋକ । |
| ୬. | କାଢ଼ା | ୬. ଉତ୍ତରପ୍ରଦେଶର ଆଗ୍ରା ସହରରେ ସ୍ଥିତ ୧୭ଶ ଶତାବ୍ଦୀରେ ନିର୍ମିତ ଏକ ବିଶ୍ୱପ୍ରସିଦ୍ଧ ସ୍ମାରକସ୍ଥଳ, ଯାହା ଶଙ୍ଖମଲମଲ ପଥରରେ ତିଆରି ହୋଇଛି । |
| ୭. | ଡ୍ରାଇକ୍ଲିନର | ୭. ସାଗୁ ନାମକ ଗଛର ଛେଲିର ଶସ, ସାଗୁଦାନା । ଏହା ପ୍ରଥମେ ଅଟା ରୂପରେ ହୋଇଥାଏ ଓ ପରେ କୁଟିକରି ଦୁଇଟି ରୂପରେ ଶୁଖାଇ ନିଆଯାଏ । |
| ୮. | ତାଜମହଲ | ୮. ଏଇ ବ୍ୟକ୍ତି ଯିଏ ରୋଗୀ, ଆହତ ବା ବୃଦ୍ଧମାନଙ୍କର ଦେଖାଶୁଣା କରେ । |




https://withteachers.in/



## ଗଦ୍ୟାଂଶର ଆଲୋଚନା



ପାଠରୁ ବାଛି କେତେଗୋଟି ବାକ୍ୟ ତଳେ ଦିଆଯାଇଛି । ଏହାକୁ ଧ୍ୟାନର ସହିତ ପଢ଼ ଓ ଏହା ଉପରେ ବିଚାର କର । ଏହାର ଅର୍ଥ କ'ଣ ବୁଝାପଡୁଛି, ନିଜର ବିଚାରଧାରାକୁ ଦଳରେ ଆଲୋଚନା କର ଓ ଲେଖ ।

କ. "ମୁଁ ଭାବିଲି ରୋଗର ବାହାନା କଲେ ସେ ଅସୁବିଧା ନିଶ୍ଚୟ ଦୂର ହୋଇଯିବ ।"

ଖ. "ଦେଖ ! ସେ ଥରେହେଲେ ବି ଆସି ପଚାରିଲା ନାହିଁ ଯେ ତୁ କ'ଣ ଖାଇବୁ ? ପଚାରିଥିଲେ ତ ମୁଁ ସାଗୁଦାନାର ଖିରି ହିଁ ମାଗିଥାନ୍ତି । ଆଉ ତ ତାଜମହଲ ମାଗି ନେଇ ନଥାନ୍ତି । ହେଲେ ନା ! ଖାଲି ଭୋକରେ ରହିବା ସାର ହେଲା ।"



## ଆସ ଚିନ୍ତା କରିବା

ପାଠଟିକୁ ଆଉଥରେ ଧ୍ୟାନର ସହିତ ପଢ଼, ଖୋଜ ଓ ଲେଖ–

(କ) ଡାକ୍ତରଖାନାରେ ପିଲାଟିକୁ କେଉଁକେଉଁ ପଦାର୍ଥ ଭଲ ଲାଗିଲା ଓ କାହିଁକି ?

(ଖ) କାହାଣୀର ଶେଷଭାଗରେ ପିଲାଟିକୁ ଅନୁଭୂତ ହେଲା ଯେ ତା'ର ସ୍କୁଲ ଯିବା ଉଚିତ ଥିଲା । ତୁମକୁ ଲାଗୁଛି କି ତା'ର ଏହି ନିଷ୍ପତ୍ତି ଠିକ୍ ଥିଲା ? କାହିଁକି ?

(ଗ) ଯେତେବେଳେ ପିଲାଟି ବେମାରରେ ପଡ଼ିବାର ବାହାନା କରି ଶେଯରେ ଶୋଇ ରହିଥାଏ, ସେତେବେଳେ ତା'ର ମନରେ କି କି ଭାବ ଦେଖା ଦେଉଥିଲା ?

**(ସୂଚନା – ମନରେ ଉତ୍ପନ୍ନ ହେଉଥିବା ବିକାର ବା ବିଚାରକୁ 'ଭାବ' କହନ୍ତି । ଯଥା– କ୍ରୋଧ, ଦୁଃଖ, ଭୟ, କରୁଣା, ପ୍ରେମ ଇତ୍ୟାଦି)**




(ଘ) କାହାଣୀରେ ପିଲାଟି ଭାବୁଥିଲା ଯେ ଏଇମିତି ସଫାସୁତୁରା ଶେଯରେ ଶୋଇରହିବା ଓ ସାଗୁଦାନର ଖିରି ଖାଇବା ଭାଗ୍ୟରେ ଥିଲେ ମିଳେ । ପ୍ରକୃତରେ ରୋଗୀ ହୋଇଯିବା ଓ ବାହାନା କରିବା ମଧ୍ୟରେ ତୁମେ କି ପ୍ରଭେଦ ଲକ୍ଷ୍ୟ କରୁଛ ?

**(ସୂଚନା– ତୁମେ ନିଜର ଅନୁଭୂତିର ଆଧାରରେ ଏହି ପ୍ରଶ୍ନ ଉପରେ ବିଚାରକରି ପାରିବ ଯେ କାହାଣୀ ପିଲାମାନଙ୍କର କଳ୍ପନା ବାସ୍ତବିକତାଠାରୁ କେତେ ଅଲଗା ଅଟେ ।)**



https://withteachers.in/



(ଙ) ଅଜା ଓ ଆଇ ପିଲାଟିକୁ ରୋଗର ଔଷଧ ଦେଲେ ଓ ତାକୁ ଆରାମ କରିବାକୁ କହିଲେ । ପିଲାଟିକୁ ଖାଇବାକୁ ଦିଆଗଲା ନାହିଁ । ତୁମକୁ କ'ଣ ଲାଗୁଛି ସେମାନେ ଠିକ୍ କଲେ ? ତୁମକୁ ଏମିତି କାହିଁକି ଲାଗୁଛି ?



## ଅନୁମାନ ଓ କଳ୍ପନାରୁ

(କ) କାହାଣୀର ଶେଷରେ ପିଲାଟି ଯଦି ଅଜା ଓ ଆଇଙ୍କୁ ସବୁ ସତକଥା କହିଦେଇଥାନ୍ତା– ତେବେ ଆଗକୁ କ'ଣ ହୋଇଥାନ୍ତା ?

**(ସୂଚନା – ତା'ର ଦିନ କେମିତି ବଦଳି ଯାଇଥାନ୍ତା ? ତା'ର ଭାବନା ଓ ଅନୁଭବ କିପରି ହୋଇଥାନ୍ତା ?)**

(ଖ) କାହାଣୀରେ ପିଲାଟିର ଅଜାଙ୍କ ସ୍ଥାନରେ ତୁମେ ଅଛ । ତୁମେ ସାରା ନାଟକକୁ ବୁଝିଯାଇଛ; ମାତ୍ର ଚାହୁଁଛ ଯେ ପିଲାଟି ସବୁକଥା ତୁମକୁ ନିଜେ କହିବା ଉଚିତ । ଏବେ ତୁମେ କ'ଣ କରିବ ?

**(ସୂଚନା – ଏହି ପ୍ରଶ୍ନରେ ନିଜକୁ ଅଜାଙ୍କ ସ୍ଥାନରେ ରଖି ଭାବିବାର ଅଛି ଓ ଗୋଟିଏ ମନୋରଞ୍ଜନ ଯୋଜନା ପ୍ରସ୍ତୁତ କର, ଯାହାଫଳରେ ପିଲାଟି ତୁମକୁ ନିଜେ ସବୁ କଥା କହିଦେବ ।)**

(ଗ) କାହାଣୀରେ ପିଲାଟି ସ୍ଥାନରେ ତୁମେ ରହିଛ ଓ ଘରେ ଏକୁଟିଆ ଅଛ । ଏବେ ତୁମେ ବ୍ୟାକୁଳତାରୁ ରକ୍ଷା ପାଇବାପାଇଁ କ'ଣ କ'ଣ କରିବ ?

(ଘ) କାହାଣୀର ଶେଷରେ ପିଲାଟିକୁ ଲାଗିଲା ଯେ ସେ ସ୍କୁଲ ଯିବାକୁ ଚାହୁଁଥିଲା । କଳ୍ପନା କର, ଯଦି ସେ ସ୍କୁଲକୁ ଯାଇଥାନ୍ତା, ତେବେ ପରିସ୍ଥିତି କ'ଣ ହୋଇଥାନ୍ତା ? ଯଦି ପରଦିନ ସେ ସ୍କୁଲ ଯାଇଥିବ ତେବେ ସେ କ'ଣ କ'ଣ କରିଥିବ ?

(ଙ) କାହାଣୀରେ ଅଜା ଓ ଆଇ ପିଲାଟିର ରୋଗ ଠିକ୍ କରିବାପାଇଁ ଔଷଧ ଦେଲେ ଓ ଖାଇବା ପାଇଁ କିଛି ଦେଲେ ନାହିଁ । ଯଦି ତୁମେ ଅଜାଆଇଙ୍କ ପାଖରେ ଥାଆନ୍ତ, ତେବେ କ'ଣ କ'ଣ କରିଥାନ୍ତ ?



https://withteachers.in/



# କାହାଣୀ ରଚନା

"ଡାକ୍ତରଖାନାର ପରିବେଶ ମୋତେ ବହୁତ ଭଲ ଲାଗୁଥିଲା । ବଡ଼ ବଡ଼ ଝରକାଗୁଡ଼ିକ ପାଖରେ ସବୁଜିମା ଭରା ଗଛ ଝୁଲୁଥିଲେ । ସେଠାରେ ନା ଶୁଭୁଥିଲା ଟ୍ରାଫିକ୍‌ର ପାଟିତୁଣ୍ଡ, ନା ଥିଲା ଧୂଳି, ନା ମଶାମାଛି... । ଖାଲି ଯାହା ଲୋକମାଙ୍କର ଧୀରେଧୀରେ କଥାବାର୍ତ୍ତା ହେବାର ଚପା ଗୁଣୁଗୁଣୁ ସ୍ୱର ଶୁଭୁଥିଲା ।"

ଏହି ଧାଡ଼ିଗୁଡ଼ିକ ଉପରେ ଧ୍ୟାନ ଦିଅ । ଏହି ଧାଡ଼ିଗୁଡ଼ିକରେ ଏମିତି ଲାଗୁଛି, ସତେଯେମିତି ଆମର ଆଖି ଆଗରେ ଡାକ୍ତରଖାନାର ଚିତ୍ର ଭାସି ଉଠୁଛି । ଲେଖାରେ ଏହାକୁ "ଚିତ୍ରାତ୍ମକଭାଷା" କହନ୍ତି । ଅନେକ ଲେଖକ ନିଜର ରଚନାକୁ ରୋଚକ ଓ ସରସସୁନ୍ଦର କରିବାପାଇଁ ଉପଯୁକ୍ତ ସ୍ଥାନରେ ଅନେକ ବସ୍ତୁ, କାର୍ଯ୍ୟ, ସ୍ଥାନ ଆଦିର ବିସ୍ତୃତ ଭାବରେ ବର୍ଣ୍ଣନା କରିଥାନ୍ତି ।

ଲେଖକ ଏହି କାହାଣୀକୁ ସରସ ଓ ରୋଚକ କରିବା ନିମିତ୍ତ ଆହୁରି ଅନେକ ଉପାୟ ବ୍ୟବହାର କରିଛନ୍ତି । ଉଦାହରଣ ସ୍ୱରୂପ, ସେ କାହାଣୀରେ "ପିଲାଟିଦ୍ୱାରା କଳ୍ପନା କରିବା"ର ମଧ୍ୟ ପ୍ରୟୋଗ କରିଛନ୍ତି । (ଯେତେବେଳେ ପିଲା ଏକୁଟିଆ ଶୋଇଶୋଇ ଘର ଓ ବାହାରର ଲୋକମାନଙ୍କ ବିଷୟରେ ଭାବୁଛି ।) ଏହି କାହାଣୀରେ ଏମିତି କିଛି ବିଶେଷତ୍ୱ ଲୁଚି ରହିଛି ।

(କ) ଏହି ପାଠଟିକୁ ଆଉ ଥରେ ପଢ଼ ଓ ନିଜ ଦଳ ମଧ୍ୟରେ ଏହି ପାଠରେ ଥିବା ଅନ୍ୟ ବିଶେଷତ୍ୱଗୁଡ଼ିକର ତାଲିକା କର । ନିଜ ଦଳର ସୂଚୀକୁ ଶ୍ରେଣୀରେ ସମସ୍ତଙ୍କ ସହିତ ଆଲୋଚନା କର ।

(ଖ) କାହାଣୀରେ ଥିବା ନିମ୍ନଲିଖିତ ଉକ୍ତିପାଇଁ ଉଦାହରଣ ଖୋଜି ଲେଖ–

| ବିଶେଷ ବିନ୍ଦୁ | କାହାଣୀରୁ ଉଦାହରଣ |
|---|---|
| ପିଲାଟିଦ୍ୱାରା ଗତକଥାକୁ ମନେପକାଇବା | |
| ହାସ୍ୟ ଅର୍ଥାତ୍ ହସମଜାର ଉପଯୋଗ କରାଯିବା | |
| ପିଲାଟିଦ୍ୱାରା ଚିନ୍ତା କରିବାର ଢଙ୍ଗରେ ପରିବର୍ତ୍ତନ ଆଣିବା | |
| କାହାଣୀରେ ଅନ୍ୟ କିଛି କଥାରେ ମୁଣ୍ଡ ନ ପୂରାଇବା | |
| ପିଲାଟି ନିଜ ସହିତ କଥା ହେବା | |



https://withteachers.in/



## ସମସ୍ୟା ଓ ସମାଧାନ

କାହାଣୀକୁ ଆଉଥରେ ପଢ଼ି ଖୋଜ –

(କ) ପିଲାଟି ଆଗରେ କେଉଁ ସମସ୍ୟା ଥିଲା ? ସେ ସେହି ସମସ୍ୟାର କି ସମାଧାନ ବାହାର କଲା ?

(ଖ) ଅଜା ଓ ଆଇଙ୍କ ଆଗରେ କେଉଁ ସମସ୍ୟା ଥିଲା ? ସେଦୁହେଁ ଏହି ସମସ୍ୟାର କି ସମାଧାନ ବାହାରକଲେ ?



## ଶବ୍ଦ ସହିତ ଯୋଡ଼ି ହୋଇଥିବା ଶବ୍ଦ

ତଳେ ଦିଆଯାଇଥିବା ସ୍ଥାନମାନଙ୍କରେ 'ବେମାର' ସହିତ ଯୋଡ଼ି ହୋଇଥିବା ଶବ୍ଦଗୁଡ଼ିକୁ ଏହି ପାଠରୁ ଖୋଜି ଲେଖ–






## ଆସ ଆମେ ଖୋଜିବା

ଏହି କାହାଣୀରୁ ବାକ୍ୟ ଖୋଜି ଲେଖ । ଯେଉଁଥିରୁ ଜଣା ପଡୁଥିବ ଯେ–

(କ) କାହାଣୀରେ ଶୀତରତୁର ଘଟଣାମାନ କୁହାଯାଇଛି ।

(ଖ) ପିଲାଟି ବାହାନା କରିବାର ଫଳ ବିଷୟରେ ଜାଣିଗଲା ।

(ଗ) ପିଲାଟିର ଖାଇବାପିଇବା ବହୁତ ପ୍ରିୟ ଅଟେ ।

(ଘ) ପିଲାଟିକୁ ସ୍କୁଲ ଯିବା ଭଲ ଲାଗିଥାଏ ।






## ଶୀର୍ଷକ

(କ) ତୁମେ ଯେଉଁ କାହାଣୀ ପଢ଼ିଲ, ତାହାର ନାମ "ବେମାର ବାହାନା" । ନିଜର ଦଳରେ ଆଲୋଚନା କରି ଲେଖ ଯେ ଏହି କାହାଣୀଟିର ଏଇ ନାମଟି ଉପଯୁକ୍ତ ନା ନାହିଁ । ନିଜ ଉତ୍ତରର କାରଣ ମଧ୍ୟ କୁହ ।

(ଖ) ଯଦି ତୁମକୁ ଏହି କାହାଣୀର ଅନ୍ୟ ନାମ ଦେବାର ଅଛି, ତେବେ କେଉଁ ନାମ ଦେବ ? ତୁମେ ଏହି ନାମଟି କାହିଁକି ଭାବିଲ, ତାହା ମଧ୍ୟ କୁହ ।



https://withteachers.in/



# ଅଭିନୟ

କାହାଣୀରୁ ବାଛିବାଛି କିଛି ସଂଳାପ ତଳେ ଦିଆଯାଇଛି । ତୁମକୁ ସେଗୁଡ଼ିକୁ ଅଭିନୟ କରି ଦେଖାଇବାକୁ ପଡ଼ିବ । ପ୍ରତ୍ୟେକ ଦଳରୁ ଥରଥର କରି ଛାତ୍ରାଛାତ୍ରୀମାନେ ଶ୍ରେଣୀଗୃହର ଆଗକୁ ଆସିବେ ଓ ଗୋଟିଏ ଗୋଟିଏ ସଂଳାପ ଅଭିନୟ ସହିତ କହି ଦେଖାଇବେ ।–

୧. ମୁଁ ଦୁଃଖରେ କହିଲି, "ଜ୍ୱର ଆସିଗଲା ।"

୨. ମୁଁ କହିଲି, "ତୁମକୁ ଜଣା ପଡୁନାହିଁ । ଥର୍ମୋମିଟର ଲଗାଇ ଦେଖ ।"

୩. "ମୋର ମୁଣ୍ଡ ବିନ୍ଧା ହେଉଛି । ପେଟ କାଟୁଛି ଆଉ ମୋତେ ଜ୍ୱର ମଧ୍ୟ ଆସିଛି ।"

୪. ତା'ପରେ ଅଜା କହିଲେ, "ଆଜି ଏହାକୁ କିଛି ଖାଇବାକୁ ଦେବ ନାହିଁ । ଆରାମ କରିବାକୁ ଦିଅ । ସନ୍ଧ୍ୟାକୁ ଦେଖିବା ।"



# ମୁହଁରେ ହସ



(କ) ଏହି କାହାଣୀରେ ଅନେକ ଘଟଣା ରହିଛି । ଯାହାକୁ ପଢ଼ି ମୁହଁରେ ହସ ଆସିଯାଉଛି । ଏହି କାହାଣୀରେ କେଉଁ କଥାଗୁଡ଼ିକୁ ପଢ଼ି ତୁମର ମୁହଁରେ ମଧ୍ୟ ହସ ଆସୁଥିଲା ? ତାହାକୁ ରେଖାଙ୍କିତ କର ।

(ଖ) ଏହି କାହାଣୀରେ କେଉଁ ବାକ୍ୟଗୁଡ଼ିକୁ ପଢ଼ି ତୁମର ପାଟିରୁ ଲାଳ ବହିଯାଉଥିଲା ? ତାହାକୁ ରେଖାଙ୍କିତ କର ।

(ଏହାକୁ ରେଖାଙ୍କିତ କରିବାପାଇଁ ତୁମେ ଯେକୌଣସି ରଙ୍ଗକୁ ବ୍ୟବହାର କରିପାରିବ ।)



# ଲେଖିବାର ଅପୂର୍ବରୀତି

ମୁଁ କୌଣସି ଶବ୍ଦ ନ କରି ଦୁଆର ପର୍ଯ୍ୟନ୍ତ ଗଲି ଓ ଏପରି ଝୁଙ୍କିପଡ଼ି ଦେଖିବାରେ ଲାଗିଲି ଯାହାଫଳରେ କାହାରିକୁ ଜଣାପଡ଼ିବ ନାହିଁ ଯେ ମୁଁ ଶେଯରୁ ଉଠି ଯାଇଛି ।

ଏହି କଥାକୁ କାହାଣୀରେ ଏହିପରି ବିଶେଷ ରୂପରେ ଲେଖାଯାଇଛି–

"ପାଦ ଚିପିଚିପି ଦୁଆର ଯାଏ ଗଲି ଓ ଚୁପ୍‌ଚାପ୍ ଝୁଙ୍କିପଡ଼ି ଦେଖିଲି ।"

ଏହି କାହାଣୀରେ ଅନେକ ସ୍ଥାନରେ ବାକ୍ୟ ସବୁ ବିଶେଷ ଢଙ୍ଗରେ ଲେଖାଯାଇଛି । ସାଧାରଣକଥାକୁ ଭିନ୍ନ ଭାବରେ ଲେଖିଲେ ଲେଖିବାର ସୌନ୍ଦର୍ଯ୍ୟ ବଢ଼ିଯାଏ ।

ତଳେ କିଛି ବାକ୍ୟ ଦିଆଯାଇଛି । ଏହି କଥାଗୁଡ଼ିକ କେମିତି ଲେଖାଯାଇଛି, ତାହାକୁ ଏହି କାହାଣୀରୁ ଖୋଜ–

୧. ଏମିତି ଲାଗୁଛି ଜାଣ ଆମକୁ ଦେଖି ସୁଧାକରକକା ଖୁସି ହୋଇଗଲେ ।

୨. ଝରକାଗୁଡ଼ିକ ବହୁତ ବଡ଼ ଥିଲା । ଆଉ ଏହାର ବାହାରେ ସବୁଜ ଗଛ ପବନରେ ହଲୁଥିଲେ ।

୩. ସେଠାରେ କେବଳ ଲୋକମାନଙ୍କର ଫୁସ୍‌ଫାସ୍ ହେବାର ଶବ୍ଦ ଆସୁଥିଲା ।



https://withteachers.in/

୪. ଫୁସ୍‌ଫାସ୍ ହେବା ଛଡ଼ା ସେଠାରେ ଆଉ କିଛି ଶବ୍ଦ ନଥିଲା ।

୫. ବେମାର ଥିବା ଲୋକମାନଙ୍କର ବହୁତ ମଜା ହୋଇଥାଏ ।

୬. ମୁଁ ତୁଚ୍ଛାଟାରେ ବେମାରରେ ପଡ଼ି ଯାଉଛି ।



## ବିରାମଚିହ୍ନ

"ଦେଖ !" ତା'ପରେ ସେ ରେଜେଇ ହଟାଇ ଦେଇ ମୋର ମଥାକୁ ଛୁଇଁଲେ । ପେଟ ଦେଖିଲେ ଓ ନାଡ଼ୀକୁ ଦେଖିବାରେ ଲାଗିଲେ ।

ଏହା ଭିତରେ ଆଈ ମଧ୍ୟ ଆସିଗଲେ । "କ"ଣ ହେଲା ?" ଆଈ ପଚାରିଲେ ।

ଏହି ବାକ୍ୟଗୁଡ଼ିକୁ ଧ୍ୟାନର ସହିତ ଦେଖ । ଏହି ବାକ୍ୟଗୁଡ଼ିକରେ ତୁମକୁ କିଛି ଶବ୍ଦର ପୂର୍ବରୁ ବା ପରେ କିଛି ଚିହ୍ନ ଦିଆଯିବାର ଦେଖା ଯାଉଛି । ସେଗୁଡ଼ିକ ବିରାମଚିହ୍ନ ।

ନିଜର ଦଳ ସହିତ ମିଶି ତଳେ ଦିଆଯାଇଥିବା ବିରାମଚିହ୍ନଗୁଡ଼ିକୁ କାହାଣୀରୁ ଖୋଜ । ଧ୍ୟାନର ସହିତ ଦେଖି ବୁଝ ଯେ ଏହାର ପ୍ରୟୋଗ ବାକ୍ୟଗୁଡ଼ିକରେ କେଉଁଠି କେଉଁଠି କରାଯାଇଛି । ତୁମେ ଯାହା ପାଇଲ, ତାହାକୁ ତଳେ ଲେଖ–

| ବିରାମ ଚିହ୍ନ | | କେଉଁଠି ପ୍ରୟୋଗ କରାଯାଇଛି |
|---|---|---|
| ପୂର୍ଣ୍ଣଚ୍ଛେଦ | । | |
| ଅଳ୍ପବିରାମ (କମା) | , | |
| ପ୍ରଶ୍ନସୂଚକ ଚିହ୍ନ | ? | |
| ବିସ୍ମୟସୂଚକ ଚିହ୍ନ | ! | |
| ଉଦ୍ଧୃତି ଚିହ୍ନ | ' ' " " | |

ଆବଶ୍ୟକ ହେଲେ ଏହି ପ୍ରଶ୍ନର ଉତ୍ତର ଖୋଜିବାପାଇଁ ତୁମେ ନିଜର ପରିବାର, ଶିକ୍ଷକମାନଙ୍କ ସହିତ, ପାଠାଗାର ବା ଇଣ୍ଟରନେଟ୍‌ର ସହାୟତା ନେଇପାରିବ ।





https://withteachers.in/



## ଗଳି କେମିତି ହୋଇଥିବ

"ମୋର ଭାରି ଇଚ୍ଛା ହେଲା ଏଇ ସମୟରେ ବାହାରକୁ ଯାଇ ଦିନର ଆଲୋକରେ ନିଜ ଗଳିର ଗହଳଚହଳ ଦେଖନ୍ତି ।"

ତୁମେ କାହାଣୀରେ ପିଲାଟିର ଘର ସହିତ ଥିବା ଗଳି ବିଷୟରେ ବହୁତ କଥା ପଢ଼ିଛ । ସେହି କଥା ଓ ନିଜର କଳ୍ପନାକୁ ଆଧାର କରି ସେହି ଗଳିର ଚିତ୍ରଟିଏ କର ।



# ପାଠ ଆଗକୁ



## ତୁମକଥା

(କ) ପିଲାଟି ଡାକ୍ତରଖାନାର ବାତାବରଣ ବିଷୟରେ ବିସ୍ତୃତ ଭାବରେ ସୁନ୍ଦର କରି ବର୍ଣ୍ଣନା କରିଛି । ସେହିପରି ତୁମେ ତୁମ ଶ୍ରେଣୀର ବର୍ଣ୍ଣନା କର ।

(ଖ) କାହାଣୀରେ ପିଲାଟିକୁ ଘରେ ଏକୁଟିଆ ଦିନାସାରା ପଡ଼ି ରହିବାକୁ ପଡ଼ିଥିଲା । ତୁମେ କେବେ କେଉଁଠି ଏକୁଟିଆ ରହିଛ କି ? ସେହି ସମୟରେ ତୁମକୁ କେମିତି ଲାଗିଥିଲା । ତୁମେ କ'ଣ କ'ଣ କରିଥିଲ ?

(ଗ) କାହାଣୀରେ ଆମ୍ବ ଖାଉଥିବା ମୁନ୍ନୁକୁ ଦେଖି ପିଲାଟିର ଈର୍ଷା ହୋଇଥିଲା । କେବେ ତୁମର କାହା ଉପରେ ବା କାହାର ତୁମ ଉପରେ ଈର୍ଷା ହୋଇଛି କି ? ତୁମେ ସେତେବେଳେ କ'ଣ କରିଥିଲ ?

(ଘ) କାହାଣୀରେ ଅଜା-ଆଈ ପିଲାଟିକୁ ସମ୍ପୂର୍ଣ୍ଣ ଧ୍ୟାନରେ ରଖିବାକୁ ଉଦ୍ୟମ କରିଛନ୍ତି । ତୁମର ଘରେ ଓ ବିଦ୍ୟାଳୟରେ ତୁମ ପ୍ରତି କିଏ କିଏ ଧ୍ୟାନ ରଖିଥାନ୍ତି ? କିପରି ?

(ଙ) ତୁମେ ନିଜ ପରିବାରଲୋକ ଓ ସାଙ୍ଗମାନଙ୍କର କେମିତି ଧ୍ୟାନ ରଖିଥାଅ ? କ'ଣ କ'ଣ କରିଥାଅ ବା କ'ଣ କ'ଣ କରି ନ ଥାଅ- ଯାହାଫଳରେ ସେମାନଙ୍କୁ ଅତିକମ୍‌ରେ ବ୍ୟସ୍ତ ଲାଗୁଥିବ ।



## ବାହାନା




(କ) କାହାଣୀରେ ପିଲାଟି ବେମାରିର ବାହାନା କରିଛି, ଯାହାଫଳରେ ତାକୁ ସ୍କୁଲକୁ ଯିବାକୁ ପଡ଼ିବ ନାହିଁ । ତୁମେ କେବେ କୌଣସି କାରଣରୁ ବାହାନା କରିଛ କି ? ଯଦି ହଁ, ତେବେ ସେ ବିଷୟରେ କୁହ । ସେହି ସମୟରେ ତୁମ ମନରେ କେଉଁକେଉଁ ଭାବ ଆସି ଯାଉଥିଲା ? ତୁମେ କେମିତି ଅନୁଭବ କରୁଥିଲ ?

(ଖ) ସାଧାରଣତଃ ତିଆରି କରାଯାଉଥିବା ବାହାନାଗୁଡ଼ିକର ଗୋଟିଏ ତାଲିକା କର ।

(ଗ) ବାହାନା କାହିଁକି କରିବାକୁ ପଡ଼ିଥାଏ ? ବାହାନା ନ କରିବାକୁ ହେଲେ ଏଥିପାଇଁ ଆମକୁ କ'ଣ କ'ଣ କରିବାକୁ ହେବ ।



https://withteachers.in/



## ଅନୁମାନ

"ମୁଁ ରେଜେଇ ଭିତରେ ଥାଇ ଘରେ ଚାଲୁଥିବା ସମସ୍ତଙ୍କ ଗତିବିଧିକୁ ଅନୁମାନ କରୁଥାଏ ।"

କାହାଣୀରେ ପିଲାଟି ଅନେକ ପ୍ରକାରର ଅନୁମାନ କରିଛି । ତୁମେ କେବେ କୌଣସି ଅଜଣା ବ୍ୟକ୍ତି/ବସ୍ତୁ/ପଶୁପକ୍ଷୀ ସ୍ଥାନ ଆଦିର ବିଷୟରେ ଅନୁମାନ କରିଛ କି ? କାହା ବିଷୟରେ ? କ'ଣ ? କେବେ ? ବିସ୍ତୃତ ଭାବରେ କୁହ ।

(**ସୂଚନା** – ଯେମିତି ଗଛରୁ ଆସୁଥିବା ଶବ୍ଦକୁ ଶୁଣି କୌଣସି ପ୍ରାଣୀର ଅନୁମାନ କରିବା, କିଛି ଦୂରରେ ରହୁଥିବା କୌଣସି ସମ୍ବନ୍ଧୀୟଙ୍କ ବିଷୟରେ ଶୁଣି ତାଙ୍କ ସମ୍ବନ୍ଧରେ ଅନୁମାନ କରିବା ।)



## ଘରର ଉପକରଣ

"ବହୁତ ଖୋଜିଲା ପରେ ଥର୍ମୋମିଟର ମିଳିଲା ନାହିଁ । ବୋଧହୁଏ କେହି ମାଗି ନେଇଯାଇଥିଲା ।"

କାହାଣୀରେ ପିଲାଟି ଘରେ ଥର୍ମୋମିଟର (ତାପମାନଯନ୍ତ୍ର) ଖୋଜିଲା ପରେ ତାହା ମିଳିଲା ନାହିଁ । ସାଧାରଣତଃ ଆମର ଘରେ କିଛି ନା କିଛି ଏମିତି ବସ୍ତୁ ଅଛି, ଯାହାକୁ ଖୋଜିଲା ପରେ ମଧ୍ୟ ତାହା ମିଳେ ନାହିଁ । କାରଣ ତାହାକୁ କେହି ମାଗି ନେଇଯାଇଥାଏ । ନିଜର ଘରକୁ ଧ୍ୟାନରେ ରଖି ଏମିତି ବସ୍ତୁଗୁଡ଼ିକର ତାଲିକା କର–

| ଯାହାକୁ ଖୋଜିଲେ ମଧ୍ୟ ମିଳୁ ନାହିଁ | ଯାହାକୁ କେହି ମାଗି ନେଇଯାଇଛି |
|---|---|
| | |
| | |
| | |
| | |



## ଖିଆପିଆ ଓ ତୁମେ

(କ) କାହାଣୀରେ ସୁଧାକରକକାଙ୍କୁ ବେମାର ହୋଇଥିବାରୁ ସାଗୁଦାନାର ଖିରି ଦିଆଯାଇଥିଲା । ତୁମର ଘରେ କାହାର ବେମାର ହେଲେ ତାକୁ କ'ଣ କ'ଣ ଖୁଆଯାଇଥାଏ ?

(ଖ) କାହାଣୀରେ ପିଲାକୁ ବହୁତ ପ୍ରକାରର ଖାଦ୍ୟ ଖାଇବାର ମନ ଅଛି । ତୁମେ କ'ଣ କ'ଣ ଖାଇବାକୁ ବହୁତ ମନ କରିଥାଅ ?

(ଗ) କାହାଣୀରେ ପିଲାଟି ଭାବୁଛି ଯେ ସାଗୁଦାନା ଖିରି କେବଳ ବେମାରି ବା ଉପବାସରେ କାହିଁକି ମିଳିଥାଏ । ତୁମର ଘରେ ଏମିତି କ'ଣ କ'ଣ ହୁଏ, ଯାହା କେବଳ ବିଶେଷ ଅବସର ବା ପର୍ବପର୍ବାଣିରେ ତିଆରି ହୁଏ ।



https://withteachers.in/

(ଘ) କାହାଣୀରେ ପିଲାଟି ଭାବୁଛି ଯେ ଯଦି ସେ ସ୍କୁଲକୁ ଯାଏ, ତେବେ ତାକୁ ଠେଲାଗାଡ଼ିରେ ଲୁଣଲଙ୍କା ମିଶା ପିଜୁଳି ଖାଇବାକୁ ମିଳିଥାଏ। ତୁମେ ତୁମର ବିଦ୍ୟାଳୟରେ କ'ଣ କ'ଣ ଖାଇଥାଅ ? ବିଦ୍ୟାଳୟରେ ତୁମର ରୁଚିକର ଭୋଜନ କ'ଣ ଅଟେ ?

(ଙ) ଏହି କାହାଣୀରେ ଭୋଜନ ସହିତ ଯୋଡ଼ି ହୋଇଥିବା ପିଲାଟିର କିଛି ରୋଚକ କଥା କୁହାଯାଇଛି। ତୁମର ପିଲାଦିନର ଭୋଜନ ସହିତ ଯୋଡ଼ି ହୋଇଥିବା କିଛି ବିଶେଷ କଥା ମନେ ଅଛି କି, ଯାହାକୁ ତୁମେ ଏବେ ବି ମନେ ପକାଇଥାଅ।

(ଚ) କାହାଣୀରେ ପିଲାଟି ଖାଦ୍ୟର ବାସ୍ନାରେ ରେଜେଇ ଫୋପାଡ଼ି ଦେଇ ରୋଷେଇଘର ଆଡ଼କୁ ଚାହିଁବାରେ ଲାଗିଲା। ତୁମର ଏମିତି କେବେ କିଛି ହୋଇଛି କି ? ଘରେ କୌଣସି ବିଶେଷ ପ୍ରକାରର ଖାଦ୍ୟର ବାସ୍ନାରେ ତୁମେ ମଧ୍ୟ ରୋଷେଇ ଘର ଆଡ଼କୁ ଯାଇ ଦେଖିବାକୁ ଚାହିଁଛ ଯେ କ'ଣ ରନ୍ଧା ହେଉଛି ? ତୁମକୁ କେଉଁ କେଉଁ ଖାଦ୍ୟର ବାସ୍ନା ସବୁଠୁ ବେଶି ପସନ୍ଦ ଅଟେ ?



## ପିଠାର ମହକ

ଏହି କାହାଣୀରେ ବିଭିନ୍ନ ପ୍ରକାରର ଖାଦ୍ୟ ବିଷୟରେ ତୁମେ ପଢ଼ିଛ। ତଳ ସାରଣୀରେ କିଛି ପିଠାର ନାମ ଦିଆଯାଇଛି। ସେଗୁଡ଼ିକୁ ବାଛି ତା' ଚାରିପଟେ ଗୋଲ ବୁଲାଅ। ସେ ସବୁକୁ ନେଇ ନିଜର ଖାତାରେ ଗୋଟିଏ ତାଲିକା କର। ଏସବୁ ପିଠାକୁ ଛାଡ଼ି ତୁମ ଅଞ୍ଚଳରେ ଆଉ କେଉଁସବୁ ପିଠ ହୁଏ, ଲେଖ।


| | | | | | | |
|---|---|---|---|---|---|---|
| ଖି | ପୋ | ଚ | ନ୍ଦ୍ର | କା | ନ୍ତି | ଏ |
| ରି | ଡ | ଆ | ଫେ | କ | ଡ଼ି | ଣ୍ଡୁ |
| ଛୁ | ପି | ରି | ଣୀ | ରା | ପୁ | ରି |
| ଝି | ଠା | ସା | ଚ | କୁ | ଳି | ଗ |
| ପ | ଚି | ତ | ଉ | ମ | ଣ୍ଡା | ଇଁ |
| ତ୍ର | କା | ହା | ଳି | ଆ | ପି | ଠା |



https://withteachers.in/

# ୧୧ ପଦ୍ମବିଭୂଷଣ କେଳୁଚରଣ ମହାପାତ୍ରଙ୍କ ସହ ସାକ୍ଷାତକାର

(କେଳୁଚରଣ ମହାପାତ୍ର ଓଡ଼ିଶୀନୃତ୍ୟରେ ଏକ ଚର୍ଚ୍ଚିତନାମ। ନିଜର ନିଷ୍ଠା ଓ ଉଦ୍ୟମବଳରେ ସେ ଓଡ଼ିଶୀନୃତ୍ୟରେ ବିଶ୍ୱଗୁରୁ ଭାବେ ପରିଚିତ। ଓଡ଼ିଶୀନୃତ୍ୟରେ ସେ ଅନେକ ନୂତନତା ଆଣି ପାରିଥିଲେ। ସେଥିପାଇଁ ତାଙ୍କୁ ପଦ୍ମଭୂଷଣ ଓ ପରେପରେ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ତାଙ୍କ ସଙ୍ଘର୍ଷଭରା ଜୀବନ ସମ୍ପର୍କରେ କିଛି ଜାଣିବାପାଇଁ ଆମ ଶିକ୍ଷାର୍ଥୀମାନଙ୍କଦ୍ୱାରା ପ୍ରସ୍ତୁତ ସାକ୍ଷାତକାରଟିଏ।)



**ଶୁଭଦା :** ଶୁଣିଚି, ଆପଣଙ୍କର ପିଲାଦିନ ଖୁବ୍ ସଙ୍ଘର୍ଷପୂର୍ଣ୍ଣ ଥିଲା। ପିଲାଦିନର କେଉଁ ଘଟଣା ଆପଣଙ୍କ ସାଧନାର ପଥ ପରିବର୍ତ୍ତନ କରିଥିଲା ?

**ଗୁରୁକେଳୁଚରଣ :** ସଂଘର୍ଷ ହିଁ ଜୀବନ। ସଂଘର୍ଷ ଥିଲେ ସଫଳତା ମିଳେ। ମୋର ଜନ୍ମ ପୁରୀଜିଲ୍ଲାର ରଘୁରାଜପୁର ଗ୍ରାମରେ। ବାପା ଚିନ୍ତାମଣି ଥିଲେ ଜଣେ ପଟ୍ଟଚିତ୍ର ଶିଳ୍ପୀ। ସେ ଚାହୁଁଥିଲେ ଆମର କୌଳିକ ବୃତ୍ତି ସହ ଆଉ କିଛି ଅଧିକ କରିବାକୁ। ଅର୍ଥାତ୍ ପଟ୍ଟଚିତ୍ର, ପୋଥିଚିତ୍ର, ମୁଖାଚିତ୍ର, ପଥର ବା କାଠ ଖୋଦେଇ କାରିଗରିରେ ନାଁ ଅର୍ଜନ କରିବାକୁ।

ମୁଁ ଭାବୁଥିଲି ଆଉକିଛି। ଚାଟଶାଳୀ ଗଲାବେଳେ ବାଟରେ ଆଖଡ଼ାଘର ପଡ଼େ। ସେଠାରେ ଗୋଟିପୁଅ ନାଚ, ରାସଲୀଳା ପ୍ରଭୃତି ଶିଖାଯାଏ। ମୁଁ ଲୁଚିଲୁଚି ଦେଖେ। ମୋର ଆଗ୍ରହ ଦେଖି ଗୁରୁ ବଳଭଦ୍ର ସାହୁ ମୋତେ ଡାକିନେଲେ। ଗୋଟିପୁଅ ନାଚ ଶିଖାଇଲେ। ମର୍ଦ୍ଦଳ ବଜାଇବା ମଧ୍ୟ ଶିଖାଇଲେ। ଦିନେ ବାପା ମନ୍ଦିରରୁ ଫେରୁଥିବାବେଳେ ମୋତେ ସେଠାରେ ଦେଖିନେଲେ। କ'ଣ ଭାବିଲେ ଜାଣେନି। ମୋତେ ନେଇ ପୁରୀର ମିରିଚିକୋଟଗଳି ଗଲେ। ସେଠାରେ ମୋହନସୁନ୍ଦର ଗୋସ୍ୱାମୀଙ୍କ ମଠ। ମୋତେ ସେତେବେଳକୁ ନଅ ବରଷ। ସେଇଠି ଛାଡ଼ି ଆସିଲେ। ମୁଁ ସେଠାରେ ଗୋଟିପୁଅ ନାଚ, ରାସଲୀଳା ଶିଖିଲି। ତା'ସହ ଗୀତ ଶିଖିଲି ଓ ମର୍ଦ୍ଦଳ ବଜାଇବା ମଧ୍ୟ ଶିଖିଲି। ଗୁରୁଙ୍କ ଦିଗ୍‌ଦର୍ଶନରେ ଅନ୍ୟ ପିଲାଙ୍କ ସହ ରାଧାକୃଷ୍ଣଙ୍କ ରାସଲୀଳାପାଇଁ ଅଭ୍ୟାସ ଜାରି ରଖିଲି। ମାତ୍ର ଗାଁଠୁ ଦୂରରେ, ଅପରିଚିତ ଜାଗାରେ ମୋତେ ଅଡୁଆଅଡୁଆ ଲାଗିଲା। ତେଣୁ ଦିନେ ମୁଁ ଲୁଚିଲୁଚି ଗାଁକୁ ଚାଲିଚାଲି ଫେରି ଆସିଲି। ଗାଆଁରେ ସାଙ୍ଗସାଥୀ ମେଳରେ ବୁଲାବୁଲି କଲି, ତାସ୍ ଖେଳାରେ ସମୟ କଟାଇଲି। ଆମର ତ ବଡ଼ ପରିବାର। ତା'ର ବୋଝ ସମ୍ଭାଳିବାର ଭାର ବାପାଙ୍କ ଉପରେ ଥାଏ। ତେଣୁ ବାପା ବ୍ୟସ୍ତ ହେଲେ। ପୁଣି ନେଇ ଗୋସ୍ୱାମୀଙ୍କ ମଠରେ ଛାଡ଼ି ଦେଇ ଆସିଲେ। କଡ଼ା ନଜର ଦେବାପାଇଁ ତାଗିଦ୍ କରି ଆସିଲେ। ଗୁରୁ ଏଥର ବେଶ୍ ସଜାଗ ହେଲେ। ନୂଆ ବାଟ ଆପଣେଇଲେ। ମୋତେ 'ବାଳ-କୃଷ୍ଣ' ଭୂମିକା ଦେଲେ। ମୁଖ୍ୟଭୂମିକା ନିର୍ବାହ କରିବାକୁ ମୁଁ ମନଧ୍ୟାନ ଦେଇ ଲାଗିପଡ଼ିଲି। ପୁରୀ ତ ଜଗନ୍ନାଥ ଧାମ। ଯାନିଯାତ୍ରାର ସହର। ଜଗନ୍ନାଥଙ୍କ ଭିନ୍ନଭିନ୍ନ ପର୍ବପର୍ବାଣିରେ ଏହା ସଦା ଚଳଚଞ୍ଚଳ। ମୁଁ ସେଇ ଠାକୁରଙ୍କ ଚନ୍ଦନ, ଝୁଲଣ, ରଥଯାତ୍ରା ଆଦି



https://withteachers.in/

ସମୟରେ ରାସଲୀଳା ପରିବେଷଣ କରି ଧୁରନ୍ଧର ହୋଇଉଠିଲି । ମୋ ଭିତରେ ପରିବର୍ତ୍ତନର ଧାର୍ ବହିଲା, ହେଲେ ଆଉ ଦୁଇଟି ଘଟଣା ମୋର ସାଧନାର ଦିଗ ବଦଳାଇ ଥିଲା ।

**ବସୁଧା :** ଆମକୁ ସେଇ ଦୁଇଟି ଘଟଣା କୁହନ୍ତୁନା...

**ଗୁରୁକେଳୁଚରଣ:** ଗୁରୁମୋହନ ଗୋସ୍ୱାମୀଙ୍କ ପରିଚାଳିତ 'କୁଞ୍ଜବିହାରୀ ରାସଲୀଳା'ରେ ନିୟମିତ କାମ କରୁଥାଏ । ଏକଦା ଗ୍ରୀଷ୍ମଛୁଟିରେ ମୁଁ ଗାଁକୁ ଆସିଥାଏ । ଦିନେ ବାପା ଦାଣ୍ଡଘରେ ବସି ପଟ୍ଟଚିତ୍ର ତିଆରି କରୁଥିଲେ । ପୁରୁଣା ନିଶା ଯୋଗୁଁ ମୁଁ ତାସ୍ ମୁଠାଟିଏ ଧରି ଦାଣ୍ଡକୁ ଯାଉଥିଲି । ବାପା ଦେଖିଦେଲେ । "କୁଆଡ଼େ ଯାଉଛୁ ?" ପାଟିଟାଏ କଲେ । "ବଡ଼ଟା ଜୁଆ ଖେଳିଖେଳି ପଇସା ବରବାଦ କଲା । ଆଉ ତୁ ବି ସେଇ ଦିଗରେ ଯାଉଛୁ ।" ଏହା କହି ହାତରେ ଧରିଥିବା ଚିକ୍କଣ ପଥରକୁ ମୋ ଉପରକୁ ଫୋପାଡ଼ି ଦେଲେ । ତାହା ତ ଲକ୍ଷ୍ୟଭ୍ରଷ୍ଟ ହେଲା । ହେଲେ ସେ ଗାଳି ମୋତେ ବହୁତ କଷ୍ଟଦେଲା । ମୋ ଲକ୍ଷ୍ୟ ପଥକୁ ମୋତେ ବାଟ କଢ଼େଇ ନେଲା । ମୁଁ ବହୁତ କାନ୍ଦିଲି । ନ ଖାଇ ନ ପିଇ ମାଆକୁ କହିଲି । କାନ୍ଦିକାନ୍ଦି ପୁରୀ ଫେରିଆସିଲି । ଗୁରୁ ମୋହନସୁନ୍ଦର ଏକଥା ଜାଣିଲେ । ଦୁଃଖ ପ୍ରକାଶକଲେ । ମୋତେ କୋଳେଇ ନେଲେ । ଗାଁକୁ ଯିବାକୁ ବାରଣ କଲେ । ମୁଁ ଖାଇ ନଥିବା କଥା ମାଆଠାରୁ ଶୁଣି ବାପା ବ୍ୟସ୍ତ ହେଲେ । ଖୋଜିଖୋଜି ପୁରୀରେ ପହଞ୍ଚିଲେ । ବାପାଙ୍କୁ ଦେଖି ଗୁରୁ କହିଲେ, "କେଳୁ ମୋ ପୁଅ । ତା'ର ଦାୟିତ୍ୱ ମୋର । ତୁମର ଆଉ କିଛି କରିବାର ନାହିଁ ।" ବାପା ନିଜର ଭୁଲ ବୁଝିଲେ । ଗାଁକୁ ଫେରିଗଲେ । ଗୁରୁ ମୋତେ ନୃତ୍ୟ, ସଙ୍ଗୀତ ଶିକ୍ଷାଦେଲେ । ମୁଁ ମଧ୍ୟ ପୁତ୍ରବତ୍ ତାଙ୍କର ସେବା କଲି । ନୃତ୍ୟ ଶିକ୍ଷା ସହ ଗୁରୁଙ୍କ ସେବାରୁ ଆନନ୍ଦ ସାଉଁଟି ବାଟ ଚାଲିଲି ।

ଦ୍ୱିତୀୟ ଘଟଣାଟି ହେଉଛି ଥରେ ମୋ ଗୁରୁଙ୍କ ଗୁରୁ ବିଶ୍ୱରୂପ ଗୋସ୍ୱାମୀ ପୁରୀ ଆସିଥିଲେ । ମୁଁ ତାଙ୍କର ସେବା କରିବାର ସୁଯୋଗ ପାଇଲି । ସେ ମୋ ଅଭିନୟ ଦେଖିଲେ । ମୁଗ୍ଧ ହେଲେ । ମୋତେ ଆଲିଙ୍ଗନ କରି ଆଶୀର୍ବାଦ ଦେଲେ । ଫେରିବାବେଳେ ମହାଗୁରୁ ବିଶ୍ୱରୂପ ମୋ ଗୁରୁ ମୋହନ ସୁନ୍ଦରଙ୍କୁ କହିଲେ, ''କେଳୁ ସ୍ନେହକାଙ୍ଗାଳଟିଏ । ତା' ଉପରେ ରାଗିବ ନାହିଁ । ମୁଁ ତାକୁ କଲ୍ୟାଣ କରୁଛି । ସେ ତୁମର ନାଁ ରଖିବ ।'' ଗୁରୁଜୀ ହଁ କରି ତାଙ୍କୁ ବଚନ ଦେଇଥିଲେ । ଆଉ ସେଇଦିନଠାରୁ ଗୁରୁଙ୍କ ଆଚରବିଚର ମୋ ପ୍ରତି ବଦଳି ଯାଇଥିଲା । ଆଉ ମୋର ଭବିଷ୍ୟତର ଗତିପଥ ମଧ୍ୟ । ସେଥିପାଇଁ କହେ, 'ଗୁରୁ ସେବା କରେ ଅସାଧ୍ୟ ସାଧନ, ସେବା ବଳେ ମିଳେ ଗୁରୁଙ୍କ କଲ୍ୟାଣ ।'

**ପ୍ରମୋଦା :** ଆପଣଙ୍କ ଗାଁ ରଘୁରାଜପୁର । ଆପଣଙ୍କ ଜୀବନରେ ଗାଁ ଓ ବାପାଙ୍କର କିଛି ପ୍ରଭାବ ପଡ଼ିଥିଲା କି ?

**ଗୁରୁକେଳୁଚରଣ :** ମୋ ଗାଆଁ ରଘୁରାଜପୁର । ପୁରୀ ଜିଲ୍ଲାର ଚନ୍ଦନପୁର ଥାନା ଅଧୀନରେ । ଭାର୍ଗବୀ ନଦୀକୂଳରେ ଅବସ୍ଥିତ । ଆମ୍ବ, ପଣସ, ଗୁଆ, ନଡ଼ିଆ ଆଉ ପୋଲାଙ୍ଗଗଛ ଘେରା ମନଲୋଭା ଗାଁଟିଏ । ଏଠାରେ ରହିଛି ଭୃଗୁ ନରସିଂହଙ୍କ ଆଶ୍ରମ । କିମ୍ବଦନ୍ତୀରୁ ଜଣାଯାଏ ପ୍ରଭୁ ଶ୍ରୀରାମଚନ୍ଦ୍ର ବନବାସ ସମୟରେ ଭାଇ ଲକ୍ଷ୍ମଣ ଓ ପ୍ରାଣପ୍ରିୟା ସୀତାଙ୍କ ସହ ସେ ଏଠାରେ ଅବସ୍ଥାନ କରିଥିଲେ । ପ୍ରଭୁଙ୍କ ନାମାନୁଯାୟୀ ଗାଁଟିର ନାମ 'ରଘୁରାଜପୁର' ହୋଇଛି । ପାଖ ଗାଁଟିର ନାମ ମଧ୍ୟ ମାଆଙ୍କ ନାମାନୁସାରେ 'ଜନକଦେଈର' ହୋଇଛି । ଶ୍ରୀଚୈତନ୍ୟଙ୍କ ଶ୍ରୀକ୍ଷେତ୍ର ଆଗମନ ସମୟରେ ସେ ମଧ୍ୟ ଏଇ ପବିତ୍ର ଗାଆଁରେ ଅବସ୍ଥାନ କରିଥିଲେ ।



https://withteachers.in/

ଏହି ଗାଆଁଟି ଆଜି ବିଶ୍ୱମାନଚିତ୍ରରେ ଆଦର୍ଶ ଗ୍ରାମଟିଏ । ଘରେଘରେ ଶିଳ୍ପୀ ଓ କଳାକାରମାନଙ୍କର ଭିଡ଼ । ପଟ୍ଟଚିତ୍ର, ମୁଖାଚିତ୍ର, ପୋଥିଚିତ୍ର, ପଥର ଅଥବା କାଠଖୋଦେଇ କାମରେ ସଭିଏଁ ଅହରହ ବ୍ୟସ୍ତ । ସତେ ଅବା ବିଶ୍ୱକର୍ମାଙ୍କର ଆବାସସ୍ଥଳ । ଗାଁ ମୁଣ୍ଡରେ ମା'ଭୁଆସୁଣୀଙ୍କ ମନ୍ଦିର । ପାଖରେ କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ପୀଠ । ପ୍ରସିଦ୍ଧ ପଟ୍ଟଚିତ୍ର ଶିଳ୍ପୀ ଜଗନ୍ନାଥ ମହାପାତ୍ର ଓ ମୃଦଙ୍ଗବାଦକ ପଦ୍ମଶ୍ରୀ ମାଗୁଣି ଦାସ ଏଇ ଗାଁର ମଣିଷ । ମୁଁ ହେଉଛି ସେଇ ମାଟିର ଦାୟାଦ । ସେଇ ଗାଁର ପାଣି ପବନ ମୋ ଦେହରେ ଆଜି ବି ପ୍ରବାହିତ । ସେଇ ଗାଁ ମୋ ପାଇଁ ଶ୍ରୀକ୍ଷେତ୍ର । ତା'ର ସୌନ୍ଦର୍ଯ୍ୟରେ ମୁଁ ସଦା ବିମୁଗ୍ଧ ।

ଆଗରୁ ତ କହିଛି, ମୋ' ବାପା ଥିଲେ ଜଣେ ପଟ୍ଟଚିତ୍ର ଶିଳ୍ପୀ । ମୋତେ ନେଇ ସେ ବଡ଼ ସ୍ୱପ୍ନ ଦେଖୁଥିଲେ । ତେଣୁ ମୁଁ ଅବାଟରେ ପାଦ ଦେଲେ ସେ ଅଧୀର ହୋଇ ପଡୁଥିଲେ । ଆକଟ କରୁଥିଲେ । ତା' ଭିତରେ ଲୁଚି ରହିଥିଲା ପ୍ରବଳ ସ୍ନେହ, ଶ୍ରଦ୍ଧା ଓ ସମ୍ଭାବନା । ମାଆ ସିରିଦେବୀ ମୋତେ ଅଧିକ ଆଦର କରୁଥିଲେ । ବାପା ମୃତ୍ୟୁ ପୂର୍ବରୁ ମୋତେ ତିନୋଟି ଉପଦେଶ ଦେଇଥିଲେ । ମୁଁ ତାହା ମାଆଙ୍କଠାରୁ ଶୁଣିଥିଲି । ଉପଦେଶ ତିନୋଟି ହେଲା- ହାତେ ମାପି ଘଖଣ୍ଡେ ଚଳିବ, କରଜ ନ କରି କରମ କରିବ, ଯେଉଁ ରାସ୍ତାରେ ମୁଁ ରଖିଲି ସେଥିରେ ମୋର ନାଁ ରଖିବ । ପିଲାଦିନୁ ମୁଁ ସଂଘର୍ଷ କରିଛି । ଅଭାବ ଅନଟନରେ କାଳାତିପାତ କରିଛି । ସେତେବେଳେ ଅନ୍ୟ ଘରେ କାମ କରିବା ସହ ପାନବରଜରେ ବି କାମ କରିଛି । ତତ୍‌ସହିତ ଗୁରୁଙ୍କୁ ସେବା କରିଚି । ହେଲେ ପଥହରା ହୋଇନି । ବାପାଙ୍କ ଉପଦେଶ ମାନି ଅବଶିଷ୍ଟ ଜୀବନ ଅତିବାହିତ କରିଛି । ଆନନ୍ଦ ପାଇଛି । ଆଜି ସୁନାମ ସାଉଁଟୁଛି । ସତେ ଅବା କୃଷ୍ଣଙ୍କ ସାନ୍ନିଧ୍ୟ ଲାଭକରୁଛି ।

**ମମତା :** ଅନେକ କୁହନ୍ତି, ଆପଣ ଜଣେ ବ୍ୟକ୍ତି ନୁହଁନ୍ତି, ଗୋଟିଏ ଅନୁଷ୍ଠାନ । କାହିଁକି ?

**ଗୁରୁକେଳୁଚରଣ :** ମୁଁ ଓଡ଼ିଆ । ମୋର ଭାଷା ଓଡ଼ିଆ । ସଙ୍ଗୀତ ଓଡ଼ିଶୀ । ନୃତ୍ୟ ବି ଓଡ଼ିଶୀ । ମୁଁ ଏ ମାଟିର ସନ୍ତାନଟିଏ । ବେଶ୍ ଭଲପାଏ ମୋ ଜାତିକୁ । ଏ ଜାତିର ଉନ୍ନତିପାଇଁ ଯାହା କିଛି ଉଦ୍ୟମ କରିଛି । ସମର୍ଥନ ପାଇଛି । ପ୍ରଶଂସା ବି ପାଇଛି । ଭୁବନେଶ୍ୱରରେ 'ଓଡ଼ିଶୀ ଗବେଷଣା କେନ୍ଦ୍ର' ପ୍ରତିଷ୍ଠା କଲି । ଅନେକ ଆଗ୍ରହ ପ୍ରକାଶ କଲେ । ସମର୍ଥନ ଦେଲେ । ସହଯୋଗ ଯୋଗାଇଲେ । ନୃତ୍ୟ ଶିଖିବାକୁ ଆସିଲେ । ସେମାନଙ୍କ ମଧ୍ୟରେ ସଂଯୁକ୍ତା ପାଣିଗ୍ରାହୀ, କୁମ୍‌କୁମ୍ ମହାନ୍ତି, ସୋନାଲ ମାନସିଂହ, ପ୍ରିୟମ୍ବଦା ହେଜମାଦି, ଅପରାଜିତା, ପରଭିନ୍ ନସରିନ୍, ଏଲିଆନା, ଡୋନା ଗାଙ୍ଗୁଲି ପ୍ରମୁଖ ସାଧନା କଲେ । ସୁନାମ ପାଇଲେ । ଦେଶବିଦେଶରେ ଏହି ଶାସ୍ତ୍ରୀୟ ନୃତ୍ୟକୁ ପରିବେଷଣ କଲେ । ନୃତ୍ୟ ପରିବେଷଣପାଇଁ ବିଦେଶରୁ ନିମନ୍ତ୍ରଣ ପାଇଲେ । ଏମାନେ ଋଷିଆ, ଇଟାଲି, କାନାଡ଼ା, ଆମେରିକା, ଇଂଲଣ୍ଡ, ଜର୍ମାନୀ, ଜାପାନ, ଫ୍ରାନ୍ସ, ମାଲେସିଆ ଗସ୍ତ କଲେ । ବିଦେଶରେ ଓଡ଼ିଶାର ଚର୍ଚ୍ଚା ହେଲା । ଆଦର ବଢ଼ିଲା । ନୃତ୍ୟଶିକ୍ଷା ଆଳରେ ମୁଁ ବି ହିନ୍ଦୀ, ବଙ୍ଗଳା, ଇଂରାଜୀ ଏମିତି ଅନେକ ଭାଷା ଶିଖିଲି । ନୃତ୍ୟ ସହ ଭାଷା ଶିକ୍ଷା ବେଶ୍ ଆମୋଦ ଦେଲା ମୋତେ ।

୧୯୯୬-୯୭ ମସିହା ବେଳକୁ ଓଡ଼ିଶୀ ନୃତ୍ୟର ଉନ୍ନତିପାଇଁ ଏକ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କଲି । ନାଁ ତା'ର 'ସୃଜନ' । ଏଠାରେ ଦେଶ ବ୍ୟତୀତ ବିଦେଶ ଛାତ୍ରଛାତ୍ରୀ ଆସି ନୃତ୍ୟାଭ୍ୟାସ କରୁଛନ୍ତି । ଏଠାରୁ ପ୍ରଶିକ୍ଷଣ ପ୍ରାପ୍ତ ହେଲାପରେ ସେମାନେ ସ୍ୱକୀୟ ଶୈଳୀରେ ନୃତ୍ୟ ପରିବେଷଣ କରୁଛନ୍ତି । ସେଥିପାଇଁ ତୁମେସବୁ ଏପରି କହୁଛ...



https://withteachers.in/

**ଶୁଭଦା :** ଆପଣ ନୃତ୍ୟରେ କିଛି ନୂତନତା ଆଣିଛନ୍ତି କି ?

**ଗୁରୁକେଳୁଚରଣ :** ନୃତ୍ୟ ପରିବେଷଣବେଳେ ମୁଁ ସେଥିରେ ସମ୍ପୂର୍ଣ୍ଣ ନିମଗ୍ନ ହୋଇଯାଏ । ସର୍ବଦା ଏହାର ଉତ୍ତରୋତ୍ତର ଉନ୍ନତିପାଇଁ ଚେଷ୍ଟା କରୁଥାଏ । ପୁରାତନ ସହ ନୂତନର ସମନ୍ୱୟ ଆଣି ଏହାକୁ ଅଧିକ ରସୋତ୍ତୀର୍ଣ୍ଣ କରିବାକୁ ଚେଷ୍ଟା କରୁଥାଏ । ମୁଁ ନିଜେ ସଙ୍ଗୀତ ଗାଏ । ମର୍ଦ୍ଦଳ ବଜାଏ । ନୃତ୍ୟ ପରିବେଷଣ କରେ ।

ନୃତ୍ୟକଳାରେ ପାରମ୍ପରିକ ସହ ଅନ୍ୟାନ୍ୟ ଭାରତୀୟନୃତ୍ୟର ଶୈଳୀକୁ ସଂଯୋଜିତ କରେ । ତାକୁ ନେଇ ଅଭ୍ୟାସ କରେ । ମଞ୍ଚରେ ପରିବେଷଣ କରି ଆନନ୍ଦ ଉପଭୋଗ କରେ । ଏହି ଧାରାରେ ଆଖି, ହାତର ଅଭିନୟ ସହ ଅଙ୍ଗଭଙ୍ଗୀର ସମ୍ମିଶ୍ରଣ, ମୂକ ଅଭିନୟ ପ୍ରଭୃତି ନୃତ୍ୟରେ ନୂତନତା ଭରିଥାଏ । ବିଭିନ୍ନ ରାଗ ପରିବେଷଣରେ ଏହାର ଚମତ୍କାରିତା ବୃଦ୍ଧି ହୁଏ । କବିସୂର୍ଯ୍ୟ ବଳଦେବ ରଥ, ରସକଲ୍ଲୋଳର ପ୍ରଣେତା ଦୀନକୃଷ୍ଣ ଦାସ, କବି ସମ୍ରାଟ୍ ଉପେନ୍ଦ୍ରଭଞ୍ଜଙ୍କ କାବ୍ୟକୃତିରୁ ଚରିତ୍ର ସାଉଁଟି ଅଭିନୟ ମାଧ୍ୟମରେ ପରିବେଷଣ କରିଛି । ତନ୍ମଧ୍ୟରେ ପଞ୍ଚପୁଷ୍ପ, କୃଷ୍ଣକଥା, ଗୀତଗୋବିନ୍ଦ, କୃଷ୍ଣଲୀଳା, ଶ୍ରୀକ୍ଷେତ୍ର, କୋଣାର୍କ, ସାକ୍ଷୀଗୋପାଳ ପ୍ରଭୃତି ଥିଲା ଅନ୍ୟତମ । ଏ ସବୁଥିରେ ନୂଆ କିଛି କରି ମୁଁ ବେଶ୍ ଚର୍ଚ୍ଚିତ ତଥା ଆନନ୍ଦିତ । ଏ ସମସ୍ତ ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ପ୍ରତି ସମର୍ପିତ । ମୁଁ ତ କୁହେ ଓଡ଼ିଶୀନୃତ୍ୟ ମହାପ୍ରଭୁଙ୍କର ମହାପ୍ରସାଦ ।

**ପ୍ରମୋଦା :** ଆପଣଙ୍କର ଏହି ପ୍ରଶଂସନୀୟ କାର୍ଯ୍ୟରେ କେଉଁ କେଉଁ ଗୁରୁମାନଙ୍କର ଅବଦାନ ରହିଛି ?

**ଗୁରୁକେଳୁଚରଣ :** ଗୁରୁ ମୋ ଜୀବନର ପଥପ୍ରଦର୍ଶକ । ଆଲୋକ । ଗୁରୁ ବଳଭଦ୍ର ସାହୁ ଓ ମୋହନସୁନ୍ଦର ଗୋସ୍ୱାମୀଙ୍କ ବ୍ୟତୀତ ଅନ୍ୟ ଅନେକ ଗୁରୁ ମୋ ଜୀବନରେ ଆସିଛନ୍ତି । ମୁଁ ସେମାନଙ୍କ ଆଶିଷରୁ ବିବିଧ କଳାକୁ ଆୟତ୍ତ କରିଛି । ମଞ୍ଚରେ ପରିବେଷଣ କରିଚି । କେତେକଙ୍କୁ ମୁଁ ଏଠାରେ ସ୍ମରଣ କରୁଛି ।

ଓଡ଼ିଶୀ ନୃତ୍ୟର ଆଦ୍ୟଗୁରୁ ପଙ୍କଜ ଚରଣଙ୍କଠାରୁ ଓଡ଼ିଶୀ ନୃତ୍ୟ ଶିକ୍ଷାଲାଭ କରିଛି । ଗୁରୁ ଦୁର୍ଲ୍ଲଭ ସିଂହଙ୍କଠାରୁ ମଞ୍ଚ ଅଭିନୟର କଳା ଆୟତ୍ତ କରିଛି । କଥାରେ ଅଛି, 'ଇଚ୍ଛା ଥିଲେ ଉପାୟ ଆପେଆପେ ଆସେ । ମୋ ଇଚ୍ଛା ଶକ୍ତିକୁ ପ୍ରସାରିତ କରି ମୁଁ ଓଡ଼ିଶୀନୃତ୍ୟର ବିଭିନ୍ନ ଶୈଳୀକୁ ତର୍ଜମା କରିଛି । ନୂତନତାର ସ୍ୱାଦ ଭରିଛି । ଦଶଅବତାର ନୃତ୍ୟ ହେଉ ବା ତଅପୋଇ ନାଟକ ପ୍ରଭୃତିରେ ଏହାର ନମୁନା ପରିଲକ୍ଷିତ ହୁଏ ।

ସେହିଭଳି ଆନ୍ଧ୍ରପ୍ରଦେଶରୁ ଆଗତ ଗୁରୁଦୟାଲ ଶରଣଙ୍କ ପ୍ରଭାବ ମୋ ଉପରେ ପଡ଼ିଛି । ଗୁରୁଦୟାଲଙ୍କ ନେତୃତ୍ୱରେ ସେମାନଙ୍କ ଦଳ ଓଡ଼ିଶୀ ନୃତ୍ୟର ଇତିହାସ, ଓଡ଼ିଶାରେ ତା'ର ପ୍ରଭାବ ଏବଂ ମୋ ନୃତ୍ୟ ଶୈଳୀ ତଥା ଅଭିନୟ ଦେଖିବାକୁ ଆସିଥିଲେ । ତାଙ୍କ ସମ୍ମୁଖରେ ନୃତ୍ୟ ପରିବେଷଣ କରି ମୁଁ ତାଙ୍କୁ ଆକୃଷ୍ଟ କରିପାରିଲି । ପ୍ରଭାବିତ କଲି । ସେ ମୋ ଉପରେ ମୁଗ୍ଧ ହେଲେ । ମୁଁ ତାଙ୍କଠାରୁ ସର୍ବଭାରତୀୟସ୍ତରର ନୃତ୍ୟ; ତାଳ, ଲୟ, ଶୈଳୀ ଆହରଣ କରି ଭାରତୀୟନୃତ୍ୟ ଜଗତର ବିଭିନ୍ନ ମୁଦ୍ରାକୁ ଓଡ଼ିଶୀରେ ପ୍ରୟୋଗ କରି, ମୁଁ ଏହାକୁ ବିଶ୍ୱସ୍ତରକୁ ନେଇପାରିଲି । କଥକ, କୁଚିପୁଡ଼ି, ମଣିପୁରୀ, ଭାରତନାଟ୍ୟମ୍ ପ୍ରଭୃତିର ବିଭିନ୍ନ ଶୈଳୀ ଓ ଉପସ୍ଥାପନାର କୌଶଳ ମୁଁ ତାଙ୍କଠାରୁ ଆହରଣ କଲି । ପ୍ରୟୋଗ କଲି । ମୁଁ ହେଉଛି ମୋ' ଗୁରୁଙ୍କ ଆଶୀର୍ବାଦର ଫଳ ।



https://withteachers.in/

**ବସୁଧା :** ନୃତ୍ୟ ଶିଖିବାପାଇଁ ସଙ୍ଗୀତ ଜାଣିବା ଜରୁରୀ କି ?

**ଗୁରୁକେଳୁଚରଣ :** ନୃତ୍ୟ ଓ ସଙ୍ଗୀତ ପରସ୍ପରର ପରିପୂରକ । ଗୀତ ଗାଇବା ଓ ବାଦ୍ୟ ବଜାଇବା ନୃତ୍ୟକଳାର ପ୍ରମୁଖ ଅଙ୍ଗ । ସଙ୍ଗୀତରେ ଥାଏ ଲୟ ଓ ସ୍ୱର । ନୃତ୍ୟଶିଳ୍ପୀର ଏହି ଜ୍ଞାନ ରହିବା ବାଞ୍ଛନୀୟ । ନୃତ୍ୟ ଏକ ସାଧନା । ଏଥିରେ ଶରୀର, ଧ୍ୟାନ ଓ ତପସ୍ୟାର ସମ୍ମେଳନ ହୋଇଥାଏ । ନୃତ୍ୟ କରିବାବେଳେ ଏକ ଅଦୃଶ୍ୟ ଶକ୍ତିକୁ ଆମନ୍ତ୍ରଣ କରାଯାଏ । ତାଙ୍କର ଆବାହନ ପରେ ଅଙ୍ଗଚାଳନା ହୋଇଥାଏ । ଘାସକଟାଳି ଗୋଟିଏ ହାତରେ ଘାସ ଧରି ଅନ୍ୟ ହାତରେ ଦାଆରେ ଘାସ କାଟିବା ଏକ ଲୟ । ନୃତ୍ୟ ପରିବେଷଣବେଳେ ସେହିଭଳି ଲୟ ଲୋଡ଼ା । ସଙ୍ଗୀତରେ ନିମଜ୍ଜିତ ହେଲେ, ଭାବବୋଧରେ ଭାବାବିଷ୍ଟ ହେଲେ ନୃତ୍ୟ ପରିବେଷଣ ସହଜ ହୁଏ । ଅର୍ଥାତ୍ ସ୍ୱର ଓ ତାଳକୁ ବୁଝି, ହୃଦୟଙ୍ଗମ କରି ନୃତ୍ୟ ପରିବେଷଣ କଲେ ଏହାର ଦିଗ ବିକଶିତ ହୋଇଥାଏ । ଅର୍ଥାତ୍ ନୃତ୍ୟପାଇଁ ସଙ୍ଗୀତକୁ କରାୟତ୍ତ କରିବା ନିହାତି ଆବଶ୍ୟକ ।

**ଶୁଭଦା :** ଆପଣଙ୍କୁ ଓଡ଼ିଶୀନୃତ୍ୟରେ ବିଶ୍ୱଗୁରୁ କୁହାଯାଏ ? ଏହାର କାରଣ କ'ଣ ହୋଇପାରେ ?

**ଗୁରୁକେଳୁଚରଣ :** ନୃତ୍ୟ ମୋର ଜୀବନ । ମୋର ପଣ ଓ ପ୍ରାଣ । ଗାଁରେ ମର୍ଦ୍ଦଳ ବଜାଇବା, ଗୋଟିପୁଅ ନାଚିବା, ରାସଲୀଳାରେ ବାଳକୃଷ୍ଣ ଭୂମିକାରେ ଅଭିନୟ କରିବା ମୋ ଜୀବନର ପ୍ରାଥମିକ ପର୍ଯ୍ୟାୟ ଥିଲା । ଗୁରୁ ମୋହନ ଗୋସ୍ୱାମୀଙ୍କର 'କୁଞ୍ଜବିହାରୀ ରାସଲୀଳା'ରେ ବାଳକୃଷ୍ଣ ଭୂମିକା ତୁଲାଉଥିବା ବେଳେ ମୋ ମନରେ ନୃତ୍ୟ ପ୍ରତି ଆକର୍ଷଣ ବଢ଼ିଲା । ପ୍ରାୟ ନଅ ବର୍ଷ ଧରି ସେହି ଦଳରେ ରହି ବାଳକୃଷ୍ଣ, ରାଧା, କୃଷ୍ଣ, ଲଳିତା ପ୍ରଭୃତି ନୃତ୍ୟରେ ଅଭିନୟ କଲି । ତତ୍‌ସହିତ ଓଡ଼ିଶୀରେ ପାରଙ୍ଗମ ହୋଇଉଠିଲି । ପୁରୀ ରହଣି ସମୟରେ ଅନ୍ନପୂର୍ଣ୍ଣା ଥିଏଟର୍ସରେ କାମ କରିଥିଲି । ସେଠାରେ ମୁଁ ଭସ୍ମାସୁର ଓ ଲକ୍ଷ୍ମୀପ୍ରିୟା ମୋହିନୀ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ପ୍ରାଣ ଛୁଇଁପାରିଥିଲୁ ।

ପୂର୍ବରୁ କହିଛି ଗୁରୁ ପଙ୍କଜଚରଣ ଓ ଦୁର୍ଲ୍ଲଭସିଂହଙ୍କଠାରୁ ଯଥାକ୍ରମେ ଓଡ଼ିଶୀ ଓ ମଞ୍ଚକଳା ବା ନୃତ୍ୟକଳାର ବିଭିନ୍ନ ଦିଗ ଜାଣିଲି । ତାକୁ ନୃତ୍ୟାଭିନୟରେ ପ୍ରୟୋଗ କଲି । କଳାବିକାଶ କେନ୍ଦ୍ରରେ କାମ କଲାବେଳେ ବିଭିନ୍ନ ରାଗରାଗିଣୀରେ ମଧ୍ୟ ଏହାକୁ ପ୍ରୟୋଗ କରି ସଫଳ ହେଲି । ରାଗ ପଲ୍ଲବୀ, ବସନ୍ତ, କଲ୍ୟାଣୀ, ମୋହନା, ସାବେରୀ, ଆରବୀ ଓ ଶଙ୍କରାଭରଣ ପ୍ରଭୃତିରେ ନୂଆ ଶୈଳୀର ପ୍ରୟୋଗରେ ମୁଁ ଅଧୀର ହେଲି । ବିଭୋର ହେଲି । ଅନ୍ୟମାନଙ୍କୁ ଆକୃଷ୍ଟ କଲି ।

ସେହିଭଳି ଗୁରୁଦୟାଲ ଶରଣଙ୍କଠାରୁ ବିଭିନ୍ନ ଭାରତୀୟ ନୃତ୍ୟକଳା ସମ୍ପର୍କରେ ଜ୍ଞାତ ହେଲି । ସେଗୁଡ଼ିକ ଉପରେ ତନ୍ନତନ୍ନ କରି ଅନୁଧ୍ୟାନ କଲି । ତାକୁ ଓଡ଼ିଶୀରେ ପ୍ରୟୋଗ କରି ନୂତନତା ଆଣିଲି । ଦେଶବାସୀ ଓ ବିଶ୍ୱବାସୀଙ୍କ ହୃଦୟ ଜିଣିପାରିଲି । ଏହି ନୃତ୍ୟର ପ୍ରଚାର ଓ ପ୍ରସାରରେ ମୋର ଅବଶିଷ୍ଟ ଜୀବନକୁ ସମର୍ପଣ କଲି । ପ୍ରଶାନ୍ତି ବାଣ୍ଟିଲି । ତେଣୁ ହୁଏ ତ...

**ମମତା :** ଆପଣ କ'ଣ କ'ଣ ସମ୍ମାନ ଓ ସମ୍ବର୍ଦ୍ଧନା ପାଇଛନ୍ତି ? ସେ ସବୁ ପାଇଲାବେଳେ ଆପଣଙ୍କ ମନରେ କି ଭାବନା ଜାଗ୍ରତ ହୋଇଛି ?



https://withteachers.in/

**ଗୁରୁକେଳୁଚରଣ :** ମୋ ମତରେ ସମ୍ମାନ ଓ ସମ୍ବର୍ଦ୍ଧନା ବ୍ୟକ୍ତିର ଦାୟିତ୍ୱ ବଢ଼ାଇଥାଏ । ସମ୍ମାନ ପାଇବା ପରେ ବା ସମ୍ବର୍ଦ୍ଧିତ ହେବା ପରେ ବ୍ୟକ୍ତି ନୀରବି ଯିବା ଠିକ୍ ନୁହେଁ । ବରଂ ଦ୍ୱିଗୁଣିତ ଭାବରେ ନିଜର ଦାୟିତ୍ୱ ତୁଲାଇବା ଉଚିତ ।

କେନ୍ଦ୍ର ସଙ୍ଗୀତ ନାଟକ ଏକାଡ଼େମୀ ୧୯୬୬ ମସିହାରେ ମୋତେ ପ୍ରଥମଥର ପୁରସ୍କୃତ କରିଥିଲା । ତତ୍‌ପରେ ପରେ ଅନେକ ସମ୍ମାନ ଓ ସମ୍ବର୍ଦ୍ଧନା ପ୍ରାପ୍ତ ହେଲି । ତନ୍ମଧ୍ୟରୁ ପ୍ରମୁଖ କେତୋଟି ହେଲା ୧୯୭୫ ମସିହାରେ ଭାରତ ସରକାରଙ୍କ ତରଫରୁ ପଦ୍ମଶ୍ରୀ ସମ୍ମାନ, ୧୯୮୧ ମସିହାରେ ଅଖିଳ ଭାରତୀୟ ଗାନ୍ଧର୍ବ ମହାବିଦ୍ୟାଳୟରୁ ଡକ୍ଟରେଟ୍ ଉପାଧି, ୧୯୮୭ ମସିହାରେ ମଧ୍ୟପ୍ରଦେଶ ସରକାରଙ୍କ ତରଫରୁ କାଳିଦାସ ସମ୍ମାନ ଓ ୧୯୮୮ ମସିହାରେ ପଦ୍ମଭୂଷଣ ସମ୍ମାନ । ଏସବୁ ସମ୍ମାନ ପ୍ରାପ୍ତ ପରେ ବି ମୋର କାର୍ଯ୍ୟ ଓ କାର୍ଯ୍ୟଧାରା ଦ୍ୱିଗୁଣିତ ହୋଇଥିଲା । ତେଣୁ ୨୦୦୦ ମସିହାରେ ଭାରତ ସରକାର ମୋତେ 'ପଦ୍ମବିଭୂଷଣ' ସମ୍ମାନରେ ସମ୍ମାନିତ କଲେ । ଏସବୁ ମୋର ଉଦ୍ୟମର ସଫଳ ମୂଲ୍ୟାୟନ କରିଛି ଓ ଉତ୍ସାହକୁ ବଢ଼ାଇ ଚାଲିଛି । ସମ୍ମାନ ବା ସମ୍ବର୍ଦ୍ଧନା ପାଇ ମୁଁ ତ ଉତ୍ସାହିତ ହୋଇଛି, ଅନ୍ୟମାନଙ୍କୁ ଉତ୍ସାହ ଯୋଗାଇ ଏଇ ବାଟରେ ଚାଲିବାପାଇଁ ପ୍ରେରଣା ଦେଇଛି ।

**ବସୁଧା :** ଶାସ୍ତ୍ରୀୟନୃତ୍ୟ ଓ ଲୋକନୃତ୍ୟ ଭିତରେ ପାର୍ଥକ୍ୟ କ'ଣ ?

**ଗୁରୁକେଳୁଚରଣ :** ଲୋକନୃତ୍ୟ ଏକ ସାମୂହିକ ପ୍ରସ୍ତୁତି । ଦିନକର କଠିନ ପରିଶ୍ରମ ପରେ ଏହା କ୍ଳାନ୍ତି ମେଣ୍ଟାଇଥାଏ । ମନୋରଞ୍ଜନ ଯୋଗାଇଥାଏ । ପରିବେଷଣକାରୀ ସନ୍ତୁଷ୍ଟି ପାଇଥାଏ । ଏଥିରେ ସମାଜର ଚିତ୍ର ବା ଚରିତ୍ର ରୂପାୟିତ ହୋଇଥାଏ ।

ଶାସ୍ତ୍ରୀୟନୃତ୍ୟ ଏକକ ଭାବେ ପରିବେଷିତ ହୋଇଥାଏ । ଅବଶ୍ୟ ଆଜିକାଲି ଯୁଗ୍ମ ବା ବହୁ ଚରିତ୍ର ମାଧ୍ୟମରେ ପ୍ରସ୍ତୁତ ହେଉଛି । ଏଥିରେ ଦର୍ଶକଙ୍କର ସନ୍ତୁଷ୍ଟି ମୁଖ୍ୟ । ପୁରାଣର ଚରିତ୍ର ମାଧ୍ୟମରେ ଏହା ଦେବଦେବୀଙ୍କୁ ସମର୍ପିତ ହୋଇଥାଏ ।

ଦଣ୍ଡ, ଛଉନୃତ୍ୟ, ଡାଲଖାଇ, ସମ୍ବଲପୁରୀ ପ୍ରଭୃତି ଲୋକନୃତ୍ୟର ନମୁନା । ଏପରିକି ରାମଲୀଳା, ରାସଲୀଳା, ପାଲା, ଦାସକାଠିଆ, ପ୍ରହ୍ଲାଦନାଟକ ମଧ୍ୟ ଏହି ଶ୍ରେଣୀର ଉଦାହରଣ ।

ଓଡ଼ିଶୀ, କଥକ, କୁଚିପୁଡ଼ି, ଭାରତନାଟ୍ୟମ୍ ପ୍ରଭୃତି ଶାସ୍ତ୍ରୀୟନୃତ୍ୟର ପରିବାହକ । ଅବଶ୍ୟ ଆଜିକାଲି ଉଭୟ ଉଭୟଙ୍କ ସୀମା ଅତିକ୍ରମ କଲେଣି ।

**ପ୍ରମୋଦା :** ଆପଣ ଓଡ଼ିଶୀ ନୃତ୍ୟରେ ସୁନାମ ଅର୍ଜନ କରିଛନ୍ତି । ବିଶ୍ୱବିଜୟୀ ଆପଣଙ୍କ ପରିବାରର ଅନ୍ୟମାନେ ଏଥିରେ ସାମିଲ ହୋଇଛନ୍ତି ତ ?

**ଗୁରୁକେଳୁଚରଣ :** ମୋ କଥାରୁ ଆରମ୍ଭ କରୁଛି । ପିତାଙ୍କ ମୃତ୍ୟୁ ପରେ ପରିବାରର ଭରଣପୋଷଣ ଦାୟିତ୍ୱ ମୋ ଉପରେ ପଡ଼ିଲା । ଆର୍ଥିକ ଦୁଃସ୍ଥିତି ଯୋଗୁଁ ପୁରୀ ଛାଡ଼ିଲି । କଟକ ଗଲି । ସେଠାରେ ଗୁରୁ କାଳୀଚରଣ ପଟ୍ଟନାୟକଙ୍କ ଓଡ଼ିଶା ଥିଏଟର୍ସରେ କାମ କଲି । ଦରମା ଥିଲା ମାସିକ ସାତ ଟଙ୍କା । ସେଠାରେ ମୃଦଙ୍ଗ ଓ ତବଲାର ତାଳେତାଳେ ନୃତ୍ୟ ପରିବେଷଣ କଲି । ପରେ ଅନ୍ନପୂର୍ଣ୍ଣା ଗ୍ରୁପ୍‌ରେ ଯୋଗଦେଲି । ମଞ୍ଚ ଅଭିନୟ କଲି । ସେଠାରେ ମୋର ଭେଟ ହେଲା ଲକ୍ଷ୍ମୀପ୍ରିୟାଙ୍କ ସହ । ଉଭୟେ ଯଥାକ୍ରମେ ଭସ୍ମାସୁର ଓ ମୋହିନୀ ଭୂମିକାରେ



https://withteachers.in/

ଅଭିନୟ କଲୁ। ଜନମନ ତୋଷିଲୁ। ପରବର୍ତ୍ତୀ ସମୟରେ ସେ ମୋର ଗୃହିଣୀ ହେଲେ। ଅର୍ଦ୍ଧାଙ୍ଗିନୀ ହେଲେ। ରଙ୍ଗମଞ୍ଚରେ ନୃତ୍ୟ ସହ ଗୀତ ଗାଇବାରେ ସେ ଥିଲେ ପ୍ରଥମ ମହିଳା କଳାକାର। ଆମେଦୁହେଁ ଅନେକଥର ଦଶାବତାର ନୃତ୍ୟରେ ଅଭିନୟ କରିଛୁ। ଦର୍ଶକଙ୍କୁ ବିମୋହିତ କରିଛୁ। ବିବାହ ପରବର୍ତ୍ତୀକାଳରେ ସେ ମୋତେ ଉତ୍ସାହ ଯୋଗାଇଛନ୍ତି, ମୋତେ ଉଚ୍ଚତର ସମ୍ମାନରେ ଭୂଷିତ କରାଇବାରେ ମୁଖ୍ୟଭୂମିକା ଗ୍ରହଣ କରିଆସିଛନ୍ତି।

ମୋର ପୁଅ ରତିକାନ୍ତ ଓ ବୋହୂ ସୁଜାତା। ଦୁହେଁ ଏଇ ଧାରାରେ ଅବଗାହୀ। ଉଭୟେ ସୁନ୍ଦର ନୃତ୍ୟ ପରିବେଷଣ କରନ୍ତି। ମୋର କଳାକୁ ଆଗକୁ ଆଗକୁ ମଡ଼େଇ ଚାଲିଛନ୍ତି। ମୋ ପ୍ରତିଷ୍ଠିତ ଓଡ଼ିଶୀ ଗବେଷଣା ସଂସ୍ଥା 'ସୃଜନ'ର ଦାୟିତ୍ୱ ତୁଲାଉଛନ୍ତି। ସେଠାକୁ ଆଜି ବି ଦେଶବିଦେଶରୁ ଶହଶହ ଛାତ୍ରଛାତ୍ରୀ ଆସୁଛନ୍ତି। ନୃତ୍ୟ ଅଭିନୟ ଶିଖୁଛନ୍ତି। ଦେଶବିଦେଶରେ ନାଁ କମଉଛନ୍ତି।

**ମମତା :** ପାଠପଢ଼ା ସହ ନୃତ୍ୟକଳା ଜାରି ରହିବା ସମ୍ଭବ କି ? ପାରିବାରିକଜୀବନ ବା ବୃତ୍ତିଗତଜୀବନ ଉପରେ ଏହାର କୁପ୍ରଭାବ ପଡ଼ିଥାଏ କି ?

**ଗୁରୁକେଳୁଚରଣ :** ଏହା ନିଜର ସାମର୍ଥ୍ୟ ଉପରେ ନିର୍ଭର କରେ। ମନରେ ଆଗ୍ରହ ଥିଲେ ଅସମ୍ଭବ ବି ସମ୍ଭବ ହୁଏ। ତେଣୁ ବିଭିନ୍ନପ୍ରକାରର କଳାତ୍ମକଶିକ୍ଷା ଯଥା– ନୃତ୍ୟ, ସଙ୍ଗୀତ, ଚିତ୍ରକଳା, ଏପରିକି ସମରକଳା, କ୍ରୀଡ଼ାକସରତ୍ ଉପରେ ଏହାର କୌଣସ କୁପ୍ରଭାବ ପଡ଼ିନାହିଁ। ବରଂ ଶିକ୍ଷାର୍ଥୀ ଆଗ୍ରହର ଶହ ଆନନ୍ଦ ଉପଭୋଗ କରେ। ତା'ର ଆତ୍ମବଳ ବଢ଼େ।

ପାରିବାରିକ ଜୀବନ ଏକ ଦୁର୍ଲ୍ଲଭ ବୁଝାମଣାର ଜୀବନ। ସହଭାଗିତାର ଜୀବନ। ବାପାମାଆ ଓ ପୁଅ ଝିଅ ବା ପରିବାରର ଅନ୍ୟ ସଦସ୍ୟମାନେ ତାଳଦେଇ ଗତିକଲେ ଏହାର କୌଣସି ନକାରାତ୍ମକ ପ୍ରଭାବ ପଡ଼େ ନାହିଁ। ବୃତ୍ତିଗତ ଜୀବନରେ ଅନେକ ପଦସ୍ଥ ବ୍ୟକ୍ତି ନିଜ ନିଜର ବୃତ୍ତିସହ ଏହି ନିଶାକୁ ଅର୍ଥାତ୍ ନୃତ୍ୟକଳାକୁ ସଫଳତାର ସହ ଧରି ରଖିଛନ୍ତି। ଡକ୍ଟର ପ୍ରିୟମ୍ବଦା (ମହାନ୍ତି) ହେଜମାଦି ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି। ଏଥିସହିତ ସେ ମଧ୍ୟ ଜଣେ ବିଶ୍ୱସ୍ତରୀୟ ଓଡ଼ିଶୀ ନୃତ୍ୟଶିଳ୍ପୀ। ବିଶ୍ୱସ୍ତରୀୟ ଓଡ଼ିଶୀ ମଞ୍ଚରେ ଆଜି ବି ସେ ଅଂଶଗ୍ରହଣ କରନ୍ତି। ଗବେଷଣା ବି କରନ୍ତି। ଏଇଥିରୁ ବୁଝିଲ ପିଲେ, କାମ କରି ଜାଣିଲେ ସବୁ କ୍ଷେତ୍ରରେ ସଫଳତା ମିଳେ। ଆଉ ପ୍ରଶଂସା ମଧ୍ୟ ମିଳେ।

**ଶୁଭଦା :** ଶେଷରେ ଆମ ଭଳି ପିଲାମାନଙ୍କୁ ଆପଣ କିଛି କହିବେ କି ?

**ଗୁରୁକେଳୁଚରଣ :** ତୁମ୍ଭେମାନେ ଆଗାମୀକାଲିର ସ୍ୱପ୍ନ ଓ ସମ୍ଭାବନାର ବାହକ। ତୁମ୍ଭମାନଙ୍କ ବିକାଶରେ ଦେଶ ଓ ଦଶର ବିକାଶ ସମ୍ଭବ। ମନରୁ ଆବିଳତା କାଢ଼ି, ଅନ୍ୟପାଇଁ ଚିନ୍ତା କର। ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ସମୂହସ୍ୱାର୍ଥ ଉପରେ ଗୁରୁତ୍ୱ ଦିଅ। ଆମ ଭାରତର ପୁଣ୍ୟଗ୍ରନ୍ଥ ବେଦର ମହାନ୍ ବାଣୀ, 'ବସୁଧୈବ କୁଟୁମ୍ବକମ୍'କୁ ସଫଳ କରାଅ। ଆଉ ଗୋଟେ କଥା, 'ଉଦ୍ୟମବଳେ ସର୍ବସିଦ୍ଧି' ଆପ୍ତବାକ୍ୟକୁ ଆଧାର କରି ଚେଷ୍ଟା ଜାରିରଖ। ଉଦ୍ୟମ କର। ସଫଳତାର ଚନ୍ଦ୍ର ତୁମ ହାତ ମୁଠାରେ ରହିବ। ନିଶ୍ଚୟ ରହିବ।

**ସମସ୍ତେ ମିଳିତ ଭାବରେ :** ଧନ୍ୟବାଦ୍ ସାର୍ ! ଆପଣଙ୍କର ଆଶୀର୍ବାଦ ଆମେ କାମନା କରୁଛୁ।



https://withteachers.in/

# ପାଠରୁ...

ଆସ, ଏବେ ଆମେ ଓଡ଼ିଶୀ ନୃତ୍ୟଗୁରୁ କେଳୁଚରଣ ମହାପାତ୍ରଙ୍କୁ ପଚାରିଥିବା ପ୍ରଶ୍ନ ଓ ଉତ୍ତରଗୁଡ଼ିକୁ ନିବିଡ଼ ଭାବରେ ବୁଝିବା ।



## ମୁଁ ଯାହା ବୁଝିଲି

(କ) ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ପାଖରେ ତାରା (★) ଚିହ୍ନ ଦିଅ ।

୧. ଗୁରୁକେଳୁଚରଣଙ୍କ ପିତା ତାଙ୍କୁ ନେଇ କ'ଣ ଭାବୁଥିଲେ ?

- କେଳୁଚରଣ କୌଳିକ ବୃତ୍ତିରେ କାମ କରନ୍ତୁ ।
- ସେ ରାସଲୀଳାରେ କାମ କରି କଳାକାର ହୁଅନ୍ତୁ ।
- ସେ କୌଳିକବୃତ୍ତି ସହ ଅଧିକ କିଛି କରି ନାମ ଅର୍ଜନ କରନ୍ତୁ ।
- ସେ ପୋଥିଚିତ୍ର, ପଟ୍ଟଚିତ୍ର, ମୁଖାଚିତ୍ର ପ୍ରସ୍ତୁତ କରି ସୁନାମ ପାଆନ୍ତୁ ଓ ବାପାଙ୍କୁ ବଳି ଯାଆନ୍ତୁ ।

୨. 'ମୁଁ ହେଉଛି ମୋ ଗୁରୁଙ୍କ ଆଶୀର୍ବାଦର ଫଳ ।' କହିବାର କାରଣ କ'ଣ ହୋଇପାରେ ?

- କେଳୁଚରଣ ଗୁରୁଙ୍କ ଘରକୁ ଯାଉଥିଲେ ।
- କେଳୁଚରଣ ଗୁରୁଙ୍କ ସହ ସ୍ନାନ କରୁଥିଲେ ।
- କେଳୁଚରଣ ଗୁରୁମାନଙ୍କ ଉପଦେଶ ମାନି ନୃତ୍ୟ ଅଭ୍ୟାସ କରୁଥିଲେ ।
- କେଳୁଚରଣ ନିଜ ସହଧର୍ମିଣୀଙ୍କ ସହ ଗୁରୁଙ୍କ ଘରକୁ ଯାଉଥିଲେ ।

୩. କେଉଁ କାର୍ଯ୍ୟରେ ଶରୀର, ଧ୍ୟାନ ଓ ତପସ୍ୟାର ସମ୍ମେଳନ କରାଯାଏ ?

- ଘାସକାଟିବା କାର୍ଯ୍ୟରେ ।
- ନୃତ୍ୟ ପରିବେଷଣ କଲାବେଳେ ।
- ସୁଖରେ ନିଦ୍ରା ଯାଉଥିବାବେଳେ ।
- ବିଦେଶଭ୍ରମଣ କଲାବେଳେ ।

(ଖ) ଏବେ ତୁମେ ତୁମ ବନ୍ଧୁମାନଙ୍କ ସହ ଆଲୋଚନା କର । ତୁମର ଉତ୍ତର ଠିକ୍ କି ଭୁଲ ବିଚାର କରି ଖାତାରେ ଲେଖ ।

______________________________________________

______________________________________________



https://withteachers.in/



# ଆସ ଆମେ ମେଳ କରିବା

(କ) ପାଠରେ ଥିବା କିଛି ଶବ୍ଦ 'କ' ସ୍ତମ୍ଭରେ ଦିଆଯାଇଛି । 'ଖ' ସ୍ତମ୍ଭରେ ଏହାର ଉତ୍ତର ରହିଅଛି । ତୁମେ ଦଳରେ ଆଲୋଚନା କରି ସ୍ତମ୍ଭ ଦୁଇଟିକୁ ମିଳାଅ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ◆ ଆଖଡ଼ା ଘର | ◆ କୋଳାଗ୍ରତ କରିବା / କୋଳେଇ ନେବା |
| ◆ ଆଲିଙ୍ଗନ | ◆ ଯୁଦ୍ଧବିଦ୍ୟା ପାଇଁ ଆଖଡ଼ା ଇତ୍ୟାଦି । ବିଦ୍ୟାଳୟମାନଙ୍କରେ ପ୍ରଚଳିତ ଏନ୍.ସି.ସି. (ଜାତୀୟ ସମର ଶିକ୍ଷାର୍ଥୀ) ପ୍ରଭୃତି । |
| ◆ ଲୋକନୃତ୍ୟ | ◆ ସଙ୍ଗୀତ, ନୃତ୍ୟ ଅଭ୍ୟାସ କରାଯାଉଥିବା ସ୍ଥଳୀ । |
| ◆ ସମରକଳା | ◆ ପାଲା, ଦାସକାଠିଆ, ଛଉନାଚ, ଦଣ୍ଡନାଚ, ଘୁମୁରା, ଡାଲଖାଇ ପ୍ରଭୃତି । |
| | ◆ ସୁନ୍ଦର ସ୍ୱାସ୍ଥ୍ୟପାଇଁ ବ୍ୟାୟାମ କରାଯାଉଥିବା ସ୍ଥଳୀ । |



# ଶୀର୍ଷକ

ଏହି ସାକ୍ଷାତକାରଟିର ନାମ 'ପଦ୍ମବିଭୂଷଣ କେଳୁଚରଣ ମହାପାତ୍ର'ଙ୍କ ସହ ସାକ୍ଷାତକାର ଦିଆଯାଇଛି । ଶୀର୍ଷକଟିର ନାମ ବଦଳାଇବାକୁ ଚାହୁଁଛ କି ? ଯଦି ଚାହୁଁଥାଅ, ତେବେ ବନ୍ଧୁମାନଙ୍କ ସହ ଆଲୋଚନା କରି ନୂଆ ନାମ ବା ଶୀର୍ଷକଟିଏ ଦିଅ ।



# ଗଦ୍ୟାଂଶର ଆଲୋଚନା

ଏହି ପାଠରୁ କିଛି ଧାଡ଼ି ନିମ୍ନରେ ଦିଆଯାଇଛି । ସେଗୁଡ଼ିକୁ ମନ ଦେଇ ପଢ଼ ଓ ସହପାଠୀଙ୍କ ସହିତ ଆଲୋଚନା କର ।

- 'ସେ ଗାଳି ମୋତେ ବହୁତ କଷ୍ଟ ଦେଲା । ମୋ ଲକ୍ଷ୍ୟପଥକୁ ମୋତେ ବାଟ କଢ଼ାଇନେଲା ।' କେଳୁଚରଣ ଏକଥା କାହିଁକି କହିଛନ୍ତି ?
- 'ବାପାଙ୍କ ଉପଦେଶ ମାନି ଅବଶିଷ୍ଟ ଜୀବନ ଅତିବାହିତ କରିଛି । ଆନନ୍ଦ ପାଇଛି ।' ବାପାଙ୍କର କେଉଁ କେଉଁ କଥା କେଳୁଚରଣଙ୍କୁ ଉତ୍ସାହିତ କରିଛି କୁହ ।
- 'ସେ ମୋତେ ଉଚ୍ଚତର ସମ୍ମାନରେ ଭୂଷିତ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ।' କାହାକୁ ଲକ୍ଷ୍ୟକରି ସେ ଏପରି ମତ ଦେଇଛନ୍ତି ।
- 'ଆଉ ସେଇଦିନଠାରୁ ଗୁରୁଙ୍କ ଆଚାରବିଚାର ମୋ ପ୍ରତି ବଦଳି ଯାଇଥିଲା ।' ଏହା ସେ କାହିଁକି କହିଛନ୍ତି ।
- 'ଘାସ କଟାଳି ଗୋଟିଏ ହାତରେ ଘାସ ଧରି ଅନ୍ୟ ହାତରେ ଦାଆରେ ଘାସ କାଟିବା ଏକ ଲୟ ।' ଏଥିରୁ ତୁମେ କ'ଣ ବୁଝୁଛ ଆଲୋଚନା କର ।



https://withteachers.in/



# ବୁଝିବିଚାରି

୧. ସାକ୍ଷାତ୍କାରଟିକୁ ଆଉ ଥରେ ପଢ଼ିବା, ବୁଝିବିଚାରି ଉତ୍ତର ଲେଖିବା ।

- ମୁଁ ମଧ୍ୟ ପୁତ୍ରବତ୍ ତାଙ୍କର ସେବାକଲି ।
- ସେଇ ଗାଆଁ ମୋ ପାଇଁ ଶ୍ରୀକ୍ଷେତ୍ର ।
- ସେମାନଙ୍କ ଆଶିଷରୁ ମୁଁ ସେମାନଙ୍କ କଳାକୁ ଆୟତ୍ତ କରିଛି ।
- ନୃତ୍ୟ ଏକ ସାଧନା ।



# ଶବ୍ଦର ଖେଳ

ତଳ ଡୁବି ତବଲା ଚିତ୍ରରେ କେତେକ ସନ୍ଧିଯୁକ୍ତ ଶବ୍ଦ ଓ ଯୋଡ଼ିଶବ୍ଦ ମିଶିଯାଇଛି । ସେଗୁଡ଼ିକୁ ଅଲଗାଅଲଗା କରି ପାଖର ବାକ୍ସରେ ଲେଖ ।

ଯେପରି : ପୁଅଝିଅ ଏକ ଯୋଡ଼ି ଶବ୍ଦ । ନାମାନୁଯାୟୀ (ନାମ + ଅନୁଯାୟୀ) ଏକ ସନ୍ଧି ଶବ୍ଦ ।




| ସନ୍ଧି ଶବ୍ଦ | ଯୋଡ଼ି ଶବ୍ଦ |
|---|---|
| | |
| | |
| | |
| | |
| | |
| | |
| | |



# ବିପରୀତ ଅର୍ଥବୋଧକଶବ୍ଦ ଗଠନ ଶିଖିବା

(କ) "ଏହି ନୃତ୍ୟର ପ୍ରଚାର ଓ ପ୍ରସାରରେ ମୋ ଅବଶିଷ୍ଟ ଜୀବନକୁ ସମର୍ପଣ କଲି ।
ସନ୍ତୋଷ ପାଇଲି । ଅନ୍ୟମାନଙ୍କୁ ଶାନ୍ତି ଦେଲି । ପ୍ରଶାନ୍ତି ବାଣ୍ଟିଲି ।"

ଉପର ପ୍ରଦତ୍ତ ବାକ୍ୟର ରେଖାଙ୍କିତ ଶବ୍ଦ ଦୁଇଟିକୁ ଲକ୍ଷ୍ୟ କର । ଶବ୍ଦ ଦୁଇଟିର ପୂର୍ବରୁ 'ଅ' ପ୍ରତ୍ୟୟ ଯୋଗ କଲେ ତାହା ଯଥାକ୍ରମେ 'ଅସନ୍ତୋଷ' ଓ 'ଅଶାନ୍ତି' ହେବ । ଏହି ଦୁଇଟି ଶବ୍ଦ ସନ୍ତୋଷ ଓ ଶାନ୍ତିର ବିପରୀତ ଅର୍ଥବୋଧକ ଶବ୍ଦ ।

ଏଥିରୁ ଆମେ ଜାଣିଲେ ଶବ୍ଦର ପୂର୍ବରୁ 'ଅ' ପ୍ରତ୍ୟୟ ଯୋଗ କଲେ କେତେକ କ୍ଷେତ୍ରରେ ତାହା ବିପରୀତ ଅର୍ଥବୋଧକଶବ୍ଦ ହୁଏ ।



https://withteachers.in/

(ଖ) ତୁମେ ଏହି ପାଠରୁ ଆଉ କେତେକ ଶବ୍ଦ ଖୋଜ । ସେଗୁଡ଼ିକର ବିପରୀତଅର୍ଥବୋଧକ ଶବ୍ଦର ତାଲିକା ପ୍ରସ୍ତୁତ କର ।

(ଗ) ଏହି ଶବ୍ଦଗୁଡ଼ିକୁ ନେଇ ଅର୍ଥଯୁକ୍ତ ବାକ୍ୟଗଠନ କର ।



## ଆସ ଆମେ ଖୋଜିବା

(କ) 'ଓଡ଼ିଶୀନୃତ୍ୟର ଆଦ୍ୟଗୁରୁ ପଙ୍କଜ ଚରଣଙ୍କଠାରୁ ଓଡ଼ିଶୀନୃତ୍ୟ ଶିକ୍ଷା ଲାଭ କରିଛି ।'

ଗୁରୁ କେଳୁଚରଣଙ୍କ ଜୀବନରେ ଅନେକ ଗୁରୁ ଆସିଛନ୍ତି । ସେ ସେମାନଙ୍କଠାରୁ ଭିନ୍ନଭିନ୍ନ କଥା ଆହରଣ କରିଛନ୍ତି । ଜୀବନରେ ପ୍ରୟୋଗ କରିଛନ୍ତି ।

(ଖ) ଏବେ ତୁମେ ପାଠ୍ୟ ଆଧାରରେ ଗୁରୁମାନଙ୍କର ଏକ ତାଲିକା ପ୍ରସ୍ତୁତ କର । ସେହି ଗୁରୁମାନଙ୍କଠାରୁ ସେ କି କି ଶିକ୍ଷା ଲାଭ କରିଛନ୍ତି, ତାହା ସଂଗ୍ରହ କର । ଏହାକୁ 'କ' ସ୍ତମ୍ଭ ଓ 'ଖ' ସ୍ତମ୍ଭ ଏହିପରି ଦୁଇଟି ସ୍ତମ୍ଭରେ ପ୍ରସ୍ତୁତ କର ।



## ପିଲାଙ୍କ ପହଲି

ଏହି ପାଠଟିରେ ଜଗନ୍ନାଥଙ୍କର ବିଭିନ୍ନ ପର୍ବପର୍ବାଣିର କଥା ରହିଛି । ସେହି ପର୍ବସମ୍ବନ୍ଧରେ ଜାଣିବାପାଇଁ ତୁମ ପରିବାରର ସଦସ୍ୟ ତଥା ଶିକ୍ଷକ/ଶିକ୍ଷିକାଙ୍କ ସହାୟତା ନେବ । ଏଠାରେ କେତୋଟି ପର୍ବକୁ ନେଇ ପହଲି ରହିଛି । ବନ୍ଧୁମେଳରେ ଚର୍ଚ୍ଚା କରି ତା'ର ଉତ୍ତର ବାହାର କର ।

(କ) ମନେମନେ ଭାବ ଗୋଟିଏ ଦିନ
ସେଦିନୁ ଆରମ୍ଭ ଯାତ୍ରା-ଚନ୍ଦନ,
ରଥକାଠ ହଣା ହୁଏ ସେଦିନ
ବାହାବ୍ରତଘର ପାଇଁ ସୁଦିନ
କେଉଁ ମାସ କେଉଁ ତିଥିର ନାମ
କୁହରେ ପିଲାଏ, ଲଭ ସୁନାମ ।

(ଖ) ଗାଇବଳଦଙ୍କୁ କରାଇ ସ୍ନାନ
ବେକେ ଫୁଲମାଳ, ଶିରେ ଚନ୍ଦନ
ପିଠାପଣା ଦେଇ କରୁଛେ ପୂଜା
ପିଲାମାନେ ମିଶି କରନ୍ତି ମଜା
ସେଇ ଦିନଟି
କାହା ଜନ୍ମଦିନ, କହିଦେବଟି ।



(ଗ) ବାରମାସେ ତେରପରବ ହୁଏ
ସବୁ ପରବରେ ଆନନ୍ଦ ଥାଏ ।
ଗୋଟେ ପରବରେ ତିନିହେଁ ମିଶି
ମାଉସୀଘରକୁ ଯାଆନ୍ତି ହସି ।
ନଅଦିନ ପରେ ଆସନ୍ତି ଫେରି
ପରବର ନାମ କୁହ, ବିଚାରି ।

(ଘ) ଜ୍ୟେଷ୍ଠମାସର ପୁନିଅଁଦିନ
ମଣ୍ଡପରେ ବିଜେ କଳାବଦନ ।
ଭାଇଭଉଣୀଙ୍କୁ ସଙ୍ଗରେ ଆଣି
ଗାଧୋଇଲେ ସେଠି ଆସିଲା ପାଣି ।
ହୋଇଲେ ସୁବେଶ, ଭକତ ଖୁସି
ଲୀଳା କରନ୍ତି ସେ ପାପ ବିନାଶି
କୁହରେ ଧନ,
କେତେ ଗରା ପାଣି, ବେଶର ନାମ ।



https://withteachers.in/

# ପାଠରୁ ଆଗକୁ



## ସାକ୍ଷାତ୍‌କାର କରିବା କିପରି ?

ପ୍ରସ୍ତୁତ ପାଠଟି ଏକ ସାକ୍ଷାତ୍‌କାର । ଏହି ସାକ୍ଷାତ୍‌କାର ଏକ ବ୍ୟକ୍ତିକୈନ୍ଦ୍ରିକ ସାକ୍ଷାତ୍‌କାର । ଏହାର ମୂଳ ଲକ୍ଷ୍ୟ ହେଲା ସାକ୍ଷାତ୍‌କାର ଦେଉଥିବା ବ୍ୟକ୍ତିଙ୍କର ନିଜର ଜୀବନ, କାର୍ଯ୍ୟାବଳୀ । ଉପଲବ୍ଧି, ରୁଚିଅରୁଚି, ବିଚାରଧାରା ଆଦିକୁ ପାଠକଙ୍କ ସମ୍ମୁଖକୁ ଆଣିବା ।

ଯେକୌଣସି ସାକ୍ଷାତ୍‌କାରପାଇଁ ପୂର୍ବପ୍ରସ୍ତୁତି ଆବଶ୍ୟକ । ଏଥିପାଇଁ ଅସୀମ ଧୈର୍ଯ୍ୟ ଦରକାର । ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ଉପରେ ପ୍ରଥମେ କିଛି ତଥ୍ୟ ସଂଗ୍ରହ କରିବାକୁ ପଡ଼ିଥାଏ । ତତ୍‌ପରେ ତାଙ୍କ ସହିତ ଯୋଗାଯୋଗ କରି ସାକ୍ଷାତ୍‌କାରର ସମୟ ନିର୍ଦ୍ଦିଷ୍ଟ କରିବାକୁ ହୁଏ ।

ପ୍ରସ୍ତୁତ ସାକ୍ଷାତ୍‌କାରଟିକୁ ଆଧାର କରି କୁହ –

(କ) ସାକ୍ଷାତ୍‌କାର କରିବା ପୂର୍ବରୁ କି କି ପ୍ରସ୍ତୁତି କରିଥିବ ?

(ଖ) ତୁମେ ଏଇ ସାକ୍ଷାତ୍‌କାରରେ ଆଉ କ'ଣ କ'ଣ ପ୍ରଶ୍ନ ଯୋଡ଼ିବାକୁ ଚାହୁଁଛ ?

(ଗ) ଏଇ ସାକ୍ଷାତ୍‌କାରଟି ଜଣେ ବିଖ୍ୟାତ ନୃତ୍ୟଶିଳ୍ପୀଙ୍କର ଅଟେ । ଯଦି ତୁମକୁ କୌଣସି ପରିବାବିକାଳି, ଅଟୋଚାଳକ, ଘରୋଇସହାୟକ/ସହାୟିକାଙ୍କ ସାକ୍ଷାତ୍‌କାର ନେବାକୁ ହୁଏ, ତେବେ ତୁମର ପ୍ରଶ୍ନାବଳୀ କିପରି ହେବ, ତାହା ପ୍ରସ୍ତୁତ କର ।



## ସର୍ଜନାତ୍ମକ ଲିଖନ

ତୁମ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ ହେବ ।

(କ) ତୁମେ ଜଣେ ଉପସ୍ଥାପକ ଭାବରେ ଦର୍ଶକମାନଙ୍କୁ ଏହି ଓଡ଼ିଶୀନୃତ୍ୟକଳା ବିଷୟରେ କ'ଣ କ'ଣ କହିବ ଲେଖ ।

(ଖ) ଏହି କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେବାପାଇଁ ଏକ 'ବିଜ୍ଞାପନ' ପ୍ରସ୍ତୁତ କର ।

(ଗ) ଯଦି ଏହି ନୃତ୍ୟ ଦେଖିବାପାଇଁ କୌଣସି ଦୃଷ୍ଟିବାଧିତ ଦର୍ଶକ ଆସିଅଛି ଓ ସେ ଏହି ନୃତ୍ୟର ଆନନ୍ଦ ନେବାକୁ ଚାହୁଁଛି; ଏଥିପାଇଁ ବିଦ୍ୟାଳୟ ତରଫରୁ କିକି ବ୍ୟବସ୍ଥା କରାଯିବା ଉଚିତ, ତାହା ଚିନ୍ତାକରି ଲେଖ ।





https://withteachers.in/

## ଆସ ଜାଣିବା

''ତେଣୁ ୨୦୦୦ ମସିହାରେ ଭାରତ ସରକାର ମୋତେ 'ପଦ୍ମବିଭୂଷଣ' ସମ୍ମାନରେ ସମ୍ମାନିତ କଲେ।''

'ପଦ୍ମବିଭୂଷଣ' ଓ 'ପଦ୍ମଭୂଷଣ' ଭାରତ ସରକାରଙ୍କର ପ୍ରଦତ୍ତ ଦୁଇଟି ସମ୍ମାନ। ଏହା ଭାରତୀୟମାନଙ୍କୁ କଳା, ସଂସ୍କୃତି, ସେବା ପ୍ରଭୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନପାଇଁ ପ୍ରଦାନ କରାଯାଇଥାଏ। ଏହାକୁ 'ବେସାମରିକ ସମ୍ମାନ' କୁହାଯାଏ।

ସେହିଭଳି ଆତଙ୍କଦମନ, ଯୁଦ୍ଧ ଓ ବିପର୍ଯ୍ୟୟ ପରିଚାଳନା ପ୍ରଭୃତି କ୍ଷେତ୍ରରେ କେତେଗୁଡ଼ିଏ ସମ୍ମାନ ପ୍ରଦାନ କରାଯାଏ। ସେଗୁଡ଼ିକୁ 'ସାମରିକ ସମ୍ମାନ' କୁହାଯାଏ। ନମୁନା ଭାବରେ 'ବୀରଚକ୍ର', 'ପରମବୀରଚକ୍ର'କୁ ଗ୍ରହଣ କରିବା।

(କ) ଏବେ ତୁମେ ସାମରିକ ଓ ବେସାମରିକ କ୍ଷେତ୍ରରେ ଦିଆଯାଉଥିବା ବିଭିନ୍ନ ସମ୍ମାନର ଭିନ୍ନ ଭିନ୍ନ ତାଲିକା ପ୍ରସ୍ତୁତ କର।

(ଖ) ସେହି ସମ୍ମାନଗୁଡ଼ିକୁ ସାନରୁ ବଡ଼ କ୍ରମରେ ସଜାଅ।

(ଗ) ଓଡ଼ିଶାର କେଉଁ କେଉଁ ବରପୁତ୍ର ଏହି ସବୁ ସମ୍ମାନ ପାଇଛନ୍ତି, ତା'ର ଦୁଇଟି ତାଲିକା (ସାମରିକ ଓ ବେସାମରିକ) ପ୍ରସ୍ତୁତ କର।

## ଆସ ଖୋଜିବା

ଆମ ଓଡ଼ିଶାର ପ୍ରସିଦ୍ଧ ଓଡ଼ିଶୀନୃତ୍ୟ, ନୃତ୍ୟଶିଳ୍ପୀ ଓ ଓଡ଼ିଶୀସଙ୍ଗୀତ ବିଷୟରେ ଅଧିକ ଜାଣିବାପାଇଁ ପାଠାଗାର ଓ ଇଣ୍ଟରନେଟ୍‌ର ସାହାଯ୍ୟ ନିଅ।





https://withteachers.in/

## ଝରକାରୁ

# ଭାରତର ବିଭିନ୍ନ ଶାସ୍ତ୍ରୀୟନୃତ୍ୟ

ନୃତ୍ୟ ସାଧକ କେଳୁଚରଣ ମହାପାତ୍ର ଭାରତର ବିଭିନ୍ନ ନୃତ୍ୟଶୈଳୀର ପରିବେଷଣ ସହ ଜଡ଼ିତ ଥିଲେ । ସେ ସବୁ ବିଷୟରେ ଆମେ ଅବଗତ ହେବା ।



**ଭାରତନାଟ୍ୟମ୍ :** ଚେନ୍ନାଇ (ତାମିଲନାଡୁ), ଆନ୍ଧ୍ର ଓ ମହୀଶୂର ଅଞ୍ଚଳର ମନ୍ଦିରଗୁଡ଼ିକରେ ବହୁ ପୂର୍ବରୁ ପ୍ରଚଳିତ ଥିଲା ଦେବଦାସୀ ନୃତ୍ୟ । ଏହାର ନାମ 'ଦାସୀ ଅଟ୍ଟମ୍' । ଏହି ନୃତ୍ୟର ନୂତନ ନାମ ହେଉଛି ଭାରତନାଟ୍ୟମ୍ । କର୍ଣ୍ଣାଟକୀ ସଙ୍ଗୀତରେ ବିଭିନ୍ନ ବିଭାଗ ସହ ସମତାଳରେ ଏହା ପ୍ରଦର୍ଶିତ ହୁଏ । ଦୀର୍ଘ ଦୁଇଘଣ୍ଟାରୁ ତିନିଘଣ୍ଟା ପର୍ଯ୍ୟନ୍ତ ଏହା ପ୍ରଦର୍ଶିତ ହୋଇଥାଏ । ଏହି ନୃତ୍ୟର ପ୍ରଦର୍ଶନ ଆଲାରିପୁ, ଯତିସ୍ୱରମ୍, ଶବ୍ଦମ୍, ବର୍ଣ୍ଣମ୍, ପଦମ୍, ଜାଭଳି, ତିଲ୍ଲାନା ଆଦି ବିଭିନ୍ନ ବିଭାଗରେ ବିଭକ୍ତ । ଏହି ବିଭାଗଗୁଡ଼ିକରେ ସଙ୍ଗୀତ, ତାଳ ଓ ପରିବେଷଣଶୈଳୀ ସ୍ୱତନ୍ତ୍ର ହୋଇଥାଏ ।



**କଥାକଳି :** ଏହି ନୃତ୍ୟ ପୃଥିବୀର ଏକ ଶ୍ରେଷ୍ଠ ମୂକ ଅଭିନୟ । ଏହି ନୃତ୍ୟର କେନ୍ଦ୍ରସ୍ଥଳ ହେଉଛି ମାଲାବାର । ରାମାୟଣ ଓ ମହାଭାରତର କାହାଣୀକୁ ପ୍ରସ୍ତୁତ କରୁଥିବା ଦୁଇଟି ଲୋକନାଟ୍ୟ ହେଉଛି 'ରାମନଟ୍ଟମ୍' ଓ 'କ୍ରିଷ୍ଣାଟମ୍' । ଏହି ଦୁଇଟିର ସମ୍ମିଶ୍ରଣକୁ 'କଥାକଳି'ର ଉଦ୍ଭବ । ଏହାର ଅର୍ଥ ହେଉଛି ଗଳ୍ପ-ନାଟକ ବା ଗଳ୍ପ-ନୃତ୍ୟ । ଏହି ନୃତ୍ୟ ପାଇଁ କେରଳରେ ୧୪୦ ରୁ ଅଧିକ କାହାଣୀ ରହିଅଛି । ଏହି ନୃତ୍ୟଟି ପୁରୁଷମଣ୍ଡଳିଦ୍ୱାରା ପରିବେଷିତ ହୋଇଥାଏ । ହସ୍ତ ଓ ପାଦର କୌଶଳପୂର୍ଣ୍ଣ ସଂଚାଳନ ଓ ମୁଖଭଙ୍ଗୀ ଏହି ନୃତ୍ୟର ବୈଶିଷ୍ଟ୍ୟ ତଥା ବୈଚିତ୍ର୍ୟ । ଏହି ନୃତ୍ୟରେ ପ୍ରାୟ ୮୦୦ ହସ୍ତମୁଦ୍ରା ବ୍ୟବହାର ହୋଇଥାଏ । ଏହା ୨୪ଟି ମୁଖ୍ୟ ମୁଦ୍ରାର ଉପଶାଖା ।



**କଥକ :** ଉତ୍ତରଭାରତର ବ୍ରଜଭୂମିର ରାମଲୀଳାକୁ ଏହାର ଉତ୍ପତ୍ତି । ଏହା ଏକ ପରମ୍ପରାଗତ ନୃତ୍ୟବିଦ୍ୟା । ଏଥିରେ ମଧ୍ୟ ମହାଭାରତ ଓ ଅନ୍ୟାନ୍ୟ ପୌରାଣିକ ଆଖ୍ୟାନ ଓ କିମ୍ବଦନ୍ତି କାହାଣୀ ସ୍ଥାନ ପାଇଥାଏ । ଏହି ନୃତ୍ୟରେ ନୃତ୍ତ ଓ ନୃତ୍ୟର ସମନ୍ୱୟ ଥିଲେ ମଧ୍ୟ ନୃତ୍ତର ପ୍ରାଧାନ୍ୟ ଥାଏ । ନୃତ୍ତରେ ତାଳ, ଛନ୍ଦ ବା ବୋଲ୍‌ର ପ୍ରାଧାନ୍ୟ ପରିଲକ୍ଷିତ ହୁଏ । ଏହି ନୃତ୍ୟର ବିଭିନ୍ନ ଅଂଶଗୁଡ଼ିକ ହେଲେ ଆମଦ୍, ଥାଟ୍, ତୋଡ଼ା, ଟୁକ୍‌ଡ଼ା, ପରମେଲୁପରନ୍, ସଲାମୀ, ପାଲଟା, ଚକ୍କର ଓ ଘୁଙ୍ଗଟ୍ ।



https://withteachers.in/



**କୁଚିପୁଡ଼ି :** ଏହା ଆନ୍ଧ୍ରପ୍ରଦେଶରେ ପ୍ରଚଳିତ ଏକ ପ୍ରକାର ନୃତ୍ୟନାଟକ । ଏହା ବୈଷ୍ଣବଧର୍ମ ପ୍ରଭାବିତ । ଏହି ନୃତ୍ୟ ପ୍ରସ୍ତୁତି ପ୍ରାର୍ଥନାରୁ ଆରମ୍ଭ ହୁଏ । ପରେ ନୃତ୍ୟାଭିନୟ ପ୍ରସ୍ତୁତ କରାଯାଏ । କର୍ଣ୍ଣାଟକୀସଙ୍ଗୀତ ରୀତିରେ ଏହାର ସଙ୍ଗତ କରାଯାଏ । ନୃତ୍ୟଗୁରୁ ବା ନଟ୍ଟୁଭନାର ଗିନିବଜାଇ ତାଳ ଧରନ୍ତି ଓ ସମସ୍ତ ସଙ୍ଗୀତକୁ ନିୟନ୍ତ୍ରଣ କରିଥାନ୍ତି । ଏହି ନୃତ୍ୟ ନାଟକର ଭାଷା ତେଲଗୁ ଓ ସଂସ୍କୃତ । ଅଭିନେତା ବ୍ରାହ୍ମଣ ସଂପ୍ରଦାୟର ହୋଇଥାନ୍ତି । ଏହାର ବିଭିନ୍ନ ବିଭାଗଗୁଡ଼ିକ ହେଲା-ଅତଡ଼ୁଭୂଯତି, ଯତିସ୍ୱରମ୍, ତିରମାନ, ତିଲ୍ଲାନା ଇତ୍ୟାଦି ।



**ମଣିପୁରୀ :** ଭାରତବର୍ଷର ଉତ୍ତର-ପୂର୍ବ ସୀମାନ୍ତ ରାଜ୍ୟ ମଣିପୁରର ଏହା ପ୍ରମୁଖ ନୃତ୍ୟ । ବନ ପର୍ବତଘେରା ଏହାର ଅଧିବାସୀମାନେ ପ୍ରାୟତଃ ନୃତ୍ୟ ଓ ଗୀତ ପ୍ରିୟ । ମଣିପୁରର ଘାଟିମାନଙ୍କରେ ସ୍ଥାନୀୟଲୋକ (ଗନ୍ଧର୍ବ)ମାନଙ୍କ ସହିତ ମିଶି ଶିବ ଓ ପାର୍ବତୀ ଏହି ନୃତ୍ୟାରମ୍ଭ କରିଥିବାର କିମ୍ବଦନ୍ତି ରହିଛି । ଏହି ନୃତ୍ୟଶୈଳୀରେ ପ୍ରଥମେ 'ରାସନୃତ୍ୟ' ଓ ପରେ 'ଲାଇ ହରୋବା' ନୃତ୍ୟ ପରିବେଷଣ ହୁଏ । ଏହାର ଆଉ ଏକ ବିଭାଗ ହେଲା 'ଥେଲମ୍' । ମୃଦଙ୍ଗ ଓ କରତାଳ ବଜାଇ ମଣିପୁର ଅଧିବାସୀମାନେ ଏହି ନୃତ୍ୟ କରିଥାନ୍ତି । 'ଲାଇ ହରୋବା' ନୃତ୍ୟରେ ପୁରୁଷମାନେ ଯୋଦ୍ଧା ଓ ସ୍ତ୍ରୀମାନେ ଦାସୀ ଭାବରେ ସଜ୍ଜିତ ହୁଅନ୍ତି ।

**ମୋହିନୀ ଅଟ୍ଟମ୍ :** ଏହି ନୃତ୍ୟର ଉତ୍ପତ୍ତିସ୍ଥଳ କେରଳ । ଏହାର ବିଶେଷତ୍ୱ ହେଲା ଏହା ଘୂର୍ଣ୍ଣାୟମାନ କୋମଳ



ଭାବଯୁକ୍ତ ଆଙ୍ଗିକ ଅଭିନୟ । ଏଥିରେ ନୃତ୍ୟର ଅଭିନୟ ପ୍ରାଧାନ୍ୟ ପାଇଥାଏ । ମୁହଁର ଅଭିବ୍ୟକ୍ତି ଓ ହସ୍ତମୁଦ୍ରା ଉପରେ ଏଥିରେ ଅଧିକ ପ୍ରାଧାନ୍ୟ ଦିଆଯାଇଥାଏ । ନର୍ତ୍ତକୀମାନେ ଯେଉଁ ପାରମ୍ପରିକ ପୋଷାକ ପିନ୍ଧନ୍ତି, ତାହାକୁ 'ମୁଂଡୂ' କୁହାଯାଏ । ପାରମ୍ପରିକ ପୋଷାକରେ ଏହା କେବଳ ନାରୀମାନଙ୍କଦ୍ୱାରା ପରିବେଷିତ ହୋଇଥାଏ ।

**ଓଡ଼ିଶୀ :** ଓଡ଼ିଶାରେ ପ୍ରଚଳିତ ଶାସ୍ତ୍ରୀୟ ନୃତ୍ୟ । ପ୍ରାଚୀନ ନାମ ଉଡ୍ର ନୃତ୍ୟ । ମନ୍ଦିର ଗାତ୍ରମାନଙ୍କରୁ ମିଳିଥିବା ଶିଳାଲିପି ଅନୁଯାୟୀ ତଥା ଜଗନ୍ନାଥ ମନ୍ଦିରରେ ପ୍ରଚଳିତ 'ଦେବଦାସୀ' ବା 'ମାହାରୀ' ପ୍ରଥାରୁ ଏହାର ଉଦ୍ଭବ । ଓଡ଼ିଶୀନୃତ୍ୟର ନାଟ୍ୟ ଓ ନୃତ୍ତ ଉଭୟର ସମାବେଶ ହୋଇଥାଏ । ଏହି ନୃତ୍ୟର ବୈଶିଷ୍ଟ ହେଲା ଭଙ୍ଗୀ ଓ ଲାଳିତ୍ୟ । ଭାରତୀୟ ସ୍ଥାପତ୍ୟ ବାସ୍ତୁକଳାର 'ତ୍ରିଭଙ୍ଗୀ' ଏହି ନୃତ୍ୟରେ ପ୍ରାଧାନ୍ୟ ଲାଭ କରିଥାଏ । ଏହି ତ୍ରିଭଙ୍ଗୀରେ ପାଦ, କଟି ଓ ଗ୍ରୀବାର ଭଙ୍ଗ ସୃଷ୍ଟି କରାଯାଏ । ଓଡ଼ିଶୀନୃତ୍ୟର ପ୍ରାମାଣିକ ଗ୍ରନ୍ଥ 'ଅଭିନୟଚନ୍ଦ୍ରିକା'ରେ ଏ ସମ୍ପର୍କରେ ଅନେକ ତଥ୍ୟ ରହିଅଛି । ଏହାର ଆଉ ଏକ ବିଶେଷତ୍ୱ ହେଲା ଭ୍ରମରୀ ପ୍ରୟୋଗ । ଏହି ଭ୍ରମରୀ ମଧ୍ୟରେ ପ୍ରମୁଖ ହେଲା ଚଉକ ଉପରେ ଅବସ୍ଥାନ କରି 'ଏକପାଦ ଭ୍ରମରୀ' କରିବା । ଏତଦ୍‌ବ୍ୟତୀତ ଅଙ୍ଗଭ୍ରମରୀ, କୁଞ୍ଚିତଭ୍ରମରୀ, ଚକ୍ର ଭ୍ରମରୀ ଓ ଉତ୍‌ପ୍ଲୁତ ଭ୍ରମରୀ ପ୍ରୟୋଗ ମଧ୍ୟ ହୋଇଥାଏ । କିନ୍ତୁ ଏହାର ମୁଖ୍ୟ ଅଂଶ ଅଭିନୟ । ଏହି ନୃତ୍ୟ ପରିବେଷଣର ବିଭାଗଗୁଡ଼ିକ ହେଲା ମଙ୍ଗଳାଚରଣ, ବଟୁନୃତ୍ୟ, ପଲ୍ଲବୀ, ଅଭିନୟ ଓ ମୋକ୍ଷନାଟ ।






https://withteachers.in/

# ଦଳଗତ ଆଲୋଚନା

ଏବେ ତୁମେ ଶାସ୍ତ୍ରୀୟନୃତ୍ୟଗୁଡ଼ିକୁ ନିକଟରୁ ଜାଣି ବୁଝିପାରିଲ । ପାଞ୍ଚପାଞ୍ଚ ଜଣ ଛାତ୍ରଛାତ୍ରୀ ଦଳରେ ଭାରତର ଲୋକନୃତ୍ୟଗଡ଼ିକର ସୂଚୀ ପ୍ରସ୍ତୁତ କର ଓ ଏହାର ବୈଶିଷ୍ଟ୍ୟଗୁଡ଼ିକୁ ଖୋଜ ।

ତଳେ ଦିଆଯାଇଥିବା ଭାରତର ମାନଚିତ୍ରରେ ରାଜ୍ୟ ଅନୁସାରେ ଶାସ୍ତ୍ରୀୟ ଓ ଲୋକନୃତ୍ୟକୁ ଦେଖାଅ ।





https://withteachers.in/

অতিরিক্ত পঠন

# ନୃତ୍ୟାଙ୍ଗନା ସୁଧା ଚନ୍ଦ୍ରନ



ଜୀବନର ଯେକୌଣସି କ୍ଷେତ୍ରରେ ଶିଖରଦେଶରେ ପହଞ୍ଚିବାପାଇଁ ଦୃଢ଼ଇଚ୍ଛା ଶକ୍ତି ଓ କଠିନ ପରିଶ୍ରମର ଆବଶ୍ୟକତା ପଡ଼ିଥାଏ । କେତେକ ଲୋକ ଏମିତି ହୋଇଥାନ୍ତି, ଯେଉଁମାନେ ଶାରୀରିକ ଅକ୍ଷମତା ସତ୍ତ୍ୱେ ସଂଘର୍ଷ କରିଛନ୍ତି ଓ ଲକ୍ଷ୍ୟ ହାସଲ କରିଛନ୍ତି । ସେହିପରି ଗୋଟିଏ ନାମ ହେଲା– ସୁଧା ଚନ୍ଦ୍ରନ । ପାଦ ଖରାପ ହେବା ସତ୍ତ୍ୱେ ସେ ପ୍ରସିଦ୍ଧ ନୃତ୍ୟାଙ୍ଗନା ହୋଇପାରିଲେ ।

ସୁଧା ଚନ୍ଦ୍ରନଙ୍କର ମାଆ ଶ୍ରୀମତୀ ଥଙ୍ଗମ ଓ ପିତା ଶ୍ରୀ କେ.ଡ଼ୀ. ଚନ୍ଦ୍ରନଙ୍କର ଏକାନ୍ତ ଇଚ୍ଛା ଥିଲା ଯେ ତାଙ୍କର ଝିଅ ଜାତୀୟ ଖ୍ୟାତିନସମ୍ପନ୍ନ ହେଉ । ଏଥିପାଇଁ ଚନ୍ଦ୍ରନଦମ୍ପତି ସୁଧାଙ୍କୁ ପାଞ୍ଚବର୍ଷ ବୟସରେ ହିଁ ମୁମ୍ବାଇର ପ୍ରସିଦ୍ଧ ନୃତ୍ୟ ବିଦ୍ୟାଳୟ 'କଳା-ସଦନ'ରେ ନାମ ଲେଖାଇ ଦେଲେ । ପ୍ରଥମରୁ ତ ନୃତ୍ୟ ବିଦ୍ୟାଳୟର ଶିକ୍ଷକମାନେ ଏତେ କମ୍ ବୟସର ଝିଅକୁ ନାମ ଲେଖାଇବାରେ ଦୋଦୋପାଞ୍ଚ ହେଲେ । ମାତ୍ର ସୁଧାଙ୍କର ପ୍ରତିଭାକୁ ଦେଖି ସୁପ୍ରସିଦ୍ଧ ନୃତ୍ୟଶିକ୍ଷକ ଶ୍ରୀ କେ. ଏସ୍. ରାମାସ୍ୱାମୀ ଭାଗବତାର ତାଙ୍କୁ ଶିଷ୍ୟା ରୂପରେ ଗ୍ରହଣ କରି ନେଲେ । ଆଉ ସୁଧା ତାଙ୍କଠାରୁ ନିୟମିତ ପ୍ରଶିକ୍ଷଣପ୍ରାପ୍ତ କରିବାରେ ଲାଗିଲେ । ଖୁବ୍ ଶୀଘ୍ର ସୁଧାଙ୍କର ନୃତ୍ୟ କାର୍ଯ୍ୟକ୍ରମ ବିଦ୍ୟାଳୟରେ ଆୟୋଜିତ ହେବାରେ ଲାଗିଲା । ନୃତ୍ୟ ସହିତ ସୁଧା ପାଠପଢ଼ାରେ ନିଜର ପ୍ରତିଭା ଦେଖାଇଲେ । ମାତ୍ର ତାଙ୍କ ସ୍ୱପ୍ନର ଇନ୍ଦ୍ରଧନୁ ଦୁନିଆରେ ୧୯୮୧ ମସିହା ମେ ମାସ ୨ ତାରିଖରେ କଳା ବାଦଲ ଘେରିଗଲା ।

ମେ ୨ ତାରିଖରେ ତିରୁଚିରାପଲ୍ଲୀରୁ ମାଡ୍ରାସ (ଚେନ୍ନାଇ) ଗଲାବେଳେ ତାଙ୍କ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଗଲା । ଏହି ଦୁର୍ଘଟଣାରେ ସୁଧାଙ୍କର ବାମପାଦର ଗୋଇଠି ଭାଙ୍ଗିଗଲା ଓ ଡାହାଣପାଦ ଖୁବ୍ ଜୋରରେ ଜଖମ ହୋଇଗଲା । ପ୍ଲାଷ୍ଟର କଲା ପରେ ତ ବାମ ପାଦ ଠିକ୍ ହୋଇଗଲା, କିନ୍ତୁ ଡାହାଣ ପାଦରେ 'ଗ୍ୟାଗ୍ରୀନ୍' (ଏକ ପ୍ରକାର କ୍ୟାନ୍ସର) ହୋଇଗଲା । ଏମିତି ପରିସ୍ଥିତିରେ ଡାକ୍ତରମାନଙ୍କ ପାଖରେ ସୁଧାଙ୍କର ଡାହାଣପାଦ କାଟି ଦେବା ଭିନ୍ନ ଆଉ କୌଣସି ବାଟ ନ ଥିଲା । ଅନ୍ତତଃ ଦୁର୍ଘଟଣାର ଏକମାସ ପରେ ସୁଧାଙ୍କର ଡାହାଣପାଦ ଆଣ୍ଠୁର ସାଢ଼େ ସାତ ଇଞ୍ଚ୍ ତଳକୁ କାଟି ଦିଆଗଲା । ଗୋଟିଏ ପାଦ କଟିଯିବା ସମ୍ଭବତଃ କୌଣସି ନୃତ୍ୟାଙ୍ଗନାର ଜୀବନ ଶେଷ ହୋଇଯାଇଥାଏ । ସୁଧାଙ୍କ କ୍ଷେତ୍ରରେ ମଧ୍ୟ ତାହା ହିଁ ହେଲା । ସୁଧା କାଠଗୋଡ଼ ଓ ଆଶାବାଡ଼ି ସାହାଯ୍ୟରେ ଚାଲିବା ଆରମ୍ଭ କରିଦେଲେ । ମୁମ୍ବାଇ ଆସି ପୁନର୍ବାର ନିଜର ପାଠପଢ଼ାରେ ଲାଗିଗଲେ ।

ଏହା ଭିତରେ ସେ ମ୍ୟାଗାସେସ୍ ପୁରସ୍କାର ବିଜେତା ସୁପ୍ରସିଦ୍ଧ କୃତ୍ରିମ ଅଙ୍ଗ ବିଶେଷଜ୍ଞ ଡାକ୍ତର ପି.ସି. ସେଠୀଙ୍କ ବିଷୟରେ ଶୁଣିଲେ । ସେ ଜୟପୁର ଗଲେ ଓ ଡାକ୍ତର ସେଠୀଙ୍କୁ ଦେଖା କଲେ । ଡାକ୍ତର ସେଠୀ ସୁଧାଙ୍କୁ ଆଶ୍ୱାସନା



https://withteachers.in/

ଦେଲେ ଯେ ସେ ପୁନର୍ବାର ସାଧାରଣ ମଣିଷଙ୍କ ଭଳି ଚାଲିପାରିବେ । ସେକଥା ଶୁଣି ସୁଧା ପଚାରିଲେ, "ମୁଁ କ'ଣ ନାଚି ପାରିବି ?" ଡାକ୍ତର ସେଠୀ କହିଲେ, "କାହିଁକି ନୁହେଁ, ଉଦ୍ୟମ କର, ସବୁ କଥା ସମ୍ଭବ ।" ଡାକ୍ତର ସେଠୀ ସୁଧାଙ୍କ ପାଇଁ ଏକ ବିଶେଷ ଧରଣର ପାଦ ତିଆରି କଲେ । ଯାହା ଆଲୁମିନିୟମ୍‌ର ଥିଲା ଓ ଏଥିରେ ଏମିତି ବ୍ୟବସ୍ଥା ଥିଲା ଯେ ସେ ପାଦକୁ ସହଜରେ ଘୂରାଇ ପାରୁଥିଲେ । ସୁଧା ଏକ ନୂଆ ବିଶ୍ୱାସର ସହିତ ମୁମ୍ବାଇ ଫେରିଲେ ଓ ନୃତ୍ୟ ଅଭ୍ୟାସ ଆରମ୍ଭ କରିବାକୁ ଚାହିଁଲେ । ହେଲେ ଏମିତି କରିବାରୁ କଟାପାଦରୁ ରକ୍ତ ବାହାରିବାରେ ଲାଗିଲା । କୌଣସି ସାଧାରଣ ଲୋକ ତ ଏହିପରି ଘଟଣା ପରେ ଆଉଥରେ ନାଚିବାକୁ ସାହସ କରି ନଥାନ୍ତା । ମାତ୍ର ସେ ସାଧାରଣ ଉପାଦାନରେ ଗଢ଼ା ହୋଇ ନ ଥିଲେ । ସେ ଯଥାଶୀଘ୍ର ନିଜର ହତାଶାକୁ କାବୁ କରିନେଲେ ଓ ନୃତ୍ୟଗୁରୁଙ୍କୁ ସାଙ୍ଗରେ ନେଇ ଡାକ୍ତର ସେଠୀଙ୍କୁ ପୁନର୍ବାର ସାକ୍ଷାତ୍ କଲେ ।

ଡାକ୍ତର ସେଠୀ ସୁଧାଙ୍କର ନୃତ୍ୟ ପ୍ରଶିକ୍ଷକଙ୍କଠାରୁ ନୃତ୍ୟ ନିମିତ୍ତ ପାଦର ବିଭିନ୍ନ ମୁଦ୍ରାକୁ ଗୁରୁତ୍ୱର ସହିତ ଦେଖିଲେ, ପରୀକ୍ଷାକଲେ ଏବଂ ଗୋଟିଏ ନୂଆ ପାଦ ତିଆରି କଲେ । ଯାହା ନୃତ୍ୟର ବିଶେଷ ଆବଶ୍ୟକତାକୁ ଧ୍ୟାନରେ ରଖି ତିଆରି କରାଯାଇଥିଲା । ପାଦଟିକୁ ଲଗାଇଲାବେଳେ ଡାକ୍ତର ସେଠୀ ସୁଧାଙ୍କୁ କହିଲେ, "ଯାହା କରିବାର ଥିଲା ମୁଁ କରିଦେଲି, ଏବେ ତୁମର ପାଳି ।" ସୁଧା ପୁନର୍ବାର ନୃତ୍ୟ ଅଭ୍ୟାସ ଆରମ୍ଭ କଲେ । ଆରମ୍ଭ ବହୁତ ଭଲ ନ ଥିଲା । କଟା ପାଦର ମୂଳରୁ ରକ୍ତ ବୋହିବାରେ ଲାଗିଲା । ହେଲେ ସୁଧା ନିଜର କଠୋର ଅଭ୍ୟାସ ଜାରି ରଖିଲେ । କଠୋର ଅଭ୍ୟାସ ବଳରେ ସେ ଅତିଶୀଘ୍ର ସାଧାରଣ ନୃତ୍ୟ ମୁଦ୍ରାଗୁଡ଼ିକ ପ୍ରଦର୍ଶିତ କରିବାରେ ସଫଳ ହୋଇଗଲେ ।

୧୯୮୪ ମସିହା ଜାନୁଆରୀ ମାସ ୨୮ ତାରିଖରେ ମୁମ୍ବାଇର "ସାଉଥ୍ ଇଣ୍ଡିଆ ୱେଲଫେୟାର ସୋସାଇଟି"ର ସଭାଗୃହରେ ଜଣେ ଅନ୍ୟ ନୃତ୍ୟାଙ୍ଗନା ପ୍ରୀତିଙ୍କ ସହିତ ସୁଧା ପୁନର୍ବାର ନୃତ୍ୟର ସାର୍ବଜନୀନ ପ୍ରଦର୍ଶନର ଆମନ୍ତ୍ରଣ ସ୍ୱୀକାର କରିନେଲେ । ଏହିଦିନ ତାଙ୍କ ଜୀବନର ସମ୍ଭବତଃ ସବୁଠାରୁ କଷ୍ଟକର ଦିନ ଥିଲା । ନିଜର ପାଦ କାଟି ଦିଆଯାଇଥିଲେ ମଧ୍ୟ ସେ ଏହି ପ୍ରଦର୍ଶନରେ ଖୁବ୍ ସଫଳ ହେଲେ । ଦେଖାଣାହାରି ତାଙ୍କୁ ଦେଖିଦେଖି ପଲକ ପକାଉ ନଥିଲେ । ସେ ରାତାରାତି ଜଣେ ଐତିହାସିକ ମହତ୍ତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ ହୋଇଗଲେ ।

ତାଙ୍କର ଏଇ ଅଦ୍ଭୁତ ଜୀବନ ଯାତ୍ରାରେ ପ୍ରଭାବିତ ହୋଇ ତେଲଗୁର ଚଳଚ୍ଚିତ୍ର ନିର୍ମାତା ତାଙ୍କର ଜୀବନକୁ ଆଧାର କରି ଏକ କହାଣୀ ଲେଖାଇଲେ ଓ 'ମୟୂରୀ' ନାମରେ ତେଲଗୁରେ ଏକ ଚଳଚ୍ଚିତ୍ର ନିର୍ମାଣ କଲେ । ନିଜର ଭୂମିକାକୁ ସୁଧା ନିଜେ ଚଳଚ୍ଚିତ୍ର ପରଦାରେ ଜୀବନ୍ତ କରିଦେଲେ । ଚଳଚ୍ଚିତ୍ରକୁ ଅଦ୍ଭୁତ ସଫଳତା ମିଳିଲା ଓ ଏହି ଚଳଚ୍ଚିତ୍ରରେ ଅଭିନୟ ନିମିତ୍ତ ସୁଧାଙ୍କୁ ଭାରତର ୩୩ଶତମ ଜାତୀୟ ଚଳଚ୍ଚିତ୍ର ସମାରୋହରେ ବିଶେଷ ପୁରସ୍କାର ପ୍ରଦାନ କରାଗଲା । 'ମୟୂରୀ'ର ସଫଳତାକୁ ଦେଖି ଏହାର ନିର୍ମାତା ଏହି ଚଳଚ୍ଚିତ୍ର ହିନ୍ଦୀରେ ମଧ୍ୟ 'ନାଚେ ମୟୂରୀ' ନାମରେ ପ୍ରଦର୍ଶିତ କରାଇଲେ ଓ ସାରା ଭାରତ ତାଙ୍କ ପ୍ରତିଭାର ପ୍ରଶଂସକ ସାଜିଲେ । ଆଜି ସୁଧା ଜଣେ ନୃତ୍ୟାଙ୍ଗନା ନୁହନ୍ତି, ଚଳଚ୍ଚିତ୍ର କଳାକାର ମଧ୍ୟ ଅଟନ୍ତି । ସୁଧାଙ୍କୁ ତାଙ୍କର ଅସାଧାରଣ ସାହସ ଓ ଶ୍ରେଷ୍ଠ ଉପଲବ୍ଧି ନିମିତ୍ତ କେତେକ ପୁରସ୍କାର ମଧ୍ୟ ମିଳିସାରିଛି ।



https://withteachers.in/

୧୨

# ଦରଜା ଖୋଲି ଦେବା

● ଡ. ନାରାୟଣ ସାହୁ



## ପ୍ରଥମ ଦୃଶ୍ୟ

(ସ୍କୁଲଘର । ସେଦିନ ଛୁଟି ଥିଲା । ଶ୍ରେଣୀଗୃହରେ ବ୍ଲାକ୍‌ବୋର୍ଡ, ଚକ୍ ରହିଥିଲା । ଗାନ୍ଧି ଏବଂ ଗୋପବନ୍ଧୁଙ୍କ ଫଟୋ କାନ୍ଥରେ ଟଙ୍ଗା ହୋଇଥିଲା । ଶିକ୍ଷକଙ୍କ ବସିବା ସ୍ଥାନରେ ଚେୟାର, ଟେବୁଲ୍ ପଡ଼ିଥିଲା । ପିଲାମାନଙ୍କ ବସିବାପାଇଁ ଛୋଟଛୋଟ ଡେସ୍କ ଏବଂ ବେଞ୍ଚ୍ ରହିଥିଲା । ସ୍କୁଲଘର ଭିତରକୁ ପଶି ଆସିଥିଲେ ଦୁଇଟି ପିଲା । ପାଠ କ'ଣ ସେମାନେ ଜାଣନ୍ତି ନାହିଁ । ପିଲାବେଳୁ କାମ କରି ପେଟପୋଷି ଜାଣିଛନ୍ତି । ଶ୍ରେଣୀଗୃହର ପରିବେଶ ଦେଖି ସେମାନେ ଆଶ୍ଚର୍ଯ୍ୟ ହେଉଥିଲେ ।

ବୁଲା : (ଚେୟାର୍ ଉପରେ ବସିଯାଇ) ଏଇଠି ମାଷ୍ଟର ବସେ । ଭାରି ବଢ଼ିଆ ହେଇଛି । ଆରେ ଏ ପିଲେ (ଆଦେଶ ଦେବା ଭଙ୍ଗୀରେ) ପାଠପଢ଼, ପାଠପଢ଼ ।

ରହିମ୍ : ଏଗୁଡ଼ାକ (ଡେସ୍କ, ବେଞ୍ଚକୁ ଆଙ୍ଗୁଳି ଦେଖାଇ) କାହିଁକି ପଡ଼ିଛି ?

ବୁଲା : ଆରେ ବୋକା, ଏତିକି ଜାଣିନୁ ? ସେଠି ପିଲାଏ ବସନ୍ତି । ଆମରି ଭଳିଆ ପିଲା ।

ରହିମ୍ : ହୁଁ, ଆମ ଭଳିଆ । ଆମେ ତ ଜନମ ହେଇଛେ ମୂଲଲାଗି ପେଟ ପୋଷିବାପାଇଁ ।

ବୁଲା : ରହିମ୍ ଗୋଟାଏ କଥା ପଚାରିବି । ସତ ସତ କହିବୁ ।

ରହିମ୍ : ପଚାରୁନୁ, ପଚାର ।

ବୁଲା : ପିଲାଗୁଡ଼ାକ, ଏଇ ଘର ଭିତରକୁ ପଶିଲାବେଳେ ତୋ'ର କ'ଣ ଇଚ୍ଛା ହୁଏନି, ସେମାନଙ୍କ ସାଙ୍ଗରେ ଆସିବା ପାଇଁ ?

ରହିମ୍ : ଦେଖ୍ ବୁଲା, ଆମେ ହେଲେ ପତର ଗୋଟେଇବା ଲୋକ । ତୋଟା ମୂଳ କାହିଁକି କରିବାକୁ ଯିବା ? ଏଠିକି ଆସିଲେ, ଖାଇବା କ'ଣ ? କିଏ ଦବ ଖାଇବାକୁ ?



https://withteachers.in/

ବୁଲା : ହଁ, ସତକଥା । ଆମର ଆଗକୁ ଅଛି ନା' ପଛକୁ ଅଛି । କାମ କଲେ ଦି' ପଇସା ଆସିବ । ନହେଲେ ଖାଡ଼ାଖାଡ଼ା ଓପାସ ।

(ଚକ୍ ଧରିଛି ହାତରେ ରହିମ୍ । ଭଲ ଭାବେ ଦେଖିଛି ।)

ରହିମ୍ : ଏଇଟା ପୁଣି କ'ଣ ? (ଶୁଙ୍ଘୁଛି) ବାସୁନି ।

ବୁଲା : ଆରେ, ଚକ୍‌ରେ, ଏଥିରେ ଲେଖାହୁଏ.....

ରହିମ୍ : (ଡଷ୍ଟର୍ ନେଇ ବ୍ଲାକ୍‌ବୋର୍ଡ ପାଖକୁ ଯାଇଛି) ଏ ପଟାଟା କାହିଁକି ଏଠି ଅଛି ? (ଡଷ୍ଟର ନେଇ ଲିଭାଇଛି) । ଆରେ ବାଃ... ଲିଭିଯାଉଛି ।

ବୁଲା : ରହ...ରହ... (ଚକ୍ ନେଇ ଗାରେଇଛି) । ଆରେ ନେଖି ହଉଛି । (ବୁଲା ଗାରେଇଛି । ରହିମ୍ ଲିଭେଇଛି । ଟିକିଏ ରହିଯାଇ) ଏଇଟା ଧର (ଡଷ୍ଟର ରହିମ୍‌କୁ ଦେଇ) ମୁଁ ତା' ଛବିଟା କରେ ।

ରହିମ୍ : କାହାର ?

ବୁଲା : ସେଇ ଯୋଉ ମାଷ୍ଟର ଏଠି ପଢ଼ଉଛି ।

(ଚିତ୍ରକରିବାରେ ଲାଗିଛି ବୁଲା । ଏତିକିବେଳେ ଶିକ୍ଷକ ମହାଶୟ ହାତରେ ଛତା ଧରି ଆସି ପହଞ୍ଚିଯାଇ ଚୁପ୍‌ଚାପ୍ ସେମାନଙ୍କୁ ଲକ୍ଷ୍ୟ କରିଛନ୍ତି ।

ରହିମ୍ : ଆରେ ତା' ନିଶଟା ଛାଡ଼ିଗଲୁ । (ନିଶଟା କରିଛି ବୁଲା ।)

ବୁଲା : ଏଥରକ ହୋଇଗଲା ତ ?

ରହିମ୍ : ହଁ ।

ଶିକ୍ଷକ : ନା'... ହେଲାନି । ଆହୁରି ରହିଗଲା... । (ବୁଲା, ରହିମ୍ ପଛକୁ ଚାହିଁଛନ୍ତି ।) ତା' ଛତାଟା ଛାଡ଼ିଗଲ । (ଦଉଡ଼ି ପଳାଇବାକୁ ଚେଷ୍ଟା କରିଛନ୍ତି ଉଭୟ ।)

ଆରେ ରୁହ, ଯାଉଛ କୁଆଡ଼େ ? ମୁଁ ବାଘ କି ସିଂହ ନୁହଁ, ଖାଇଯିବି । ଆଚ୍ଛା, କହିଲ, କାହାର ଛବିଟା ବନାଉଥିଲ ? ହଁ...ହଁ...କୁହ । ଡରିବାର କିଛି ନାହିଁ ।

ବୁଲା : (ଡରି ଡରି) ତମର ଆଜ୍ଞା ।

ଶିକ୍ଷକ : ହଁ, ମୁଁ ସେଇଥିଲାଗି କହିଲି, ଛତାଟା ଛାଡ଼ିଗଲ । ଏଇଟା ହଉଛି (ଛତାଟାକୁ ଦେଖାଇ) ସେଇ ଛତା ।

ବୁଲା : ଆଜ୍ଞା ଆମେ... (ଭୟରେ କିଛି କହିପାରୁ ନଥିଲା)

ଶିକ୍ଷକ : ଆରେ ଡରୁଛ କାହିଁକି ? ଆଚ୍ଛା କହିଲ ଦେଖି, ତମ ଦିହିଁଙ୍କ ନାଁ କ'ଣ ?

ରହିମ୍ : ମୁଁ ରହିମ୍, ଆଉ ସିଏ ବୁଲା ।

ଶିକ୍ଷକ : ତମେ କରୁଛ କ'ଣ ?

ରହିମ୍ : ଆମେ ଦି'ଜଣ ପଧାନବାବୁର ଇଟାଭାଟିରେ କାମ କରୁଛୁ ।

ଶିକ୍ଷକ : ଏତେ ଅଳ୍ପ ବୟସରୁ !

ବୁଲା : ଅଳପ ବୟସ କ'ଣ, ଅଠର, ଉଣେଇଶ ହେଲାଣି । କାମ କରିକରି ଏମିତି ଦିଶୁଚୁ ଆଜ୍ଞା ।



https://withteachers.in/

ଶିକ୍ଷକ : (ମନକୁ ମନ) ଯେଉଁ ହାତ ସିଲଟ ଖଡ଼ି ଧରିବା କଥା, ସେଇ ହାତ ଯଦି ଇଟା, ପଥର ଭାଙ୍ଗିବ, ତେବେ ଏ ଦେଶର ଭବିଷ୍ୟତ କ'ଣ ?

ବୁଲା : ମାଷ୍ଟରବାବୁ, ପାଠଟା କ'ଣ ନିହାତି ଦରକାର ?

ଶିକ୍ଷକ : ହଁ, ଖାଇବା... ପିଇବା... ପିନ୍ଧିବା... ଆଉ ରହିବା ଭଳି ପାଠଟା ବି ଦରକାର ।

ରହିମ୍ : ଆମେ ତ ପାଠ ପଢ଼ିନୁ । କାହିଁ, ଆମର ତ କିଛି ଅସୁବିଧା ହୋଇନି ?

ଶିକ୍ଷକ : ଆଚ୍ଛା କହିଲ, ମୁଁ ତମ ଦିହିଙ୍କି ଦିନେ ଅନ୍ଧାର ରାତିରେ ଏଇ ଘର ଭିତରେ ଛାଡ଼ିଦେବି । ଆଉ କହିବି ମୁଁ ତାଳି ମାରିଲା ମାତ୍ରେ, ମତେ ଦୁଇଟା ଚକ୍ ଆଣିଦବ । ପାରିବ ?... କୁହ ।

ରହିମ୍ : ନା ।

ଶିକ୍ଷକ : କାହିଁକି ପାରିବନି ?

ବୁଲା : ଅନ୍ଧାରରେ କିଛି ଦେଖାଯିବନି ।

ଶିକ୍ଷକ : କ'ଣ ଦରକାର ହେବ ?

ରହିମ୍ : ଆଲୁଅ ।

ଶିକ୍ଷକ : ହଁ, ପାଠ ହଉଛି ସେମିତିକା ଗୋଟାଏ ଆଲୁଅ, ଯାହା ଅନ୍ଧାର ରାତିରେ ତୁମକୁ ଚକ୍ ପାଖକୁ ନେଇଯିବ । (ପରସ୍ପରର ମୁହଁକୁ ଚାହିଁଥିଲେ ବୁଲା ଆଉ ରହିମ୍) ଆଚ୍ଛା, ତମେ କ'ଣ କେଉଁଠି କାମ କରିଛ କହିବ ।

ରହିମ୍ : ଏଇ ସ୍କୁଲ୍ ଘରେ ଯେତେ ଇଟା ନାଗିଛି, ସବୁଯାକ ଆମେ ବୋହିଥିଲୁ ।

ବୁଲା : ପାଞ୍ଚଜଣ ପିଲା । ପଧାନବାବୁ ଆମକୁ ଦେଢ଼ଶ' ଟଙ୍କା ଦେଇଥିଲା ।

ରହିମ୍ : ପାଞ୍ଚଦିନ ପାଞ୍ଚରାତି ଲାଗିଥିଲା ।

ଶିକ୍ଷକ : ଦେଢ଼ଶହ ଟଙ୍କାରେ ରାଜି ହୋଇଗଲ ?

ବୁଲା : ଆହୁରି ପଚାଶ ଟଙ୍କା ବଳିଥିଲା ।

ରହିମ୍ : ରାତିରେ ସିନେମା ଯାଇଥିଲୁ । 'ମେରା ନାମ ଜୋକର'... କି ବଢ଼ିଆ ଗୀତ !

ବୁଲା : ହୋଟେଲରେ ସେଦିନ ରାତିରେ ଖାଇଥିଲୁ । କୁକୁଡ଼ା ମାଉଁସ ଆଉ ପରଟା । ଜଣକେ ଦଶ ଦଶ ପଟ ପରଟା ଖାଇଥିଲୁ ।

ଶିକ୍ଷକ : ଏତିକି ନା' ଆଉ କିଛି ?

ରହିମ୍ : ଆଉ କ'ଣ ! ଦେଢ଼ଶ' ଟଙ୍କା କ'ଣ କମ୍ ହେଲାଣି !

ଶିକ୍ଷକ : ସେଥିଲାଗି କହେ, ପାଠ ଦରକାର । ଯୋଉ କାମପାଇଁ ପ୍ରଧାନବାବୁ କଣ୍ଟ୍ରାକ୍ଟରକୁ ଦିଇ ତିନିହଜାର ଟଙ୍କା ଦେଇଥା'ନ୍ତା, ତାକୁ ତମେମାନେ ଦେଢ଼ଶହ ଟଙ୍କାରେ କରିଦେଲ । ସେଥିରେ ପୁଣି ଏତେ ଖୁସି !



https://withteachers.in/

ବୁଲା : କ'ଣ ମିଳିବ ଆମକୁ ସେ ପାଠରୁ ? ସେଥିରେ କ'ଣ ପେଟ ପୂରିବ ? ଆମର ହିସାବ କ'ଣ ଦରକାର ?

ଶିକ୍ଷକ : ନା'ରେ, ପେଟ ପୂରୁ ନ ପୂରୁ ଆଖି ଖୋଲିଯିବ, ସବୁ ଜାଣିପାରିବ । ସେଇଥିଲାଗି କହୁଛି, ପାଠପଢ଼ । ହଁ, କାଲିଠାରୁ ତମେ ଦିହେଁ, ସ୍କୁଲକୁ ଆସିବ ।

ରହିମ୍ : କାମ ନ କଲେ ଖାଇବୁ କ'ଣ ?

ଶିକ୍ଷକ : ବେଶି ସମୟ ନୁହେଁ । ଘଣ୍ଟାଏ ଲେଖା ବସିବ । ସେତିକି ତମ ପାଇଁ ଯଥେଷ୍ଟ ।

(ପରସ୍ପରକୁ ଚାହିଁଲେ ରହିମ୍ ଏବଂ ବୁଲା)

ଶିକ୍ଷକ : ଆରେ ଡରନି । ଏଠି ପାଠ ପଢ଼ିଲେ ପଇସା ଦବାକୁ ପଡ଼ିବନି । କ'ଣ କହୁଛ ? ବୁଲା ? ରହିମ୍ ?

ରହିମ୍ : ହଁ, ମାଷ୍ଟରବାବୁ ।

ଶିକ୍ଷକ : ମାଷ୍ଟରବାବୁ ନୁହେଁ, ଗୁରୁଜୀ । (ଆଲୋକ ଲିଭିଛି ।)

## ଦ୍ୱିତୀୟ ଦୃଶ୍ୟ

(ପରଦିନ ସକାଳ । ଗାଆଁ ସ୍କୁଲ । ଶିକ୍ଷକ ବସିଥିଲେ । ଆଗରେ ବସିଥିଲେ କେତେଜଣ ପିଲା । ସେମାନଙ୍କ ଭିତରେ ବୁଲା, ରହିମ୍, ଆଉ ସତ୍ୟ । ବୁଲା ଆଉ ରହିମ୍ ଖାଲି ପ୍ୟାଣ୍ଟ ପିନ୍ଧିଥିଲେ । ଆଉ କିଛି ଦେହରେ ନ ଥିଲା । ଶିକ୍ଷକ କିଛି ଗୋଟାଏ ଚିନ୍ତା କରୁଥିଲେ । ପଶି ଆସିଲେ ଗାଆଁ ପ୍ରଧାନ ।)

ପ୍ରଧାନ: ହଇହେ ମାଷ୍ଟ୍ରେ, କି ପାଲା ଚାଲିଛି ଏଠି ? ଏଇଟା ସ୍କୁଲ ନା' ଖେଳପଡ଼ିଆ ?

ଶିକ୍ଷକ : କ'ଣ ହୋଇଛି, କୁହନ୍ତୁ ।

ପ୍ରଧାନ: କ'ଣ ନ ହୋଇଛି, କୁହ । ବିଦ୍ୟାଳୟ ହେଉଛି ଆମ ମାଆ । ତା' ପ୍ରତି ଅନ୍ୟାୟ କରୁଥିବା ଲୋକକୁ କେବେ କ୍ଷମା ଦିଆଯିବନି ।

ଶିକ୍ଷକ : କିଏ ଅନ୍ୟାୟ କଲା ?

ପ୍ରଧାନ: ତମେ, ତମେ କରିଛ ! ଯୁଗ ଯୁଗର ଅନୁଷ୍ଠାନଟାକୁ ଅପବିତ୍ର କରିଦେଲ ?

ଶିକ୍ଷକ : କ'ଣ କହୁଛନ୍ତି, ଆପଣ ?



https://withteachers.in/

ପ୍ରଧାନ : ଏଇଟା ବିଦ୍ୟାଳୟ । ଏଠି ଭଦ୍ରଘରର ପିଲାଏ ପାଠ ପଢ଼ନ୍ତି । ରାସ୍ତାଘାଟରୁ ଯାହାକୁ ନାହିଁ ତାକୁ ଗୋଟେଇ ଆଣି ତମେ ଏଠି ବସେଇଦେବ ?

ଶିକ୍ଷକ : ଆପଣଙ୍କ ବୁଝିବା ଭୁଲ । ଏଇଟା ସରକାରୀ ବିଦ୍ୟାଳୟ । ଏଠି ସମସ୍ତଙ୍କର ପଢ଼ିବା ଅଧିକାର ଅଛି । ବିଦ୍ୟାଳୟ ପାଇଁ ଉଚ୍ଚ-ନୀଚ, ଧନୀ-ଗରିବ, ହିନ୍ଦୁ-ମୁସଲମାନ ସମସ୍ତେ ସମାନ । ଏଠି ଜାତି-ଧର୍ମ-ବର୍ଣ୍ଣର ପ୍ରଶ୍ନ ଉଠିବ କୋଉଠୁ !

ପ୍ରଧାନ: ବାଜେ କଥା ବନ୍ଦ କର । ଏ ସ୍କୁଲ ମୁଁ ତିଆରି କରିଛି ।

ଶିକ୍ଷକ : ସେଥିପାଇଁ ସରକାର ଆପଣଙ୍କୁ ସବୁ ଟଙ୍କା ପଇଠ କରିଛନ୍ତି । ତା' ପରେ ସବୁ କଣ୍ଟ୍ରାକ୍ଟର ଯଦି ଅଡ଼ି ବସିବେ, ତିଆରି କରୁଥିବା କୋଠାବାଡ଼ି ସେମାନଙ୍କର, ତା'ହେଲେ ଏ ଦେଶ ଚଳିବ କେମିତି ?

ପ୍ରଧାନ: ଫାଲ୍‌ତୁ କଥା ଶୁଣିବାକୁ ମୋ' ପାଖରେ ବେଳ ନାହିଁ । କାଲି ସକାଳେ ଯେଉଁମାନେ ମୋ'ରି ଘରେ ମୂଲ ଲାଗୁଥିଲେ, ସେମାନେ ପୁଣି ପାଠ ପଢ଼ିବେ ମୋ'ରି ପୁଅ ସାଙ୍ଗରେ ?

ଶିକ୍ଷକ : ସେ ଅଧିକାର ସେମାନଙ୍କର ରହିଛି । ଆଉ ସେଇଟା ସେମାନଙ୍କୁ ଆମ ଗଣତନ୍ତ୍ର ଦେଇଛି ଆଜ୍ଞା ।

ପ୍ରଧାନ: ଏଇ ଦି'ଟା (ବୁଲା, ରହିମ୍‌ଙ୍କୁ) ବାରବୁଲା ପିଲା, ପୁଣି ମୋ ପୁଅ ସାଙ୍ଗରେ ପାଠ ପଢ଼ିବେ ?

ରହିମ୍ : ଯୁଗ ବଦଳି ଯାଇଛି, ଆଜ୍ଞା ।

ପ୍ରଧାନ: ଚୁପ୍, ଏତେ ବକଟେ ଛୁଆ । ସେ ପୁଣି ମୋ' ମୁହଁ ଉପରେ ଜବାବ ଦେଉଛି ।

ଶିକ୍ଷକ : କ'ଣଟା ସେ ଭୁଲ୍ କହିଲା ପ୍ରଧାନ ?

ପ୍ରଧାନ: ମାଷ୍ଟରବାବୁ, ଯଦି ନିଜର ମଙ୍ଗଳ ଚାହୁଁଛ, ଏମାନଙ୍କୁ ଯେତେ ଶୀଘ୍ର ପାରୁଛ ଏ ସ୍କୁଲରୁ ତଡ଼ିଦିଅ ।

ଶିକ୍ଷକ : ଆଜ୍ଞା, ଥରେ କହିଛି । ଏଠି ସମସ୍ତଙ୍କର ସମାନ ଅଧିକାର ରହିଛି ।

ପ୍ରଧାନ: ହଇହୋ କି ଅଧିକାର ମତେ ଦେଖଉଛ ! ବାରବୁଲା ପତର ଗୋଟେଇବା ପିଲାଙ୍କୁ ପାଠ ପଢ଼େଇବ, ମତେ ଅଧିକାର ଶିଖଉଛ !

ସତ୍ୟ : ବାପା, ଗୁରୁଜୀ ଠିକ୍ କହିଛନ୍ତି ।

ପ୍ରଧାନ: ଚୁପ୍, ତୁ ଛତୁଟା ଜାଣିଛୁ ! ଚାଲ, ଘରକୁ ଚାଲ । ଏମାନଙ୍କ ସଙ୍ଗେ ପାଠ ପଢ଼ିଲେ ତୁ ବି ନଷ୍ଟ ହୋଇଯିବୁ ? (ପ୍ରଧାନବାବୁ ସତ୍ୟକୁ ଟାଣିଟାଣି ନେଇଯାଇଛନ୍ତି ।)



https://withteachers.in/

ଶିକ୍ଷକ : ମୋ' କଥା ଟିକିଏ ଶୁଣନ୍ତୁ। ବଡ଼ ଏକଜିଦିଆ ଲୋକ। (ପ୍ରଧାନବାବୁ ସତ୍ୟକୁ ନେଇ ଯାଇଛନ୍ତି। ଶିକ୍ଷକ, ଅନ୍ୟ ପିଲାଏ ତାଙ୍କ ଯିବା ବାଟକୁ ଚାହିଁ ରହିଛନ୍ତି।)

## ତୃତୀୟ ଦୃଶ୍ୟ

(ପ୍ରଧାନବାବୁଙ୍କ ଦାଣ୍ଡଘର। ସତ୍ୟ ପାଠ ପଢୁଥିଲା। ସଉପ ଉପରେ ବସି ସତ୍ୟ ଗୋଟାଏ ଚିତ୍ର ଆଙ୍କୁଥିଲା। ଚିତ୍ରଟି ଥିଲା ଯୀଶୁଖ୍ରୀଷ୍ଟଙ୍କର। ପଛପଟୁ ଚିତ୍ରଟିକୁ ଲକ୍ଷ୍ୟ କରୁଥିଲା ରହିମ୍। ପାଖରେ ବସିଥିଲା ବୁଲା।)

ସତ୍ୟ : ନା' ଆଉ ହବନି। ମୁହଁଟା ମୋଟେ ହଉନି।

ରହିମ୍ : ହବ ହବ। ଚେଷ୍ଟା କର।

ସତ୍ୟ : ବୁଲା, ତତେ ଆସିବ ?

ବୁଲା : ହଁ, ଆସିବ। ହେଲେ ଏ ଚିତ୍ରଟା କାହାର, ସାନବାବୁ ?

ସତ୍ୟ : ମହାପୁରୁଷ ଯୀଶୁଖ୍ରୀଷ୍ଟଙ୍କର। ଯିଏ ସଦାବେଳେ କହୁଥିଲେ, "ପାପକୁ ଘୃଣା କର, ହେଲେ ପାପୀକୁ ନୁହେଁ।"

ରହିମ୍ : ହେଇଥିବ। ଲୋକଟାର ମୁହଁଟା ସେଇ ଭଳିଆ ଜଣାପଡୁଛି।

ସତ୍ୟ : ନେ' ପେନ୍‌ସିଲ ରବର ଅଛି, କର। (ପେନସିଲ ଧରିଛି ବୁଲା)

ବୁଲା : ବଡ଼ବାବୁ ଦେଖିଲେ ମାରି ପକେଇବେ।

ସତ୍ୟ : ବାପା ଘରେ ନାହାନ୍ତି। ତୁ ଆରାମରେ ବସି କର। (ବିଛଣାରେ ବସି ଚିତ୍ର ଅଙ୍କନ କରୁଛି ବୁଲା। ଚିତ୍ରଟିକୁ ଲକ୍ଷ୍ୟ କରୁଛି ସତ୍ୟ।)

ବୁଲା : ସାନବାବୁ, ହଉଛି ନା' ନାହିଁ ?

ସତ୍ୟ : ବଢ଼ିଆ... ଏକଦମ୍ ବଢ଼ିଆ। ତୁ କେମିତି କରୁଛୁ, ମତେ ଟିକିଏ ଶିଖେଇ ଦଉନୁ।

ବୁଲା : ତମେ ମୋ' ହାତକୁ ଦେଖ। ସବୁ ଜାଣିଯିବ। (ଘର ଭିତରକୁ ଆସିଛନ୍ତି ପ୍ରଧାନବାବୁ। ବିଛଣା ଉପରେ ରହିମ୍‌କୁ ଦେଖି ରାଗରେ ନିଆଁବାଣ ହୋଇଯାଇଛନ୍ତି।)

ପ୍ରଧାନ: ହଇରେ ତତେ କିଏ କହିଲା ବିଛଣା ଉପରେ ବସିବାକୁ ? (ପାଖରେ ପଡ଼ିଥିବା ସ୍କେଲ୍ ଧରି ପିଟିବାକୁ ଯାଇଛନ୍ତି। ରହିମ୍ କାନ୍ଦିଛି।)

ସତ୍ୟ : ବାପା, ମୁଁ ତାକୁ ଚିତ୍ର କରିବାକୁ କହିଛି।



https://withteachers.in/

ପ୍ରଧାନ : ତୁ ପାଟି ବନ୍ଦ କର । ଏଗୁଡ଼ାଙ୍କୁ ମୁହଁ ଦେଲେ ଉପରେ ଚଢ଼ିବେ ।

(ବୁଲା ଓ ରହିମ୍‌କୁ ଚାହିଁ)

ପ୍ରଧାନ : ହଇରେ ତୁମକୁ କିଏ କହିଥିଲା ସେ ସ୍କୁଲ ଯିବାକୁ ? ତମେ ଯଦି ପାଠ ପଢ଼ିବ ତା'ହେଲେ କାମ କରିବ କିଏ ?

ସତ୍ୟ : ବାପା, ପାଠ ପଢ଼ିବାଟା କ'ଣ ଅନ୍ୟାୟ ?

ପ୍ରଧାନ : ସେଇ ମାଷ୍ଟର ତା' ହେଲେ ତୋ' ମୁଣ୍ଡ ବିଗାଡ଼ି ଦେଇଛି ।

ସତ୍ୟ : ନାଇଁ ବାପା, ଯାହା ଠିକ୍, ସେ ତାହା ହିଁ କହିଛନ୍ତି ।

ପ୍ରଧାନ: କ'ଣଟା ଠିକ୍ ? ? କାମ ନ କରି ପାଠ ପଢ଼ିବାଟା ଠିକ୍ ? ସେମାନେ ଜନମ ହୋଇଛନ୍ତି କାମ କରିବାପାଇଁ । ବାପଅଜା ଅମଳରୁ ଚଳଣିକୁ ଫାଙ୍କି ଦବା କ'ଣ ଠିକ୍ ?

ସତ୍ୟ : ବାପା, ଯୁଗ ବଦଳି ଗଲାଣି ।

ପ୍ରଧାନ : ଏଇଟା ମୋ'ଗାଁ, ମୋ' ମାଟି । ଏଠି କୌଣସି ସରକାରୀ ନିୟମକାନୁନ୍ କାଟୁ କରିବ ନାହିଁ । ମୁଁ ଯାହା କହିବି, ସେଇଟା ହବ ଆଇନ୍ ।

ସତ୍ୟ : ଏଗୁଡ଼ାକ ଭୁଲ୍, ବାପା ! ପିଲାଙ୍କୁ ଏତେ ଅଧିକ ଖଟାଇବା ଅପରାଧ ।

ପ୍ରଧାନ: ତୋ'ର ଏତେ ଦରଦ କାହିଁକି ? ସେଇ ମାଷ୍ଟର ତା' ହେଲେ ତୋତେ ଉସ୍‌କେଇଛି । ତମେ ଯା' କାମ କରିବ । ବାଡ଼ିରେ କାଠ ହାଣିବ । (ଦୁହେଁ ଚାଲି ଯାଇଥିଲେ ପଛରୁ ଡାକିଛନ୍ତି) ହଁ, ଶୁଣ୍, ଆଉଦିନେ ଯେମିତି ସେ ସ୍କୁଲ ଘର ନ ମାଡ଼ ।

ରହିମ,ବୁଲା : କାନମୋଡ଼ି ହଉଛୁ ବାବୁ । ଆଉ କେବେ ଯିବୁନି ।

ସତ୍ୟ : ବାପା, ଆମେ ସମସ୍ତେ ସମାନ । ମୋ' ଦେହରେ ଯେଉଁ ରକ୍ତ, ତାଙ୍କ ଦେହରେ ସେହି ରକ୍ତ ଅଛି ।

ପ୍ରଧାନ: ନା' ! ଗୋଟାଏ ଅଛୁଆଁ ପିଲା ଆମ ସାଙ୍ଗରେ ସମାନ ହେବ ? ତାହା କେବେ ହୋଇପାରେନା ।

ସତ୍ୟ : ବାପା, ଛୁଆଁ ଅଛୁଆଁ ଭେଦଭାବ କେବେଠାରୁ ଲୋପ ପାଇଗଲାଣି । ଗୁରୁଜୀ କହୁଥିଲେ, ଏସବୁ ଆଇନ୍ ଦୃଷ୍ଟିରୁ ଦଣ୍ଡନୀୟ ।

ପ୍ରଧାନ: ସବୁକଥାରେ 'ଗୁରୁଜୀ'.... 'ଗୁରୁଜୀ'... ! ସେ ମାଷ୍ଟର ହିଁ ସବୁ ନାଟର ଗୋବର୍ଦ୍ଧନ । ତାକୁ ପାନେ ନ ଦେଲେ, ମତେ ଶାନ୍ତି ମିଳିବନି । (କହିକହି ଚାଲିଗଲେ ।)



https://withteachers.in/

## ଚତୁର୍ଥ ଦୃଶ୍ୟ

(ସ୍କୁଲ ଘର । ଚେୟାର ଉପରେ ଶିକ୍ଷକ ବସିଛନ୍ତି । ପିଲାମାନେ ପାଠ ପଢୁଛନ୍ତି ।)

ଶିକ୍ଷକ : ଆରେ, ଆଜି କାହିଁକି ସତ୍ୟ ଆସିନି ?

ବୁଲା : ଆଜ୍ଞା କାଲି ତା'ବାପା ଆମକୁ ପାଠ ନ ପଢ଼ି କାମ କରିବାକୁ ଧମକାଇଲେ । ସତ୍ୟ ବହୁତ ବୁଝେଇଲା । ହେଲେ ତା'ବାପା ଆପଣଙ୍କ ଉପରେ ରାଗି ଆଜି ଏଠିକୁ ଆସି କଥା ହେବେ ବୋଲି କହୁଥିଲେ । (ଏହି ସମୟରେ ଗୋଟିଏ ପିଲା ଧଇଁସଇଁ ହୋଇ ଦଉଡ଼ି ଆସିଲା)

ପିଲା : ଆଜ୍ଞା, ଆଜ୍ଞା, ସତ୍ୟର ଆକ୍ସିଡେଣ୍ଟ ହୋଇଯାଇଛି । ତାକୁ ଡାକ୍ତରଖାନାରେ ଭର୍ତ୍ତିକରାହୋଇଛି । (ଶିକ୍ଷକ ଓ ପିଲାମାନେ ଠିଆ ହୋଇପଡ଼ିଲେ । )

ଶିକ୍ଷକ : ପିଲେ, ମୁଁ ଡାକ୍ତରଖାନା ଯାଉଛି । ସାଇକେଲରେ ଯିବି । ତୁମେମାନେ ଘରକୁ ଯାଅ ।

ରହିମ୍ : ଗୁରୁଜୀ, ଆମେ ବି ଯିବୁ ।

ବୁଲା : ହଁ, ଦଉଡ଼ିଦଉଡ଼ି ପଳେଇବା ।

ଶିକ୍ଷକ : ଆରେ ତିନି ଚାରି କିଲୋମିଟର ବାଟ, ଯାଇପାରିବ ?

ରହିମ୍ : ଅଜ୍ଞା, ସବୁଦିନେ କାମ କରିବାକୁ ଯାଉଥିଲୁ । ଯାଇପାରିବୁ ନାହିଁ କାହିଁକି ? ଆପଣ ଯାଆନ୍ତୁ ଆଜ୍ଞା, ଆମେ ପହଞ୍ଚିବୁ । (ସମସ୍ତେ ଚାଲିଗଲେ)

## ପଞ୍ଚମ ଦୃଶ୍ୟ

(ଡାକ୍ତରଖାନା ବାରଣ୍ଡା । ବେଞ୍ଚରେ ବସିଛନ୍ତି ବୁଲା, ରହିମ୍ । ବାରଣ୍ଡାରେ ବୁଲୁଛନ୍ତି ପ୍ରଧାନବାବୁ । ଭିତରୁ ଆସିଛନ୍ତି ଶିକ୍ଷକ... ।)

ପ୍ରଧାନ: ମାଷ୍ଟରବାବୁ, ମୋ' ପୁଅ କେମିତି ଅଛି ? କେମିତି ଅଛି ସେ ?

ଶିକ୍ଷକ : ଆପଣ ଧୈର୍ଯ୍ୟ ଧରନ୍ତୁ । ବହୁତ ରକ୍ତ ଦେହରୁ ବାହାରି ଯାଇଛି ।

ପ୍ରଧାନ: ଯେତେ ରକ୍ତ ଦରକାର ହବ, ମୁଁ ଦେବି ।



https://withteachers.in/

ଶିକ୍ଷକ : ଆପଣଙ୍କ ରକ୍ତ ମିଶିଲାନି ।

ପ୍ରଧାନ: ତା'ହେଲେ କ'ଣ କରିବା ? କୋଉଠୁ ଆସିବ ରକ୍ତ ? ଯେତେ ଟଙ୍କା ଦରକାର ହବ, ମୁଁ ଖର୍ଚ୍ଚ କରିବି । ହେଲେ ମୋ' ପୁଅକୁ ବଞ୍ଚେଇ ଦିଅନ୍ତୁ ।

ଶିକ୍ଷକ : ମୋ' ହାତରେ କିଛି ନାହିଁ । ସେହି ଈଶ୍ୱରଙ୍କୁ ଡାକନ୍ତୁ । ସେ ଯାହା କରିବେ । ଭାବିଥିଲି ମୋ' ରକ୍ତଟା ଖାପ ଖାଇଯିବ । ସେଇଟା ବି ହେଲାନି ।

ପ୍ରଧାନ: ମୋତେ ଚାରିଆଡ଼ ଅନ୍ଧାର ଦେଖା ଯାଉଛି ।

ଶିକ୍ଷକ : ଆପଣ ଆଦୌ ବ୍ୟସ୍ତ ହୁଅନ୍ତୁ ନାହିଁ । ଆମ ରକ୍ତ ସିନା ମିଶିଲା ନାହିଁ, ପିଲାମାନେ ଅଛନ୍ତି । ସେମାନଙ୍କ ରକ୍ତ ମିଶିଯାଇପାରେ ।

ପ୍ରଧାନ : କ'ଣ କହୁଛନ୍ତି, ମାଷ୍ଟରବାବୁ !

ଶିକ୍ଷକ : ବୁଲା, ରହିମ୍, ଆମର ସବୁଯାକ ପିଲାଙ୍କ ରକ୍ତ ପରୀକ୍ଷାପାଇଁ ଦିଆଯାଇଛି । ମୋ' ମନ କହୁଛି, କାହାରି ନା କାହାରି ରକ୍ତ ନିଶ୍ଚୟ ମିଶିଯିବ ।

ପ୍ରଧାନ : ନା... ! ତାହା କେମିତି ହବ ? ମୋ' ପୁଅ ଦେହରେ ଏ ବାରବୁଲା ପିଲାଙ୍କ ରକ୍ତ ମିଶିବ ? ମୁଁ ପଛେ ଅନ୍ୟ କୋଉଠୁ ରକ୍ତ ଯୋଗାଡ଼ କରିବି, ହେଲେ ଗୋଟାଏ ମୁସଲମାନ ପିଲାର ରକ୍ତ ମୋ' ପୁଅକୁ ଦେଇପାରିବିନି ?

ଶିକ୍ଷକ : କାହାକୁ ମୁସଲମାନ କହୁଛନ୍ତି ? ସେମାନେ ଏକାସାଙ୍ଗରେ ପଢୁଛନ୍ତି । ଏକାସାଙ୍ଗରେ ଖେଳୁଛନ୍ତି । ସେମାନଙ୍କ ଭିତରେ କିଛି ଭେଦଭାବ ନାହିଁ । ଧର୍ମ ନାମରେ କାହିଁକି ସେମାନଙ୍କୁ ଦୁଇଭାଗ କରୁଛନ୍ତି ?

ପ୍ରଧାନ: ହିନ୍ଦୁ, ମୁସଲମାନ ଦି'ଟା ରକ୍ତ କେମିତି ଏକ ହେବ ? ଏତେ ଅନ୍ୟାୟ ଏ ବସୁଧା ସହିପାରିବନି, ମାଷ୍ଟରବାବୁ !

ଶିକ୍ଷକ : କାହାକୁ ଅନ୍ୟାୟ ବୋଲି କହୁଛନ୍ତି ? ହିନ୍ଦୁ-ମୁସଲମାନ ହୋଇ ଜନ୍ମ ହେବାଟା କ'ଣ ଅନ୍ୟାୟ ? ଧନୀ-ଗରିବ ହୋଇ ଜନ୍ମ ହେବାଟା କ'ଣ ଅନ୍ୟାୟ ? ଜନ୍ମବେଳେ ତା'ର ଗୋଟାଏ ମାତ୍ର ପରିଚୟ ଥାଏ, ସିଏ ମଣିଷଛୁଆ । ବୟସ ବଢ଼ିଗଲା ପରେ ଆପଣମାନେ ନିଜ ନିଜର ସୁବିଧାପାଇଁ, ତା' ଉପରେ ମୋହର ମାରି ଦିଅନ୍ତି । ଇଏ ହିନ୍ଦୁ... ସିଏ ମୁସଲମାନ୍... ଆଉ କିଏ ଖ୍ରୀଷ୍ଟିଆନ୍... !

ପ୍ରଧାନ: ତା' ବୋଲି ମୋ' ପୁଅ ଦେହରେ ଗୋଟାଏ ଅଛୁଆପିଲାର ରକ୍ତ ପଶିବ! ନା', ତାହା କେବେ ହୋଇପାରିବନି ।



https://withteachers.in/

ଶିକ୍ଷକ : ଗାନ୍ଧି ମହାତ୍ମା ଏତେ କଥା ବୁଝେଇଲେ, ତାଙ୍କ କଥାରୁ କିଛି ବୁଝିପାରିଲେନି ? ପ୍ରଧାନବାବୁ, ଏବେ ବି ସମୟ ଅଛି, ଆପଣ ବୁଝିବାକୁ ଚେଷ୍ଟା କରନ୍ତୁ। ସେମାନେ କାଦୁଅ ମେଞ୍ଚା। ଯେମିତି ଗଢ଼ିବାକୁ ଚାହିଁବେ, ଗଢ଼ି ପାରିବେ।

ପ୍ରଧାନ: ଏଗୁଡ଼ାକ ମୋ' ମୁଣ୍ଡରେ କିଛି ପଶୁନାହିଁ। ମୁଁ କହିଦେଇଛି ମାନେ କହିଦେଇଛି।

ଶିକ୍ଷକ : କାହିଁକି ପିଲାଗୁଡ଼ାଙ୍କୁ ନଷ୍ଟ କରୁଛନ୍ତି ? ସେମାନେ ମାଙ୍କଡ଼ଛୁଆ ନୁହଁନ୍ତି କି ଚଢ଼େଇଛୁଆ ନୁହଁନ୍ତି। ସେମାନେ ମଣିଷଛୁଆ। ସେମାନଙ୍କ ଦେହରେ ମଣିଷର ରକ୍ତ ବହୁଛି। (ବାରଣ୍ଡାକୁ ଆସିଛନ୍ତି ଡାକ୍ତର।)

ପ୍ରଧାନ: କ'ଣ ହେଲା, ଡାକ୍ତରବାବୁ ?

ଡାକ୍ତର : ମିଶିଯାଇଛି। ଗୋଟାଏ ପିଲାର ରକ୍ତ ମେଳଖାଉଛି। (ତିନିଜଣଯାକ ପିଲା ପରସ୍ପରକୁ ଚାହିଁବାରେ ଲାଗିଛନ୍ତି।)

ଶିକ୍ଷକ : କାହା ରକ୍ତ, ଡାକ୍ତରବାବୁ ?

ଡାକ୍ତର : ଆଛା, ବୁଲା କିଏ ?

ଶିକ୍ଷକ : ଏଇ ପିଲା (ବୁଲାକୁ ଡାକି)।

ଡାକ୍ତର : ତା'ରି ରକ୍ତ ମିଶିଯାଇଛି। ଆଉ ଡେରି କରିବାଟା ଠିକ୍ ନୁହେଁ। ଆ' ଭିତରକୁ ଆ' ଭିତରକୁ ଆ'...। (ବୁଲାକୁ ଡାକିଛନ୍ତି ଡାକ୍ତର )

ପ୍ରଧାନ: ନା' ! ତାହା କେବେ ହୋଇ ପାରିବନି। ଗୋଟାଏ ଅଛବ ପିଲାର ରକ୍ତ ସତ୍ୟ ଦେହରେ ପଶିବ ! ଅସମ୍ଭବ।

ଡାକ୍ତର : ହୋ ବାବୁ, ତମେ ଯଦି ସେ ପିଲାର ବାପ ହୋଇଥାନ୍ତ, ଏମିତି କଥା କହିନଥା'ନ୍ତ ! ଜାଣିଛ, ପିଲାଟା କେମିତି ଜୀବନ ସହିତ ଲଢୁଛି !

ଶିକ୍ଷକ : ଆଜ୍ଞା, ସେ ହେଉଛନ୍ତି ସେହି ପିଲାର ବାପା।

ଡାକ୍ତର : ହୁଁ, ବାପା ! ତମେ କ'ଣ ଚାହୁଁଛ, ପିଲାଟା ମରିଯାଉ ?

ପ୍ରଧାନ: ସେମିତି କୁହନ୍ତୁ ନାହିଁ, ଡାକ୍ତରବାବୁ। ସତ୍ୟ ମୋର ଗୋଟିଏ ବୋଲି ପୁଅ।

ଡାକ୍ତର : ଭାଗ୍ୟ ଭଲ, ରକ୍ତଟା ମିଳିଯାଇଛି। ଡେରିହେଲେ, ପିଲାଟାକୁ କେହି ବଞ୍ଚେଇ ପାରିବେନି।

ବୁଲା : ଡାକ୍ତରବାବୁ, ଚାଲନ୍ତୁ। ଯେତେ ରକ୍ତ ଦରକାର ମୁଁ ଦେବି। ସାନବାବୁକୁ ବଞ୍ଚେଇ ଦିଅନ୍ତୁ।

ରହିମ୍ : ହଁ, ଡାକ୍ତରବାବୁ ! ଦରକାର ହେଲେ ଆମେ ବି ରକତ ଦେବୁ।



https://withteachers.in/

ଡାକ୍ତର : ହାତରେ ସମୟ ନାହିଁ । ଆ' ବୁଲା ।

ଶିକ୍ଷକ : ଯାଅରେ ଯାଅ । ପିଲାଟା ବଞ୍ଚିଯାଉ । (ଆଗେଆଗେ ଡାକ୍ତର । ତାଙ୍କ ପଛରେ ଯାଇଛି ବୁଲା )

## ଷଷ୍ଠ ଦୃଶ୍ୟ

(ସ୍କୁଲ ଘର । ଶିକ୍ଷକ ଓ ପିଲାମାନେ ଅଛନ୍ତି । ପ୍ରଧାନବାବୁ ପହଞ୍ଚି ପିଲାଙ୍କୁ ଭାବପ୍ରବଣ ହୋଇ କୁଣ୍ଢାଇ ପକେଇଲେ ।)

ଶିକ୍ଷକ : କ'ଣ ହେଲା ପ୍ରଧାନବାବୁ ।

ପ୍ରଧାନ : ଏଇ କାମଟା ମୋର ଅନେକ ଆଗରୁ କରିବାର ଥିଲା ।

ଶିକ୍ଷକ : କ'ଣ କହୁଛନ୍ତି, ଆପଣ ?

ପ୍ରଧାନ: ଅନେକ ଡେରିରେ ମୋ ଭୁଲ୍ ମୁଁ ବୁଝିପାରିଛି ।

ଶିକ୍ଷକ : ସେତିକି ମୋ' ପାଇଁ ଯଥେଷ୍ଟ । ସତ୍ୟ କେମିତି ଅଛି ?

ପ୍ରଧାନ : କାଲିଠାରୁ ସ୍କୁଲକୁ ଆସିବ ।

ଶିକ୍ଷକ : ମାନେ ?

ପ୍ରଧାନ : ଆପଣ ମୋ' ଆଖି ଖୋଲି ଦେଇଛନ୍ତି । ହଁ, ମାଷ୍ଟରବାବୁ ! ଆଉ ଗୋଟାଏ ଅନୁରୋଧ । ଆଜିଠୁ ପ୍ରତିଦିନ ମଧ୍ୟାହ୍ନଭୋଜନପାଇଁ ମୁଁ ଯୋଗାଡ଼ କରିବି । ମୋ ପୁଅ ସମସ୍ତଙ୍କ ସହ ମିଶି ଏଇଠି ଭୋଜନ କରିବ । ସଭିଏଁ ପରା ଭଉଣୀଭାଇ ।

ଶିକ୍ଷକ : କେଉଁ ଭାଷାରେ ଯେ ଆପଣଙ୍କୁ ମୁଁ ଧନ୍ୟବାଦ ଜଣେଇବି, ଭାବିପାରୁନି ।

ପ୍ରଧାନ : କେମିତି ଯେ ଆପଣମାନଙ୍କ ଋଣ ଶୁଝିବି, କିଛି ବୁଦ୍ଧି ଦେଖାଯାଉନି ।

ଶିକ୍ଷକ : ଆପଣ ଯେ ଠିକ୍ ଟା ବୁଝି ପାରିଛନ୍ତି, ସେତିକି ଆମପାଇଁ ଯଥେଷ୍ଟ ।

ପ୍ରଧାନ : ନା ମାଷ୍ଟରବାବୁ, ନା ! ଏ ସ୍କୁଲର ଦରଜା ସମସ୍ତଙ୍କପାଇଁ ସଦାବେଳେ ଖୋଲା ରହିବ । ସବୁ ଜାତିର, ସବୁ ଧର୍ମର ପିଲାଏ ଏଠି ପାଠ ପଢ଼ିବେ । ମାଗଣାରେ ପଢ଼ିବେ । ଏ ସ୍କୁଲପାଇଁ ଯାହା ଦରକାର ହବ, ମୁଁ ଯୋଗେଇବି ।



https://withteachers.in/

## ଲେଖକ ପରିଚୟ



(ଜନ୍ମ-୧୯୫୫)

**ଡ. ନାରାୟଣ ସାହୁ:** ଅଶୀ ପରବର୍ତ୍ତୀ ଓଡ଼ିଆ ନାଟ୍ୟଜଗତରେ ଜଣେ ସୁପରିଚିତ ସ୍ରଷ୍ଟା । ତାଙ୍କ ନାଟକଗୁଡ଼ିକର ସାମାଜିକ ବିଧିବ୍ୟବସ୍ଥାର ସଚେତନ ସଂସ୍କାର ପ୍ରୟାସ ପରିଲକ୍ଷିତ ହୁଏ । ଡକ୍ଟର ସାହୁଙ୍କ ନାଟକ ଓ ଏକାଙ୍କିକାଗୁଡ଼ିକ ସାଧାରଣଘଟଣାକୁ ନେଇ ରଚିତ ହୋଇଥିଲେ ହେଁ ଏହା ଉନ୍ନତ ମଞ୍ଚମୂଲ୍ୟ ରକ୍ଷା କରିବାରେ ସମର୍ଥ ହୋଇଥାଏ । ତାଙ୍କଦ୍ୱାରା ରଚିତ 'ଆଶ୍ରା ଖୋଜି ବୁଲୁଥିବା ଈଶ୍ୱର', 'ମୂକ', ଉପାସନା, 'କ୍ରାନ୍ତି', 'ଏମିତି ବି ହୁଏ', 'ଫ୍ରଣ୍ଟଲାଇନ ଓ ଅନ୍ୟାନ୍ୟ ନାଟକ', 'ପିଲାଙ୍କ ନାଟକ' ପ୍ରଭୃତି ଉଲ୍ଲେଖନୀୟ । 'ଆଶ୍ରା ଖୋଜି' ବୁଲୁଥିବା ଈଶ୍ୱର' ନାଟକପାଇଁ ଡ. ସାହୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି ।

ଜାତି, ଧର୍ମ, ବର୍ଣ୍ଣ, ବୟସ ନିର୍ବିଶେଷରେ ଶିକ୍ଷାକୁ ସାର୍ବଜନୀନ କରିବା କ୍ଷେତ୍ରରେ ବିରୋଧ କରୁଥିବା କେତେକ ପୁରାତନପନ୍ଥୀ ସଂକୀର୍ଣ୍ଣମନା ବ୍ୟକ୍ତିଙ୍କର ମାନସିକସଂସ୍କାର ଆଣିବା ସହ ରକ୍ତଦାନ ଏକ ମହତ ଦାନ ଦିଗରେ ସଚେତନତା ସୃଷ୍ଟିକରିବା ଏହି ଏକାଙ୍କିକାର ଉଦ୍ଦେଶ୍ୟ ।

## ପାଠରୁ...

## ମୁଁ ଯାହା ବୁଝିଲି

**(କ) ନିମ୍ନର କେତେକ ପ୍ରଶ୍ନ ରହିଛି । ସେମାନଙ୍କର ଠିକ୍ ଉତ୍ତର ପାଖରେ ଠିକ୍ ଚିହ୍ନଟି (✓) ଦିଅ ।**

୧. 'ଦରଜା ଖୋଲିଦେବା' ଏକାଙ୍କିକା ଆଧାରରେ କେଉଁ ଉକ୍ତିଟି ଗ୍ରହଣୀୟ ?

- ରକ୍ତଦାନ ଏକ ମହତ ଦାନ । ☐
- ସକାଳ ଭ୍ରମଣ ଦେହକୁ ହିତ । ☐
- ମିଥ୍ୟା କହିବା ମହାପାପ । ☐
- ଖାଇବା ଆଗରୁ ଧୋଇବା ହାତ । ☐

୨. "ଆରେ ଡରନି । ଏଠି ପାଠ ପଢ଼ିଲେ ପଇସା ଦେବାକୁ ପଡ଼ିବନି । କ'ଣ କହୁଛ ବୁଲା ? ରହିମ୍ ?" ଏହି ଉକ୍ତିରୁ ଶିକ୍ଷକଙ୍କର କେଉଁ ଗୁଣ ପ୍ରମାଣ ପାଉଛି ?

ଈର୍ଷା ☐ ଉଦାର ☐

କ୍ରୋଧ ☐ ଅହଙ୍କାର ☐



https://withteachers.in/

୩. "ସେମାନେ କାଦୁଅ ମେଞ୍ଚା । ଯେମିତି ଗଢ଼ିବାକୁ ଚାହିଁବେ, ଗଢ଼ି ପାରିବେ ।" – ଶିକ୍ଷକ ଏପରି କହିବାର କାରଣ କ'ଣ ?

- ପିଲାମାନଙ୍କୁ ଅବାଟକୁ ନେବାପାଇଁ
- ପିଲାମାନଙ୍କୁ ମାଡ଼ ମାରି ବାଟକୁ ଆଣିବାପାଇଁ ।
- ପ୍ରଧାନବାବୁଙ୍କ ମନରେ କ୍ରୋଧଭାବ ସୃଷ୍ଟିପାଇଁ ।
- ପ୍ରଧାନବାବୁଙ୍କ ମନରେ ସଂସ୍କାର ଆଣିବାପାଇଁ ।

୪. "ସେ ଅଧିକାର ସେମାନଙ୍କର ରହିଛି ।" ଏଠାରେ କେଉଁ ଅଧିକାର କଥା କୁହାଯାଇଛି ?

- ବଞ୍ଚିବାର ଅଧିକାର ।
- କଥା କହିବାର ଅଧିକାର ।
- ପାଠ ପଢ଼ିବାର ଅଧିକାର ।
- ସମାଜରେ ବାସ କରିବାର ଅଧିକାର ।

(ଖ) ତୁମେ ଏହି ଉତ୍ତରଗୁଡ଼ିକ ଠିକ୍ ବୋଲି କାହିଁକି ବାଛିଲ, ବନ୍ଧୁ ମେଳରେ ଆଲୋଚନା କରି ଲେଖ ।



## ଆସ ମେଳ କରିବା

ତଳେ 'କ' ସ୍ତମ୍ଭରେ କିଛି ଚରିତ୍ର ଓ 'ଖ' ସ୍ତମ୍ଭରେ କିଛି ସଂଳାପ ଦିଆଯାଇଛି । ତୁମେ ବନ୍ଧୁ ମେଳରେ ଆଲୋଚନ କରି ଚରିତ୍ର ସହିତ ସଂଳାପକୁ ମିଶାଇ ଲେଖ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ବୁଲା | 'ବାଜେ କଥା ବନ୍ଦ କର, ଏ ସ୍କୁଲ ମୁଁ ତିଆରି କରିଛି ।' |
| ରହିମ୍ | 'ଆଚ୍ଛା, ବୁଲା କିଏ ?' |
| ଶିକ୍ଷକ | 'ପାଞ୍ଚଦିନ ପାଞ୍ଚରାତି ଲାଗିଥିଲା ।' |
| ପ୍ରଧାନ | 'ମାଷ୍ଟରବାବୁ, ପାଠଟା କ'ଣ ନିହାତି ଦରକାର ।' |
| ସତ୍ୟ | 'ଆରେ ଆଜି କାହିଁକି ସତ୍ୟ ଆସିନି ?' |
| ଡାକ୍ତର | 'ନା, ଆଉ ହବନି, ମୁହଁଟା ମୋଟେ ହେଉନି ।' |



https://withteachers.in/



## ଏକାଙ୍କିକାରେ ବିରାମଚିହ୍ନ

'ଦରଜା ଖୋଲିଦେବା' ଏକାଙ୍କିକାରେ ଅନେକ ବିରାମଚିହ୍ନ ବ୍ୟବହୃତ ହୋଇଛି । ଆସ ସେଗୁଡ଼ିକ ଚିହ୍ନିବା ।

| | |
|---|---|
| କମା | , |
| ପୂର୍ଣ୍ଣଚ୍ଛେଦ | । |
| ଉଦ୍ଧୃତିଚିହ୍ନ | ' ' " " |
| ପ୍ରଶ୍ନବାଚକଚିହ୍ନ | ? |
| ବିସ୍ମୟସୂଚକଚିହ୍ନ | ! |

(କ) ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକରେ ଉପଯୁକ୍ତସ୍ଥାନରେ ବିରାମ ଚିହ୍ନ ଦିଅ ।

- କିଏ ଦେବ ଖାଇବାକୁ
- ସେଠି ପିଲାଏ ବସନ୍ତି
- ସେଥିରେ ପୁଣି ଏତେ ଖୁସି
- ମୁଁ ବାଘ କି ସିଂହ ନୁହେଁ ଖାଇଯିବି
- ଚୁପ୍ ତୁ ଛୁଟା ଜାଣିଛୁ
- ରହିମ୍ କହିଲା ହଁ ଡାକ୍ତରବାବୁ ଦରକାର ହେଲେ ଆମେ ବି ରକତ ଦେବୁ



## ଚିନ୍ତା କରିବାପାଇଁ

ପୁଣି ଥରେ 'ଦରଜା ଖୋଲିଦେବା' ଏକାଙ୍କିକାଟିକୁ ପଢ଼ । ତଳେ ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର କହିବା ଓ ଖାତାରେ ଲେଖିବା ।

(କ) ବୁଲା ଓ ରହିମ୍‌ଙ୍କ ଜୀବନରେ ଶିକ୍ଷକ ନୂତନ ଆଶା ସଞ୍ଚାର କରିଥିଲେ ? ତୁମ ମତରେ ଏହା କେତେ ଦୂର ଠିକ୍ ?

(ଖ) ସତ୍ୟ ଗୁରୁଜୀଙ୍କ କଥାକୁ ସମର୍ଥନ କରୁଥିଲା, କାହିଁକି ?

(ଗ) ପ୍ରଧାନ କିପରି ନିଜର ଭୁଲ ବୁଝିପାରିଲେ ?

(ଘ) ଏହି ଏକାଙ୍କିକାରେ ନାଟ୍ୟକାର ସମାଜକୁ କି ବାର୍ତ୍ତା ଦେବାକୁ ଚାହୁଁଛନ୍ତି ?




## ଶୀର୍ଷକ


(କ) ଏକାଙ୍କିକାଟିର ନାମ 'ଦରଜା ଖୋଲିଦେବା' ରଖାଯାଇଛି ?

ଏହି ନାମଟି ତୁମକୁ ଭଲ ଲାଗୁଛି କି ? କାହିଁକି ? ଦଳରେ ଆଲୋଚନା କରି ଲେଖ ।

(ଖ) ତୁମେ ଏହି ପ୍ରସଙ୍ଗର ନାମ ବା ଶୀର୍ଷକ ଆଉ କ'ଣ ଦେବାକୁ ଚାହୁଁଛ ? ନୂଆ ନାମଟି କାହିଁକି ତୁମକୁ ଭଲ ଲାଗିଲା, ଲେଖ ।



https://withteachers.in/



## ଆସ, କାଳ ବିଷୟରେ ଜାଣିବା ଓ ପରିବର୍ତ୍ତନ କରିବା

'ଛୁଟି ଥିଲା'। ଏକାଙ୍କିକାରେ ଏହି ବାକ୍ୟଟିକୁ ଲକ୍ଷ୍ୟକର। ଏଠାରେ ବ୍ୟବହୃତ 'ଥିଲା' ଶବ୍ଦଟି ଅତୀତ କାଳକୁ ବୁଝାଉଛି। ଏହାର ବର୍ତ୍ତମାନ କାଳ ହେଉଛି 'ଅଛି'। ଭବିଷ୍ୟତ କାଳ ହେଉଛି 'ହେବ'।

(କ) ତଳେ ଆଉ କେତେକ ବାକ୍ୟ ଦିଆଯାଇଛି। ଏଗୁଡ଼ିକର କାଳ ପରିବର୍ତ୍ତନ କରି ଲେଖ।

| ବର୍ତ୍ତମାନ କାଳ | ଅତୀତ କାଳ | ଭବିଷ୍ୟତ କାଳ |
|---|---|---|
| ବୁଲା ପଢୁଛି। | ................. | ................. |
| ................. | ସତ୍ୟ ଲେଖିଲା | ................. |
| ................. | ................. | ରହିମ କହିବ |
| ମିତା କାମ କରୁଛି | ................. | ................. |
| ................. | ଶିକ୍ଷୟିତ୍ରୀ ବସିଲେ | ................. |
| ପ୍ରଧାନବାବୁ ହସୁଛନ୍ତି | ................. | ................. |

(ଖ) ତୁମେ ଉପରେ ଯେଉଁ ବାକ୍ୟଗୁଡ଼ିକ ଗଠନ କରିଲ, ତାକୁ ଧ୍ୟାନର ସହ ଦେଖ। ଲେଖିଥିବା ବାକ୍ୟଗୁଡ଼ିକରେ କାଳ ସମ୍ବନ୍ଧୀୟଶବ୍ଦ ତଳେ ଗାର ପକାଅ।



## ଅନୁମାନ ଓ କଳ୍ପନାରୁ

(କ) ଯଦି ତୁମେ ଶିକ୍ଷକ ହୋଇଥାନ୍ତ, ତେବେ ଇଟାଭାଟିରେ କାମ କରୁଥିବା ବୁଲା ଏବଂ ରହିମ୍‌କୁ ଆଉ କ'ଣ କ'ଣ ପରାମର୍ଶ ଦେଇଥାନ୍ତ। ସାଙ୍ଗମାନଙ୍କ ସହ ଆଲୋଚନା କରି କୁହ ଓ ଲେଖ।

(ଖ) ଯଦି ତୁମର ପ୍ରଧାନବାବୁଙ୍କ ସହିତ ସାକ୍ଷାତ ହୋଇଥାନ୍ତା, ତାହାହେଲେ ତାଙ୍କୁ ବାଟକୁ ଆଣିବାପାଇଁ ଆଉ କ'ଣ କ'ଣ କରିଥାନ୍ତ – ଦଳରେ ଆଲୋଚନା କରି ଲେଖ।

(ଗ) ମନେକର, ତୁମେ ପ୍ରଧାନବାବୁଙ୍କ ପୁଅ ସତ୍ୟ, ଦୁର୍ଘଟଣାରୁ ସୁସ୍ଥ ହେଲା ପରେ ତୁମେ ଆଉ କ'ଣ କରିଥାନ୍ତ– ଦଳରେ ଆଲୋଚନା କର ଏବଂ ଲେଖ।



https://withteachers.in/



# ଶବ୍ଦଚର୍ଚ୍ଚା

(କ) ଏହି ଏକାଙ୍କିକାରେ ବ୍ୟବହୃତ କେତେକ ଶବ୍ଦ ତଳ କୋଠରିରେ ରହିଛି । ସେଥିରୁ ବିଦେଶୀ ଶବ୍ଦଗୁଡ଼ିକୁ ବାଛି ପାଖରେ ଥିବା ଖାଲି କୋଠରିରେ ଲେଖ ।

| | |
|---|---|
| ଛୁଟି, ଘର, ସ୍କୁଲ, ଦରଜା, ଆଲୁଅ, ପାଠ, ଟେବୁଲ, ପଥର, ଚେୟାର, ବର୍ଣ୍ଣ, ଚିତ୍ର, ବେଞ୍ଚ, ପିଲା, ଡଷ୍ଟର, ରକ୍ତ, ଡେରି, ଡେସ୍କ, ଘଣ୍ଟା, ପେନ୍‌ସିଲ୍, ବୟସ, ବୁଦ୍ଧି, ଧର୍ମ, କଣ୍ଟ୍ରାକ୍ଟର, ମାଷ୍ଟର, ନଷ୍ଟ, ବ୍ଲାକ୍‌ବୋର୍ଡ୍, ଆକ୍ସିଡେଣ୍ଟ | |

(ଖ) ବାପା, ପୁଅ, ଆଖି, ରକ୍ତ, ଶିକ୍ଷକ – ଏହି ଶବ୍ଦଗୁଡ଼ିକର ସମାନ ଅର୍ଥ ପ୍ରକାଶ କରୁଥିବା କେତେକ ଶବ୍ଦ ତଳେ ମିଶାମିଶି ହୋଇ ରହିଛି । ତୁମେ ସେଗୁଡ଼ିକ ଖୋଜି ଅଲଗା ଅଲଗା କରି ଲେଖ ।

**ଆଚାର୍ଯ୍ୟ, ଜନକ, ନନ୍ଦନ, ଶୋଣିତ, ଲୋଚନ, ସୁତ,**
**ରୁଧିର, ଜନନୀ, ନୟନ, ପିଅର, ଗୁରୁ, ସମୀର,**

**ଉଦାହରଣ :** ବାପା = ଜନକ, ପିଅର



# ଆସ, ସଂଳାପ ବିଷୟରେ ଜାଣିବା

ନିମ୍ନରେ କେତେଗୁଡ଼ିଏ ସଂଳାପ ଦିଆଯାଇଛି । ଏବେ ମନେପକାଇ ଏହି ସଂଳାପ କିଏ କାହାକୁ କହିଛନ୍ତି, କୁହ ?

(କ) ''ସେମାନଙ୍କ ଦେହରେ ମଣିଷ ରକ୍ତ ବହୁଛି ।''

- ''ଦରକାର ହେଲେ ଆମେ ବି ରକତ ଦେବୁ ।''
- ''ଆପଣ ମୋ ଆଖି ଖୋଲି ଦେଇଛନ୍ତି ।''
- ''ଧର୍ମ ନାମରେ କାହିଁକି ସେମାନଙ୍କୁ ଦୁଇଭାଗ କରୁଛନ୍ତି ?''
- ''ବାପା, ପାଠ ପଢ଼ିବାଟା କ'ଣ ଅନ୍ୟାୟ ?''

(ଖ) ଏହି ଏକାଙ୍କିକାର କିଛି ସଂଳାପ ମନେରଖ । ଦୁଇ/ତିନିଜଣ ମିଶି ଏହାକୁ ଅଭିନୟ କର ।



https://withteachers.in/



## ଦୃଶ୍ୟ ଓ ଚରିତ୍ର ଜାଣିବା

'ଦରଜା ଖୋଲିଦେବା' ଏକାଙ୍କିକାଟିକୁ ମନଦେଇ ପଢ଼ । ଦଳରେ ବସି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

(କ) ଏହି ଏକାଙ୍କିକାକୁ ନାଟ୍ୟକାର କେତୋଟି ଦୃଶ୍ୟରେ ଭାଗ କରିଛନ୍ତି ?

(ଖ) କେଉଁ ଦୃଶ୍ୟରେ ଡାକ୍ତରଖାନାର ବାରଣ୍ଡା କଥା ରହିଅଛି କୁହ ?

(ଗ) ଶେଷ ଦୃଶ୍ୟରେ କିଏ କିଏ କଥାବାର୍ତ୍ତା ହେଉଛନ୍ତି ?

(ଘ) ଏହି ଦୃଶ୍ୟରେ କେତୋଟି ଚରିତ୍ର ରହିଅଛି ?

(ଙ) ଏହି ଶେଷଦୃଶ୍ୟରେ ତୁମେ କେଉଁ ଚରିତ୍ରକୁ ପସନ୍ଦ କରୁଛ ? କାହିଁକି ? ଦଳରେ ଆଲୋଚନା କରି ଲେଖ ।



## ଲୋକବାଣୀର ପ୍ରୟୋଗ

ଲୋକମାନଙ୍କ ତୁଣ୍ଡରେ କେତେକ କଥା ସମାଜରେ ପ୍ରଚଳିତ । ଏହାର ଏକଏକ ନିର୍ଦ୍ଦିଷ୍ଟ ଅର୍ଥ ଅଛି । ସେଗୁଡ଼ିକୁ ଲୋକବାଣୀ କୁହାଯାଏ । ଆମେ କେତୋଟି ଲୋକବାଣୀ ବିଷୟରେ ଜାଣିବା ।

୧. 'ଲୋକମୁଖରେ କଥାଟି ପ୍ରସାର ଲାଭ କଲା ।' ଏଥିପାଇଁ କେଉଁ ଲୋକବାଣୀଟି ବ୍ୟବହାର ହୁଏ ।

- ତିନିତୁଣ୍ଡରେ ଛେଳିକୁକୁର
- ଚାଲି ନ ଜାଣି ବାଟର ଦୋଷ
- ତୁଣ୍ଡ ବାଇଦ ସହସ୍ର କୋଶ
- ଚୋରର ମନ ଗଣ୍ଠିଲିରେ

୨. 'ଫାଙ୍କି ଦେବା' – ଏହା କେଉଁ ଅର୍ଥରେ ପ୍ରକାଶିତ ।

- ଫାଙ୍କା ଆବାଜ କରିବା
- ଠକି ଦେବା
- ଫାଙ୍କା ଫାଙ୍କା ଚାଲିବା
- ଫାଙ୍କ ସୃଷ୍ଟି

୩. 'ଅନ୍ଧ ବୁଝାମଣା' – ଏହା କେଉଁ ଅର୍ଥରେ ବ୍ୟବହୃତ ହୋଇଛି ?

- ଅନ୍ୟାୟ ବିଚାର
- ଅନ୍ଧକୁ ବାଟ ଦେଖାଇବା
- ଅନ୍ଧ ପରି ବିଚାର କରିବା
- ଅନ୍ଧକୁ ଭୁଲ ବୁଝିବା




https://withteachers.in/



# ଆସ ଜାଣିବା

ତଳ କୋଠରିଗୁଡ଼ିକୁ ଲକ୍ଷ୍ୟକର । ମଝି କୋଠରିରେ ବିଦ୍ୟାଳୟ, ଡାକ୍ତରଖାନା ଓ ଭାଷା ରହିଛି । ସେମାନଙ୍କ ସହ ସମ୍ପର୍କିତ ଗୋଟିଏ ଗୋଟିଏ ଘର ପୂରଣ କରାଯାଇଛି । ତୁମେ ଦଳରେ ଚର୍ଚ୍ଚାକରି ଅନ୍ୟ ତିନୋଟି ଘର ପୂରଣ କର ।






https://withteachers.in/

# ପାଠରୁ ଆଗକୁ

- 'ଦରଜା ଖୋଲିଦେବା' ଏକ ସକାରାତ୍ମକ ଏକାଙ୍କିକା । ଏହାକୁ ତୁମେ ଶ୍ରେଣୀରେ ବନ୍ଧୁମାନଙ୍କ ସହ ମିଶି ଅଭିନୟ କର ।
- ବର୍ତ୍ତମାନ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସଗୁଡ଼ିକ ଦୂର କରିବାପାଇଁ ଏହିଭଳି ଅନେକ କ୍ଷୁଦ୍ରନାଟକ ତଥା ଏକାଙ୍କିକା ରହିଅଛି । ତୁମେ ସେଗୁଡ଼ିକ ସଂଗ୍ରହ କର, ସେହି ବହିର ନାମ ଓ ନାଟ୍ୟକାରଙ୍କ ସମ୍ପର୍କରେ ଏକ ତାଲିକା ପ୍ରସ୍ତୁତ କର ।



## କେତେକ ରୂଢ଼ି

ତଳେ ପ୍ରଥମସ୍ତମ୍ଭରେ ଆମେ ବ୍ୟବହାର କରୁଥିବା କେତେକ ରୂଢ଼ି ଦିଆଯାଇଛି । ଦ୍ୱିତୀୟସ୍ତମ୍ଭରେ ସେମାନଙ୍କର ଅର୍ଥ ରହିଅଛି । ତୁମେ ରୂଢ଼ିଗୁଡ଼ିକର ଅର୍ଥ ଖୋଜି ବାହାର କର ।

| ପ୍ରଥମ ସ୍ତମ୍ଭ | ଦ୍ୱିତୀୟ ସ୍ତମ୍ଭ |
|---|---|
| ଅନ୍ଧ ବୁଝାମଣା | ସାହାହେବା |
| ଅହିନକୁଳ ସମ୍ପର୍କ | ଧୈର୍ଯ୍ୟଧରିବା |
| ଛାତିକୁ ପଥର କରିବା | ଅତି ଆପଣାର |
| ଗୋବରଗଣେଶ | ଅନ୍ୟାୟବିଚାର |
| ପିଠିରେ ପଡ଼ିବା | ଘୋରଶତ୍ରୁତା |
| ବିରାଡ଼ିବୈଷ୍ଣବ | ଠକ |
| | ମୂର୍ଖ |

(କ) ତୁମେ ଏହିଭଳି ରୂଢ଼ିଗୁଡ଼ିକ ସଂଗ୍ରହ କରି ତା'ର ଅର୍ଥକୁ ଖାତାରେ ଲେଖ ।



## ତୁମକାମ

ତୁମେମାନେ ଗାଁ ବା ସହରରେ ରହୁଛ । ତୁମ ପରିସରରେ ଅଧାରୁ ପାଠ ଛାଡୁଥିବା ଅନେକ ପିଲା ରହିଛନ୍ତି । ସେମାନେ ଅଭାବ ଅନଟନରେ କାଳାତିପାତ କରୁଥିବେ । ଖାଇବାପିଇବାପାଇଁ ଦୋକାନବଜାର ବା ଇଟାଭାଟିରେ କାମ କରୁଥିବେ । ପଢ଼ିବାକୁ ଇଚ୍ଛା ଥିଲେ ବି ସେମାନେ ସେ ସୁଯୋଗରୁ ବଞ୍ଚିତ ହୋଇଥିବେ ।

(କ) ତୁମର କାମ ସେମାନଙ୍କର ସହ ମିଶ । ସେମାନଙ୍କର ଏକ ତାଲିକା ପ୍ରସ୍ତୁତ କର ।
ତୁମ ପ୍ରଧାନଶିକ୍ଷକଙ୍କୁ ସେମାନଙ୍କ ନାମ ଜଣାଇ ବିଦ୍ୟାଳୟରେ ପଢ଼ିବାପାଇଁ ଏକ ଦରଖାସ୍ତ ଲେଖ ।

(ଖ) ତୁମ ଜାଣିବାପାଇଁ ଦରଖାସ୍ତର ନମୁନାଟିଏ ଦିଆଯାଇଛି । ସେହିଭଳି ତୁମେ ଲେଖ ।



https://withteachers.in/



# ନମୁନା ଦରଖାସ୍ତ

ମାନନୀୟ ଶ୍ରୀଯୁକ୍ତ ........................................................................................

........................................................................................

ବିଷୟ.................................................................................

ମହାଶୟ,

........................................................................................

........................................................................................

........................................................................................

........................................................................................

ଲେଖିବାର କାରଣ ଏହିକି ଯେ, ........................................................................

........................................................................................

........................................................................................

........................................................................................

.............................................................................ଚିରୋପକୃତ ହେବି ।

ଆପଣଙ୍କର ଆଜ୍ଞାଧୀନ

ତା ............................ ..................................................

............................ ..................................................



https://withteachers.in/



## ବିଚାର-ଆଲୋଚନା

୧. ଏହି ଏକାଙ୍କିକାଟିକୁ ତୁମ୍ଭେମାନେ ଶ୍ରେଣୀ ସାଙ୍ଗସାଥୀଙ୍କ ସହ ମିଶି ଅଭିନୟ କର ।

୨. ଏଥିପାଇଁ ଶିକ୍ଷକ/ଶିକ୍ଷିକାଙ୍କ ସହାୟତା ନିଅ ।

୩. ସଡ଼କସୁରକ୍ଷା, ଜୀବନରକ୍ଷା, ବାଳିକାଶିକ୍ଷା, 'ରକ୍ତଦାନ ମହତଦାନ' ଏହି ସମ୍ପର୍କରେ ଲେଖା ଯାଇଥିବା ଏକାଙ୍କିକା ସଂଗ୍ରହ କର । ଏଥିପାଇଁ ପରିବାର ସଦସ୍ୟ, ଶିକ୍ଷକଶିକ୍ଷିକା, ପାଠାଗାର, ଇଣ୍ଟରନେଟ୍‌ର ସହାୟତା ନିଅ ।



## ତୁମ ପଢ଼ିବାପାଇଁ

# ଜରି ଗୋଟାଳି

ପୋଲିଓ ରୋଗୀ ମୁଁ ଚାଲେ
ଛୋଟେଇଛୋଟେଇ
ଅଳିଆରୁ ଜରି ନିଏ
ଗୋଟେଇଗୋଟେଇ ।୧ ।

ତୁମେ ଧାଇଁ ହାତେ ଧରି
ଗୁଡ଼ି ଓ ଲଟେଇ
ମୁଁ ତ ଚାହିଁଥାଏ ଦୂରୁ
ନିଠେଇନିଠେଇ ।୨ ।

ତୁମେ ବହି ଖାତା ନେଇ
ଯାଉଥାଅ ସ୍କୁଲ
ଲେଖାପଢ଼ା ମୁଁ ଜାଣୁନି
ମୋର କ'ଣ ଭୁଲ ? ।୩ ।

କ୍ଷୀରସର ଲବଣୀରେ
ନ ଥାଏ ମୋ ମନ
ଚିରାଫଟା ଶାଗପେଜେ
କଟିଯାଏ ଦିନ । ୪ ।

ବଲୁଆ ନ ହେଲେ ନାହିଁ
ହୋଇନି ଖଲୁଆ
ଟାହିଟାପରା ମୁଁ ସହେ
ହୋଇନି ଚଲୁଆ ।୫ ।

କିଏ ମୋତେ ନାକ ଟେକୁ
କେ ଯାଉ ଆଡ଼େଇ
ତଥାପି କାହାର କିଛି
ନେଇନି ଛଡ଼େଇ ।୬ ।

ଭଲବାଟେ ରହିଛି ମୁଁ
ପାହାଡ଼ ଚଢ଼ିବି
ଆଶା ମୁଁ ରଖିଛି ସୁନା-
ସଂସାର ଗଢ଼ିବି ।୭ ।

*-ଡ. ଲକ୍ଷ୍ମୀଧର ଦାଶ*



https://withteachers.in/

ଅତିରିକ୍ତ ପଠନ

# ସ୍ୱାମୀଭକ୍ତ ସୁମୁଖ


ବହୁତଦିନ ତଳେ ମହିଂସକ ରାଜ୍ୟରେ ଯେତେବେଳେ ସକୁଳ ନାମରେ ରାଜାଙ୍କର ଶାସନ ଚାଲୁଥିଲା, ସେତେବେଳେ ଚିତ୍ରକୂଟ ପର୍ବତରେ ଗୋଟିଏ ଗୁମ୍ଫାରେ ବହୁତ ହଂସ ଦଳବାନ୍ଧି ରହୁଥିଲେ। ଦିନେ କିଛି ହଂସ ଉତ୍ତମ ଆହାର ଖୋଜିବା ପାଇଁ ବାହାରି ପଡ଼ିଲେ।



















https://withteachers.in/







https://withteachers.in/






https://withteachers.in/






https://withteachers.in/

अतिरिक्त पठन

# ସଡ଼କ ନିରାପତ୍ତା

ଚାଲିବା ବୁଲିବା ବିନା ସ୍ୱାଭାବିକ ଜୀବନଯାତ୍ରା ସମ୍ଭବ ନୁହେଁ। ଏହି କାର୍ଯ୍ୟପାଇଁ ପାଦରେ ଚାଲିବା ସହିତ ଯାନବାହନ ମଧ୍ୟ ବ୍ୟବହାର ହୋଇଥାଏ। ଯାନବାହନ ମଧ୍ୟରେ ସାଇକେଲଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଦୁଇଚକିଆ ଯାନ ଯଥା– ସ୍କୁଟି, ଲୁନା, ସ୍କୁଟର, ମଟରସାଇକେଲ ଓ ସାଇକେଲ ଆଦି ବହୁପ୍ରକାର ଯାନ ବ୍ୟବହାର କରାଯାଏ। ଏହାଛଡ଼ା ଜିପ୍, କାର୍, ଟ୍ରେକର ଆଦି ଚାରିଚକିଆ ଓ ଅଟୋରିକ୍ସା ପରି ତିନିଚକିଆ ଯାନ ମଧ୍ୟ ବ୍ୟବହୃତ ହୁଏ। ପୁଣି ଲୋକମାନଙ୍କ ସୁବିଧାପାଇଁ ବସ୍ ଭଳି ବଡ଼ଯାନ ଏବଂ ଜିନିଷପତ୍ର ପରିବହନପାଇଁ ମିନିଟ୍ରକ୍ ଓ ବଡ଼ଟ୍ରକ୍ ମଧ୍ୟ କାର୍ଯ୍ୟରେ ଲାଗେ। ପାଦଚଲା ପଥିକଙ୍କ ସହିତ ଏ ସମସ୍ତ ପ୍ରକାର ଯାନରେ ମଣିଷ ସଡ଼କରେ ଯିବାଆସିବା କରନ୍ତି। ସମସ୍ତେ କିପରି ଦୁର୍ଘଟଣାର ସମ୍ମୁଖୀନ ନ ହୋଇ ନିରାପଦରେ ସଡ଼କ ଉପରେ ଯାତାୟାତ କରିପାରିବେ, ତାହା ହିଁ ସଡ଼କ ସତର୍କତାର ମୁଖ୍ୟ ବିଷୟ।





https://withteachers.in/

ପ୍ରଶ୍ନ ଉଠିପାରେ, ଅନ୍ୟାନ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଥାଉଥାଉ ସଡ଼କ ସତର୍କତା ସମ୍ବନ୍ଧରେ ଆମେ ସଚେତନ ହେବା କାହିଁକି ? କାରଣ ହେଲା ଏହା କେବଳ ଓଡ଼ିଶା ବା ଭାରତର ସମସ୍ୟା ନୁହେଁ। ସମଗ୍ର ବିଶ୍ୱର ଏକ ପ୍ରମୁଖ ସମସ୍ୟା। ପରିସଂଖ୍ୟାନରୁ ଜଣାଯାଏ ଯେ ସମଗ୍ର ପୃଥିବୀରେ ସଡ଼କ ଦୁର୍ଘଟଣାରେ ପ୍ରତିବର୍ଷ ପ୍ରାୟ ବାରଲକ୍ଷ ଲୋକ ପ୍ରାଣ ହରାଉଥିବାବେଳେ ଆହୁରି ପ୍ରାୟ ପାଞ୍ଚକୋଟି ଲୋକ ଆହତ କିମ୍ବା ବିକଳାଙ୍ଗ ହୋଇଥା'ନ୍ତି। ଭାରତରେ ମଧ୍ୟ ପ୍ରତିବର୍ଷ ଏହି ସଂଖ୍ୟା ସର୍ବାଧିକ।

ଜୀବନହାନି ସହ ଆର୍ଥିକ ଦୃଷ୍ଟିକୋଣରୁ ମଧ୍ୟ ସଡ଼କ ଦୁର୍ଘଟଣା ଅତ୍ୟନ୍ତ କ୍ଷତିକାରକ। ସଡ଼କ ଦୁର୍ଘଟଣା ଯୋଗୁଁ ବିଶ୍ୱର ବିଭିନ୍ନ ଦେଶରେ ମୋଟ ଜାତୀୟଉତ୍ପାଦର ପ୍ରାୟ ଶତକଡ଼ା ଚାଳିଶଭାଗ ନଷ୍ଟ ହୋଇଥାଏ। ସଡ଼କ ନିରାପତ୍ତାପାଇଁ ସତର୍କତା ଅବଲମ୍ବନ କଲେ ଏହି ହାରକୁ ଅନେକାଂଶରେ ଏଡ଼ାଇ ଦିଆଯାଇପାରିବ। ଏହାଦ୍ୱାରା ଉଭୟ ଧନ ଓ ଜୀବନହାନିକୁ ବହୁ ପରିମାଣରେ ହ୍ରାସ କରାଯାଇପାରିବ।

ପିଲାମାନଙ୍କୁ ସଡ଼କ ନିରାପତ୍ତା ସମ୍ପର୍କରେ ସଚେତନ କରିବାର ଆବଶ୍ୟକତା ଯଥେଷ୍ଟ ଅଧିକ। ଏଥିପାଇଁ ସେମାନେ ପ୍ରଥମେ ସଡ଼କ ଦୁର୍ଘଟଣାର କାରଣ ସମ୍ପର୍କରେ ଜାଣିବା ଆବଶ୍ୟକ।

ରାସ୍ତାଟି ଫାଙ୍କା ଥିଲାବେଳେ ହଠାତ୍ ଯେକୌଣସି ଦିଗରୁ ଗାଡ଼ିଟିଏ ଚାଲିଆସିପାରେ, ଏ କଥା ବୁଝି ହୁଏ ନାହିଁ। କେଉଁ ସ୍ଥାନରେ କିଭଳି ଭାବରେ ରାସ୍ତା ପାରି ହେବାକୁ ହୁଏ, ତାହା ଜାଣି ନ ଥିଲେ ଦୁର୍ଘଟଣା ଘଟିବାର ଆଶଙ୍କା ଥାଏ। ଚାଲୁଥିବା ସ୍ଥାନ ଆଡ଼କୁ ଯଦି ଅନ୍ୟ କୌଣସି ଦିଗରୁ ଗାଡ଼ିଟିଏ ଆସେ, ତେବେ ସାଧାରଣତଃ ଘାବରେଇ ଯାଇ ଏପଟସେପଟ ହୋଇଯା'ନ୍ତି। ତେଣୁ ଅନ୍ୟ ସବୁ ବିଷୟ ପ୍ରତି ସତର୍କ ହେବାପରି ସଡ଼କ ନିରାପତ୍ତାର ଏହିସବୁ ଦିଗ ସମ୍ପର୍କରେ ମଧ୍ୟ ସମସ୍ତେ ସଚେତନ ହେବା ଦରକାର। ନିମ୍ନଲିଖିତ ବିଷୟଗୁଡ଼ିକ ଉପରେ ଦୃଷ୍ଟି ଦେଲେ ସଡ଼କ ଉପରେ ସୁରୁଖୁରୁରେ ଚଳିବା ସହିତ ଦୁର୍ଘଟଣାକୁ ଅନେକାଂଶରେ ଏଡ଼ାଇ ହେବ।

ନଗରମାନଙ୍କରେ ରାସ୍ତାର ଉଭୟପାର୍ଶ୍ୱରେ ପାଦଚଲା ରାସ୍ତା ଥାଏ। ରାସ୍ତାକୁ ମାଡ଼ି ନ ଯାଇ ସେଥିରେ ଚାଲିବା ସବୁଠାରୁ ନିରାପଦ।

ରାସ୍ତାରେ ଚାଲିବାବେଳେ ସତର୍କ ହୋଇ ଚଳିବା ଦରକାର। ଅନ୍ୟମନସ୍କ ହୋଇ ଚାଲିବାଦ୍ୱାରା ଦ୍ରୁତଗାମୀ ଗାଡ଼ିର ଯିବା ଆସିବା ସମ୍ପର୍କରେ ଠିକ୍ ସମୟରେ ଜଣାପଡ଼େ ନାହିଁ।



https://withteachers.in/

ଜେବ୍ରା ଦେହରେ ଧଳାଦାଗ ଥିଲାପରି ସହରମାନଙ୍କରେ ରାସ୍ତାରେ ଚିହ୍ନ ଦିଆଯାଇଥାଏ । ଏହାକୁ ଜେବ୍ରା କ୍ରସିଂ କୁହାଯାଏ । ରାସ୍ତା ପାର ହେଲାବେଳେ ଏହି ସ୍ଥାନକୁ ବ୍ୟବହାର କରିବା ଉଚିତ । ଯେଉଁଠାରେ ଜେବ୍ରା କ୍ରସିଂ ନାହିଁ, ସେଠାରେ ରାସ୍ତାର ଅପରପାର୍ଶ୍ୱକୁ ଯିବାକୁ ହେଲେ, ପ୍ରଥମେ ଡାହାରକୁ ଦେଖିବ, ତା'ପରେ ବାମକୁ । ପୁଣି ଥରେ ଡାହାରକୁ ଦେଖି ଯଦି ଗାଡ଼ି ମଟର ନ ଥାଏ ତେବେ ରାସ୍ତାର ଗୋଟିଏ ପଟରୁ ଅନ୍ୟ ପଟକୁ ଯିବା ଆବଶ୍ୟକ । ହାତ ଧରାଧରି ହୋଇ ରାସ୍ତାରେ ଚାଲିବା ବା ରାସ୍ତା ପାର ହେବା ଅନୁଚିତ । ଅତି ଛୋଟପିଲାର ହାତ ଧରି ରାସ୍ତା ପାର ହେବା ବାଞ୍ଛନୀୟ ।

ରାସ୍ତା ଉପରେ ଖେଳାବୁଲା ବା ଦୌଡ଼ାଦୌଡ଼ି କରିବା ଅନୁଚିତ । ରାସ୍ତା ଉପରେ ଗଲାବେଳେ ଟ୍ରାଫିକ୍ ସଙ୍କେତକୁ ବୁଝି ଯତ୍ନ ସହକାରେ ପାଳନ କରିବା ଉଚିତ । ବିଶେଷତଃ ଲାଲ୍‌ବତୀ ଜଳିଲେ ଅଟକିଯିବା ଓ ସବୁଜବତୀ ଜଳିଲେ ରାସ୍ତାରେ ଯିବା କିମ୍ବା ରାସ୍ତା ପାର ହେବା ବିଷୟଟିକୁ ଭଲଭାବେ ମନେରଖିବା ଉଚିତ ।

ପିତାମାତାମାନେ ପିଲାମାନଙ୍କୁ ଧରି ରାସ୍ତାରେ ଯିବା ସମୟରେ ନିଜେ ସମସ୍ତ ଟ୍ରାଫିକ୍ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ଉଚିତ ଏବଂ ପିଲାଙ୍କୁ କଥା ପ୍ରସଙ୍ଗରେ ନିୟମଗୁଡ଼ିକ ସମ୍ପର୍କରେ କହିବା ଆବଶ୍ୟକ ।

ପିଲାମାନଙ୍କୁ କାର୍‌ରେ ବା ଦୁଇଚକିଆ ଯାନରେ ନେବା ସମୟରେ ପିତାମାତା ବା ଅଭିଭାବକ କାର୍‌ର ସିଟ୍ ବେଲ୍‌ଟ କିମ୍ବା ହେଲ୍‌ମେଟ୍ ବ୍ୟବହାର କରିବା ବାଞ୍ଛନୀୟ ।

ଯେକୌଣସି ଯାନ ଚଳାଇ ରାସ୍ତାରେ ଯିବା ସମୟରେ ମୋବାଇଲ ଫୋନ୍‌ରେ କଥା ହେବା ଉଚିତ ନୁହେଁ କିମ୍ବା ଇଅର ଫୋନ୍ ଲଗାଇ ସଙ୍ଗୀତ ଶୁଣିବା ଉଚିତ ନୁହେଁ ।

ସାଙ୍ଗହୋଇ ସାଇକେଲରେ ଯିବା ସମୟରେ ଆଗପଛ ହୋଇ ଯିବା ଉଚିତ । ପାଖକୁ ପାଖ ପରସ୍ପର ମଧ୍ୟରେ କଥାହୋଇ ରାସ୍ତାକୁ ଅବରୋଧ କରି ମାଡ଼ି ଚାଲିବାଦ୍ୱାରା ନିଜପାଇଁ ବିପଦର କାରଣ ହୋଇଥାଏ ଏବଂ ଅନ୍ୟମାନଙ୍କ ଯିବା ଆସିବାରେ ବାଧା ସୃଷ୍ଟି ହୁଏ ।

ସାଇକେଲ, ମୋଟରସାଇକେଲ ବା କାର୍, ଜିପ୍ ଆଦି ଯାନ ରାସ୍ତାକୁ ବାହାର କରିବା ପୂର୍ବରୁ ସେଗୁଡ଼ିକ ଠିକ୍ ଭାବରେ ଚାଲିବା ଅବସ୍ଥାରେ ଅଛନ୍ତି କି ନାହିଁ, ସେ ସମ୍ପର୍କରେ ନିଶ୍ଚିତ ହେବା ନିହାତି ଆବଶ୍ୟକ । ବିଶେଷ କରି ସେଗୁଡ଼ିକର ବ୍ରେକ୍, ବେଲ୍, ଲାଇଟ୍, ହର୍ଣ୍ଣ ଏବଂ ଦର୍ପଣ ଠିକ୍ ଥିଲେ ହେଁ ସେଗୁଡ଼ିକ ରାସ୍ତାରେ ଚଳାଇବା ଉଚିତ ।



https://withteachers.in/

ରାସ୍ତାରେ ଗଲାବେଳେ ପକେଟ୍‌ରେ ନିଜ ନାମ, ଠିକଣା, ଘରର ଫୋନ୍‌ନମ୍ବର, ରକ୍ତ ଗ୍ରୁପ୍ ଇତ୍ୟାଦି ତଥ୍ୟ ରଖିବା ଆବଶ୍ୟକ ।

ସଡ଼କ ନିରାପତ୍ତା ଓ ଟ୍ରାଫିକ୍‌ସଙ୍କେତ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ଭଳି । ବାସ୍ତବରେ ଟ୍ରାଫିକ୍‌ସଙ୍କେତଗୁଡ଼ିକ ନୀରବରେ ଯାତାୟାତ ସମ୍ପର୍କୀୟ ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥା'ନ୍ତି । ସେଗୁଡ଼ିକୁ ବୁଝି, ମନେରଖି ଠିକ୍ ଭାବରେ ଅନୁସରଣ କରିବା ସମସ୍ତଙ୍କର କର୍ତ୍ତବ୍ୟ । ଟ୍ରାଫିକ୍ ସଙ୍କେତଗୁଡ଼ିକ ଯେ ଆମ ଧନଜୀବନର ସୁରକ୍ଷାପାଇଁ ଉଦ୍ଦିଷ୍ଟ, ଏହା ସମସ୍ତେ ଉପଲବ୍ଧି କରିବା ଆବଶ୍ୟକ । ରାସ୍ତାରେ ପାଦରେ କିମ୍ବା ଗାଡ଼ିମଟରରେ ଗଲାବେଳେ ଦିଆଯାଇଥିବା ସଙ୍କେତକୁ ବୁଝିବାକୁ ହେବ । ରାସ୍ତାରେ ଯାଉଥିବା ଲୋକଙ୍କୁ ସବୁକଥା କହିହେବ ନାହିଁ କି ଲେଖା ହୋଇଥିଲେ କେହି ପଢ଼ିବାକୁ ବେଳ ନାହିଁ । କିନ୍ତୁ ସଙ୍କେତଗୁଡ଼ିକ ରାସ୍ତାର ନିୟମକୁ ସ୍ପଷ୍ଟ କରିଥାନ୍ତି; ଯେମିତି ଟ୍ରାଫିକ୍ ଛକର ନାଲି ଆଲୋକ ଅଟକିବାପାଇଁ ଓ ସବୁଜ ଆଲୋକ ଆଗକୁ ଯିବାପାଇଁ ସୂଚନା ଦିଏ । ଏହିପରି ଶହଶହ ସଙ୍କେତ ରହିଛି । ଗାଆଁଗହଳିରେ ମଧ୍ୟ ଆଜିକାଲି ଭଲଭଲ ରାସ୍ତା ତିଆରି ହେଲାଣି ଓ ବହୁ ଗାଡ଼ିମଟର ଚାଲୁଛି । ତେଣୁ ନିଜର ତଥା ଦେଶର ଧନଜୀବନ ସୁରକ୍ଷାପାଇଁ ଆମେ ସଡ଼କ ନିରାପତ୍ତା ସମ୍ବନ୍ଧୀୟ ନିୟମ ଓ ସଙ୍କେତଗୁଡ଼ିକ ଜାଣି ସେଗୁଡ଼ିକୁ ଅଭ୍ୟାସରେ ପରିଣତ କରିବା ନିତାନ୍ତ ଆବଶ୍ୟକ ।

**ଡ. ଲିଙ୍ଗରାଜ ରଥ**






https://withteachers.in/

# ରେ ପତାକା ଜାତିର ଗରବ

-ବାଞ୍ଛାନିଧି ମହାନ୍ତି

ରେ ପତାକା ଜାତିର ଗରବ ଜାତିର ଜୀବନ ପରାଣ ତୁହିରେ
ଏକତା-ପୀରତି-ଶାନ୍ତି-ମୂରତି ସୁନ୍ଦର ତୋହର ସମାନ ନାହିଁରେ ॥

ତୋହରି ଲାଗି କେତେ ଯେ ସମର
ଲାଗିଛି ଜାଗିଛି କୀରତି ଅମର
ତୋହରି ଲାଗି କେତେ କାରାଗାର ବରିଲେ ମରିଲେ
ସମର-ଭୂଇଁରେ ॥
ତୋହରି ଲାଗି କେତେ ଦେଶେଦେଶେ
ପୀରତି ହୋଇଛି ବଇରି ଶେଷେ
ତୋହରି ଲାଗି ଅରିର ଖଡ଼ଗ ଶରୀର ରକତେ
ଦେଲେ ରଞ୍ଜାଇରେ ॥
ଜାଣିଛି ଯେ ଥରେ ଜାତୀୟତା ସ୍ୱାଦୁ
ଚାଖିଛି ଯେ ଥରେ ସ୍ୱାଧୀନତା ମଧୁ
ପାରିଛି ଦେବାକୁ ଜୀବନ ଯୌବନ ମାନ ସନମାନ
ବିମନ ନୋହିରେ ॥
ଉଡ଼ିଛୁ, ଉଡୁଛୁ, ଉଡୁଥିବୁ ପରା
ଯାବତ ଏ ଦେଶେ ଧରିଥିବ ଧରା
ଯାବତ ଜାତିର ଜଣିଏ ପରାଣେ ଥିବ ତୁ ରାଜିବୁ
ଗଗନ ଛୁଇଁରେ ॥
ଧନ୍ୟ ଧନ୍ୟ ତୁହି ତିନିରଙ୍ଗିଆରେ
ଧରିଛୁ ଅଙ୍ଗରେ ସୁଖ ସାଙ୍ଗିଆରେ
ଚରଖା ଦରିଦ୍ର-ସେବା-ଅବତାର ବକ୍ଷରେ ସେ ଚିହ୍ନ
ନମୁଛି ମୁହିଁରେ ॥






https://withteachers.in/

# ଶବ୍ଦକୋଷ



ନିମ୍ନରେ ଏହି ବହିରେ ଥିବା ସମସ୍ତ ପାଠର କଠିନ ଶବ୍ଦ ଓ ତା'ର ଅର୍ଥକୁ ଅକ୍ଷରକ୍ରମରେ ଦିଆଯାଇଛି । ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଅଭିଧାନର ବ୍ୟବହାର ଶିକ୍ଷା କରିପାରିବେ ।

## ଅ

ଅଠିଲ – ଅଳିଚଳି ନ ପାରିବା

ଅତୁଳ – ଯାହାର ତୁଳନା ନାହିଁ

ଅଧାମ – ସରପୁଳି, ରାବିଡ଼ି

ଅନ୍ଧଲଉଡ଼ି – ଅନ୍ଧଲୋକ ବାଡ଼ିବିନା ଚଳିପାରେ ନାହିଁ । ବାଡ଼ିଟି ତା' ପାଇଁ ସବୁଠୁ ବେଶି ପ୍ରିୟ । ବେଶି ପ୍ରଯୋଜନ

ଅପା – ବଡ଼ଭଉଣୀ, ଏଠାରେ ରମାଦେବୀଙ୍କ ବଡ଼ଭଉଣୀ ସରଳା ଦେବୀ ।

ଅବୋଧ – ଅବୁଝା, ଯାହାର ବୋଧଶକ୍ତି ଜନ୍ମି ନଥାଏ ।

ଅମ୍ବରେ – ଆକାଶରେ

ଅରବିନ୍ଦ – ଶ୍ରୀଅରବିନ୍ଦ ଘୋଷ (୧୮୭୨–୧୯୫୦) ମହାନ୍ ବିପ୍ଳବୀ ଓ ଅଧ୍ୟାତ୍ମବାଦୀ

ଅରାତି – ଶତ୍ରୁ

ଅଶନିସ୍ୱନ – ବଜ୍ରଶବ୍ଦ

ଅଶିଣ – ଆଶ୍ୱିନମାସ

ଅସରପି – ସୁନାମୋହର

ଅସ୍ଫୁଟ – ଅସ୍ପଷ୍ଟ

## ଆ

ଆଖି ଖୋଲି ଯିବା – ଜ୍ଞାନ ମିଳିଯିବା, ସତ୍ୟ ଜାଣି ଯିବା

ଆଚମ୍ଭିତ – ଆଶ୍ଚର୍ଯ୍ୟ

ଆଧିକ୍ୟ – ବେଶି

ଆବେଗ – ମନର ଚଞ୍ଚଳତା, ଉତ୍କଣ୍ଠାଜନିତ ବେଗ

ଆନନ୍ଦମଠ – ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କଦ୍ୱାରା ଲିଖିତ ଏକ ପ୍ରସିଦ୍ଧ ଉପନ୍ୟାସ ।

ଆତ୍ମଜୀବନୀ – ନିଜେ ନିଜର କଥାକୁ ଲେଖିବା ।



https://withteachers.in/

### ଉ

ଉତ୍ତରୀୟ – ଚଦ୍ଦର, ଓଢା

ଉବାର – ଅଜଣା, ଅଛପା

### ଏ

ଏ ଲାଗେ – ଏହି ସମୟରେ

### କ

କତରା – ଛିଣ୍ଡାମସିଣା

କନ୍ଦଳ – କଳି, କଜିଆ

କର୍ମକୋଢ଼ିଆ – କର୍ମକୁଣ୍ଠ, ଆଳସ୍ୟ ହେତୁ କାମକୁ ପଶ୍ଚାତ୍‌ପଦ

କଳଭାଷେ – କଳକଳ ନାଦ କରି

କଳାପାଣି – ଅସ୍ୱାସ୍ଥ୍ୟକର ଆଣ୍ଡାମାନ ଦ୍ୱୀପକୁ ଘେରି ରହିଥିବା ଜଳରାଶି

କଳାମାଣିକ – ଶ୍ରୀକୃଷ୍ଣ (ମାଣିକ ରକ୍ତବର୍ଣ୍ଣର ଏକ ସୁନ୍ଦର ଓ ମୂଲ୍ୟବାନ ଧାତୁ। ଶ୍ରୀକୃଷ୍ଣ କଳା ତଥା ସୁନ୍ଦର ହୋଇଥିବାରୁ ତାଙ୍କୁ କଳାମାଣିକ ବୋଲି କୁହାଯାଇଛି।)

କାଚକେନ୍ଦୁ – ଶରତରତୁର ଚନ୍ଦ୍ର ପରି ନିର୍ମଳ

କାଦମ୍ବକୁଳ - ରାଜହଂସ ସମୂହ

କାନନ – ଜଙ୍ଗଲ, ବନ

କୁସୁମ – ଫୁଲ

କେଦାର – ଶସ୍ୟକ୍ଷେତ୍ର

### ଖ

ଖୁଦିରାମ – ଖୁଦିରାମ ବୋଷ। ସ୍ୱାଧୀନତା ସଂଗ୍ରାମରେ ଭାଗନେଇ ୧୯ ବର୍ଷ ବୟସରେ ଫାଶୀ ପାଇଥିବା ଜଣେ ଦେଶପ୍ରେମୀ ଯୋଦ୍ଧା

### ଗ

ଗଗନ – ଆକାଶ

ଗ୍ରୀବା – ବେକ

ଗୋଟିକା – ପେଡ଼ା, ସନ୍ଦେଶ (କଞ୍ଚାଗୋଲା)

### ଚ

ଚଳତାରା – ଚଳମାନ ତାରା

ଚୂତତରୁ – ଆମ୍ବଗଛ

### ଛ

ଛାପକାଇବା – ପ୍ରଭାବ ପକାଇବା



https://withteachers.in/

### ଜ

ଜନକ-ଜନନୀ – ପିତାମାତା

ଜୀବନୀ – ଅନ୍ୟର ଜୀବନକଥାକୁ ଆଉ ଜଣେ ଲେଖିବା

ଜୀମୂତ – ମେଘ

### ଡ

ଡହଳବିକଳ – ପୀଡ଼ାରେ ଆତୁର

ଡାକିନୀ – ଡାକୁଣୀ, ଡାହାଣୀ

ଡଙ୍କୁଣୀ – ଡାହାଣୀ (ମାଆ ନିଜକୁ ଗାଳି ଦେଉଛନ୍ତି) ।

### ତ

ତଟିନୀ – ନଈ

ତାତ – ବାପା

ତାପସ – ସାଧୁ, ସନ୍ନ୍ୟାସୀ, ଋଷି

ତେଲୁଣି – ପଲମ, ଢାଙ୍କୁଣି

ତୋରା – ସଫା

ତୃଷା – ଶୋଷ, ପିଇବାର ଇଚ୍ଛା

### ଥ

ଥମ୍ଭିଗଲା – ଅଟକିଗଲା

### ଦ

ଦଶ – ଜନସାଧାରଣ

ଦାଉସାଧିବା – ପ୍ରତିଶୋଧ ନେବା

ଦୁର୍ଦ୍ଧର୍ଷ – ପ୍ରବଳ ପରାକ୍ରମଶାଳୀ, ଦୁର୍ଜୟ

ଦେବୀ ଚୌଧୁରାଣୀ – ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କଦ୍ୱାରା ଲିଖିତ ଏକ ଉପନ୍ୟାସ

ଦୁଃଖକରିବା – ପେଟ ପାଇଁ କାମ କରିବା (ଲୋକ ପ୍ରଚଳିତ ପ୍ରୟୋଗ)

ଦୋଓଡ଼ା – ଦ୍ୱିତୀୟ ଥରର ଅର୍ଥାତ୍ ଅପରାହ୍ଣର ଭୋଜନ

### ଧ

ଧବଳ – ଧଳା

ଧିଆନୀ – ଧ୍ୟାନମଗ୍ନ

ଧୀରେ – ପଣ୍ଡିତମାନେ (ସେ ଯୁଗରେ ଏଇ ରୀତି ଥିଲା । ପଣ୍ଡିତ, ବିଜ୍ଞ, ସାଧୁଜନଙ୍କୁ ସମ୍ବୋଧନ କରି କାବ୍ୟ କବିତା ଲେଖାଯାଉଥିଲା ।)



https://withteachers.in/

## ନ

ନନ୍ଦନ – ପୁଅ, ସନ୍ତାନ

ନରପତି – ରାଜା

ନରପାଳ – ରାଜା

ନାଟର ଗୋବର୍ଦ୍ଧନ – ସବୁ ଅନର୍ଥର ମୂଳ

ନାନମାନ – ଏକ ପ୍ରକାର ପିଠା

ନିଖଟୁ – କିଛି କାମ ନ କରି ଅଳସୁଆ, ନ ଖଟିବା ମଣିଷ

ନିଖିଳ – ସମଗ୍ର

ନିଧନ – ଧନହୀନ, ଗରିବ (ନିଧନ– ହତ୍ୟା, ମୃତ୍ୟୁ)

ନିବୁଜ – ଚାରିପଟୁ ଏକାବେଳେ ବନ୍ଦ

ନିଭିଯାଉ – ଶେଷହେଉ, ଲିଭିଯାଉ

ନିମୀଳିତ – ଆଖି ମୁଜିବା

ନିରପରାଧ – ଅପରାଧଶୂନ୍ୟ

ନିର୍ଜନ – ଜନଶୂନ୍ୟ

ନିର୍ଲଜ – ଲଜ୍ଜାହୀନ, ଆଲାଜୁକ

ନିଶାଚର – ରାତ୍ରିଚର, ରାକ୍ଷସ

ନିକ୍ଷେପି – ଫୋପାଡ଼ି

## ପ

ପଛିମ – ପଶ୍ଚିମ

ପଟୁଆର – ଶୋଭାଯାତ୍ରା

ପନ୍ଦାଡ଼ – ପିଣ୍ଡାର ମୁଣ୍ଡ

ପରାସ – ଦରଜ, ବ୍ୟାଥା

ପୀୟୂଷ – ଅମୃତ

ପୁଞ୍ଜାଏ – ଗରିଟା

ପୋଷେ – ଅଧ ଆଞ୍ଜୁଳା

## ଫ

ଫାଲ୍‌ତୁ କଥା – ଅନାବଶ୍ୟକକଥା, ବାଜେକଥା

ଫେଲ – ମେଲାଇ, ଖୋଲି

ଫୋକଟ – ଫୋକଡ଼, ବିନାଶ୍ରମରେ, ବିନାମୂଲ୍ୟରେ



https://withteachers.in/

ବ

ବକଟେ – ଅତିସାନ

ବଦ୍ଧମୂଳ – ଟାଣ, ଦୃଢ଼

ବଡ଼ିଝପଟି – ବଡ଼ି ସକାଳୁ

ବଦନ – ମୁହଁ

ବାଆଁରେଇବା – ଭୁଲାଇବା

ବାପା – ଏଠାରେ ରମାଦେବୀଙ୍କ ବାପା ଗୋପାଳବଲ୍ଲଭ ଦାସ (୧୮୬୦-୧୯୧୪)

ବାରଜ – ଅଲଗା

ବାତ୍ସଲ୍ୟମମତା – ପୁଅଝିଅମାନଙ୍କ ପ୍ରତି ପିତାମାତାଙ୍କର ଗଭୀର ସ୍ନେହ

ବିଚ୍ଛିନ୍ନ – ଅଲଗା

ବିଷଧର – ବିଷଯୁକ୍ତ ସାପ

ବିହଙ୍ଗମ – ପକ୍ଷୀ

ବିଭୁ କରୁଣା – ପ୍ରଭୁଙ୍କର ଦୟା

ବୀଥି – ମାର୍ଗ, ବାଟ

ବେଏଁ – ଦୁଇ ହାତକୁ ଦୁଇ ପାଖକୁ ଲମ୍ବାଇଲେ ଯେତେ ହେବ, ସେହି ଆୟତନ ବା ମାପ ।

ବୋଲୁଅ – ଛୋଟଛୋଟ ପଥର, ମାଟି ଟେଳା

ଭ

ଭିକ – ଭିକ୍ଷା

ଭୀତି – ଭୟ

ଭୂପତି – ରାଜା

ଭୋଦୁଅ – ଭାଦ୍ରବମାସ

ମ

ମମତା – ସ୍ନେହସମ୍ପର୍କ, ନିଜର ବୋଲି ଜ୍ଞାନ

ମରାଳ – ହଂସ

ମହୀ – ପୃଥିବୀ

ମହୁଡ଼ – ସୁନାମୋହର

ମା – ଏଠାରେ ରମାଦେବୀଙ୍କ ମା' ବସନ୍ତ କୁମାରୀ ଦେବୀ

ମାଣିକ – ରକ୍ତବର୍ଣ୍ଣର ରତ୍ନବିଶେଷ, ଏହା ଏକ ସୁନ୍ଦର ଓ ମୂଲ୍ୟବାନ୍ ଧାତୁ

ମୁକ୍ତଚରୀ – ମୁକ୍ତ ହୋଇ ବୁଲୁଥିବା

ମୁହଁ ଦେବା – ଅଧିକ ସ୍ନେହରେ ଆପଣାର କରିବା



https://withteachers.in/

ମୃତ୍ୟୁ-ଯାତନା – ମୃତ୍ୟୁକଷ୍ଟ

ମୋଜାଫରପୁର – ବିହାରର ଏକ ସହର

ର

ରବୟା – ଘଟଣା

ରଭସେ – ଭାବାବେଗରେ

ରାଗରେ ନିଆଁବାଣ – ଅତି ଜୋର୍‌ରେ ରାଗିବା

ରାୟ – ଶେଷବିଚାର

ରୋଷବନ୍ତ – ରାଗରେ ଜର୍ଜର

ଲ

ଲଉଡ଼ି – ବାଡ଼ି

ଲବଣି – ଲହୁଣି

ଲଭିବ – ପାଇବ, ଲାଭ କରିବ

ଶ

ଶିଖୀ – ମୟୂର

ଶିକ୍ଷାପ୍ରଦ – ଶିକ୍ଷଣୀୟ, ଶିକ୍ଷାପ୍ରଦାନ କରୁଥିବା

ଶ୍ରୁତି – କାନ, ଶୁଣିବା

ଶୋହୁଛି – ଶୋଭାପାଉଛି

ଷ

ଷଡ଼ଜସ୍ୱର – ମୟୂରର ସ୍ୱର ସଦୃଶ (ସ୍ୱର ଗ୍ରାମର ପ୍ରଥମ ବା ମୂଳସ୍ୱର)

ସ

ସମୀର – ପବନ

ସଲିଳ – ଜଳ

ସୁଷମା – ଶୋଭା

ସେରେ – ୯୩୦ ଗ୍ରାମ ଓଜନ

ଲ

ହରିଚନ୍ଦନ – ବିଷ୍ଣୁଙ୍କ ଚନ୍ଦନ । ଏହା ସଂସାରରେ ସକଳ ସନ୍ତାପ ଦୂର କରିଦିଏ ।

ହାପୁ – ହାପୁଡ଼ିବା (ଡାଲି)

ହେଇଲେ – ଏଇକ୍ଷଣି, ତତ୍‌କ୍ଷଣାତ୍

ହୃଦତାପ – ହୃଦୟର ଦୁଃଖ, ମଣିଷର ଅନେକ ଦୁଃଖ



https://withteachers.in/

# ପହଳିମାନଙ୍କର ଉତ୍ତର

| ବିଷୟ | ପହଳି |
|---|---|
| ୧. ଜାତୀୟ ପକ୍ଷୀ – ଆଜିର ପହଳି | ୧. ଭାରତ, ୨. କାଉ, ୩. ଇନ୍ଦ୍ରଧନୁ, ୪. ବିଷଧର |
| ୨. ପାଣିରେ ପାଣି – ତୁମ ପାଇଁ ପହଳି | ଜଳାଶୟ, ନୀର, ଅଂବୁ, ସର, ସରୋବର, ସଲିଳ, ତଟିନୀ, ତରଙ୍ଗିଣୀ |
| ୩. ବାଳବୃଦ୍ଧ – ତୁମ ପାଇଁ ଢ଼ଗ | ୧. ପକ୍ଷୀ, ୨. ଫୁଲ, ୩. ନଈ, ୪. ମାମୁ |
| ୪. ମହାନ୍ ବିପ୍ଳବୀ ମାଧୋସିଂହ – ଆମ ପାଇଁ ପହଳି | ୧. ସୁଭାଷ ଚନ୍ଦ୍ର ବୋଷ<br>୨. ଜୟୀ ରାଜଗୁରୁ<br>୩. ବୀର ସୁରେନ୍ଦ୍ର ସାଏ<br>୪. ହରେକୃଷ୍ଣ ମହତାବ |
| ୫. କର୍ମ ଗୀତିକା – ଆମ ପହଳି – | ୧. ସାଧବ, ୨. ସୈନିକ, ୩. କୃଷକ, ୪. ଶ୍ରମିକ |
| ୬. ଶରତରାଜା – ଆମ ପହଳି – | ୧. ଗଙ୍ଗଶିଉଳି, ୨. କୁହୁଡ଼ି କାକର,<br>୩. କାଶତଣ୍ଡୀ, ୪. ବସନ୍ତ |
| ୭. ପଦ୍ମବିଭୂଷଣ କେଳୁଚରଣ<br>ମହାପାତ୍ରଙ୍କ ସହିତ<br>ସାକ୍ଷାତକାର – ପିଲାଙ୍କ ପହଳି | ୧. ଅକ୍ଷି ତୃତୀୟା<br>୨. ବଳଭଦ୍ରଙ୍କ ଜନ୍ମଦିନ (ଝୁଲଣଯାତ୍ରା)<br>୩. ରଥଯାତ୍ରା<br>୪. ଶହେ ଆଠ ଗରା ଓ ଗଜାନନ ବେଶ |



https://withteachers.in/

# ଭାରତୀ ବ୍ରେଲ ଓଡ଼ିଆ ବର୍ଣ୍ଣ ଓ ଗଣନା

| | | | | | |
|---|---|---|---|---|---|
| ଅ | ଆ | ଇ | ଈ | ଉ | ଊ |
| ଋ | ୠ | ଏ | ଐ | ଓ | ଔ |

| | | | | | | | | | |
|---|---|---|---|---|---|---|---|---|---|
| କ | ଖ | ଗ | ଘ | ଙ | ଚ | ଛ | ଜ | ଝ | ଞ |
| ଟ | ଠ | ଡ | ଢ | ଣ | ତ | ଥ | ଦ | ଧ | ନ |
| ପ | ଫ | ବ | ଭ | ମ | ଯ | ର | ଲ | ୱ | ଶ |
| ଷ | ସ | ହ | କ୍ଷ | ୟ | ଳ | ଜ୍ଞ | ଡ଼ | ଢ଼ | |

| | | | | |
|---|---|---|---|---|
| ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୦ |



https://withteachers.in/